4ଥ ସ୍ଥାପନା ବର୍ଷ

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 42 ♦ISSUE-164 ♦BHUBANESWAR ♦TUESDAY ♦10 DECEMBER 2024 ♦PAGE-14 ♦₹ 6.00

♦ବର୍ଷ-୪୨ ♦ସଂଖ୍ୟା-୧୬୪ ♦ଭୁବନେଶ୍ୱର ♦ମଙ୍ଗଳବାର ♦୧୦ ଡିସେମ୍ବର ୨୦୨୪ ♦ପୃଷ୍ଠା-୧୪ ♦ଟ.୬.୦୦


# ସଂସଦକୁ ଅଚଳ କରିଦେଲେ

## ଆଦାନୀ, ସୋରସ ପ୍ରସଙ୍ଗ ନେଇ ଶାସକ-ବିରୋଧୀ ମୁହାଁମୁହିଁ

■ ନୂଆଦିଲ୍ଲୀ, ୯।୧୨(ଏଜେନ୍ସି): ଗତ ମାସ ୨୫ ତାରିଖରୁ ଆରମ୍ଭ ହୋଇଥିବା ସଂସଦର ଶୀତକଳୀନ ଅଧିବେଶନ ଗୋଟିଏ ଦିନ ମଧ୍ୟ ପୂରା

- ■ ଦ୍ୱାଦଶ ଦିବସରେ ମଧ୍ୟ ଅଚଳାବସ୍ଥା ଜାରି
- ■ ଅଧ୍ୟକ୍ଷଙ୍କ ଆଚରଣ ନେଇ ପ୍ରଶ୍ନ ଉଠାଇଲେ ବିରୋଧୀ

ସୁରୁଖୁରରେ ଚାଲିପାରିଲା ନାହିଁ। ବିରୋଧୀ ଦଳ ଆଦାନୀ ପ୍ରସଙ୍ଗ ଉଠାଇ ହଙ୍ଗାମା କରୁଥିବା ବେଳେ ଶାସକ ଦଳ ଏହାର ମୁକାବିଲା କରିବାକୁ ଯାଇ କଂଗ୍ରେସ ନେତାଙ୍କୁ ଟାର୍ଗେଟ୍ କରିବାରେ ଲାଗିଛନ୍ତି। ଫଳରେ ସଂସଦର ଉଭୟ ଗୃହ ଚାଲିପାରୁ ନାହିଁ। ଶୀତ ଅଧିବେଶନର ଦ୍ୱାଦଶ ଦିବସରେ ମଧ୍ୟ ଆଜି ଅନୁରୂପ ସ୍ଥିତି ଦେଖିବାକୁ ମିଳିଛି। ସଂସଦ ବାହାରେ ସେମାନେ ପରସ୍ପର ବିରୋଧରେ ବିଷୋଦଗାର କରୁଥିବା ବେଳେ ସଂସଦ ଭିତରେ ମଧ୍ୟ ମୁହାଁମୁହିଁ ହେଉଛନ୍ତି। ଏଭଳି ପରିସ୍ଥିତି ମଧ୍ୟରେ ବିରୋଧୀ ଦଳ ଗୃହ ଅଧ୍ୟକ୍ଷଙ୍କ ନିରପେକ୍ଷତା ନେଇ ପ୍ରଶ୍ନ ଉଠାଇଥିବାରୁ ସମଗ୍ର ଘଟଣା ନୂଆ ମୋଡ଼ ନେଇଛି।

ଅନ୍ୟାନ୍ୟ ପ୍ରସଙ୍ଗ ସମେତ ବିରୋଧୀ ଦଳ ଆଦାନୀ ଲାଞ୍ଚ ମାମଲା, ୟୁପି ହିଂସା ଏବଂ ମଣିପୁର ଉପରେ ଆଲୋଚନା କରିବାକୁ ଦାବି କରୁଛନ୍ତି। ଆମେରିକାରେ ଅଭିଯୁକ୍ତ ଆଦାନୀ ଲାଞ୍ଚ ମାମଲାକୁ ମୁଖ୍ୟ ପ୍ରସଙ୍ଗ କରି ଏହା ଉପରେ ଆଲୋଚନା କରିବାକୁ କଂଗ୍ରେସ ଜିଦ୍ ଧରିଥିବା ▶ପୃଷ୍ଠା-୭

### ଧନଖଡ଼ଙ୍କ ବିରୋଧରେ ଆସିବ ପ୍ରସ୍ତାବ



ରାଜ୍ୟସଭା ଅଧ୍ୟକ୍ଷ ପଦରୁ ଜଗଦୀପ ଧନଖଡ଼ଙ୍କୁ ହଟାଇବା ଲାଗି ଅଣ୍ଟା ଭିଡ଼ିଛନ୍ତି ବିରୋଧୀ ଦଳ। ବିରୋଧୀ ଦଳ ଅଭିଯୋଗ କରିଛନ୍ତି ଯେ ଶାସକ ଦଳର କଥାରେ ପରିଚାଳିତ ହେଉଛନ୍ତି ଅଧ୍ୟକ୍ଷ। କୌଣସି ପ୍ରସଙ୍ଗ ▶ପୃଷ୍ଠା-୭

## ସଞ୍ଜୟ ମାଲ୍‌ହୋତ୍ରା ଆର୍‌ବିଆଇ ଗଭର୍ଣ୍ଣର

■ ନୂଆଦିଲ୍ଲୀ, ୯।୧୨ (ଏଜେନ୍ସି): କେନ୍ଦ୍ର ରାଜସ୍ୱ ସଚିବ ସଞ୍ଜୟ ମାଲ୍‌ହୋତ୍ରା ହେବେ ଭାରତୀୟ ରିଜର୍ଭ ବ୍ୟାଙ୍କର ନୂଆ ଗଭର୍ଣ୍ଣର। ଶକ୍ତିକାନ୍ତ ଦାସଙ୍କ ସ୍ଥାନରେ ଶ୍ରୀ



**୧୧ ତାରିଖରେ ଦାୟିତ୍ୱ ନେବେ**

ମାଲ୍‌ହୋତ୍ରାଙ୍କୁ ୩ ବର୍ଷ ପାଇଁ ନିଯୁକ୍ତି ମିଳିଛି। ଆସନ୍ତା ୧୧ ତାରିଖରେ ସେ ଏହି ଦାୟିତ୍ୱ ଗ୍ରହଣ କରିବେ।

ଆର୍‌ବିଆଇ ଗଭର୍ଣ୍ଣର ଶକ୍ତିକାନ୍ତ ଦାସଙ୍କ କାର୍ଯ୍ୟକାଳ ଆସନ୍ତାକାଲି ୧୦ ଡିସେମ୍ବରରେ ଶେଷ ହେବାକୁ ଯାଉଛି। କେନ୍ଦ୍ର ସରକାର ତାଙ୍କ କାର୍ଯ୍ୟକାଳକୁ ବଢ଼ାଇପାରନ୍ତି ବୋଲି ପୂର୍ବରୁ ଚର୍ଚ୍ଚା ହେଉଥିଲା। ▶ପୃଷ୍ଠା-୭

**ଗୃହ କମ୍ପାଇଲେ ବିରୋଧୀ**

# ଧାନ ଖୁଆଡ଼ରେ ସରକାର

- ଗୋଚର, ପଟ୍ଟା ନ ଥିବା ଜମିରୁ ଧାନକିଣା ଦ୍ୱନ୍ଦ୍ୱ
- ମିଲରମାନଙ୍କ ସହ ଚାଲିଛି ସରକାରଙ୍କ ସଲାସୁତୁରା
- କେନ୍ଦ୍ର ଉପରେ ବାକି ପଡ଼ିଛି ୨୮ ହଜାର କୋଟି ଟଙ୍କା
- ଧାନକ୍ରୟ, ସବ୍‌ସିଡି ପାଇଁ ଲୋଡ଼ା ୫୫ ହଜାର କୋଟି



■ ଭୁବନେଶ୍ୱର, ୯।୧୨ (ସମିସ): ଧାନ ଖୁଆଡ଼ରେ ପଡ଼ିଛି ଡବଲ ଇଞ୍ଜିନ୍ ସରକାର। କେନ୍ଦ୍ର ସରକାରଙ୍କ ଉପରେ ବକେୟା ୨୮ ହଜାର କୋଟିକୁ ବାଦ୍ ଦେଇ ଚଳିତ ବର୍ଷ ଗ୍ୟାରେଣ୍ଟି ବାବଦକୁ ୧୭ ହଜାର କୋଟି ଓ ଚାଷୀମାନଙ୍କୁ ୯ ହଜାର କୋଟିର ଇନ୍‌ପୁଟ୍ ସବ୍‌ସିଡିକୁ ମିଶାଇ ଅନ୍ୟୂନ ୫୫ ହଜାର କୋଟି ଟଙ୍କାର ବୋଝ ଏ ବର୍ଷ ସରକାରଙ୍କ ଉପରେ ପଡ଼ିବ। ଏହି ଆର୍ଥିକ ଚାପରୁ ମୁକୁଳିବା ପାଇଁ ସରକାର ଧାନ କିଣା ବିଳମ୍ବିତ କରୁଛନ୍ତି ଓ ଯାବତୀୟ ପେଞ୍ଚପାଞ୍ଚ ବାହାର କରୁଛନ୍ତି ବୋଲି ଅଭିଯୋଗ କରିଛନ୍ତି ବିରୋଧୀ। ସୋମବାର ବିଧାନସଭାରେ ବିରୋଧୀ ବିଜେଡି ଓ କଂଗ୍ରେସ ସରକାରଙ୍କୁ ଏଥିନିମନ୍ତେ କଟୁ ସମାଲୋଚନା କରି ଗୃହ କମ୍ପାଇଛନ୍ତି।

ବିରୋଧୀ ସଦସ୍ୟ ଦର୍ଶାଇଛନ୍ତି ଯେ ସରକାର ଚାଷୀଙ୍କ ସବୁ ଧାନ କିଣିବେ ବୋଲି କହୁଛନ୍ତି, ମାତ୍ର ଏଥିପାଇଁ ସରକାରଙ୍କ ନିକଟରେ ଆବଶ୍ୟକ ବ୍ୟବସ୍ଥା ନାହିଁ। ସରକାର କିନ୍ତୁ ମୁହଁ ଫୁଟାଣି ଛାଡୁନାହାନ୍ତି। ଗତଥର ୭୦ ଲକ୍ଷ ମେଟ୍ରିକ୍ ଟନ୍ ଧାନ ସଂଗ୍ରହ ହୋଇଥିଲା ବେଳେ ଏଥର ସରକାର ଅଧିକ ୯ ଲକ୍ଷ ମେଟ୍ରିକ ଟନ୍ ଧାନ ସଂଗ୍ରହ ଲକ୍ଷ୍ୟ ରଖିଛନ୍ତି। ଏଥର ବିପୁଳ ଧାନ ଅମଳ ହେବ, ତେଣୁ ସରକାରଙ୍କୁ ଅଧିକ ଧାନ କିଣିବାକୁ ହେବ। କିନ୍ତୁ ବିଭିନ୍ନ କାରଣ ପାଇଁ ଚାଷୀ ପଞ୍ଜିକରଣ କରିପାରୁ ନାହାନ୍ତି। ଏଥିସହ ପଟ୍ଟା ନ ଥିବା ଜମି, ଗୋଚର ଏବଂ ଅନାବାଦୀ ଜମିରୁ ଅମଳ ଧାନ କିପରି ସରକାର କିଣିବେ ତାହା ସ୍ପଷ୍ଟ କରିବା ଆବଶ୍ୟକ। ବିଚ୍ଛିନ୍ନାଞ୍ଚଳରେ ମଧ୍ୟ ଏପରି ଅନେକ ଜମି ରହିଛି। ତେଣୁ ସରକାର ସେମାନଙ୍କ କଥା ବି ଚିନ୍ତା କରନ୍ତୁ। ପଶ୍ଚିମ ଓଡିଶାର ଅଧିକାଂଶ ଅଞ୍ଚଳରେ ବହୁତ ଅଧିକ ଧାନ ଅମଳ ହୋଇଥାଏ। ସରକାର ସେମାନଙ୍କ ଧାନ କିଣିବେ ତ? ଏଫ୍‌ସିଆଇ ସରକାରଙ୍କ ସହ କରିଥିବା ଚୁକ୍ତି ମାନୁ ନାହିଁ। ▶ପୃଷ୍ଠା-୭

## ଭକ୍ତଙ୍କ ଉପରେ ମାହାଲ ବୋଝ



**ଶ୍ରୀମନ୍ଦିର ପରିସରରେ ପବିତ୍ର ସ୍ଥାନ ଦର୍ଶନ ପାଇଁ ଏଣିକି ଗଣିବେ ଟଙ୍କା**

■ ପୁରୀ, ୯।୧୨ (ସମିସ): ଶ୍ରୀମନ୍ଦିର ପରିସର ଏବଂ ମନ୍ଦିର ବାହାରେ ଏକାଧିକ ପବିତ୍ର ପୀଠ ବା ସ୍ଥାନ ରହିଛି। ଏଗୁଡ଼ିକ ମଧ୍ୟରେ ରୋଷଘର, କୋଇଲି ବୈକୁଣ୍ଠ, ନୀଳାଚଳ ଉପବନ, ନରେନ୍ଦ୍ର ପୁଷ୍କରିଣୀ ପ୍ରଭୃତି ରହିଛି। ଏସବୁ ଶ୍ରୀମନ୍ଦିର ପ୍ରଶାସନ ଅଧୀନରେ ରହିଛି। ମହାପ୍ରଭୁଙ୍କୁ ପ୍ରତିଦିନ ଦର୍ଶନ କରିବାକୁ ଆସୁଥିବା ଶ୍ରଦ୍ଧାଳୁଙ୍କ ମଧ୍ୟରୁ ଅଧିକାଂଶ ଏହିସବୁ ସ୍ଥାନକୁ ବୁଲି ଯାଆନ୍ତି। କିନ୍ତୁ ଆସ୍ଥା ଓ ବିଶ୍ୱାସର ଏହି ▶ପୃଷ୍ଠା-୭

## ଗୁଣିକରି ମାରିଥିବା ସନ୍ଦେହରେ ହତ୍ୟା: ମୃତକର ଜୁଇରେ ପୋଡ଼ିଦେଲେ

■ କୋରାପୁଟ/ବନ୍ଧୁଗାଁ, ୯।୧୨(ସମିସ): ଆଦିବାସୀ ଅଧ୍ୟୁଷିତ କୋରାପୁଟ ଜିଲ୍ଲାର ଉପାନ୍ତ ବନ୍ଧୁଗାଁ ବ୍ଲକ୍ ଗାରିଡ଼ି ପଞ୍ଚାୟତ ଅନ୍ତର୍ଗତ ଝାରପା ଗ୍ରାମରେ ଆଜି ଅନ୍ଧବିଶ୍ୱାସର ଏକ ଭୟଙ୍କର ଚିତ୍ର ପଦାକୁ ଆସିଛି। ଗୁଣିଗାରେଡ଼ିରୁ ଜଣେ ବୃଦ୍ଧଙ୍କ ମୃତ୍ୟୁ ହୋଇଥିବା ସନ୍ଦେହ କରି ଗ୍ରାମବାସୀ ସଂଦିଗ୍ଧ ଗୁଣିଆକୁ ହତ୍ୟା କରିବା ସହ ମୃତ ବୃଦ୍ଧଙ୍କ ଜୁଇରେ

**ଗାଁ ପୁରୁଷଶୂନ୍ୟ; ୫ ଅଟକ**

ଏକାଠି ପୋଡ଼ି ଦେଇଛନ୍ତି। ଏହି ଘଟଣା ପଦାକୁ ଆସିବା ପରେ ତୀବ୍ର ଆଲୋଡ଼ନ ସୃଷ୍ଟି ହୋଇଛି। ଖବର ପାଇ ବନ୍ଧୁଗାଁ ପୁଲିସ୍ ଗାଁରେ ପହଞ୍ଚି ଖୋଳତାଡ଼ ଆରମ୍ଭ କରିଛି। ଏହି ଘଟଣାରେ ପୁଲିସ୍ ୫ଜଣଙ୍କୁ ଉଠାଇ ଆଣି ପଚରାଉଚରା କରୁଛି। ସେହିପରି ଆଜି ସକାଳେ ଥାନା ଅଧିକାରୀ ପ୍ରସନ୍ନ କୁମାର ମିଶ୍ରଙ୍କ ନେତୃତ୍ୱରେ ▶ପୃଷ୍ଠା-୭




## ଦିଲ୍ଲୀର ୪୦ ସ୍କୁଲ୍‌କୁ ବୋମା ଧମକ ଦାବି




ନୂଆଦିଲ୍ଲୀ, ୯।୧୨ (ଏଜେନ୍ସି): ବିମାନ ହେଉ ଅବା ହୋଟେଲ କିମ୍ବା ସ୍କୁଲ୍ ବୋମା ଧମକ ମାମଲା ଥମିବାର ନା ଧରୁନି। ଗତ ମେ' ମାସ ପରେ ପୁଣି ଦିଲ୍ଲୀର ୪୦ ସ୍କୁଲ୍‌କୁ ବୋମାରେ ଉଡ଼ାଇ ଦେବାକୁ ଧମକ ଦିଆଯାଇଛି। ସୋମବାର ସକାଳେ ଏକ ଇ-ମେଲ ମାଧ୍ୟମରେ ଏହି ଧମକ ଆସିଛି। ବୋମା ବିସ୍ଫୋରଣ ନ କରାଇବାକୁ ୩୦ ହଜାର ଡଲାର ମଗାଯାଇଛି। ନ ଦେଲେ ବିସ୍ଫୋରଣରେ ଉଡ଼ାଇ ଦିଆଯିବ ବୋଲି କୁହାଯାଇଛି। ଏପରି ଧମକ ପାଇଥିବା ସ୍କୁଲ୍ ମଧ୍ୟରେ ମଦର ମେରି ସ୍କୁଲ, ବ୍ରିଟିଶ ସ୍କୁଲ୍, ସଲ୍‌ଭାନ ପବ୍ଲିକ ସ୍କୁଲ, କେମ୍ବ୍ରିଜ୍ ସ୍କୁଲ ସାମିଲ ରହିଛି। ସ୍କୁଲ୍‌ଗୁଡିକ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରି ସବୁ ଛାତ୍ରଛାତ୍ରୀଙ୍କୁ ଘରକୁ ପଠାଇ ଦେଇଛନ୍ତି। ଦିଲ୍ଲୀ ପୁଲିସର ସୂଚନା ଅନୁଯାୟୀ ଡିପିଏସ ଆରକେପୁରମକୁ ସକାଳ ୭ଟା ୦୬ରେ, ଜିଡି ଗୋୟନକା ପଶ୍ଚିମ ବିହାରକୁ ୬ଟା ୧୫ରେ ଏବଂ ଅନ୍ୟ ସ୍କୁଲଗୁଡିକୁ ରବିବାର ରାତିରେ ଧମକ ଦିଆଯାଇଥିଲା। ଏହା ପରେ ପୁଲିସ, ଡଗ୍ ସ୍କାର୍ଡ, ସର୍ଚ୍ଚ ସ୍କ୍ୱାର୍ଡ ଏବଂ ଦମକଳ ବାହିନୀକୁ ପଠାଯାଇଥିଲା। ତେବେ ସେଠାରୁ କୌଣସି ସନ୍ଦେହଜନକ ସାମଗ୍ରୀ ମିଳି ନ ଥିଲା। ଏହା ପୂର୍ବରୁ ମେ' ମାସରେ ୧୫୦ରୁ ଅଧିକ ସ୍କୁଲ୍‌କୁ ଏଭଳି ଧମକ ଦିଆଯାଇଥିଲା।

## ୧୨ ଜଣଙ୍କୁ ବିଷଦେଇ ମାରିଥିଲା ତାନ୍ତ୍ରିକ



ଅହମଦାବାଦ, ୯।୧୨ (ଏଜେନ୍ସି): ୟୁଟ୍ୟୁବ୍ ଚ୍ୟାନେଲ ଚଲାଉ ଥିଲା। ଏହା ମାଧ୍ୟମରେ ଲୋକଙ୍କୁ ମିଛ କହି ନିଜ ଜାଲରେ ଫସାଉ ଥିଲା। ଧନ ସମ୍ପତ୍ତି ଲୁଟିବା ପାଇଁ ଚକ୍ରାନ୍ତ କରୁଥିଲା। ଶେଷରେ ହତ୍ୟା କରି ଟଙ୍କା, ସୁନାଗହଣା ନେଇ ପଳାଉ ଥିଲା। ଏଭଳି ଭାବେ ଜଣେ କି ଦୁଇ ଜଣ ନୁହେଁ, ୧୨ ଜଣ ଲୋକଙ୍କୁ ମଦରେ ନିଶା ଦେଇ ହତ୍ୟା କରିଥିବା ତାନ୍ତ୍ରିକର ପୁଲିସ ହେପାଜତରେ ମୃତ୍ୟୁ ହୋଇଛି। ଗତ ୩ ତାରିଖରେ ପୁଲିସ ହାତରେ ସେ ଧରା ପଡ଼ିଥିଲା। ଏହି ତାନ୍ତ୍ରିକର ନାମ ନଭଲ ସିଂହ ଚାଭଡ଼ା। ଗତ ତିନି ତାରିଖରେ ତାକୁ ଗୁଜରାଟର ସରଖେଜ ପୁଲିସ ଗିରଫ କରିଥିଲା। ସେ ସୋଡିୟମ ନାଇଟ୍ରେଟ ଦେଇ ଲୋକଙ୍କୁ ହତ୍ୟା କରିଥିବା ସ୍ୱୀକାର କରିଥିଲା। କୋର୍ଟ ତାକୁ ୧୦ ତାରିଖ ଯାଏ ପୁଲିସ ହେପାଜତକୁ ପଠାଇ ଦେଇଥିଲେ। ମାତ୍ର ସ୍ୱାସ୍ଥ୍ୟବସ୍ଥା ବିଗିଡିଯିବାରୁ ଚିକିତ୍ସାଧୀନ ଅବସ୍ଥାରେ ରବିବାର ତାର ମୃତ୍ୟୁ ହୋଇଥିଲା। ସୂଚନା ଅନୁଯାୟୀ ନଭଲ ସିଂହ ନିଜ ପରିବାରର ତିନି ଜଣ ସଦସ୍ୟଙ୍କୁ ମଧ୍ୟ ହତ୍ୟା କରି ଦେଇଥିଲା। ଏହି ତାନ୍ତ୍ରିକ ଅସଲାଲି, ଅଞ୍ଜାର, ଭାଙ୍କାନେରରେ ଜଣେ ଲେଖାଏଁ, ସୁରେନ୍ଦ୍ରନଗର, ପଡଧିରରେ ୩ ଜଣ ଲେଖାଏଁ ଲୋକଙ୍କୁ ହତ୍ୟା କରିଥିଲା। ସେ ଲୋକଙ୍କୁ ଫସାଇବା ପରେ ମଦରେ ସୋଡିୟମ ନାଇଟ୍ରେଟ ପିଇବାକୁ ଦେଉଥିଲା। ଏହା ପରେ ଛାତିରେ ଯନ୍ତ୍ରଣା ହୋଇ ବ୍ୟକ୍ତିଙ୍କ ମୃତ୍ୟୁ ହେଉଥିଲା।

# ଓଡ଼ିଶା ଉପରେ ବାଂଲାଦେଶର ଆଖି

## ଓଡ଼ିଶା, ବିହାର, ବେଙ୍ଗଲ ଦଖଲ ପାଇଁ ବାଂଲା ନେତାଙ୍କ ଧମକ

କୋଲକାତା, ୯।୧୨ (ଏଜେନ୍ସି)



ବାଂଲାଦେଶରେ ସେଖ୍ ହସିନା ସରକାରର ପତନ ଘଟିବା ପରେ ସେଠାରେ ଅରାଜକତା ଲାଗି ରହିଛି। ଦେଶରେ ହିନ୍ଦୁ ସଂପ୍ରଦାୟ ଏବଂ ବିଶେଷ କରି ଇସ୍କନ୍ ଧର୍ମାନୁଷ୍ଠାନ ଉପରେ ଆକ୍ରମଣ ଜାରି ରହିଛି। ୟୁନୁସଙ୍କ କାମଚଳା ସରକାର ପରିସ୍ଥିତିକୁ ନିୟନ୍ତ୍ରଣ କରିବା ପରିବର୍ତ୍ତେ ନିଆଁରେ ଘିଅ ଢାଳିବାରେ ଲାଗିଛନ୍ତି। ନେତାମାନେ

- ଆମେ ହାତବାନ୍ଧି ବସିନୁ; କଡ଼ା ଜବାବ ଦେବୁ: ମମତା
- ଢାକାରେ ଭାରତର ବିଦେଶ ସଚିବ
- ହିନ୍ଦୁ-ବିରୋଧୀ ହିଂସା ନେଇ ଉଦ୍‌ବେଗ ଜଣାଇଲେ

ଭାରତ ବିରୋଧରେ ବିଷୋଦଗାର କରିବାକୁ ପଛାଉ ନାହାନ୍ତି। ବାଂଲାଦେଶୀ ନେତାଙ୍କ ଉତ୍ପାତ ସୀମା ଅତିକ୍ରମ କରୁଥିବା ବେଳେ ଭାରତ ବିରୋଧୀ ବୟାନ ଦେଇ ବିସ୍ଫୋରକ ପରିସ୍ଥିତି ସୃଷ୍ଟି କରୁଛନ୍ତି। ଓଡ଼ିଶା ସମେତ ବିହାର ଓ ପଶ୍ଚିମବଙ୍ଗ ଉପରେ ଆକ୍ରମଣ କରି ଏହାକୁ ଦଖଲ କରିବା ପାଇଁ ଧମକ ଦେଇଛନ୍ତି ଶାସକ ଦଳର ଜଣେ ନେତା। ଭାରତର ବୈଦେଶିକ ସଚିବ ଢାକା ଗସ୍ତରେ ଥିବା ବେଳେ ତାଙ୍କର ଏଭଳି ଧମକକୁ ନେଇ ଭାରତରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି।

ଖାଲେଦା ଜିଆଙ୍କ ନେତୃତ୍ୱାଧୀନ ବିଏନ୍‌ପିର ବରିଷ୍ଠ ନେତା ରୁହୁଲ କବିର ରଜିଭୀ ଢାକାରେ ଭାରତ ବିରୋଧୀ ଅଭିଯାନ ଚଳାଇଛନ୍ତି। ସେ ଗତକାଲି ଭାରତୀୟ ହାଇକମିସନ ସମ୍ମୁଖରେ ଶତାଧିକ ସମର୍ଥକଙ୍କୁ ନେଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହି ଅବସରରେ ସେ ତାଙ୍କ ସମର୍ଥକମାନଙ୍କୁ କହିଥିଲେ ଯେ ଓଡ଼ିଶା, ବିହାର ଏବଂ ପଶ୍ଚିମବଙ୍ଗ ଉପରେ ବାଂଲାଦେଶର ଅଧିକାର ରହିଛି। ଏହି ଅଞ୍ଚଳ ହେଉଛି ବାଂଲାଦେଶର। ଚଟ୍ଟାଗ୍ରାମ ଉପରେ ଭାରତ ନଜର ପକାଇଲେ ଆମେ ଓଡ଼ିଶା, ବେଙ୍ଗଲ ଓ ବିହାରକୁ ଛାଡ଼ିବୁ ନାହିଁ। ଏହି ତିନି ରାଜ୍ୟକୁ ବାଂଲାଦେଶରେ ମିଶାଇବା ଲାଗି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବୁ। କେବଳ ଏତିକି ନୁହେଁ, ବାଂଲାଦେଶର ଦୁଇ ଜଣ ଅବସରପ୍ରାପ୍ତ ସେନା ଅଧିକାରୀ ମଧ୍ୟ ଧମକ ଦେଇଛନ୍ତି ଯେ ବାଂଲା ସେନା ଚାହିଁଲେ ଖୁବ କମ୍ ସମୟ ମଧ୍ୟରେ ପଶ୍ଚିମ ବଙ୍ଗକୁ ଦଖଲ କରିନେବୁ।

ସେମାନଙ୍କର ଏଭଳି ଧମକକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି ବେଙ୍ଗଲ ମୁଖ୍ୟମନ୍ତ୍ରୀ ମମତା ବାନର୍ଜୀ। ସେ କହିଛନ୍ତି ଯେ ବାଂଲା ନେତାମାନେ ଏଭଳି ସ୍ୱପ୍ନ ଦେଖିବା ଛାଡ଼ି ଦିଅନ୍ତୁ। ସେମାନେ ଆମ ଅଞ୍ଚଳ ଉପରେ ଆଖି ପକାଇଲେ ଆମେ ଚୁପ ହୋଇ ବସିବୁ ନାହିଁ। ସେମାନେ ଆକ୍ରମଣ କଲେ ଆମେ କଣ ବସିକି ଲଲିପପ୍ ଖାଇବୁ? ସେମାନଙ୍କୁ ମୁହଁତୋଡ଼ ଜବାବ ଦିଆଯିବ। ଏଥିରେ କେଣେସି ଅବହେଳା କରିବୁ ନାହିଁ। ଏସପର୍କରେ ଭାରତ ସରକାର ଯାହା ପଦକ୍ଷେପ ନେବେ ସେ ଏବଂ ତାଙ୍କ ସରକାର ଏହାକୁ ସମର୍ଥନ କରିବେ। ବାଂଲାଦେଶରେ ହିନ୍ଦୁ ସଂପ୍ରଦାୟ ଉପରେ ହେଉଥିବା ଆକ୍ରମଣକୁ ନିନ୍ଦା କରି ସେ କହିଛନ୍ତି ଯେ ଏହାକୁ ରୋକିବା ଲାଗି ଭାରତ ସରକାର ଚାପ ପକାନ୍ତୁ।

ଇତିମଧ୍ୟରେ ଭାରତର ବୈଦେଶିକ ସଚିବ ବିକ୍ରମ ମିଶ୍ରି ଆଜି ଢାକାରେ ସେଠାର ବୈଦେଶିକ ସଚିବ ଜସିମୁଦ୍ଦିନ ଏବଂ ବିଦେଶ ବିଭାଗ ଉପଦେଷ୍ଟା ତୌହିଦ୍ ହୁସେନଙ୍କୁ ଭେଟି ଦ୍ୱିପାକ୍ଷିକ ସଂପର୍କ ନେଇ ଆଲୋଚନା କରିଛନ୍ତି। ବାଂଲାଦେଶେର ହିନ୍ଦୁ ସମୁଦାୟ ଏବଂ ସେମାନଙ୍କ ଧର୍ମାନୁଷ୍ଠାନ ଉପରେ ହେଉଥିବା ଆକ୍ରମଣ ନେଇ ଭାରତର ଉଦବେଗ ଜଣାଇଛନ୍ତି। ସାକ୍ଷାତ ଆଲୋଚନା ପରେ ସେ ସାମ୍ବାଦିକମାନଙ୍କୁ କହିଛନ୍ତି ଯେ ବାଂଲାଦେଶର ନୂଆ ସରକାର ସହିତ ଭାରତ ଆନ୍ତରିକତା ସହିତ କାମ କରିବାକୁ ପ୍ରସ୍ତୁତ ଅଛି। ବାଂଲାଦେଶ ସହିତ ସକରାତ୍ମକ, ଗଠନମୂଳକ ଏବଂ ବନ୍ଧୁତ୍ୱପୂର୍ଣ୍ଣ ସଂପର୍କ ପାଇଁ ଭାରତ ଆଗ୍ରହୀ। କିନ୍ତୁ ବାଂଲାଦେଶରେ ଚାଲିଥିବା ଭାରତ ବିରୋଧୀ ଅଭିଯାନ ବନ୍ଦ କରିବାକୁ ପଡ଼ିବ।

ଗତ ଅଗଷ୍ଟ ମାସରେ ହସିନା ସରକାରର ପତନ ପରେ ଭାରତ ଏବଂ ବାଂଲାଦେଶ ମଧ୍ୟରେ ଏହା ହେଉଛି ପ୍ରଥମ ଉଚ୍ଚସ୍ତରୀୟ ବୈଠକ। ବାଂଲାଦେଶରେ ହିଂସା ପରେ ଦୁଇ ଦେଶ ମଧ୍ୟରେ ସଂପର୍କ ତିକ୍ତ ହୋଇଛି। ଅନ୍ୟପକ୍ଷରେ ବାଂଲାଦେଶ ପକ୍ଷରୁ କୁହାଯାଇଛି ଯେ ଦେଶରେ ଯେଉଁ ହିଂସା ଚାଲିଛି ତା' ହେଉଛି ହସିନା ସମର୍ଥକମାନଙ୍କ ବିରୋଧରେ ଆକ୍ରୋଶର ପରିଣାମ। ଏହାସହିତ ଧର୍ମର କୌଣସି ସଂପର୍କ ନାହିଁ।

## ଚଳିତ ଅଧିବେଶନରେ ଆସିପାରେ 'ଏକ ରାଷ୍ଟ୍ର ଏକ ନିର୍ବାଚନ' ବିଲ୍




ନୂଆଦିଲ୍ଲୀ, ୯।୧୨(ଏଜେନ୍ସି): ଚଳିତ ଶୀତ ଅଧିବେଶନରେ କେନ୍ଦ୍ର ସରକାର ଏକ ରାଷ୍ଟ୍ର ଏକ ନିର୍ବାଚନ ବିଲ୍ ଆଣିବାକୁ ପ୍ରସ୍ତୁତି ନେଇସାରିଛନ୍ତି ବୋଲି ସୂଚନା ମିଳିଛି। ଶୀତ ଅଧିବେଶନ ଶେଷ ହେବାକୁ ଆଉ ମାତ୍ର ୧୦ ଦିନ ରହିଥିଲା ବେଳେ ଏହା ମଧ୍ୟରେ ସରକାର ଏହି ବିଲ୍ ଉପସ୍ଥାପନ କରିବେ ବୋଲି କୁହାଯାଉଛି। ପୂର୍ବତନ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ନେତୃତ୍ୱରେ ଗଠିତ କମିଟି ଏକ ରାଷ୍ଟ୍ର ଏକ ନିର୍ବାଚନ ପ୍ରସଙ୍ଗରେ ସୁପାରିସ କରିବା ପରେ ଏହାକୁ କ୍ୟାବିନେଟ୍ ଅନୁମୋଦନ ମିଳିସାରିଛି। ତେବେ ସବୁ ଦଳର ସହମତି ପାଇଁ ଏହି ବିଲ୍ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିବାକୁ ଏହାକୁ ସଂସଦର ଯୁଗ୍ମ କମିଟିକୁ ପଠାଇବାକୁ କେନ୍ଦ୍ର ସରକାର ଯୋଜନା କରିଥିବା ଏକ ବିଶେଷ ସୂତ୍ରରେ କୁହାଯାଇଛି। ଏହାପରେ ଏହି ବିଲ ସଂସଦରେ ଉପସ୍ଥାପନ କରାଯିବ।

## ଧର୍ମ ଆଧାରରେ ସଂରକ୍ଷଣ ମିଳିବନି: ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୯।୧୨ (ଏଜେନ୍ସି): ପଶ୍ଚିମବଙ୍ଗ ସରକାରଙ୍କୁ ବଡ଼ ଝଟ୍‌କା ଲାଗିଛି। ଅନ୍ୟାନ୍ୟ ପଛୁଆ ବର୍ଗ (ଓବିସି) ମାମଲାରେ ସୁପ୍ରିମକୋର୍ଟ ସୋମବାର ବଡ଼ ରାୟ ଦେଇ ଧର୍ମ ଆଧାରରେ ସଂରକ୍ଷଣ ମିଳିବ ନାହିଁ ବୋଲି କହିଛନ୍ତି। ପଶ୍ଚିମବଙ୍ଗ ସରକାର ୨୦୧୦ରେ ୭୭ ମୁସଲିମ ସମୁଦାୟଙ୍କୁ ଓବିସି ମାନ୍ୟତା ଦେଇ ସଂରକ୍ଷଣ ପ୍ରଦାନ କରିଥିଲେ। ତେବେ ଗତ ମେ' ମାସରେ କଲକତା ହାଇକୋର୍ଟ ଏହି ନିଷ୍ପତ୍ତିକୁ ଖାରଜ କରିଦେଇଥିଲେ। ଏହାକୁ ବିରୋଧ କରି ମମତା ବାନାର୍ଜୀ ସରକାର ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଏହା ଉପରେ ଜଷ୍ଟିସ ବି ଆର ଗଭାଇ ଏବଂ ଜଷ୍ଟିସ କେଭି ବିଶ୍ୱନାଥନଙ୍କ ଖଣ୍ଡପୀଠ ଶୁଣାଣି କରି ଉପରୋକ୍ତ ରାୟ ଦେଇଥିଲେ। ଏହି ସମୟରେ ରାଜ୍ୟ ସରକାରଙ୍କ ପକ୍ଷରୁ ବରିଷ୍ଠ ଓକିଲ କପିଲ ଶିବଲ କହିଥିଲେ ଯେ ସଂରକ୍ଷଣ ଧର୍ମ ଆଧାରରେ ଦିଆଯାଇଛି। ମାତ୍ର ପଛୁଆ ବର୍ଗର ହୋଇଥିବାରୁ ଏପରି କରାଯାଇଛି। ସେ ହାଇକୋର୍ଟଙ୍କ ନିଷ୍ପତ୍ତିର ସମୀକ୍ଷା କରିବାକୁ ଦାବି କରିଥିଲା। ହାଇକୋର୍ଟ ନିୟମର କିଛି ଧାରାକୁ ରଦ୍ଦ କରିଥିବାରୁ ହଜାର ହଜାର ଛାତ୍ରଛାତ୍ରୀଙ୍କ ଉପରେ ପ୍ରଭାବ ପଡୁଥିବା କହିଥିଲେ। ତେଣୁ କୋର୍ଟ ମାମଲାର ଶୁଣାଣି ପାଇଁ ରାଜି ହୋଇଥିଲେ। ଜାନୁଆରୀ ୭ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ।

## ୫ କଲେଜ ଛାତ୍ରଙ୍କ ସମେତ ୭ ମୃତ

ଅହମଦାବାଦ, ୯।୧୨ (ଏଜେନ୍ସି): ଗୁଜରାଟ ଜୁନାଗଡ଼ର ଭାନଦୁରି ଗ୍ରାମ ନିକଟରେ ସୋମବାର ସକାଳେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏଠାକାର ଜୁନାଗଡ଼-ସୋମନାଥ ହାଇୱେରେ ଦ୍ରୁତଗତିରେ ଆସୁଥିବା ଏକ କାର୍ ଡିଭାଇଡରକୁ ଧକ୍କା ଦେଇ ବୀପରିତ ପାର୍ଶ୍ୱରେ ଆସୁଥିବା ଅନ୍ୟ ଏକ କାର୍ ସହ ଧକ୍କା ହୋଇଛି। ଏଥିରେ ୫ କଲେଜ ଛାତ୍ରଙ୍କ ସମେତ ୭ ଜଣଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଛି। ପୁଲିସ ସୂଚନା ଅନୁଯାୟୀ ୫ ଜଣ ଛାତ୍ର ପରୀକ୍ଷା ଦେବାକୁ କାର୍‌ରେ ଯାଉଥିଲେ। ଦ୍ରୁତ୍‌ଗତି ଯୋଗୁଁ ଏହି ଦୁର୍ଘଟଣା ଘଟିଥିଲା ବୋଲି ଆଶଙ୍କା କରାଯାଉଛି। ମୃତକଙ୍କ ମଧ୍ୟରେ ଅନ୍ୟ କାର୍‌ର ୨ ସଦସ୍ୟ ମଧ୍ୟ ସାମିଲ ଅଛନ୍ତି। ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ ମୃତଦେହ ବାହାର କରିବାକୁ ଦମକଳ ବାହିନୀକୁ ନାକେଦମ ହେବାକୁ ପଡ଼ିଥିଲା। କାର୍‌ରେ ନିଆଁ ମଧ୍ୟ ଲାଗି ଯାଇଥିଲା। ଏବେ ପୁଲିସ ମାମଲାର ଯାଞ୍ଚ କରୁଛି।

- ଅନେକ ଗାଡ଼ିଙ୍କୁ ଧକ୍କାଦେଲା ବସ୍

## ୪ ମୃତ; ୨୦ ଆହତ

ମୁମ୍ବାଇ, ୧୦।୧୨ (ଏଜେନ୍ସି): ମୁମ୍ବଇ ୱେଷ୍ଟ କୁର୍ଲାର ଆମ୍ବେଦକର ନଗରରେ ସୋମବାର ରାତିରେ ବଡ଼ ଦୁର୍ଘଟଣା ଘଟିଛି। ଏକ ସରକାରୀ ବସ୍ ନିୟନ୍ତ୍ରଣ ହରାଇ ଅନେକ ଗାଡ଼ି ଏବଂ ଚାଲି ଚାଲି ଯାଉଥିବା ଲୋକଙ୍କୁ ଚାପି ଦେଇଛି। ଏଥିରେ ୪ ଜଣଙ୍କ ମୃତ୍ୟୁ ହୋଇଛି। ୨୦ରୁ ଅଧିକ ଆହତ ହୋଇଛନ୍ତି। ବସ୍ ଡ୍ରାଇଭରଙ୍କ ସମେତ ଅଧିକାଂଶଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ରହିଛି। ତେଣୁ ମୃତ୍ୟୁସଂଖ୍ୟା ବୃଦ୍ଧି ପାଇବ ବୋଲି ଆଶଙ୍କା କରାଯାଉଛି। ଏହି ଦୁର୍ଘଟଣାର ଭିଡିଓ ଭାଇରାଲ ହେବାରେ ଲାଗିଛି। ପୁଲିସ ଘଟଣାସ୍ଥଳରେ ପହଞ୍ଚି ମାମଲାର ତଦନ୍ତ କରୁଛି। ଟ୍ରାଫିକ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇଯାଇଛି। ଘଟଣାସ୍ଥଳରେ ପୁଲିସ ମୁତୟନ କରାଯାଇଛି। ବସ୍ ଧକ୍କା ଯୋଗୁଁ ଅନେକ କାର୍ ଏବଂ ଅଟୋରିକ୍ସା କ୍ଷତିଗ୍ରସ୍ତ ହୋଇଛି। ପୁଲିସ ସୂଚନା ଅନୁଯାୟୀ ଏହି ବସ୍ଟି କୁର୍ଲା ଷ୍ଟେସନରୁ ଅନ୍ଧେରୀ ଅଭିମୁଖେ ଯାଉଥିଲା। ବ୍ରେକ ଫେଲ୍ ହେବା ଯୋଗୁଁ ଏପରି ହୋଇଥିଲା। ମାର୍ଗରେ ଯିଏ ଆସିଲା ବସ୍ ତାହାକୁ ଚାପି ଚାଲି ଯାଇଥିଲା। ଲୋକେ ଏହି ଦୁର୍ଘଟଣାକୁ ନେଇ କ୍ଷୁବ୍ଧ ହୋଇଛନ୍ତି।

## ବୋମା ଭିଡୁଥିବା ବେଳେ ବିସ୍ଫୋରଣ; ୩ ଜଣଙ୍କ ମୃତ୍ୟୁ

କୋଲକାତା, ୯।୧୨ (ଏଜେନ୍ସି): ପଶ୍ଚିମବଙ୍ଗ ମୁର୍ଶିଦାବାଦ ଜିଲ୍ଲାର ଖାଇରାତଲା ଅଞ୍ଚଳରୁ ବିଚଳିତ କରିବା ଭଳି ମାମଲା ସାମ୍ନାକୁ ଆସିଛି। ବେଆଇନ ଭାବେ ବୋମା ତିଆରି କରାଯାଉଥିବାବେଳେ ରବିବାର ରାତିରେ ମାମୁନ ମୋଲ୍ଲାଙ୍କ ଘରେ ବିସ୍ଫୋରଣ ହୋଇଛି। ଏଥିରେ ତିନି ଜଣଙ୍କ ମୃତ୍ୟୁ ହୋଇଛି। ବିସ୍ଫୋରଣ ଏତେ ଭୟଙ୍କର ଥିଲା ଯେ ଛାତ ଫାଟି ଘର ଭୁଶୁଡ଼ି ଯାଇଛି। ଏହା ଆଖପାଖ ଅଞ୍ଚଳକୁ ମଧ୍ୟ ଥରାଇ ଦେଇଥିଲା। ପୁଲିସ ସୂଚନା ଅନୁଯାୟୀ ମାମୁନ, ସକିରୁଲ ସରକାର ଏବଂ ମୁସ୍ତାକିନ ଶେଖ୍ ଏଠାରେ ବୋମା ତିଆରି କରୁଥିଲେ। ତେବେ କେଉଁ କାର୍ଯ୍ୟ ପାଇଁ ଏହି ବୋମା ତିଆରି କରାଯାଉଥିଲା ତାହାର ଯାଞ୍ଚ କରାଯାଉଛି।

# ସିରିଆରେ ଶାନ୍ତି ଫେରିବ ତ?

ଦାମାସ୍କସ୍, ୯।୧୨(ଏଜେନ୍ସି): ବିଦ୍ରୋହୀ ଗୋଷ୍ଠୀ ସରିଆକୁ ଦଖଲ କରିବା ପରେ ରାଷ୍ଟ୍ରପତି ଅଲ ଅସାଦ ଇସ୍ତଫା ଦେବା ସହିତ ଦେଶ ଛାଡି ରୁଷିଆରେ ଆଶ୍ରୟ ନେଇଛନ୍ତି। ଅସାଦ ଏବଂ ତାଙ୍କ ପରିବାରକୁ ରୁଷିଆ ରାଜନୈତିକ ଆଶ୍ରୟ ଦେଇଛି। ଏହାଦ୍ୱାରା ବିଗତ ୫୪ ବର୍ଷ ଧରି ସିରିଆରେ ଶାସନ ଚଳାଇଥିବା ଅସାଦ ପରିବାରର ରାଜୁତି ଶେଷ ହୋଇଛି। ଅସଦ ପରିବାରର ଏକଛତ୍ରବାଦ ଶାସନକୁ ବିରୋଧ କରି ୨୦୧୧ରୁ ସିରିଆରେ ବିଦ୍ରୋହର ସୂତ୍ରପାତ ହୋଇଥିଲା ବେଳେ ଏବେ କ୍ଷମତା ବିଦ୍ରୋହୀଙ୍କ ହାତକୁ ଯାଇଛି। ବର୍ତ୍ତମାନ ଏଠାରେ ଗଣତାନ୍ତ୍ରିକ ଢାଞ୍ଚାରେ ସରକାର ଗଠନ କରି ସିରିଆ ନାଗରିକଙ୍କୁ ସୁବିଧା ସୁଯୋଗ ଦେବାକୁ ପ୍ରୟାସ ଆରମ୍ଭ ହୋଇଛି। ସିରିଆରେ କ୍ଷମତା ଦଖଲ କରିଥିବା ପ୍ରମୁଖ ବିଦ୍ରୋହୀ ସଂଗଠନ ହାୟତ୍ ତେହରିର୍ ଅଲ ସାମ୍ (ଏଚଟିଏସ୍) ମୁଖ୍ୟ ଅବୁ ମହମ୍ମଦ ଅଲ ଜୋଲାନି ନୂଆ ସରକାର ଗଠନ ନେଇ ସୋମବାର ଦାମାସ୍କସସ୍ଥିତ ମସଜିଦ୍‌ରେ ନିଜର ବକ୍ତବ୍ୟ ରଖିଛନ୍ତି। କିନ୍ତୁ ସରିଆର ସାଂପ୍ରତିକ ସ୍ଥିତି ଯେଭଳି ରହିଛି ତାହାକୁ ବିଚାରକଲେ ନୂଆ ସରକାର ଗଠନ ହେବା ପରେ ଏଠାରେ ଶାନ୍ତି ଫେରିବ କି ନାହିଁ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। କାରଣ ରାଜନୈତିକ ଏବଂ ଆଞ୍ଚଳିକତା କାରଣକୁ ନେଇ ସିରିଆର ବିଭିନ୍ନ ଭାଗରେ ବହୁ ବିଦ୍ରୋହୀ ଏବଂ ଆତଙ୍କବାଦୀ ସଂଗଠନ କାର୍ଯ୍ୟ କରୁଥିବାରୁ ସେମାନଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରାଯିବା ଏକ ଜଟିଳ ବ୍ୟାପାର ବୋଲି କୁହାଯାଉଛି। ଏହାବ୍ୟତୀତ ଭୂ-ରାଜନୀତିକୁ ନେଇ ଆମେରିକା, ଇସ୍ରାଏଲ, ଇରାନ ଏବଂ ଇରାକ ଆଦି ରାଷ୍ଟ୍ରର ପ୍ରଭାବ ମଧ୍ୟ ସିରିଆରେ ରହିଛି। ତେଣୁ ଅସାଦ ସରକାରର ପତନ ପରେ ଏବଂ ନୂଆ ସରକାର ପ୍ରତିଷ୍ଠା ହେବା ପରେ ଏଠାରେ ସ୍ଥିତି ସ୍ୱାଭାବିକ ହେବ ତାହା କହିବା ମୁସ୍କିଲ ବ୍ୟାପାର । ଏହିକ୍ରମରେ ଆମେରିକା ଏବଂ ଇସ୍ରାଏଲ ସୋମବାର ସିରିଆରେ ଯେଭଳି ଆଭିମୁଖ୍ୟ ପ୍ରଦର୍ଶନ କରିଛନ୍ତି ତାହା ଏହି ଆଶଙ୍କାକୁ ବଢାଇଛି। ସିରିଆରେ ପୁଣି ଆତଙ୍କବାଦ ମୁଣ୍ଡ ଟେକିବ ବୋଲି ଆଶଙ୍କା ପ୍ରକଟ କରି ଆମେରିକା ଏବଂ ଇସ୍ରାଏଲ ତୁରନ୍ତ ପଦକ୍ଷେପ ଗ୍ରହଣ କରିବା ସହିତ ସୋମବାର ଘନ ଘନ ଆକ୍ରମଣ କରିଛନ୍ତି। ଏଚଟିଏସ୍ ସିରିଆର ଅଲ-କାଏଦା ଆତଙ୍କବାଦୀ ଶାଖାରୁ ଉତ୍ପତ୍ତି ଲାଭ କରିବା ସହିତ ଏକ ଜିହାଦୀ ଗୋଷ୍ଠୀ ଭାବେ କାର୍ଯ୍ୟ କରୁଥିବାରୁ ଏହି ଦୁଇ ରାଷ୍ଟ୍ର ଏଚଟିଏସ୍‌ର ଆଭିମୁଖ୍ୟକୁ ନେଇ ସନ୍ଦିହାନ ହୋଇପଡ଼ିଛନ୍ତି। ଆସାଦଙ୍କ ସରକାରର ପତନ ପରେ ସିରିଆରେ ପୁଣି ଆତଙ୍କବାଦ ବଢିବା ସହିତ ଆଇଏସ୍ ସକ୍ରିୟ ହେବାର ଆଶଙ୍କା ବଢିଛି। ଆଇଏସ୍ ପୁଣି ବିଶ୍ୱର ବିଭିନ୍ନ ଭାଗରେ ନିଜର କାର୍ଯ୍ୟକଳାପ ବୃଦ୍ଧି କରିବା ସହିତ ଆତଙ୍କବାଦୀ ଚୟନ ଆରମ୍ଭ କରିବ ବୋଲି ଚିନ୍ତା କରି ଆମେରିକା ଆଇଏସ୍‌ର ୭୫ ଠିକଣାରେ ବୋମାମାଡ଼ କରିଛି। ଆମେରିକା ଦକ୍ଷିଣ ସିରିଆରେ ଏବେ ୯୦୦ ଟ୍ରୁପ୍ ସେନା ମୁତୟନ କରିଥିଲା ବେଳେ ଆଇଏସ୍ କ୍ୟାମ୍ପ ଏବଂ ଅନ୍ୟ ଠିକଣା ଉପରେ ଆକାଶମାର୍ଗରୁ ଘନ ଘନ ଆକ୍ରମଣ କରିଛି। ଉଲ୍ଲେଖଯୋଗ୍ୟ ଯେ, ସିରିଆର ବିଭିନ୍ନ ଅଞ୍ଚଳରେ ଆଇଏସ୍ ସମେତ ଅଲ କାଏଦା ଏବଂ ଅନ୍ୟ ବହୁ ଆତଙ୍କବାଦୀ ସଂଗଠନ ପ୍ରଭାବ ବିସ୍ତାର କରିଛନ୍ତି। ୨୦୧୯ରେ ଆଇଏସ ସିରିଆର ବହୁ ଅଞ୍ଚଳକୁ ନିଜ କବଜାକୁ ନେଇ ପ୍ରଭାବ ବିସ୍ତାର କରିଥିଲା। କିନ୍ତୁ ଆମେରିକାର କାର୍ଯ୍ୟାନୁଷ୍ଠାନ ଯୋଗୁଁ ପରବର୍ତ୍ତୀ ସମୟରେ ଏହାର ପ୍ରଭାବ ହ୍ରାସ ପାଇଥିଲା। ହେଲେ ଏବେ ବି କିଛି ଅଞ୍ଚଳରେ ଆଇଏସ୍‌ର ପ୍ରଭାବ ରହିଛି। ସାଂପ୍ରତିକ ସ୍ଥିତିରେ ସରିଆ ସେନା ପ୍ରଭାବହୀନ ହୋଇପଡ଼ିଥିବାରୁ ଆଇଏସ୍ ନିଜର କାର୍ଯ୍ୟକଳାପ ବୃଦ୍ଧି କରିବ ବୋଲି ଭୟ ବଢିଛି। ଏହାକୁ ଦୃଷ୍ଟିରେ ରଖି ଇସ୍ରାଏଲ ମଧ୍ୟ ସିରିଆର ବହୁ ଅସ୍ତ୍ରଭଣ୍ଡାର ଉପରେ ବୋମାମାଡ଼ କରି ବିପୁଳ ଅସ୍ତ୍ରଶସ୍ତ୍ର ନଷ୍ଟ କରିଦେଇଛି।

- ଆଇଏସ୍ ଠିକଣାରେ ଆମେରିକାର ବୋମାମାଡ଼
- ଅସ୍ତ୍ରଭଣ୍ଡାର ନଷ୍ଟକଲା ଇସ୍ରାଏଲ
- ଗୋଲାନ୍ ହାଇଟସ୍‌ର ବହୁ ଅଞ୍ଚଳ ଦଖଲ



## ୧୩ ବର୍ଷରେ ପାରିଲେନି; ୧୩ ଦିନରେ କେମିତି ସମ୍ଭବ ହେଲା

ଦାମାସ୍କସ୍, ୯।୧୨(ଏଜେନ୍ସି): ନିଜ ପିତାଙ୍କ ମୃତ୍ୟୁ ପରେ ସିରିଆରେ ୨୦୦୦ରେ ଅଲ ଅସାଦ କ୍ଷମତାସୀନ ହୋଇଥିଲେ। କିନ୍ତୁ ଏହାର ଠିକ୍ ୧୦ ବର୍ଷ ପରେ ତାଙ୍କ ବିରୋଧରେ ସ୍ୱର ଉଠିଥିଲା। ତାଙ୍କୁ ଗାଦିଚ୍ୟୁତ କରିବାକୁ ୨୦୧୧ରେ ବହୁ ବିଦ୍ରୋହୀ ସଂଗଠନ ଏକାଠି ହୋଇଥିଲା ବେଳେ ହାୟତ୍ ତେହରିର୍ ଅଲ ସାମ୍ (ଏଚଟିଏସ୍) ଏହାର ନେତୃତ୍ୱ ନେଇଥିଲା। କିନ୍ତୁ ବିଦ୍ରୋହ ସତ୍ତ୍ୱେ ବିଗତ ୧୩ ବର୍ଷ ଧରି ଅସଦଙ୍କୁ ହଟାଇବା ସମ୍ଭବ ହୋଇ ନ ଥିଲା। କାରଣ ରାଷ୍ଟ୍ରପତି ଅସଦ ରୁଷିଆ ଏବଂ ଇରାନ ଭଳି ଦୁଇ ସହଯୋଗୀ ରାଷ୍ଟ୍ରଙ୍କ ଛତ୍ରଛାୟା ତଳେ ରହିଥିଲେ। ଏହାବ୍ୟତୀତ ସିରିଆରେ ବିଦ୍ରୋହୀ ଗୋଷ୍ଠୀଙ୍କୁ ମୁକାବିଲା କରିବା ଦିଗରେ ଲେବାନନର ହିଜବୁଲ୍ଲା ସଂଗଠନ ମଧ୍ୟ ଅସଦଙ୍କୁ ସହାୟତା କରୁଥିଲା। କିନ୍ତୁ ରୁଷ-ୟୁକ୍ରେନ ଯୁଦ୍ଧ ଏବଂ ଇରାନ-ଇସ୍ରାଏଲ ବିବାଦ ଅସଦଙ୍କ ପାଇଁ ଭାରୀ ପଡ଼ିଥିଲା। ୟୁକ୍ରେନ ଯୁଦ୍ଧରେ ରୁଷର ବିପୁଳ ସୈନିକ ପ୍ରାଣ ହରାଇବା ପରେ ସେନାରେ ସଙ୍କଟ ପଡ଼ିବାରୁ ରୁଷ ସିରିଆରେ ମୁତୟନ କରିଥିବା ସେନାକୁ ପ୍ରତ୍ୟାହାର କରିନେଇଥିଲା। ସେହିପରି ଇସ୍ରାଏଲର ଆକ୍ରମଣ ଭୟକୁ ନେଇ ଇରାନ ମଧ୍ୟ ସହାୟତା ଦେବା ବନ୍ଦ କରିଥିଲା। ଅନ୍ୟପଟେ ଇସ୍ରାଏଲ ଆକ୍ରମଣରେ ହିଜବୁଲ୍ଲା ବିଧ୍ୱସ୍ତ ହେବା ଏବଂ ଏହାର ମୁଖ୍ୟ ହାସନ ନସରଲ୍ଲାଙ୍କ ମୃତ୍ୟୁ ପରେ ଅସଦ ହିଜବୁଲ୍ଲା ନିକଟରୁ ପାଉଥିବା ସହାୟତା ମଧ୍ୟ ପାଇ ନଥିଲେ। ଏହି ସୁଯୋଗରେ ବିଦ୍ରୋହୀ ସଂଗଠନ ସେମାନଙ୍କ ଲକ୍ଷ୍ୟସାଧନ ଦିଗରେ ଅଗ୍ରସର ହୋଇ ୧୩ ବର୍ଷ ମଧ୍ୟରେ ହୋଇପାରି ନଥିବା କାର୍ଯ୍ୟକୁ ମାତ୍ର ୧୩ ଦିନରେ ସଫଳ କରାଇବାକୁ ସକ୍ଷମ ହୋଇଛନ୍ତି।

## ଯମୁନା ପାଣି ପିଇଲେ କିଡ୍‌ନୀ ଫେଲ୍, କର୍କଟ!

ନୂଆଦିଲ୍ଲୀ, ୯।୧୨ (ଏଜେନ୍ସି): ପବିତ୍ର ଯମୁନା ପାଣି ଆଉ ସ୍ୱଚ୍ଛ ହୋଇ ନାହିଁ। ଗାଧୋଇବା ତ ଦୂରର କଥା ଏହା ଜଳସଚେନ ପାଇଁ ମଧ୍ୟ ଅନୁପଯୁକ୍ତ। ଏହି ପାଣିକୁ ଛୁଇଁବା ବି ମନା। ଯଦି ଭୁଲ୍‌ରେ ବି ପିଇ ଦେଉଛନ୍ତି ତେବେ କିଡ୍‌ନୀ (ବୃକକ) ରୋଗ ହୋଇଯିବ। ଯମୁନା ପାଣିରେ କ୍ରୋମିୟମ, ନିକେଲ, ଲିଡ୍, ଆଇରନ୍ ଭଳି ଭାରି ଧାତୁର ମାତ୍ରା ଅଧିକ ରହିଛି। ଏହା ଲୋକଙ୍କୁ ହୃଦ୍‌ରୋଗ, କିଡ୍‌ନୀ ଏବଂ କର୍କଟ ଭଳି ରୋଗ ଆଡକୁ ଟାଣି ନେଉଛି। କେନ୍ଦ୍ରୀୟ ଜଳ କମିଶନଙ୍କ 'ଷ୍ଟାଟସ୍ ଅଫ୍ ଟ୍ରେସ୍ ଆଣ୍ଡ ଟକ୍ସିକ୍ ମେଟାଲ୍ସ ଇନ୍ ଇଣ୍ଡିଆନ ରିଭର୍ସ' ରିପୋର୍ଟରେ ଏହି ସୂଚନା ଦିଆଯାଇଛି। କମିଶନଙ୍କ ୱେବସାଇଟରେ ଏହି ତଥ୍ୟ ଉପଲବ୍ଧ ଅଛି। ଇଲେକ୍ଟ୍ରୋପ୍ଲେଟିଂ ୟୁନିଟ୍, କେମିକାଲ (ରାସାୟନିକ) କାରଖାନା ଗୁଡିକର ବର୍ଜ୍ୟବସ୍ତୁ, ୱେଲ୍ଡିଂ, ରିଫାଇନିଂ, ମେଟାଲର୍ଜି, କୋଇଲା ଜଳାଇବା, କାଠ, ଫାଉଣ୍ଡ୍ରିରୁ ବାହାରୁଥିବା ବର୍ଜ୍ୟବସ୍ତୁ, କୀଟନାଶକ, ଅଳିଆ ଗଦା, ଅଟୋମୋବାଇଲ, ଡିଟେରଜେଣ୍ଟ, ପାଣି ପାଇପ, ସାର ବ୍ୟବହାର ଆଦି ପାଇଁ ଯମୁନା ପାଣି ପ୍ରଦୂଷିତ। ଆଗ୍ରାର ଜୀବନି ମଣ୍ଡି ଏବଂ ସିକନ୍ଦରା ୱାଟର ୱାର୍କ୍ସ ରହିଛି। ଏଥିରୁ ସିକନ୍ଦରା ୱାଟର ୱାର୍କ୍ସରେ ୧୪୪ ଏମଏଲଡି କ୍ଷମତାର ଏମବିବିଆର ପ୍ଲାଣ୍ଟ ରହିଛି। ଏଠାରେ ଯମୁନା ପାଣିକୁ ପରୀକ୍ଷା କରାଯାଇ ଅଧା ସହରକୁ ଜଳ ଯୋଗାଇ ଦିଆଯାଇଥାଏ। ତେବେ ଭାରି ଧାତୁର ଯାଞ୍ଚ ପାଇଁ ଆବଶ୍ୟକୀୟ ଉପକରଣ ଏଠାରେ ନାହିଁ। ଜଳ କମିଶନ ଆଗ୍ରାର ପୋଇଆ ଘାଟ ସହିତ ୨ ସ୍ଥାନ ଏବଂ ମଥୁରାର ଗୋଟିଏ ସ୍ଥାନରୁ ନମୁନା ସଂଗ୍ରହ କରିଥିଲେ। ଯାଞ୍ଚରେ ଏଥିରେ ଭାରି ଧାତୁ ଥିବା ଜଣାପଡ଼ିଥିଲା। ଦେଶର ୧୮୭ ସହରର ପାଣିରେ ତିନୋଟି ଭାରି ଧାତୁ ଥିବା ଜଣାପଡ଼ିଛି। ଏହା ମଧ୍ୟରେ ଆଗ୍ରା ଏବଂ ମଥୁରା ସାମିଲ ରହିଛି। ନଦୀ ପାଣିରୁ ଆର୍ସେନିକ, କ୍ୟାଡମିୟମ, କ୍ରୋମିୟମ, କପର୍, ଆଇରନ, ମରକୁରୀ, ନିକେଲ, ଲେଡ୍ ଏବଂ ଜିଙ୍କ ମିଳିଛି। ଏହି ପାଣି ପିଇଲେ ଚର୍ମ ରୋଗ, ପେଟ ରୋଗ, ଅଲ୍‌ସର, ଫୁସ୍‌ଫୁସ୍ କର୍କଟ, ରୋଗ ପ୍ରତିରୋଧକ ଶକ୍ତି ଦୁର୍ବଳ, ହୃତ୍‌ପିଣ୍ଡ ଜନିତ ରୋଗ, ଯକୃତ ଖରାପ ଏବଂ ଗୁଣସୂତ୍ରରେ ପରିବର୍ତ୍ତନ ଆଦି ରୋଗ ହୋଇଥାଏ। ଏବେ ଏହି ରିପୋର୍ଟକୁ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଉପରେ ପ୍ରଶ୍ନ ଉଠାଯାଉଛି।


କେନ୍ଦ୍ରୀୟ ଜଳ କମିଶନଙ୍କ ରିପୋର୍ଟ

## ଭାରତ-ସିରିଆ ସଂପର୍କ ନେଇ ଚର୍ଚ୍ଚା

ନୂଆଦିଲ୍ଲୀ, ୯।୧୨ (ଏଜେନ୍ସି): ସିରିଆ ରାଷ୍ଟ୍ରପତି ଅଲ ଅସଦ ଦେଶ ଛାଡି ପଳାୟନ କରିବା ଏବଂ ବିଦ୍ରୋହୀଙ୍କ ହାତକୁ କ୍ଷମତା ଚାଲିଯିବା ପରେ ଏବେ ଭାରତ-ସିରିଆ ସମ୍ପର୍କ କିଭଳି ରହିବ ତାହାକୁ ନେଇ ବିଭିନ୍ନ ମହଲରେ ଆଲୋଚନା ଜୋର ଧରିଛି। କାରଣ ସିରିଆ ପଶ୍ଚିମ ଏସିଆର ଏକ ଇସଲାମିକ୍ ରାଷ୍ଟ୍ର ହୋଇଥିଲେ ମଧ୍ୟ ବିଗତ ଦିନରେ ଏହାର ଶାସକମାନେ ଭାରତ ସହିତ ସୁସମ୍ପର୍କ ରଖି ଆସିଥିଲେ। ସିରିଆ ସହିତ ଭାରତର ସମ୍ପର୍କ ୧୯୫୭ରେ ଆରମ୍ଭ ହୋଇଥିଲା। ତତ୍‌କାଳୀନ ପ୍ରଧାନମନ୍ତ୍ରୀ ଜବାହାରଲାଲ ନେହରୁ ସିରିଆ ଗସ୍ତ କରିଥିଲା ବେଳେ ସେହି ବର୍ଷ ସିରିଆ ରାଷ୍ଟ୍ରପତି ସୁକ୍ରି ଅଲ କ୍ୱାତଲି ମଧ୍ୟ ଭାରତ ଆସିଥିଲେ। ଏହାପରେ ହାଫେଦ୍ ଅଲ ଅସଦ ଏବଂ ବସର୍ ଅଲ ଅସଦଙ୍କ ସମୟରେ ମଧ୍ୟ ଦ୍ୱିପାକ୍ଷିକ ସମ୍ପର୍କ ସ୍ୱାଭାବିକ ରହିଥିଲା। କଶ୍ମୀରକୁ ନେଇ ପାକିସ୍ତାନ ଇସଲାମିକ ରାଷ୍ଟ୍ର ସଂଗଠନରେ ସଦାସର୍ବଦା ଭାରତ ବିରୋଧୀ ଆଭିମୁଖ୍ୟ ଗ୍ରହଣ କରିଥିଲେ ହେଁ ସିରିଆ ଏହାଠାରୁ ଦୂରେଇ ଏହା ଭାରତର ଆଭ୍ୟନ୍ତରୀଣ ବ୍ୟାପାର ବୋଲି କହି ଆସିଛି। ଏହାବ୍ୟତୀତ କଶ୍ମୀରରେ ଆତଙ୍କବାଦ କାର୍ଯ୍ୟକୁ ମଧ୍ୟ ସିରିଆ ନିନ୍ଦା କରିଆସିଛି। ସେହିପରି ସିରିଆର ଗୋଲାନ ହାଇଟସ୍ ବିବାଦୀୟ ଅଞ୍ଚଳକୁ ନେଇ ମଧ୍ୟ ଭାରତ ସିରିଆକୁ ସମର୍ଥନ ଦେଇଆସିଛି। ୨୦୧୬ ପରେ ଗତବର୍ଷ ଭାରତର ବୈଦେଶିକ ରାଷ୍ଟ୍ରମନ୍ତ୍ରୀ ଭି ମୂରଲିଧରନ ସିରିଆ ଗସ୍ତରେ ଯାଇ ଦ୍ୱିପାକ୍ଷିକ ସମ୍ପର୍କକୁ ଆହୁରି ମଜବୁତ କରିବାକୁ ଉଦ୍ୟମ କରିଥିଲେ। କିନ୍ତୁ ଆଗକୁ ସିରିଆର ରାଜନୈତିକ ରୂପରେଖ କ'ଣ ହେବ ଏବଂ ଭାରତ ସହ ଏହାର ସମ୍ପର୍କ କିଭଳି ରହିବ ତାହା ଏବେ ଅସ୍ପଷ୍ଟ ହୋଇପଡ଼ିଛି।

## ବିଧାନସଭାରେ ବର୍ଷିଲା ବିଜେଡି

# ମିଶନ ଶକ୍ତିକୁ ଅକାମୀ କରିବାକୁ ଷଡ଼ଯନ୍ତ୍ର





**ଭୁବନେଶ୍ୱର, ୯ ।୧୨(ସମିସ):** ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍ଏଚ୍‌ଜି) ଜରିଆରେ ନବୀନ ପଟ୍ଟନାୟକ ମହିଳା ସଶକ୍ତିକରଣ କ୍ଷେତ୍ରରେ ସାରା ଦେଶରେ ଉଦାହରଣ ସୃଷ୍ଟି କରିଥିଲେ। ଆଉ ଏସ୍ଏଚ୍‌ଜିର ୭୦ ଲକ୍ଷ ମହିଳାମାନଙ୍କୁ ସ୍ୱାବଲମ୍ବୀ କରିଥିଲେ ବ୍ୟାଙ୍କ ମିତ୍ର, ପ୍ରାଣୀ ମିତ୍ର, ସିଆରପି, ଏମ୍‌ବିକେ ଏବଂ କୃଷି ମିତ୍ର ରୂପେ ନିୟୋଜିତ ୭୦ ହଜାର ମହିଳା। ବିଧାନସଭାରେ ଉପ-ମୁଖ୍ୟମନ୍ତ୍ରୀ ତଥା ବିଭାଗୀୟ ମନ୍ତ୍ରୀ କହିଥିଲେ ମିଶନ ଶକ୍ତି ବନ୍ଦ ହେବ ନାହିଁ ବରଂ ଦୌଡିବ ବୋଲି କହିଥିଲେ। ମାତ୍ର ଡ଼ବଲ ଇଞ୍ଜିନ୍ ସରକାର ପାଇଁ ମିଶନଶକ୍ତି ଆଜି ଠିଆ ହେବା ଛାଡ଼ି ଆଣ୍ଠେଇଲାଣି। ଏହାକୁ ଅକାମୀ କରି ଦିଆଯିବାକୁ ଷଡ଼ଯନ୍ତ୍ରୀ ଚାଲିଛି। ବନ୍ଦ କରିଦିଆଯିବାକୁ ଧମକ ଦିଆଯାଇଛି। ଛଅ ମାସ ହେଲା ୭୦ ହଜାର ଗୋଷ୍ଠୀ ସହାୟିକା ଦରମା ପାଇ ନାହାନ୍ତି। ଅଫିସରେ ତାଲା ପଡ଼ିଛି ଏହା କ'ଣ ଡବଲ ଇଞ୍ଜିନ୍ ସରକାରର ମହିଳା ସଶକ୍ତିକରଣ ପ୍ରତିବଦ୍ଧତା? ସରକାର ତୁରନ୍ତ ସେମାନଙ୍କୁ ଦରମା ଦିଅନ୍ତୁ, କାମ ଦେବା ପାଇଁ ବାଚସ୍ପତି ରୁଲିଂ ଦିଅନ୍ତୁ। ବିଧାନସଭାର ଶୂନ୍ୟକାଳରେ ଆଜି ସରକାରଙ୍କୁ ଏପରି ସମାଲୋଚନା କରିବା ସହିତ ଦୃଢ଼ ଦାବି କରିଛି ବିଜେଡି।

ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ କହିଛନ୍ତି ଯେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ମିଶନ୍ ଶକ୍ତି ମହିଳା ସଶକ୍ତିକରଣ ଦିଗରେ ବେଶ୍ ସଫଳ ହୋଇ ପାରିଛି। ଯେଉଁ ମହିଳା ଘର କୋଣରେ ବସିଥିଲେ ସେମାନେ ନିଜ ପାଇଁ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି। ଆଉ ଏହା ପଛରେ ବ୍ୟାଙ୍କ ମିତ୍ର, ପ୍ରାଣୀ ମିତ୍ର, ସିଆରପି, ଏମ୍‌ବିକେ ଏବଂ କୃଷି ମିତ୍ରମାନଙ୍କର ବଡ଼ ଅବଦାନ ରହିଛି। ଏସ୍ଏଚ୍‌ଜି ଗୁଡିକ କିପରି ସରକାରୀ ସହାୟତା ପାଇବେ, ନିଜ ଉତ୍ପାଦର ବିକ୍ରିବଟା କିପରି କରିବେ, ସରକାରୀ ଯୋଜନା କିପରି କାର୍ଯ୍ୟକାରୀ ହେବ ସେନେଇ

- ୭୦ ହଜାର ଗୋଷ୍ଠୀ ସହାୟିକାଙ୍କୁ ରାସ୍ତାରେ ବସାଇଛି ଡବଲ ଇଞ୍ଜିନ
- ନିଯୁକ୍ତି ଚୁକ୍ତି ନବୀକରଣ ପାଇଁ ସରକାରଙ୍କ ପଛଘୁଞ୍ଚାକୁ ନେଇ ପ୍ରଶ୍ନବାଚୀ
- ଧାରଣାରତ ଗୋଷ୍ଠୀ ସହାୟକଙ୍କୁ ଭେଟି ସମର୍ଥନ ଜଣାଇଲା ବିଜେଡି

ସବୁ ସହାୟତା ଦେଉଥିଲେ। କିନ୍ତୁ ୬ ମାସ ହେଲା ମିଶନ ଶକ୍ତି ଗୋଷ୍ଠୀ ସହାୟିକାମାନଙ୍କୁ ଦରମା ନାହିଁ, କାମ ନାହିଁ। ସେମାନେ ନିଜ ଅଧିକାର ପାଇଁ ଏବେ ରାସ୍ତାରେ ବସିଛନ୍ତି। ନୂଆ ସରକାର ମିଶନ ଶକ୍ତି ପାଇଁ ବଜେଟ କମାଇ ଦେଲେ। କେତେ ବେଳେ ମିଶନ ଶକ୍ତିକୁ ବନ୍ଦ କରିଦେବେ, ସନ୍ଦେହ ଦେଖା ଦେଲାଣି। ତେଣୁ ବାଚସ୍ପତି ଏଥିଲାଗି ରୁଲିଂ ଦିଅନ୍ତୁ ବୋଲି ସେ ଦାବି କରିଛନ୍ତି।

ବିଜେଡି ବିଧାୟକ ଡଃ ବ୍ୟୋମକେଶ ରାୟ କହିଥିଲେ, ଏସ୍ଏଚ୍‌ଜି ମହିଳାମାନଙ୍କୁ ଉଚିତ୍ ଦିଗଦର୍ଶନ ଦେଇ ସରକାରୀ ଅର୍ଥ ବିନିଯୋଗ ଏବଂ ଯୋଜନା କାର୍ଯ୍ୟକାରୀ କରିବାରେ ଗୋଷ୍ଠୀ ସହାୟିକାମାନଙ୍କର ବଡ଼ ଭୂମିକା ରହି ଆସିଛି। ସେମାନଙ୍କ ଦରମା କ'ଣ ପାଇଁ ୬ ମାସ ହେଲା ବନ୍ଦ ରଖିଛନ୍ତି ସରକାର? ବାଚସ୍ପତି ଏଥିରେ ତୁରନ୍ତ ହସ୍ତକ୍ଷେପ କରିବା ଜରୁରୀ ହୋଇପଡିଛି। ଗୌତମବୁଦ୍ଧ ଦାସ କହିଥିଲେ, ମିଶନ ଶକ୍ତିରେ ଅବ୍ୟବସ୍ଥା ଦାଣ୍ଡରେ ପଡ଼ି ହାଟରେ ଗଡୁଛି। ଯେଉଁ ମା'ମାନେ ଦିନେ ଅନ୍ୟମାନଙ୍କ ଜୀବନଜୀବିକାର ଉତ୍ସ ସାଜିଥିଲେ ଆଜି ସେମାନେ ନିଜେ ଅସହାୟ ହୋଇପଡିଛନ୍ତି। ନିଜ ଅଧିକାର ପାଇଁ ବାରଦୁଆର ବୁଲୁଛନ୍ତି। ନବୀନ ପଟ୍ଟନାୟକ ମିଶନ ଶକ୍ତିକୁ ଏକ ସ୍ୱତନ୍ତ୍ର ବିଭାଗରେ ପରିଣତ କରିବା ପରେ ସେମାନଙ୍କ ଦରମା ବଢ଼ିଲା, ଗସ୍ତ ଖର୍ଚ୍ଚ ମିଳିଲା। କେନ୍ଦ୍ର ଓ ରାଜ୍ୟ ସରକାର ମିଳିତ ଭାବେ ସେମାନଙ୍କ ଖର୍ଚ୍ଚ ବହନ କରୁଥିଲେ। କିନ୍ତୁ କେନ୍ଦ୍ର ସରକାର ପାଣ୍ଠି ବନ୍ଦ କରିଦେବାରୁ ରାଜ୍ୟ ସରକାର ବି ପଛକୁ ହଟିଗଲେ। ସରକାର ଯେଉଁଠି ମହିଳାମାନଙ୍କ କଲ୍ୟାଣ ପାଇଁ ସୁଭଦ୍ରା ଯୋଜନା କରୁଛନ୍ତି, ସେଠି ଗୋଷ୍ଠୀ ସହାୟିକାମାନେ ରାଜରାସ୍ତାରେ ବସିଛନ୍ତି।

ଅପରପକ୍ଷେ ବିଜେପି ବିଧାୟକ ମାନସ ଦତ୍ତ ଏବଂ ଆଶ୍ରିତ ପଟ୍ଟନାୟକ କହିଥିଲେ ଯେ ଗତ ଏପ୍ରିଲ ମାସରୁ ଗୋଷ୍ଠୀ ସହାୟିକାମାନଙ୍କ ନିଯୁକ୍ତି ଚୁକ୍ତି ଶେଷ ହୋଇଛି। ପୂର୍ବ ସରକାର ଚୁକ୍ତି ନବୀକରଣ ପାଇଁ କହିଁକି ପଦକ୍ଷେପ ନେଲେନାହିଁ ବୋଲି ପ୍ରଶ୍ନ କରିଥିଲେ। ବିଜେପି ବିଧାୟକଙ୍କ ଏହି ପ୍ରଶ୍ନର କଡ଼ା ଉତ୍ତର ଦେଇଥିଲେ ବିଜେଡି ବିଧାୟକ ଧ୍ରୁବ ସାହୁ। ସେ କହିଥିଲେ କେନ୍ଦ୍ରୀୟ ଯୋଜନା କାର୍ଯ୍ୟକାରୀ କରିବା ଦାୟିତ୍ୱ ସେମାନଙ୍କୁ ଦିଆଯାଇଛି। ଗତ ଏପ୍ରିଲ ମାସରେ ନିର୍ବାଚନ ପାଇଁ ଆଦର୍ଶ ଆଚରଣ ବିଧି ଲାଗୁ ହେବାରୁ ଚୁକ୍ତି ନବୀକରଣ ପାଇଁ ପଦକ୍ଷେପ ନିଆଯାଇ ପାରିଲାନି। ସେହିପରି କାମଚଳା ବଜେଟରୁ ସେମାନଙ୍କ ଦରମା ବହନ କରିବା ସମ୍ଭବ ନ ଥିଲା। ବିଜେଡି ସରକାର କ୍ଷମତାକୁ ଆସିଥିଲେ ଚୁକ୍ତି ନବୀକରଣ ପାଇଁ ପଦକ୍ଷେପ ନେଇଥା'ନ୍ତେ। ତେଣୁ ଏହି ଦାୟିତ୍ୱ ଡବଲ ଇଞ୍ଜିନ ସରକାରଙ୍କର ବୋଲି ଶ୍ରୀ ସାହୁ କହିଥିଲେ। ଆଜି ବିରୋଧୀ ଦଳ ମୁଖ୍ୟ ସଚେତକଙ୍କ ନେତୃତ୍ୱରେ ବିଜେଡି ବିଧାୟକମାନେ ଲୋୟର୍ ପିଏମ୍‌ଜିରେ ପହଞ୍ଚି ସେଠାରେ ଧାରଣାରତ ଗୋଷ୍ଠୀ ସହାୟିକାଙ୍କ ସହ ଆଲୋଚନା କରିଥିଲେ।

# ଆମେରିକା ସରକାରଙ୍କ କୃଷି ବିଭାଗ ମୁଖ୍ୟ ରାଷ୍ଟ୍ରପତିଙ୍କ ଦ୍ୱାରା ସମ୍ମାନିତ



**ଭୁବନେଶ୍ୱର, ୯ ।୧୨(ସମିସ):** ଆମେରିକା ସରକାରଙ୍କର କୃଷି ବିଭାଗର ମୁଖ୍ୟ ଭାବେ କାର୍ଯ୍ୟରତ ଆନ୍ତର୍ଜାତୀକ ଖ୍ୟାତି ସମ୍ପନ୍ନ ଓଡ଼ିଆ କୃଷି ବୈଜ୍ଞାନିକ ଡଃ ମନ୍‌ଜିତ୍ ମିଶ୍ରଙ୍କୁ କୃଷି କ୍ଷେତ୍ରରେ ତାଙ୍କର ଉଲ୍ଲେଖନୀୟ ଅବଦାନ ପାଇଁ ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର ୨୦୨୪ ବାର୍ଷିକ ଦୀକ୍ଷାନ୍ତ ସମାରୋହରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସମ୍ମାନଜନକ ଡକ୍ଟରେଟ୍ ଡିଗ୍ରୀ ପ୍ରଦାନ କରିଛନ୍ତି। ଡଃ ମିଶ୍ର ହେଉଛନ୍ତି ପୁରୁଣା ଭୁବନେଶ୍ୱରର କ୍ଷୀରୋଦ ଚନ୍ଦ୍ର ମିଶ୍ର ଓ ଶଶୀ ଦେବୀଙ୍କ ସୁପୁତ୍ର। ବିହନ ଉପରେ ଗବେଷଣା କ୍ଷେତ୍ରରେ ଡଃ ମିଶ୍ର ଜଣେ ଅଗ୍ରଣୀ ବୈଜ୍ଞାନିକ ଭାବେ ବେଶ୍ ସୁପରିଚିତ। ତାଙ୍କର ଗବେଷଣାତ୍ମକ ସନ୍ଦର୍ଭ ବିଭିନ୍ନ ଦେଶରେ ଆଦୃତି ଲାଭ କରିଛି। ଆଇଓ୍ୱା କୃଷି ଗବେଷଣା କେନ୍ଦ୍ରର ମୁଖ୍ୟ ଭାବେ ଦୀର୍ଘବର୍ଷ ଧରି କାର୍ଯ୍ୟ କରିବା ସମୟରେ ତାଙ୍କର ଅନେକ ଯୁଗାନ୍ତକାରୀ ନିଷ୍ପତ୍ତି ବେଶ୍ ଫଳପ୍ରଦ ହୋଇଥିଲା।

■ ବିଧାନସଭାରେ ଆଦାନୀ ଲାଞ୍ଚ ପ୍ରସଙ୍ଗ

# ତଦନ୍ତ ପାଇଁ କଂଗ୍ରେସର ଦାବି

**ଭୁବନେଶ୍ୱର, ୯ ।୧୨(ସମିସ):** ଆଜି ବିଧାନସଭାରେ ପୁଣି ଉଠିଛି ଆଦାନୀ ଲାଞ୍ଚ ପ୍ରସଙ୍ଗ। ଓଡିଶାରେ କିଏ ଲାଞ୍ଚ ଖାଇଛି ତାହାର ବିଧିବଦ୍ଧ ତଦନ୍ତ ପାଇଁ ସରକାର ପଦକ୍ଷେପ ନିଅନ୍ତୁ ବୋଲି ଦାବି କରିଛି କଂଗ୍ରେସ। ଶୂନ୍ୟକାଳରେ ଏହି ପ୍ରସଙ୍ଗ ଉଠାଇ କଂଗ୍ରେସ୍ ବିଧାୟକ ଦଳ ମୁଖ୍ୟ ସଚେତକ ଡାକ୍ତର ସିଏସ୍ ରାଜନ ଏକ୍କା କହିଛନ୍ତି ଯେ ଆମେରିକାର ଏକ ଅଦାଲତ ଗୌତମ ଆଦାନୀ, ସାଗର ଆଦାନୀ ଏବଂ ଅନ୍ୟ ୬ ଜଣ ଅଭିଯୁକ୍ତ ଲାଞ୍ଚ ମାମଲାରେ ସମ୍ପୃକ୍ତ ଥିବା ଅଭିଯୋଗରେ ଗିରଫଦାରୀ ନିର୍ଦ୍ଦେଶ ଦେଇଛନ୍ତି। ସବୁଜ ଶକ୍ତି କ୍ରୟ ପାଇଁ ବିପୁଳ ଅର୍ଥ କାରବାର ହୋଇଥିବା ଅଭିଯୋଗ ଆସିଛି। ଓଡିଶା, ଝାରଖଣ୍ଡ, ଜମ୍ମୁ କାଶ୍ମୀର, ଆନ୍ଧ୍ର ପ୍ରଦେଶରେ ମଧ୍ୟ ଆଦାନୀ ଲାଞ୍ଚ ଦେଇଥିବା କୁହାଯାଇଛି। ଅଧିକ ଟାରିଫ୍‌ରେ ସବୁଜ ଶକ୍ତି କ୍ରୟ ପାଇଁ ଆଦାନୀ ସରକାରୀ ଅଧିକାରୀଙ୍କୁ ଲାଞ୍ଚ ଦେଇଛି। ଯେଉଁ କମ୍ପାନୀକୁ ପ୍ରଥମେ ଶକ୍ତି ବିକ୍ରୟ କରାଯିବ ନାହିଁ ବୋଲି କୁହାଗଲା ପରେ ତାକୁ ପୁଣି ଦିଆଗଲା। ନିୟମ ଅନୁସାରେ ସରକାରୀ ସଂସ୍ଥା ଜରିଆରେ ଶକ୍ତି ବିକ୍ରୟ ହେବା କଥା; କିନ୍ତୁ ଆଦାନୀ କ୍ଷେତ୍ରରେ ଏହା ହୋଇ ନାହିଁ। ଓଡିଶାରେ ଗ୍ରୀଡ୍‌କୋ ଜରିଆରେ କାହିଁକି ଏହି କାରବାର ହେଲା ନାହିଁ? ୫୦୦ ମେଗାୱାଟ୍ ଶକ୍ତି କିଣାବିକାରେ କେଉଁ ଅଧିକାରୀ ସାମିଲ ଅଛନ୍ତି ତାହାର ବିଧିବଦ୍ଧ ତଦନ୍ତ ହେବା ଜରୁରୀ ବୋଲି ସେ କହିଥିଲେ।

# ଭିଜିଲାନ୍ସ ଜାଲରେ କନିଷ୍ଠ କିରାଣି

**ଭୁବନେଶ୍ୱର, ୯ ।୧୨(ସମିସ):** ଲାଞ୍ଚ ନେଇ ଫସିଛନ୍ତି ଖଣ୍ଡଗିରି ସବ୍ ରେଜିଷ୍ଟ୍ରାର ଅଫିସର କନିଷ୍ଠ କିରାଣି ଦେବଯାନୀ କର। ତାଙ୍କ ଘର ଏବଂ ଅଫିସ ଯାଞ୍ଚ ପରେ ମିଳିଛି ନଗଦ ୧୫ ଲକ୍ଷ ୮ ହଜାର ୫୫୦ଟଙ୍କା। ଏହି ଟଙ୍କାର ଉତ୍ସ ସମ୍ପର୍କରେ ସେ ଉତ୍ତର ଦେଇପାରି ନ ପାରିବାରୁ ଭିଜିଲାନ୍ସ



ଏକ ମାମଲା ରୁଜୁ କରି ତାଙ୍କୁ ଗିରଫ କରିଛି। ସୂଚନା ଅନୁସାରେ, ଏକ ପ୍ଲଟ୍ ବିକ୍ରିୟ କବଲା ପାଇଁ ସେ ୨୦ ହଜାର ଲାଞ୍ଚ ମାଗୁଥିଲେ। ଏନେଇ ଭିଜିଲାନ୍ସରେ ଅଭିଯୋଗ କରିବା ପରେ ତାଙ୍କୁ ଧରିବା ପାଇଁ ଯୋଜନା ହୋଇଥିଲା। ସେ ଆଜି ଅଫିସ୍ ଭିତରେ ୨୦ ହଜାର ଟଙ୍କା ଲାଞ୍ଚ ନେଇ ନିଜ ଡ୍ର'ରେ ରଖିଥିଲେ। ଯାଞ୍ଚ ପରେ ତାଙ୍କ ଡ୍ର'ରୁ ୨୦ ହଜାର ଟଙ୍କା ମିଳିଥିଲା। ତାଙ୍କ ହାତଧୁଆ ପାଣିରୁ କେମିକାଲ ବୋଳା ଟଙ୍କାର ପ୍ରମାଣ ମିଳିବା ପରେ ତାଙ୍କୁ ଗିରଫ କରାଯାଇଥିଲା। ଏହାପରେ ତାଙ୍କ କଳାଧନ ସମ୍ପର୍କରେ ଅଧିକ ତଥ୍ୟ ଜାଣିବା ପାଇଁ ଆଇଜିଆର୍ ଅଫିସ ସହ ଭିଜିଲାନ୍ସ ଯୋଗାଯୋଗ କରିଛି।

## ସରକାରଙ୍କୁ ହୋର୍ଡିଂ ନିଶା

# 'ସୁଭଦ୍ରା' ଯୋଜନାର ପ୍ରଚାର ଖର୍ଚ୍ଚ ୭ କୋଟି

**ବଲାଙ୍ଗିର, ୯ ।୧୨(ସମିସ):** ମୋଦୀ ସରକାରଙ୍କ ଭଳି ମୋହନ ସରକାରଙ୍କୁ ବି ଲାଗିଛି ବିଜ୍ଞାପନ ନିଶା। ବିଜେପି ସରକାର କେବଳ 'ସୁଭଦ୍ରା' ଯୋଜନା ହୋର୍ଡିଂ ପାଇଁ ୭ କୋଟି ଟଙ୍କା ଖର୍ଚ୍ଚ କରିଛନ୍ତି। ସୂଚନା ଅଧିକାର ଆଇନ ବଳରେ ମିଳିଥିବା ତଥ୍ୟରୁ ଏହା ଜଣାପଡ଼ିଛି।

ବଲାଙ୍ଗିରର ବିଶିଷ୍ଟ ସୂଚନା ଅଧିକାର କର୍ମୀ ହେମନ୍ତ କୁମାର ପଣ୍ଡା ରାଜ୍ୟରେ 'ସୁଭଦ୍ରା' ଯୋଜନା ପାଇଁ ଲଗାଯାଇଥିବା ହୋର୍ଡିଂ ଖର୍ଚ୍ଚ ବିଷୟରେ ସୂଚନା ପ୍ରଦାନ କରିବା ପାଇଁ ସୂଚନା ଅଧିକାର ଆଇନରେ ତଥ୍ୟ ମାଗିଥିଲେ। ରାଜ୍ୟ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ପ୍ରଦାନ କରାଯାଇଥିବା ତଥ୍ୟରୁ ଜଣାପଡ଼ିଛି ଯେ ରାଜ୍ୟ ସରକାରଙ୍କ ଫ୍ଲାଗସିପ୍ କାର୍ଯ୍ୟକ୍ରମ 'ସୁଭଦ୍ରା' ଯୋଜନା ପାଇଁ ହୋର୍ଡିଂ ବିଜ୍ଞାପନ ବାବଦକୁ ୭ କୋଟି ଟଙ୍କା ଖର୍ଚ୍ଚ କରିବାକୁ ରାଜ୍ୟ ସରକାର ବ୍ୟୟ ଅଟକଳ କରିଛନ୍ତି। ବିଭିନ୍ନ ଟ୍ୟାକ୍ସକୁ ବାଦ୍ ଦେଇ ଏହି ବ୍ୟୟ ଅଟକଳ କରାଯାଇଥିବା ସୂଚନା ଦିଆଯାଇଛି। ଟ୍ୟାକ୍ସ ଖର୍ଚ୍ଚ ମିଶିଲେ ଏହି ଖର୍ଚ୍ଚ ଆହୁରି ଅଧିକ ହେବ। ସରକାରଙ୍କ ଜନମଙ୍ଗଳକାରୀ ସିଧାସଳଖ କ୍ୟାସ୍ ଟ୍ରାନ୍ସଫର ଭଳି ଆର୍ଥିକ ସହାୟତା ଯୋଜନାରେ ହୋର୍ଡିଂ ବିଜ୍ଞାପନ ପାଇଁ ଏହିଭଳି ଅଜସ୍ର ଟଙ୍କା ଖର୍ଚ୍ଚ କରିବା କେବଳ ଦଳୀୟ ପ୍ରଚାର ବୋଲି ଶ୍ରୀ ପଣ୍ଡା ଅଭିଯୋଗ କରିଛନ୍ତି।

# ଭଦ୍ରକରେ ମେଡିକାଲ କଲେଜ ପ୍ରସଙ୍ଗ ଉଠାଇଲେ ସଞ୍ଜୀବ

## ଶୀଘ୍ର ହେବ କହି କାମ ସାରିଦେଲେ ମନ୍ତ୍ରୀ

**ଭୁବନେଶ୍ୱର, ୯ ।୧୨(ସମିସ):** ମେଡିକାଲ କଲେଜ ପାଇଁ ଆମେ ଭଦ୍ରକରେ ଜିତିଛୁ। ତେଣୁ ସେଠାରେ ନିଶ୍ଚିତ ଭାବେ ମେଡିକାଲ କଲେଜ ପ୍ରତିଷ୍ଠା କରାଯିବ ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ଼ ମୁକେଶ ମହାଲିଙ୍ଗ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ଆଜି ବିଧାନସଭା ପ୍ରଶ୍ନକାଳରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଆଲୋଚନା ଅବସରରେ ଭଣ୍ଡାରୀପୋଖରୀ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ୍ ମନ୍ତ୍ରୀଙ୍କ ଠାରୁ ଜାଣିବାକୁ ଚାହିଁଥିଲେ ଯେ ପ୍ରତିଶ୍ରୁତି ଅନୁସାରେ ଭଦ୍ରକ ଜିଲ୍ଲାରେ କେବେ ମେଡିକାଲ କଲେଜ ପ୍ରତିଷ୍ଠା ହେବ। ମନ୍ତ୍ରୀ ଆଜି ଗୃହରେ ତାରିଖ ଘୋଷଣା କରନ୍ତୁ ବୋଲି ଶ୍ରୀ ମଲ୍ଲିକ୍ ଦାବି କରିଥିଲେ। ସେ ଆହୁରି କହିଥିଲେ ଯେ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ୩୦୦ ଶଯ୍ୟା ଓ ପୁରୁଣା ଡାକ୍ତରଖାନାରେ ୧୦୦ ଶଯ୍ୟା ପ୍ରସ୍ତୁତ ହୋଇ ରହିଛି। ତାହା କେବେ କାର୍ଯ୍ୟକ୍ଷମ ହେବ? ସରକାର ଚାହିଁଲେ ପୁରୁଣା ମୁଖ୍ୟ ଚିକିତ୍ସାଳୟକୁ ମେଡିକାଲ କଲେଜରେ ପରିବର୍ତ୍ତନ କରିପାରିବେ। ତେଣୁ ମନ୍ତ୍ରୀ ଏହା ଉପରେ ସ୍ପଷ୍ଟ ଉତ୍ତର ରଖିବା ଜରୁରୀ ବୋଲି ସେ କହିଥିଲେ। କିନ୍ତୁ ମନ୍ତ୍ରୀ କୌଣସି ନିର୍ଦ୍ଦିଷ୍ଟ ତାରିଖ ଘୋଷଣା କରିବା ପରିବର୍ତ୍ତେ ଶୀଘ୍ର ହେବ ବୋଲି କହିଥିଲେ। ଏହାର ଉତ୍ତରରେ ସ୍ୱାସ୍ଥ୍ୟମନ୍ତ୍ରୀ କହିଥିଲେ, ସବୁ ଜିଲ୍ଲାରେ ଗୋଟିଏ ଲେଖାଏଁ ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ଆମେ ପ୍ରତିଶ୍ରୁତିବଦ୍ଧ। କିନ୍ତୁ ଭଦ୍ରକରେ ମେଡିକାଲ କଲେଜ ଗୁରୁତ୍ୱ ବହନ କରୁଛି। ଶୀଘ୍ର ଜିଲ୍ଲାରେ ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ସରକାର ପଦକ୍ଷେପ ନେବେ। ଏଥିସହ ନୂଆ ଓ ପୁରୁଣା ଡାକ୍ତରଖାନାକୁ ମୁଖ୍ୟମନ୍ତ୍ରୀ ଶୀଘ୍ର ଉଦ୍‌ଘାଟନ କରିବା ପାଇଁ ଯିବେ। ଏ ସମ୍ପର୍କରେ ଆପଣଙ୍କୁ ସୂଚନା ଦିଆଯିବ ବୋଲି ମନ୍ତ୍ରୀ କହିଥିଲେ।

# ଝାଡ଼ଖଣ୍ଡ ପଳାଇଲା ବାଘୁଣୀ 'ଜିନତ୍'



**ବାରିପଦା, ୯ ।୧୨(ସମିସ):** ମହାରାଷ୍ଟ୍ରରୁ ଶିମିଳିପାଳ ଅଭୟାରଣ୍ୟକୁ ଆସିଥିବା ବାଘୁଣୀ 'ଜିନତ' ଏବେ ଝାଡ଼ଖଣ୍ଡର ଜାମସେଦପୁର ସଂରକ୍ଷିତ ଜଙ୍ଗଲରେ ବୁଲୁଛି। ରବିବାର ରାତିରେ ସେ ବାଙ୍ଗିରିପୋଷି ରେଞ୍ଜ ଅଧୀନ ଦୁଆରଶୁଣୀ ଜଙ୍ଗଲଦେଇ ଯୋକା ଅଞ୍ଚଳ ହୋଇ ଝାଡ଼ଖଣ୍ଡରେ ପ୍ରବେଶ କରିଛି। ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ଡଃ ପ୍ରକାଶ ଚାନ୍ଦ ଗୋଗିନେନି ଏହି ସୂଚନା ଦେଇଛନ୍ତି। ତେଣୁ ତାକୁ ପୁଣି ଶିମିଳିପାଳ ଅଭୟାରଣ୍ୟକୁ ଫେରାଇ ଆଣିବା ପାଇଁ ବନ ବିଭାଗ ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଛି। ଏନେଇ ଝାଡ଼ଖଣ୍ଡ ବନ ବିଭାଗ ସହିତ ଆଲୋଚନା କରାଯାଇଛି ଏବଂ ଖୁବ୍‌ଶୀଘ୍ର ତାକୁ ଶିମିଳିପାଳକୁ ଫେରାଇ ଅଣାଯିବ ବୋଲି ସେ କହିଛନ୍ତି। ଏକ ସ୍ୱତନ୍ତ୍ର ଟିମ୍ ରକ୍ଷକ ଗାଡ଼ି ସହ ଝାଡ଼ଖଣ୍ଡ ଅଭିମୁଖେ ଯାଇଛନ୍ତି। ତେବେ ଜିନତକୁ ଆଣିବା

**ସ୍ୱତନ୍ତ୍ର ଟିମ୍ ଗଲେ ଜାମସେଦ୍‌ପୁର**

ପାଇଁ ତାକୁ ଟ୍ରାଙ୍କୁଲାଇଜ୍ କରାଯିବ ନାହିଁ। ସ୍ଥିତି ସେତେ ଗମ୍ଭୀର ହେଲେ, ପିସିସିଏଫ୍‌ଙ୍କ ନିର୍ଦ୍ଦେଶକ୍ରମେ ଟ୍ରାଙ୍କୁଲାଇଜ୍ କରାଯାଇପାରେ ବୋଲି ଏକ ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି।

ସୂଚନାଥାଉ କି, ଶିମିଳିପାଳ ଅଭୟାରଣ୍ୟରେ ବାଘ ବଂଶ ବୃଦ୍ଧି କରିବା ଲକ୍ଷ୍ୟ ନେଇ ମହାରାଷ୍ଟ୍ରର ଚନ୍ଦ୍ରଗିରି ଜିଲ୍ଲାର ତଡ଼ବା-ଅନ୍ଧାରୀ ଜାତୀୟ ବ୍ୟାଘ୍ର ଅଭୟାରଣ୍ୟରୁ ମହାବଳ ବାଘୁଣୀ 'ଜିନତ'କୁ ଶିମିଳିପାଳ ଅଣାଯାଇଥିଲା। ୩ବର୍ଷୀୟା ଏହି ବାଘୁଣୀକୁ ନଭେମ୍ବର ୨୪ ରାତିରେ ଶିମିଳିପାଳ ଉତ୍ତର ବନଖଣ୍ଡର କୋର୍ ଅଞ୍ଚଳରେ ଛଡ଼ାଯାଇଥିଲା। ବେକରେ ଟ୍ରାପ ଚିପ୍ ଲଗାଇ ତାକୁ ଛଡ଼ାଯିବା ପରଠାରୁ ବନ ବିଭାଗ ଟିମ୍ ତା' ଗତିବିଧି ଉପରେ ୨୪ଘଣ୍ଟିଆ ନଜର ରଖିଥିଲା।

## ବିଜେପି ପ୍ରତି ଅହେତୁକ ଅନୁକମ୍ପାର ପ୍ରତିବାଦ

# ଜନଶୁଣାଣିରେ ଜିଲ୍ଲାପାଳଙ୍କୁ ଘେରିଲେ

**ଭଦ୍ରକ, ୯ ।୧୨(ସମିସ):** ବିଜେପି ପ୍ରତି ଅହେତୁକ ଅନୁକମ୍ପା ପ୍ରତିବାଦରେ ଆଜି ଭଦ୍ରକ ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟଙ୍କୁ ଚାନ୍ଦବାଲି ବ୍ଲକ୍ ଓ ଏନ୍ଏସି ବିଜେଡି ନେତାମାନେ ଘେରିଛନ୍ତି। ବ୍ଲକ୍ କାର୍ଯ୍ୟାଳୟରେ ଆଜି ଜିଲ୍ଲାପାଳଙ୍କ ଜନ ଅଭିଯୋଗ ଶୁଣାଣି

**ଦୁଇ ଦଳ ନେତା-କର୍ମୀ ଧସ୍ତାଧସ୍ତି**



ଚାଲିଥିବା ବେଳେ ବାତ୍ୟା କ୍ଷୟକ୍ଷତି ପୁନରୁଦ୍ଧାର କାର୍ଯ୍ୟକୁ ନେଇ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଥିଲା। ଭଦ୍ରକ ଜିଲ୍ଲାପାଳ ଓ ଉପଜିଲ୍ଲାପାଳ କେବଳ ବିଜେପି ନେତା ଓ କର୍ମୀଙ୍କ କଥାକୁ ଗୁରୁତ୍ୱ ଦେଇ କାମ କରୁଛନ୍ତି ବୋଲି ଅଭିଯୋଗ ହେବାରୁ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଥିଲା। ଫଳରେ ଜିଲ୍ଲାପାଳ ଶିବିର ଅଧାରୁ ଉଠି ବିଜେଡି ନେତାଙ୍କ ସହ ରୁଦ୍ଧଦ୍ୱାର ବୈଠକ କରିଛନ୍ତି। ଭିତରେ ବୈଠକ ଚାଲିଥିବା ବେଳେ ବାହାରେ ଶହଶହ ବିଜେଡି କର୍ମୀ ରୁଣ୍ଡ ହୋଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଅପରପକ୍ଷେ, କିଛି ବିଜେପି ନେତା ବୈଠକ ଗୃହ କବାଟ ବାଡ଼େଇବାରୁ ପରିସ୍ଥିତି ଆହୁରି ବିଗିଡ଼ି ଯାଇଥିଲା। ଦୁଇ ଦଳର ନେତା ଓ କର୍ମୀଙ୍କ ମଧ୍ୟରେ ଏକ ଧସ୍ତାଧସ୍ତି ପରିସ୍ଥିତି ସୃଷ୍ଟି ହୋଇଥିଲା। ତେବେ ପୁଲିସ୍‌ର ହସ୍ତକ୍ଷେପ ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା।

ସୂଚନା ମୁତାବକ, ଚାନ୍ଦବାଲି ବ୍ଲକର ୩୬ଟି ପଞ୍ଚାୟତ ମଧ୍ୟରୁ ୨୬ ପଞ୍ଚାୟତର ସରପଞ୍ଚ ସହ ବ୍ଲକ, ଏନ୍ଏସି ଓ ସମସ୍ତ ଜିଲ୍ଲା ପରିଷଦ ବିଜୁ ଜନତା ଦଳର ଦଖଲରେ ଅଛି। ବାତ୍ୟା 'ଦାନା' ସମୟରେ ସମସ୍ତ ସରପଞ୍ଚ ନିଜ ନିଜ ପଞ୍ଚାୟତ ଲୋକମାନଙ୍କୁ ସ୍ଥାନାନ୍ତର କରିବା, ଖାଇବାକୁ ଦେବା ସହ ପ୍ରଶାସନକୁ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ। 'ଦାନା'ରେ କ୍ଷୟକ୍ଷତି ହୋଇଥିବା ରାସ୍ତାଘାଟ ଆଦିର ମରାମତି ପାଇଁ ୧୮ କୋଟି ୬୫ଲକ୍ଷ ଟଙ୍କା ଆସିଛି। ମାତ୍ର ଏହି ଟଙ୍କା ଖର୍ଚ୍ଚ ପାଇଁ କୌଣସି ବିଜେଡି ସରପଞ୍ଚ, ସମିତି ସଭ୍ୟ, ଜିଲ୍ଲା ପରିଷଦ ସଭ୍ୟଙ୍କୁ ନ ଜଣାଇ ବିଜେପି କର୍ମୀଙ୍କ କଥା ଅନୁସାରେ ପ୍ରୋଜେକ୍ଟ ଦିଆଯାଇଛି ବୋଲି ଅଭିଯୋଗ କରିଥିଲେ ବିଜେଡି ନେତା ଓ ଜନ ପ୍ରତିନିଧିମାନେ। ବିଜେପି ଦଳର ହାତବାରିସି ସାଜି ଭଦ୍ରକ ଜିଲ୍ଲାପାଳ ଓ ଉପଜିଲ୍ଲାପାଳ କେବଳ ବିଜେପି ନେତା ଓ କର୍ମୀଙ୍କ କଥାକୁ ଗୁରୁତ୍ୱ ଦେଇ କାମ କରୁଛନ୍ତି ବୋଲି ଅଭିଯୋଗ ହୋଇଥିଲା। ଏହାକୁ ନେଇ ଜନଶୁଣାଣି ଆଜି ଆରମ୍ଭରୁ ସରଗରମ ରହିବା ସହ ହୋ-ହଲ୍ଲା ହୋଇଥିଲା।

ଆଜିର ଏହି ପ୍ରତିବାଦ ଓ ବିକ୍ଷୋଭରେ ବିଜେଡି ଜିଲ୍ଲା ପରିଷଦ ସଭ୍ୟ ପ୍ରିନ୍ସ ରାକେଶ ନାୟକ, ରଞ୍ଜନ ସାହୁ, ବ୍ଲକ ଅଧ୍ୟକ୍ଷା ମୀନତି ସୂତାର, ଏନ୍ଏସି ଅଧ୍ୟକ୍ଷା ଶାନ୍ତିଲତା ସେଠୀ, ବ୍ଲକ ଉପାଧ୍ୟକ୍ଷ ସରୋଜ ବଳ, ସରପଞ୍ଚ ଜିତେନ୍ଦ୍ର ବିଶ୍ୱାଳ, ଯୁବନେତା ଜୀତେନ୍ଦ୍ର ପାଣି ଓ ମାନସ ଦରସ ପ୍ରମୁଖ ସାମିଲ ଥିଲେ।






ଗାନ୍ଧୀମାର୍ଗରେ ଶୀତ-କାକରରେ ଗୋଷ୍ଠୀ ସହାୟିକା (ଫଟୋ: ଦୀପକ)

# ଶ୍ରମିକଙ୍କ ନିରାପତ୍ତା ବ୍ୟବସ୍ଥା ତଦାରଖ କରୁଛି କିଏ ?

**କଟକ, ୯ ।୧୨(ସମିସ):** ନିର୍ମାଣ ଶ୍ରମିକ ହୁଅନ୍ତୁ କିମ୍ବା ସଫେଇ ଶ୍ରମିକ; ବିପଜ୍ଜନକ ଅବସ୍ଥାରେ କାର୍ଯ୍ୟ କରୁଥିଲେ ମଧ୍ୟ ସେମାନଙ୍କ ନିରାପତ୍ତା ଦିଗରେ ରହିଥିବା ନିୟମାବଳୀ ଆଦୌ ଅନୁପାଳନ କରାଯାଉନାହିଁ। ଏନ୍‌ଫୋର୍ସମେଣ୍ଟ ଅଭାବରୁ ବିଗତ ୩ବର୍ଷ ମଧ୍ୟରେ ବିପଜ୍ଜନକ ଭାବେ କାର୍ଯ୍ୟ କରୁଥିବା ବେଳେ ୧୧ ଶ୍ରମିକଙ୍କ ପ୍ରାଣହାନି ଘଟିଲାଣି। ହେଲେ, ଏ ଦିଗରେ ଆଖିଦୃଶିଆ ପଦକ୍ଷେପ ନିଆଯାଇପାରୁନି। ଓଡ଼ିଶା ହାଇକୋର୍ଟ ମଧ୍ୟ ସଫେଇ କର୍ମଚାରୀଙ୍କ ମୃତ୍ୟୁ ପ୍ରସଙ୍ଗରେ ରୁଜୁ ମାମଲାର ଶୁଣାଣି କରି ବିଭିନ୍ନ ସମୟରେ ଏସ୍‌ଓପି ପାଳନ ଉପରେ ଗୁରୁତ୍ୱାରୋପ କରି ଆସିଛନ୍ତି। ସିପିଏଚ୍‌ଇଓ (ସେଣ୍ଟ୍ରାଲ ପବ୍ଲିକ ହେଲଥ ଇଞ୍ଜିନିୟରିଂ ଅରଗାନାଇଜେସନ) ପକ୍ଷରୁ ଏନେଇ ସ୍ୱତନ୍ତ୍ର ମାର୍ଗଦର୍ଶିକା ରହିଛି। ଏହି ମାର୍ଗଦର୍ଶିକା ପାଳନ ପାଇଁ ଅଦାଲତଙ୍କ ମଧ୍ୟ ନିର୍ଦ୍ଦେଶ ରହିଛି।



## ୩ ବର୍ଷରେ ୧୧ଜଣ ପ୍ରାଣ ହରାଇଲେଣି

ଶ୍ରମିକମାନଙ୍କ ପାଇଁ ନିର୍ଦ୍ଦିଷ୍ଟ ନିରାପତ୍ତା ବ୍ୟବସ୍ଥା କାର୍ଯ୍ୟକାରୀ କରିବା ପାଇଁ ନିୟମ ରହିଛି। ଏପରିକି, ମାନୁଆଲ ବ୍ୟବସ୍ଥାରେ ମଇଳା ଟାଙ୍କି ସଫେଇ ଉପରେ କଟକଣା ରହିଥିଲେ ମଧ୍ୟ ଏହା ପାଳନ ହେଉନାହିଁ। କାଁ ଭାଁ ଯାନ୍ତ୍ରିକ ପଦ୍ଧତିରେ ସଫେଇ ହେଉଥିବା ବେଳେ ଏବେ ବି ଶ୍ରମିକମାନଙ୍କୁ ଏଥିପାଇଁ ନିୟୋଜିତ କରାଯାଉଛି। ୨୦୨୧ ମସିହାରେ କଟକ ସହରରେ ଦୁଇଜଣ ଶ୍ରମିକ ସ୍ୱେରେଜ୍ ଲାଇନ୍ ସଫେଇ ବେଳେ ଶ୍ୱାସରୁଦ୍ଧ ହୋଇ ପ୍ରାଣ ହରାଇବାର ନଜିର ରହିଛି। ୨୦୨୨ ଜୁଲାଇରେ କଟକ ସହରର ଦେଉଳସାହିର ରେଭିନ୍ୟୁ କଲୋନିରେ ପଙ୍କୋଦ୍ଧାର ବେଳେ ଜଣେ ସଫେଇ କର୍ମଚାରୀଙ୍କ ଉପରେ ପାଚେରି ଭୁଶୁଡ଼ି ପଡ଼ିବାରୁ ତାଙ୍କର ମୃତ୍ୟୁ ଘଟିଥିଲା। ଗତବର୍ଷ ମଧ୍ୟ ବାରଙ୍ଗ ଥାନା ଅଞ୍ଚଳର ଗଦେଇକୁଦଠାରେ ବିଜ୍ଞାପନ ହୋର୍ଡିଂରୁ ଖସି ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିବାର ନଜିର ରହିଛି। ସେହିଭଳି ଗତ ସେପ୍ଟେମ୍ବରରେ କଟକ ନରଣପୁର ଅଞ୍ଚଳରେ ପାଇଖାନା ଟାଙ୍କି ସେଣ୍ଟ୍ରିଂ କାଢ଼ିବା ବେଳେ ୩ଜଣ ବଙ୍ଗୀୟ ଶ୍ରମିକଙ୍କ ଶ୍ୱାସରୁଦ୍ଧ ଜନିତ ମୃତ୍ୟୁ ଘଟିଥିଲା। ଗତକାଲି ମଧ୍ୟ କଟକରେ ଏକ ଡ୍ରେନ୍ ନିର୍ମାଣ ବେଳେ ପାଚେରି ଭୁଶୁଡ଼ି ଜଣେ ବାହାର ରାଜ୍ୟର ଶ୍ରମିକଙ୍କ ମୃତ୍ୟୁ ଘଟିବା ସହ ୨ଜଣ ଆହତ ହୋଇଥିଲେ। ଯେକୌଣସି କାର୍ଯ୍ୟ କରାଯାଉ ନା କାହିଁକି, ଆବଶ୍ୟକ ସୁରକ୍ଷା ବା ନିରାପତ୍ତା ନିୟମାବଳୀ ଅନୁପାଳନ କରାଯିବା କଥା।

ଏହାକୁ ଉଲ୍ଲଂଘନ କରାଯାଇ ଆସୁଥିବା ବେଳେ ଶ୍ରମ ବିଭାଗ ପକ୍ଷରୁ ନିୟମିତ ଏହାର ତଦାରଖ ମଧ୍ୟ ହେଉନାହିଁ। ଫଳରେ ଶ୍ରମିକମାନଙ୍କୁ କାର୍ଯ୍ୟରେ ନିୟୋଜିତ କରୁଥିବା ସଂସ୍ଥା ବିରୋଧରେ କିଛି କାର୍ଯ୍ୟାନୁଷ୍ଠାନ ହୋଇପାରୁନଥିବା ଜଣାପଡ଼ିଛି। ନିୟମାବଳୀରେ ଧାର୍ଯ୍ୟ ସର୍ତ୍ତ ଅନୁସାରେ ସଫେଇ କର୍ମଚାରୀମାନଙ୍କର ଚର୍ମରୋଗ କିମ୍ବା ବାତ ଭଳି ରୋଗ ଅଛି କି ନାହିଁ, ତାହାର ନିୟମିତ ପରୀକ୍ଷା କରାଯିବା କଥା। ମ୍ୟାନହୋଲ୍ ଅଥବା ଅନ୍ୟ ସ୍ୱେରେଜ ଚାମ୍ବରରେ ପଶିବା ପୂର୍ବରୁ ହେଲମେଟ ସହ ହେଡଲାଇଟ, ଗମ୍ ବୁଟ୍, ୱାଟରପ୍ରୁଫ୍ ପୋଷାକ, ଗ୍ଲୋଭସ୍, ଅକ୍ସିଜେନ ସିଲିଣ୍ଡର ଆଦି ଦିଆଯିବା କଥା। ହେଲେ ଏସବୁ କାଗଜ କଲମରେ ସୀମିତ ରହିଯାଇଛି। ନିର୍ମାଣ ଶ୍ରମିକ ଅଥବା ହୋର୍ଡିଂ ଲଗାଉଥିବା ଶ୍ରମିକମାନେ ସୁରକ୍ଷା ବେଲ୍ଟ ଓ ହେଲମେଟ୍ ପରିଧାନ କରିବା ନିତାନ୍ତ ଆବଶ୍ୟକ। ନିରାପତ୍ତା ବ୍ୟବସ୍ଥା ପ୍ରତି କର୍ତ୍ତୃପକ୍ଷ ଆଖି ବୁଜିଦେଇଛନ୍ତି। ବିଭିନ୍ନ ସ୍ଥାନରେ ପ୍ରାୟ ୨୦ରୁ ୩୦ ଫୁଟ୍ ଉଚ୍ଚରେ ବିଜ୍ଞାପନ ହୋର୍ଡିଂଗୁଡ଼ିକ ଲଗାଯାଇ ଆସୁଥିବା ଦେଖିବାକୁ ମିଳିଛି। ଘରୋଇ ସଂସ୍ଥାଗୁଡ଼ିକ ସେମାନଙ୍କୁ ଆବଶ୍ୟକ ସୁରକ୍ଷା ସରଞ୍ଜାମ ଯୋଗାଇ ଦେଉନାହାନ୍ତି।

ଗୁରୁତ୍ୱପୂର୍ଣ୍ଣ କଥା ହେଲା, ପଶ୍ଚିମବଙ୍ଗର ମାଳମାଳ ଶ୍ରମିକ ଏହିଭଳି ବିପଜ୍ଜନକ ବିଭିନ୍ନ ଘରୋଇ ନିର୍ମାଣ କାର୍ଯ୍ୟ କରିଆସୁଛନ୍ତି। ଏ କ୍ଷେତ୍ରରେ ସମ୍ପୃକ୍ତ ଠିକାଦାରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦୂରର କଥା, ସଚେତନତା ସୃଷ୍ଟି କରାଯାଉନାହିଁ। ଏ ସମ୍ପର୍କରେ କଟକ ଜିଲ୍ଲା ଶ୍ରମ ଅଧିକାରୀଙ୍କ କହିବାନୁସାରେ ଅଭିଯୋଗ ଆସିଲେ ତ୍ୱରିତ ପଦକ୍ଷେପ ନିଆଯାଉଛି। ଆଗକୁ ଶ୍ରମିକମାନଙ୍କ ନିରାପତ୍ତା ସଂକ୍ରାନ୍ତରେ ସଚେତନତା ସୃଷ୍ଟି କରାଯିବ ବୋଲି ଅଧିକାରୀ କୁହନ୍ତି।

■ ହାଇକୋର୍ଟରେ ଏସସିବି ଛାତ୍ର ସଂସଦ ନିର୍ବାଚନ ମାମଲା

# ନିଷ୍ପତ୍ତି ନେବାକୁ ଡିଏମ୍‌ଇଟିଙ୍କୁ ନିର୍ଦ୍ଦେଶ

**କଟକ, ୯ ।୧୨(ସମିସ):** ଶିକ୍ଷାବର୍ଷ ଆରମ୍ଭ ନ ହେଉଣୁ ଏସ୍‌ସିବି ମେଡିକାଲ କଲେଜ ଓ ହସ୍ପିଟାଲର ଛାତ୍ର ସଂସଦ ନିର୍ବାଚନ ପାଇଁ ଜାରି ବିଜ୍ଞପ୍ତିକୁ ଚାଲେଞ୍ଜ କରି ଦାୟର ମାମଲାରେ ପୂର୍ଣ୍ଣଚ୍ଛେଦ ପକାଇଛନ୍ତି ହାଇକୋର୍ଟ। ଆବେଦନକାରୀଙ୍କ ଅଭିଯୋଗ ଉପରେ ଆଇନ ଅନୁସାରେ ନିଷ୍ପତ୍ତି ନେବାକୁ ମେଡିକାଲ ଶିକ୍ଷା ଓ ତାଲିମ (ଡିଏମଇଟି) ନିର୍ଦ୍ଦେଶକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଅଦାଲତ। ଶ୍ରୀରାମ ପରିଡ଼ାଙ୍କ ଆବେଦନର ଶୁଣାଣି କରି ଜଷ୍ଟିସ୍ ରାଧାକ୍ରିଷ୍ଣ ପଟ୍ଟନାୟକ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ୨୦୦୯ ନିୟମାବଳୀକୁ ଦୃଷ୍ଟିରେ ରଖି ଏହି ପ୍ରସଙ୍ଗରେ ଡିଏମ୍‌ଇଟି ନିଷ୍ପତ୍ତି ନେବେ ବୋଲି ହାଇକୋର୍ଟ କହିଛନ୍ତି। ଶିକ୍ଷା ବର୍ଷ ଡିସେମ୍ବର ୨୦ରେ ଆରମ୍ଭ ହେବାକୁ ଯାଉଥିବା ବେଳେ ୨୦୨୪-୨୫ ବର୍ଷ ପାଇଁ ୭ ଦିନ ଭିତରେ ନିର୍ବାଚନ କରିବାକୁ ଏସସିବି ଡିନ୍ ତଥା ଅଧ୍ୟକ୍ଷ ଦେଇଥିବା ନିର୍ଦ୍ଦେଶକୁ ଆବେଦନକାରୀ ବିରୋଧ କରିଥିଲେ।

ମାମଲାର ବିବରଣୀରୁ ପ୍ରକାଶ ଯେ ଏସ୍‌ସିବି ପିଜି ଓ ୟୁଜି ୟୁନିୟନ ନିର୍ବାଚନ ପାଇଁ ଡିଏମଇଟି ଡିସେମ୍ବର ୩ରେ ଅନୁମତି ଦେଇଥିଲେ। ଏହାପରେ ଡିସେମ୍ବର ୪ରେ ଏନେଇ ଏସସିବି ଡିନ୍ ତଥା ଅଧ୍ୟକ୍ଷ ନୋଟିସ୍ ଜାରି କରିଥିଲେ। ଏହି ନୋଟିସ୍‌ରେ ୨୦୨୪-୨୫ବର୍ଷ ୟୁଜି ଓ ପିଜି ୟୁନିୟନ ନିର୍ବାଚନ ୭ଦିନ ଭିତରେ କରିବାକୁ ନିର୍ଦ୍ଦେଶକୁ ବିରୋଧ କରି ଦାୟର ଆବେଦନରେ ଉଲ୍ଲେଖ କରାଯାଇଥିଲା। ମେଡିକାଲ କାଉନସିଲ ଅଫ୍ ଇଣ୍ଡିଆ ନିୟମାବଳୀ ଅନୁସାରେ ପ୍ରତିବର୍ଷ ଏଭଳି ନିର୍ବାଚନ ହେବା କଥା। ଶିକ୍ଷାବର୍ଷ ଆରମ୍ଭର ୬ରୁ ୮ ସପ୍ତାହ ଭିତରେ ଛାତ୍ର ସଂସଦ ନିର୍ବାଚନ ହେବା କଥା। ଚଳିତ ବର୍ଷ ଡିସେମ୍ବର ୨୦ରୁ ଶିକ୍ଷାବର୍ଷ ଆରମ୍ଭ ହେବାକୁ ଯାଉଥିବା ବେଳେ ଛାତ୍ର ସଂସଦ ନିର୍ବାଚନ ନେଇ ଏସସିବି ଅଧ୍ୟକ୍ଷଙ୍କ ତରଫରୁ ଜାରି ନିର୍ଦ୍ଦେଶନାମା ଗ୍ରହଣୀୟ ନୁହେଁ। ଏମସିଆଇ ନିୟମାବଳୀ ଅନୁସାରେ ୨୦୨୪-୨୫ ବର୍ଷ ପାଇଁ ଛାତ୍ର ସଂସଦ ନିର୍ବାଚନ କରିବାକୁ ନିର୍ଦ୍ଦେଶ ଦିଆଯାଉ ବୋଲି ଆବେଦନକାରୀଙ୍କ ତରଫରୁ ଦର୍ଶାଯାଇଥିଲା। ଆବେଦନକାରୀଙ୍କ ତରଫରୁ ଆଇନଜୀବୀ ବିପ୍ଳବ ମହାନ୍ତି ମାମଲା ପରିଚାଳନା କରୁଥିଲେ।

# ଭଡ଼ାଘରୁ ୨୮ ଲକ୍ଷ ଜବତ

**ଭଦ୍ରକ, ୯।୧୨(ସମିସ):** ଭଡା ଘରେ ଚାଲିଥିଲା ସାଂଘାତିକ କାର୍ଯ୍ୟ। ଉକ୍ତ ଭଡା ଘର ଭିତରୁ ପୁଲିସକୁ ମିଳିଛି ପୁଳା ପୁଳା ନଗଦ ଟଙ୍କା ଓ ବ୍ରାଉନସୁଗର। ଆଉ ଉକ୍ତ ଘରେ ଥିଲେ ଜଣେ ମହିଳା। ଏହା ଏକ ବ୍ରାଉନସୁଗାର ର୍ୟାକେଟ ଓ ଏହାକୁ ଉକ୍ତ ମହିଳା ଚଳାଇଥିବା ନେଇ ପୁଲିସ ସନ୍ଦେହ କରିଛି। ବ୍ରାଉନ୍‌ସୁଗର ଲିଙ୍କ ଖୋଲି ପୁଲିସ୍ ଉକ୍ତ ଘରେ ଚଢଉ କରି ୨୮ ଲକ୍ଷରୁ ଅଧିକ ଟଙ୍କା ଜବତ କରିଛି। ପ୍ରକାଶ ଥାଉକି, ଭଦ୍ରକ ଟାଉନ ଥାନା ଅଧୀନସ୍ଥ ସହରର ଏଲଖାନୟାନଗର ଗାଁରେ କନିଜା ଫାତିମା ଘରେ ବ୍ରାଉନସୁଗାର ବିକ୍ରି କରୁଥିବା ନେଇ ପୁଲିସକୁ ଆଗୁଆ ସୂଚନା ମିଳିଥିଲା। ସୂଚନା ଆଧାରରେ ଭଦ୍ରକ ଏସ୍‌ପି ମଡକର ସନ୍ଦୀପ ସମ୍ପଦଙ୍କ



## ବ୍ରାଉନସୁଗର କାରବାର ଅଭିଯୋଗରେ ମହିଳା ଅଟକ

ନିର୍ଦ୍ଦେଶକ୍ରମେ ଅତିରିକ୍ତ ଏସ୍‌ପି (ଗୁଇନ୍ଦା) ଅଂଶୁମାନ ଦ୍ୱିବେଦୀ, ଅତିରିକ୍ତ ଏସ୍‌ପି ଅରୂପ ଅଭିଷେକ ବେହେରାଙ୍କ ସହ ଟାଉନ ଥାନା ଆଇଆଇସି ଅଜୟ ସୁଦର୍ଶନ ବାଗେ, ଗ୍ରାମାଞ୍ଚଳ ଥାନା ଆଇଆଇସି ଅମିତାଭ ଦାସ ଓ ପୁରଣାବଜାର ଆଇଆଇସି ନିରୋଜ ସାମଲଙ୍କ ସହ ପୁଲିସ ଫୋର୍ସ ତଥା ମାଜିଷ୍ଟ୍ରେଟ ଭାବେ ଭଦ୍ରକ ତହସିଲଦାର ପ୍ରିୟଦର୍ଶୀ ସଂଗ୍ରାମ କେଶରୀ ଖୁଣ୍ଟିଆ ଉକ୍ତ ଘରେ ରେଡ୍ କରିଥିଲେ। ଅପରାହ୍ନ ୩ଟାରେ ଏହି ଚଢ଼ଉ ବେଳେ ଜଣେ ମହିଳା (କନିଜା ଫତମା)ଙ୍କୁ ଅଟକ ରଖାଯାଇଥିବା ବେଳ ଉକ୍ତ ଭଡ଼ାଘରୁ ୨୮ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ଟଙ୍କା ପୁଲିସ ଜବତ କରିଥିଲା। ତେବେ ଏହି ଜବତ ଟଙ୍କା ୨୮ ଲକ୍ଷ ଟଙ୍କା ହେବ ବୋଲି ଜଣାଯାଇଛି। ତେବେ ଟଙ୍କା ଗଣା ସରିନଥିବାରୁ ଏହାର ସଠିକ୍ ପରିମାଣ ପୁଲିସ କହିପାରୁନି। ମେସିନ୍ ଲାଗି ଟଙ୍କା ଗଣାଚାଲିଛି। ସେହିଭଳି ଉକ୍ତ ଘରୁ ପୁଲିସ ୫୦ଗ୍ରାମ ଭଳି ବ୍ରାଉନ ସୁଗର ଓ କେତେକ ଜମିବାଡି କାଗଜପତ୍ରକୁ ପୁଲିସ ଜବତ କରିଛି।

# ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କୁ ଜେଡ୍ ପ୍ଲସ୍ ସୁରକ୍ଷା

**ଭୁବନେଶ୍ୱର, ୯ ।୧୨(ସମିସ):** ଓଡ଼ିଶାର ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କୁ ସରକାର ଜେଡ୍ ପ୍ଲସ୍ ସୁରକ୍ଷା ଯୋଗାଇ ଦେଇଛନ୍ତି। ସେହିପରି ବିରୋଧୀ ଦଳ ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ୱାଇ ପ୍ଲସ୍ ସୁରକ୍ଷା ଯୋଗାଇ ଦିଆଯାଇଛି। ଆଜି କଂଗ୍ରେସ ବିଧାୟକ ପବିତ୍ର ସାଉଁତାଙ୍କ ପ୍ରଶ୍ନର ଉତ୍ତରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ସୂଚନା ଦେଇଛନ୍ତି।

■ ସ୍ୱୀକାର କଲେ ସରକାର

# ରାଜ୍ୟରେ ଟେଲି ସାନ୍ଦ୍ରତା ଜାତୀୟ ହାରଠୁ କମ୍

**ଭୁବନେଶ୍ୱର, ୯।୧୨(ସମିସ):** ଜାତୀୟ ହାରଠାରୁ ରାଜ୍ୟରେ ହାରାହାରି ଟେଲିକମ୍ ସାନ୍ଦ୍ରତା କମ୍ । ସୋମବାର ବିଧାନସଭାରେ ରାଜ୍ୟ ଇଲେକ୍ଟ୍ରୋନିକ୍ସ ଓ ଆଇଟି ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଏନେଇ ସ୍ୱୀକାର କରିଛନ୍ତି। ମନ୍ତ୍ରୀଙ୍କ ତଥ୍ୟ ଅନୁଯାୟୀ ବର୍ତ୍ତମାନ ରାଜ୍ୟର ହାରାହାରି ଟେଲିକମ ଘନତା ୮୦.୪୪ ପ୍ରତିଶତ ଓ ଦେଶର ଟେଲିକମ୍ ଘନତା ତୁଳନାରେ ୪.୨୫ ପ୍ରତିଶତ କମ୍। ସେହିପରି ରାଜ୍ୟର ୩୧୨୧ ଗ୍ରାମରେ ଏବେ ବି ମୋବାଇଲ ସେବା ଏବଂ ୪୨୪୬ ଗ୍ରାମରେ ଇଣ୍ଟରନେଟ ସେବା ଉପଲବ୍ଧ ନ ଥିବା ମନ୍ତ୍ରୀ ଗୃହରେ ଲିଖିତ ଉତ୍ତର ରଖିଛନ୍ତି।

■ ୩୧୨୧ ଗ୍ରାମରେ ମୋବାଇଲ ସେବା ଅପହଞ୍ଚ
■ ୪୨୪୬ ଗ୍ରାମରେ ଇଣ୍ଟରନେଟ ସେବାରୁ ବଞ୍ଚିତ

ମନ୍ତ୍ରୀ ଡ. ମହାଲିଙ୍ଗ କହିଛନ୍ତି ଯେ ରାଜ୍ୟରେ ଟେଲିକମ ଘନତା ବୃଦ୍ଧି କରିବା ପାଇଁ ଭାରତ ସରକାର ଡିଜିଟାଲ ଭାରତ ନିଧି ପ୍ରକଳ୍ପ ଅଧୀନରେ ୩ଟି ପ୍ରକଳ୍ପ କାର୍ଯ୍ୟକାରୀ କରୁଛନ୍ତି। ଏହି ୩ଟି ପ୍ରକଳ୍ପ ଯଥା ବାମପନ୍ଥୀ ଉଗ୍ରବାଦ ଅଧ୍ୟୁଷିତ ଅଞ୍ଚଳ ଫେଜ୍-୨, ଆକାଂକ୍ଷୀ ଜିଲ୍ଲା ଏବଂ ୪-ଜି ସାଚୁରେସନ ଜରିଆରେ ମୋଟ ୪୨୭୭ଟି ମୋବାଇଲ ଟାୱାର ସ୍ଥାପନ କରାଯିବାର ପ୍ରସ୍ତାବ ରହିଛି। ସେ ନିଜେ ନୂଆଦିଲ୍ଲୀରେ କେନ୍ଦ୍ର ଟେଲିକମ୍ ମନ୍ତ୍ରୀଙ୍କୁ ସାକ୍ଷାତ ଆଲୋଚନା କରି ଓଡ଼ିଶାରେ ଟେଲି ସାନ୍ଦ୍ରତା ବୃଦ୍ଧି ପାଇଁ ଅନୁରୋଧ କରିଛନ୍ତି। ଟେଲିକମ ଅପରେଟରମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ସ୍ଥାନୀୟ ସମସ୍ୟାର ସମାଧାନ ପାଇଁ ଏଡିଏମଙ୍କ ତତ୍ତ୍ୱାବଧାନରେ ଜିଲ୍ଲାସ୍ତରୀୟ ଟାସ୍କ ଫୋର୍ସ ଗଠନ କରାଯାଇ ସେହି ସବୁ ସମସ୍ୟା ଗୁଡିକର ତ୍ୱରିତ ସମାଧାନ କରାଯାଉଛି। ଏହା ଦ୍ୱାରା ମୋବାଇଲ ଟାୱାର ସ୍ଥାପନ କରିବାର ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯାଇପାରିଛି। ଏତଦ୍ ବ୍ୟତୀତ ବର୍ତ୍ତମାନ ରାଜ୍ୟରେ ପ୍ରଚଳିତ ଭାରତ ପ୍ରକଳ୍ପର କାର୍ଯ୍ୟଧାରା ସେତେ ଉନ୍ନତ ମାନର ହୋଇନଥିବାରୁ ଓ ବିଭିନ୍ନ ପରିଚାଳନାଗତ ସମସ୍ୟା ଉପଲବ୍ଧ ହେଉଥିବାରୁ, ରାଜ୍ୟ ସରକାର ଏହି ପ୍ରକଳ୍ପକୁ ଭାରତ ସରକାରଙ୍କ ଦୂରସଞ୍ଚାର ବିଭାଗକୁ ହସ୍ତାନ୍ତର କରିବାକୁ ଚୁକ୍ତିବଦ୍ଧ ହୋଇଛନ୍ତି ବୋଲି ମନ୍ତ୍ରୀ କହିଛନ୍ତି।

**୧୦ ଲକ୍ଷ ଲାଞ୍ଚ ମାମଲା**

# ୩ ଅଭିଯୁକ୍ତଙ୍କୁ ଝାଳବୁହା ଜେରା

**ଭୁବନେଶ୍ୱର, ୯ ।୧୨(ସମିସ):** ୧୦ ଲକ୍ଷ ଲାଞ୍ଚ ନେଇ ଗିରଫ ହୋଇଥିବା ଏମ୍/ଏସ୍ ବ୍ରିଜ ଆଣ୍ଡ ରୁଫ୍ କମ୍ପାନୀ (ଇଣ୍ଡିଆ) ଲିମିଟେଡ୍‌ର ଜିଜିଏମ୍ ଚଞ୍ଚଳ ମୁର୍ଖାଜୀ ଓ ଦୁଇ ବିଲ୍ଡର ସନ୍ତୋଷ କୁମାର ମହାରଣା ଓ ଦେବଦତ୍ତ ମହାପାତ୍ରଙ୍କ ଲାଗି ଅଡୁଆ ବଢ଼ିବାରେ ଲାଗିଛି। ୩ ଅଭିଯୁକ୍ତଙ୍କୁ ସିବିଆଇ ନିଜ ହେପାଜତକୁ ନେଇ ଜୋରଦାର୍ ଜେରା କରିଛି। ରିମାଣ୍ଡର ପ୍ରଥମ ଦିନରେ ଅଭିଯୁକ୍ତମାନଙ୍କୁ ମୁହାଁମୁହିଁ ଜେରା କରିବା ପରେ ଚଢ଼ଉ ପ୍ରକ୍ରିୟାକୁ ଜୋରଦାର କରିଛି।

ଅନୁରୂପ ଭାବେ ଲାଞ୍ଚ କାରବାରରେ ମଧ୍ୟସ୍ଥ ସାଜିଥିବା ଆଦିତ୍ୟ ଦେବ ଇନ୍‌ଫ୍ରା ପ୍ରାଇଭେଟ୍ ଲିମିଟେଡ୍‌ର ପରିଚାଳକ ନିର୍ଦ୍ଦେଶକ ଥିବା ଦେବଦତ୍ତଙ୍କ ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ ରହିଥିବା ସିବିଆଇ ଅଧିକାରୀ ସୂଚନା ଦେଇଛନ୍ତି। ତେଣୁ ପାହାଲରେ ଥିବା ତାଙ୍କ କାର୍ଯ୍ୟାଳୟରେ ପଶି ଖାନତଲାସୀ କରିବା ପରେ ସିଲ୍ କରିଛି ସିବିଆଇ। ଅଫିସ୍ ଭିତରୁ



## ବିଲ୍ଡର ସଂସ୍ଥା କାର୍ଯ୍ୟାଳୟ ସିଲ୍

ଜରୁରୀକାଳୀନ ଦସ୍ତାବିଜ ସହ ବହୁ ଟେଣ୍ଡର କାଗଜପତ୍ର, ବିଲ୍ ଇତ୍ୟାଦି ଜବତ କରିଛି। କାର୍ଯ୍ୟାଳୟରେ କାମ କରୁଥିବା କର୍ମଚାରୀଙ୍କୁ ତଦନ୍ତ ପରିସରଭୁକ୍ତ କରାଯାଇଛି। ଗତକାଲି ଦେବଦତ୍ତଙ୍କ ଘରୁ ମିଳିଥିବା ଡିଜିଟାଲ ଲକରରୁ ସିବିଆଇ ଟିମ୍ ଖୋଲିଥିବା ଜଣାପଡ଼ିଛି। ସେଥିରୁ ସୁନାଗହଣା, ନଗଦ ଟଙ୍କା ସହ ବହୁ କାଗଜପତ୍ର ଠାବ ହୋଇଥିବା ସୂଚନା ମିଳିଛି। କେବଳ ଦେବଦତ୍ତଙ୍କ କାର୍ଯ୍ୟାଳୟ ନୁହେଁ, ଅନ୍ୟ ଦୁଇଜଣ କାର୍ଯ୍ୟାଳୟକୁ ମଧ୍ୟ ସିଲ୍ କରାଯାଇଛି।

ସେହିପରି ଲାଞ୍ଚ କାରବାରର ପର୍ଦ୍ଦାଫାସ୍ ଲାଗି ବହୁଦିନ ହେବ ଜିଜିଏମ୍ ଚଞ୍ଚଳଙ୍କ ଗତିବିଧି ଉପରେ କଡ଼ା ନଜର ରଖାଯାଇଥିଲା। ଗଲା ୧୫ ଦିନ ହେବ ସମସ୍ତ ସିବିଆଇ ଦିଲ୍ଲୀର ଏକ ଟିମ୍ ଅଭିଯୁକ୍ତଙ୍କ ଫୋନ୍ ଟ୍ରାକିଂ କରିଥିଲା। ପୂରା ବିବରଣୀ ଅନୁଯାୟୀ ଅଭିଯୁକ୍ତଙ୍କ ମୋବାଇଲ ନମ୍ବରକୁ ଟ୍ରାକିଂ କରି ଜୟଦେବ ବିହାର ଅଞ୍ଚଳରେ ଥିବା ତାରକା ହୋଟେଲ୍ ସାମ୍‌ନାରେ ଚଢ଼ଉ କରିଥିଲା। ମର୍ସିଡିଜ୍ କାର୍ ଭିତରୁ ୧୦ ଲକ୍ଷ ଟଙ୍କା ଜବତ କରାଯାଇଥିଲା। ସରକାରୀ ବାବୁଙ୍କ ସହ ବିଲ୍ଡର୍‌ଙ୍କ ଲିଙ୍କର ଗୁମର ଖୋଲିବାକୁ ଏହି ଚଢଉ କରାଯାଇଥିବା ସିବିଆଇ ପକ୍ଷରୁ ସୂଚନା ମିଳିଛି।

# ୩ ଦିନ ପରେ ବଢ଼ିବ ଶୀତ

**ଭୁବନେଶ୍ୱର, ୯।୧୨(ସମିସ):** ପଶ୍ଚିମାଝଡ଼ ରାଜ୍ୟରେ ଶୀତର ବାଟ ଓଗାଳିଛି। ବର୍ତ୍ତମାନ ରାତିର ତାପମାତ୍ରା ସ୍ୱାଭାବିକଠାରୁ ୬ ଡିଗ୍ରୀ ଉପରେ ରହୁଛି। ମାତ୍ର ଆସନ୍ତା ୩ଦିନ ପରେ ରାଜ୍ୟରେ ତାପମାତ୍ରା ହ୍ରାସ ପାଇବାର ସମ୍ଭାବନା ରହିଛି। ବର୍ତ୍ତମାନର ତାପମାତ୍ରାଠାରୁ ୩ରୁ ୫ ଡିଗ୍ରୀ ପର୍ଯ୍ୟନ୍ତ ତାପମାତ୍ରା କମିବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ସପ୍ତାହେ ହେବ, ପଶ୍ଚିମା ଝଡ଼ ପ୍ରଭାବରେ ରାଜ୍ୟରେ କୋହଲା ପାଗ ସହ ଅଧିକାଂଶ ଜିଲ୍ଲାରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ଜାରି ରହିଛି।

# ଛାତ୍ର ବିଜେଡି ପକ୍ଷରୁ ସଭ୍ୟ ସଂଗ୍ରହ ଅଭିଯାନ




**ଭୁବନେଶ୍ୱର, ୯ ।୧୨(ସମିସ):** ବିରୋଧୀ ଦଳ ନେତା ତଥା ବିଜୁ ଜନତା ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ଆହ୍ୱାନକ୍ରମେ ବିଜୁ ଛାତ୍ର ଜନତା ଦଳର ସଭାପତି ତଥା ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀଙ୍କ ନେତୃତ୍ୱରେ ଆଜି ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ଭୁବନେଶ୍ୱର ସ୍ଥିତ ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟରେ ସଭ୍ୟ ସଂଗ୍ରହ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ ଯୋଗଦେବା ସହ ବିଜୁ ଛାତ୍ର ଜନତା ଦଳର ସଭ୍ୟ ସଦସ୍ୟତା ଅଭିଯାନରେ ସାମିଲ ହୋଇଥିଲେ। ଏହି କାର୍ଯ୍ୟକ୍ରମକୁ ବିଜୁ ଛାତ୍ର ଜନତା ଦଳର ଭୁବନେଶ୍ୱର ଜୋନ ସଭାପତି ଭଗବାନ ସାହୁ, ରାଜ୍ୟ ସାଧାରଣ ସମ୍ପାଦକ ଯୋଗେଶ ଜେନା, ସ୍ମୃତି ରଞ୍ଜନ ପଣ୍ଡା , ସମିମ୍ ଅଖତର, ରାଜ୍ୟ ସମ୍ପାଦକ ରଞ୍ଜନ ପଣ୍ଡା, ସୁଲଗ୍ନା ଦାସ, ସ୍ୱେତା ମହାନ୍ତି ପ୍ରମୁଖ ପରିଚାଳନା କରିଥିଲେ। ଏହି ଅବସରରେ ବିଜୁ ଛାତ୍ର ଜନତା ଦଳର ରାଜ୍ୟ ସଭାପତି ଦେବୀ ରଞ୍ଜନ ତ୍ରିପାଠୀ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଛାତ୍ରଛାତ୍ରୀମାନଙ୍କ ପ୍ରତି ଅବଦାନ ଏବଂ ଆଗାମୀ ଦିନରେ ବିଜୁ ଛାତ୍ର ଜନତା ଦଳର ଭୂମିକା ସମ୍ପର୍କରେ ଉଦ୍‌ବୋଧନ ଦେଇ ବିଜୁ ଛାତ୍ର ଜନତା ଦଳ ସଦା ସର୍ବଦା କ୍ୟାମ୍ପସ ସ୍ତରରେ ପିଲାମାନଙ୍କ ସହ ଯୋଡ଼ି ହୋଇ ରହିଛି ବୋଲି କହିଥିଲେ। ଏହା ସହ ସମଗ୍ର ରାଜ୍ୟରେ ବିଜୁ ଛାତ୍ର ଜନତା ଦଳ ପ୍ରତି ଛାତ୍ରଛାତ୍ରୀ ମାନେ ବହୁ ମାତ୍ରାରେ ଆସ୍ଥା ପ୍ରକଟ କରିଛନ୍ତି ତାହା ସଭ୍ୟ ସଂଗ୍ରହ ଅଭିଯାନ କାର୍ଯ୍ୟକ୍ରମରୁ ସ୍ପଷ୍ଟ ପ୍ରମାଣ ମିଳୁଛି ବୋଲି କହିଥିଲେ।

# ପୋଲାଭରମ୍ ବୁଡ଼ାଇବ ୬୪୮ ହେକ୍ଟର

**ଭୁବନେଶ୍ୱର, ୯।୧୨(ସମିସ):** ଆନ୍ଧ୍ରପ୍ରଦେଶ ସରକାରଙ୍କ ଦ୍ୱାରା ନିର୍ମାଣ କରାଯାଉଥିବା ପୋଲାଭରମ୍ ପ୍ରକଳ୍ପ ପାଇଁ ଓଡ଼ିଶାର ୬୪୮.୦୫ ହେକ୍ଟର ଜମି ହେବ ଜଳମଗ୍ନ ହେବ। ଏହାଛଡା ଏହି ପରିଯୋଜନା ଲାଗି ଛତିଶଗଡ଼ର ୭୯୫.୫୯ ହେକ୍ଟର ଜମି ଜଳମଗ୍ନ ହୋଇଯିବ ବୋଲି ଆନ୍ଧ୍ରପ୍ରଦେଶ ସରକାରଙ୍କ ଦ୍ୱାରା କରାଯାଇଥିବା ସର୍ବେକ୍ଷଣ ରିପୋର୍ଟରେ ଏହା କୁହାଯାଇଛି। ଏହି ଦୁଇ ରାଜ୍ୟର ଜଳମଗ୍ନ ହେବାକୁ ଥିବା ଜମି ସାବେରୀ ଏବଂ ସିଲେରୁ ନଦୀର ବନ୍ୟାଞ୍ଚଳ ପରିସୀମା ମଧ୍ୟରେ ରହିଛି। ଏଥିରେ ୧୦୨.୧୬ ହେକ୍ଟର ଜମି ଓଡ଼ିଶାର ଏବଂ ୦.୧୬ ହେକ୍ଟର ଜମି ଛତିଶଗଡ଼ର ସଂରକ୍ଷିତ ଜଙ୍ଗଲ କ୍ଷେତ୍ର ଅନ୍ତର୍ଭୁକ୍ତ। ଏହାସହିତ, ସର୍ଭେ ଅଫ୍ ଇଣ୍ଡିଆ ଦ୍ୱାରା କରାଯାଇଥିବା ଡିଜିଟାଲ୍ ଏଲିଭେସନ ମଡେଲ୍ (ଡିଇଏମ୍) ଅଧ୍ୟୟନ ଅନୁଯାୟୀ, ପିଆଇପି ଶେଷ ହେବା କାରଣରୁ ତେଲେଙ୍ଗାନାର ୮୦.୮୪ ହେକ୍ଟର ଜମି ଜଳମଗ୍ନ ହେବ ବୋଲି ରାଜ୍ୟସଭାରେ ବିଜେଡି ସାଂସଦ ଡ. ସସ୍ମିତ୍ ପାତ୍ର ପଚାରିଥିବା ଏକ ଅଣତାରକା ପ୍ରଶ୍ନର ଉତ୍ତରରେ କେନ୍ଦ୍ର ଜଳ ଶକ୍ତି ବିଭାଗ ରାଷ୍ଟ୍ର ମନ୍ତ୍ରୀ ରାଜଭୂଷଣ ଚୌଧୂରୀ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ, ଆନ୍ଧ୍ରପ୍ରଦେଶ ସରକାରଙ୍କ ଜଳ ସଂରକ୍ଷଣ ବିଭାଗ ଜଳ ସଂରକ୍ଷଣ ସଂରକ୍ଷଣ ଆଇନ ୨୦୦୬ଏବଂ ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ନିର୍ଦ୍ଦେଶାବଳୀ ଅନୁଯାୟୀ ନିଜ ନିଜ ରାଜ୍ୟର ପ୍ରଭାବିତ ଅଞ୍ଚଳରେ ସାର୍ବଜନୀନ ଶୁଣାଣି ଆୟୋଜନ କରିବାକୁ ରାଜ୍ୟଗୁଡ଼ିକୁ ଆମେ ଏଥିପାଇଁ ବାରମ୍ବାର ଅନୁରୋଧ କରିଛୁ। ଓଡିଶା ଏବଂ ଛତିଶଗଡରେ ପ୍ରକଳ୍ପ ପ୍ରଭାବିତ ପରିବାରଗୁଡ଼ିକ ପାଇଁ କ୍ଷତିପୂରଣ ଆର୍ ଏ ଫ୍ ସି ଟି ଏ ଲ୍ ଏ ଆର୍ ଆର୍ ଅଧିନିୟମ, ୨୦୧୩ ଅନୁଯାୟୀ ହେବ।

**ରାଜ୍ୟସଭାରେ ଓଡ଼ିଶାର ସ୍ୱର**

## ପ୍ରଭାବିତ ହେବେ ସହସ୍ରାଧିକ ପରିବାର

**ଭୁବନେଶ୍ୱର, ୯ ।୧୨(ସମିସ):** ସାମାଜିକ ଅର୍ଥନୈତିକ ସର୍ଭେ ୨୦୦୫ ଅନୁଯାୟୀ, ଇଏଲ୍ +୧୫୦ ଉଚ୍ଚତାରେ ଥିବା ଜମି ଏବଂ ସମ୍ପତ୍ତି ଜଳମଗ୍ନ ହେବାକୁ ରୋକିବାକୁ ହେଲେ ସୁରକ୍ଷା ବନ୍ଧ ଏବଂ ପ୍ରଯୁଜ୍ୟ ଜଳ ନିଷ୍କାସନ ବ୍ୟବସ୍ଥା ଅବଶ୍ୟକ। ଏହା କରା ନ ଯାଇ ପୋଲାଭରମ୍ ଇରିଗେସନ୍ ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ମାଲକାନାଗିରି ଜିଲ୍ଲାର ୮ ରାଜସ୍ୱ ଗ୍ରାମ ଏବଂ ୧ ହଜାର ପରିବାର କ୍ଷତିଗ୍ରସ୍ତ ହେବେ ବୋଲି କେନ୍ଦ୍ର ଜଳଶକ୍ତି ମନ୍ତ୍ରଣାଳୟର ରାଷ୍ଟ୍ରମନ୍ତ୍ରୀ ରାଜ ଭୂଷଣ ଚୌଧୁରୀ ରାଜ୍ୟସଭା ସାଂସଦ ନିରଞ୍ଜନ ବିଶିଙ୍କ ପ୍ରଶ୍ନରେ ଉତ୍ତର ରଖିଛନ୍ତି।

# ଭୂତଳ ଖଣିରୁ ମାତ୍ର ୩.୪୪ % କୋଇଲା ଉତ୍ତୋଳନ

**ଭୁବନେଶ୍ୱର, ୯ ।୧୨(ସମିସ) :** କୋଇଲା କମ୍ପାନୀଗୁଡ଼ିକ ଭୂତଳ ଖଣିରୁ କୋଇଲା ଉତ୍ପାଦନ ପରିବର୍ତ୍ତେ ଖୋଲାମୁହଁ ଖଣିରୁ ଅଧିକ ପରିମାଣର କୋଇଲା ଉତ୍ତୋଳନ କରାଯାଉଛି। ଭୂତଳ ଖଣିରୁ ମୋଟ ଉତ୍ତୋଳିତ କୋଇଲାର ମାତ୍ର ୩.୪୪% ଉତ୍ତୋଳନ ହେଉଛି ବୋଲି କେନ୍ଦ୍ର କୋଇଲା ଓ ଖଣିଜ ମନ୍ତ୍ରୀ ଜି.କିଶନ ରେଡ୍ଡୀ ଉତ୍ତର ରଖିଛନ୍ତି । ରାଜ୍ୟସଭାରେ ସାଂସଦ ମାନସ ମଙ୍ଗରାଜଙ୍କ ଏକ ପ୍ରଶ୍ନର ଉତ୍ତରରେ ଶ୍ରୀ ରେଡ୍ଡି କହିଛନ୍ତି ଯେ ୨୦୨୩-୨୪ ଆର୍ଥିକବର୍ଷରେ ଦେଶର ମୋଟ୍ କୋଇଲା ଉତ୍ପାଦନର ମାତ୍ର ୩.୪୪ ପ୍ରତିଶତ କୋଇଲା ଭୂତଳ ଖନନ ପଦ୍ଧତିରେ ଉତ୍ପାଦନ କରାଯାଇଛି। ଏହାକୁ ବଢାଇବାକୁ କେନ୍ଦ୍ର ସରକାର ଯୋଜନା ରଖିଛନ୍ତି। ଓପନ୍ କାଷ୍ଟ ମାଇନିଂ ଦ୍ୱାରା ବାୟୁ, ଜଳ ଏବଂ ଶବ୍ଦ ପ୍ରଦୁଷଣ ହେଉଛି। ଏହାସହ ମୃତ୍ତିକା କ୍ଷୟ, ଅଙ୍ଗାରକାମ୍ଳର ମାତ୍ର ବଢିବା, ଆବର୍ଜନା ବୃଦ୍ଧି ପାଇବା ଭଳି ସମସ୍ୟା ସୃଷ୍ଟି ହେଉଛି। ଏଭଳି ପ୍ରଦୂଷଣର ମାତ୍ରା କମାଇବାକୁ ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ପକ୍ଷରୁ ଏକ ଗାଇଡ୍‌ଲାଇନ୍ ପ୍ରସ୍ତୁତ କରାଯାଇଛି। ଏହି ଅନୁଯାୟୀ କୋଇଲା କମ୍ପାନୀ ଗୁଡ଼ିକ କାମ କରୁଛନ୍ତି ବୋଲି କୁହାଯାଇଛି। ଭୂତଳ କୋଇଲା ଖନନ ପଦ୍ଧତି ଦ୍ୱାରା ପରିବେଶ ଏବଂ ସାମାଜିକ କ୍ଷେତ୍ରରେ ପ୍ରଭାବ କମ୍ ପଡ଼ିଥାଏ। ଏହାଦ୍ୱାରା ବାୟୁ, ଜଳ ଏବଂ ଶବ୍ଦ ପ୍ରଦୁଷଣ, ମୃତ୍ତିକା କ୍ଷୟ, ଅଙ୍ଗାରକାମ୍ଳର ମାତ୍ର ବଢିବା ଭଳି ସମସ୍ୟା କମିଯାଏ ବୋଲି ମନ୍ତ୍ରୀ ଶ୍ରୀ ରେଡ୍ଡି ଉତ୍ତର ରଖିଛନ୍ତି। ଚାଇନାରେ ପ୍ରାୟ ୯୮ ପ୍ରତିଶତ କୋଇଲା ଉତ୍ପାଦନ ଭୂତଳ ଖନନ ପଦ୍ଧତିରୁ ଆସୁଥିଲା ବେଳେ ଦେଶରେ ଏଥିପାଇଁ କି ପଦକ୍ଷେପ ନିଆଯାଇଛି। ଆମ ଦେଶରେ କେତେ କୋଇଲା ଏହି ପଦ୍ଧତିରେ ଉତ୍ପାଦନ କରାଯାଉଛି ବୋଲି ଶ୍ରୀ ମଙ୍ଗରାଜ ପ୍ରଶ୍ନ କରିଥିଲେ।

# ବାଂଲାଦେଶ ଯାଉଛି ଚୋରି ମୋବାଇଲ୍

ଭୁବନେଶ୍ୱର, ୯।୧୨(ସମିସ)

ରାଜଧାନୀରୁ ଚୋରି ମୋବାଇଲ୍ ବାଂଲାଦେଶ ଚାଲାଣ କରାଯାଉଛି। ସେଠାରେ ଏହି ମୋବାଇଲ୍ ଶସ୍ତାରେ ବିକ୍ରି କରାଯାଉଛି। ରାଜ୍ୟ ବାହାରକୁ ମୋବାଇଲ୍ ପାର୍ ହେଉଥିବାରୁ ପୁଲିସ ଧରିବାରେ ବିଫଳ ହେଉଛି। ଚୋରି ହେଉଥିବା ମୋବାଇଲ୍‌ରୁ ୨୦ ପ୍ରତିଶତ ମୋବାଇଲ୍ ଧରିବାରେ ପୁଲିସ ସଫଳ ହେଉଥିବା ବେଳେ ୮୦ ପ୍ରତିଶତରେ ପୁଲିସ ବିଫଳ ହେଉଛି। ଓଡ଼ିଶାରେ ରହିଲେ ପୁଲିସ ଧରିବାର ସମ୍ଭାବନା ଥିବାରୁ ଅଭିଯୁକ୍ତ ଚାଲାକି ପଡ଼ି ଏହାକୁ ସୀମା ପାର୍ କରି ଦେଉଛନ୍ତି। ଯାହାକୁ ଧରିବାକୁ ପୁଲିସକୁ ବଡ଼ ପ୍ରତିବନ୍ଧକର ଶିକାର ହେବାକୁ ପଡୁଛି। ରାଜଧାନୀ ଏବଂ ରାଜ୍ୟର ଅନ୍ୟ ଜିଲ୍ଲାରୁ ମୋବାଇଲ୍ ଫୋନ୍ ଚୋରି କରି ପଶ୍ଚିମବଙ୍ଗକୁ ପ୍ରଥମେ ଚାଲାଣ କରାଯାଉଛି। ପରେ ନେପାଳ, ବାଂଲାଦେଶ ଚାଲାଣ କରି ଦିଆଯାଉଛି। ଚୋରି ହେଉଥିବା ମୋବାଇଲ୍ ଫୋନ୍‌କୁ ଟ୍ରାକ୍ କରିବା ପୁଲିସ ପକ୍ଷେ ସହଜ ହେଉନାହିଁ। ମୋବାଇଲ୍ ଆଇଏମ୍ଇଆଇ ନମ୍ବର ଟ୍ରାକ୍ କରିବା କିମ୍ବା ସିଡିଆର୍ ଯାଞ୍ଚ କରିବାକୁ ହେଲେ କେନ୍ଦ୍ର ଗୃହ ମନ୍ତ୍ରଣାଳୟ ମାଧ୍ୟମରେ ପଶ୍ଚିମବଙ୍ଗର କ୍ରାଇମ୍‌ବ୍ରାଞ୍ଚ ଏଡିଜିଙ୍କୁ ଚିଠି କରିବାକୁ ପଡୁଛି। ତା'ପରେ ଏହି ମୋବାଇଲ୍ ଫୋନ୍ ସମ୍ପର୍କିତ ତଥ୍ୟ କମିସନରେଟ୍ ପୁଲିସକୁ ହସ୍ତଗତ ହେଉଛି। ପୁଲିସ ଏଭଳି କୌଶଳ ଅବଲମ୍ବନ କଲେ ମଧ୍ୟ ମୋବାଇଲ୍ ଠାବ କରିବାକୁ କାଠିକର ପାଠ ହେଉଛି। ବଡ଼ କଥା ହେଲା ହାଓଡ଼ାରେ ଚୋରା ମୋବାଇଲ୍ ଆଇଏମ୍ଇଆଇ ନମ୍ବର ଓ ସିମ୍‌କୁ ବଙ୍ଗ ଭେଣ୍ଡରଙ୍କ ଦ୍ୱାରା ବଦଳାଇ ଦିଆଯାଉଛି। ଏଭଳି ପରିସ୍ଥିତିରେ ଏବେ ଚୋରା ମୋବାଇଲ୍ ଫୋନ୍ ଠାବ କରିବା କମିସନ୍‌ରେଟ୍ ପୁଲିସ ପାଇଁ ଚ୍ୟାଲେଞ୍ଜ ପାଲଟିଛି।

ରାଜ୍ୟ ଭିତରେ ଥିଲେ ଏହାକୁ ମୋବାଇଲ୍ ସର୍ଭିସ ପ୍ରୋଭାଇଡରଙ୍କ ମାଧ୍ୟମରେ ପୁଲିସ ଠାବ କରିପାରିବ। କିନ୍ତୁ ରାଜ୍ୟ ବାହାରକୁ ଚାଲିଗଲେ ଏହାକୁ ସିଧାସଳଖ ମୋବାଇଲ୍ ସର୍ଭିସ୍ ପ୍ରୋଭାଇଡରଙ୍କ ମାଧ୍ୟମରେ ଠାବ କରିବା ସମ୍ଭବପର ନୁହେଁ। ଟ୍ରାଇ ଏହା ଉପରେ କଟକଣା ଲଗାଇଛି। ଯାହାର ଫାଇଦା ନେଉଛନ୍ତି କଟକ ଓ ଭୁବନେଶ୍ୱର ପରିବା ମାର୍କେଟ, ଆର୍ମିଷ ମାର୍କେଟ ଓ ବିଭିନ୍ନ ମେଳାରୁ ମୋବାଇଲ୍ ଫୋନ୍ ଚୋରି କରୁଥିବା ଆନ୍ତଃରାଜ୍ୟ ଲୁଟେରା ଗ୍ୟାଙ୍ଗ୍। ଆହୁରି ମଧ୍ୟ ଭୁବନେଶ୍ୱରରେ ମୋବାଇଲ୍ ଚୋରି କରୁଥିବା ଏକ ରାକେଟ୍ ଅଛି। ସେମାନେ ଭୁବନେଶ୍ୱର ରେଲ୍‌ୱେ ଷ୍ଟେସନ୍, କ୍ୟାପିଟାଲ ହସ୍ପିଟାଲ, ୧ ନମ୍ବର ମାର୍କେଟ ଆଦି ସ୍ଥାନରୁ ମୋବାଇଲ୍ ଫୋନ୍ ଚୋରି ହେଉଛି। ଏହା ପରେ ଚୋର ନେଇ ବଙ୍ଗ ଭେଣ୍ଡରଙ୍କୁ ଦେଉଛନ୍ତି। ବଙ୍ଗ ଭେଣ୍ଡର ଏହି ମୋବାଇଲ୍ ଫୋନ୍‌କୁ ହାଓଡ଼ାରେ ପହଞ୍ଚାଉଛନ୍ତି। ସେଠାରୁ ଦାମୀ ଏବଂ କମ୍ ଦାମ୍‌ର ମୋବାଇଲ୍ ଫୋନ୍ ଚୟନ କରାଯାଉଛି। ଚୟନ କରାଯିବା ପରେ ଏହାର ଆଇଏମ୍ଇଆଇ ନମ୍ବର ବଦଳା ଯାଉଛି। ଚୋରି ମୋବାଇଲ୍‌ର ଫଟୋ ନେପାଳ ଏବଂ ବାଂଲାଦେଶ ଏଜେଣ୍ଟଙ୍କୁ ପଠାଯାଉଛି। ଚୋରି ମୋବାଇଲ୍ ଫୋନ୍‌କୁ ବିକ୍ରି ପାଇଁ ଏକାଧିକ ହ୍ୱାଟ୍ସଆପ୍ ଗ୍ରୁପ୍ କରାଯାଇଛି। ଏହି ଗ୍ରୁପ୍ ମାଧ୍ୟମରେ ଏକାଧିକ ଚୋରି ମୋବାଇଲ୍ ଫୋନ୍ ବିକ୍ରି କରାଯାଉଛି। ରାଜଧାନୀରେ ୩ ବର୍ଷରେ ସାଢ଼େ ୩ ହଜାର ଫୋନ୍ ଚୋରି ହୋଇଛି। ଯାହାର ପତ୍ତା କମିସନରେଟ୍ ପୁଲିସ ପାଉନି। ଏହି ମୋବାଇଲ୍‌ଗୁଡ଼ିକ ରାଜ୍ୟ ବାହାରକୁ ଚାଲାଣ ହୋଇଥିବା ସନ୍ଦେହ କରାଯାଉଛି।

**ଚୋରି ମୋବାଇଲ୍‌ରୁ ୨୦ ପ୍ରତିଶତ ମିଳୁଛି**

**ବିଦେଶରେ ବିକ୍ରି ହେଉଥିବାରୁ ଧରିପାରୁନି ପୁଲିସ**

## ଭରତପୁର ପୀଡ଼ିତାଙ୍କର ହେଲା ମିଛଧରା ପରୀକ୍ଷା !

ଭୁବନେଶ୍ୱର, ୯।୧୨(ସମିସ): ଭରତପୁର ଥାନାରେ ସେନାଧିକାରୀ ଓ ତାଙ୍କ ବାନ୍ଧବୀଙ୍କୁ ନିର୍ଯାତନା ମାମଲାରେ ତଦନ୍ତକୁ ଜୋର୍‌ଦାର୍ କରାଯାଇଛି। ନ୍ୟାୟିକ ତଦନ୍ତ ଚାଲିଥିବାବେଳେ ଏହି ମାମଲାରେ ତଦନ୍ତକୁ ଆଉ ପାଦେ ଆଗେଇଛି କ୍ରାଇମ୍‌ବ୍ରାଞ୍ଚ। ଏହି ମାମଲାରେ ପୀଡ଼ିତାଙ୍କ ପଲିଗ୍ରାଫ୍ ବା ମିଛଧରା ପରୀକ୍ଷା କରାଯାଇଥିବା ଜଣାପଡ଼ିଛି। ଭୁବନେଶ୍ୱର ଏସ୍‌ଏଫ୍‌ଏସ୍‌ଏଲ୍ ପୀଡ଼ିତାଙ୍କ ମିଛଧରା ପରୀକ୍ଷା ହୋଇଥିବା ବିଶେଷ ସୂତ୍ରରୁ ଜଣାପଡ଼ିଛି। ସୂଚନାଯୋଗ୍ୟ ଯେ, ପୂର୍ବରୁ ୫ଜଣ ନିଲମ୍ବିତ ପୁଲିସ କର୍ମଚାରୀଙ୍କ ସମେତ ୬ଜଣଙ୍କୁ ଗୁଜରାଟକୁ ନିଆଯାଇ ମିଛଧରା ଓ ଅନ୍ୟାନ୍ୟ ପରୀକ୍ଷା କରାଯାଇଥିଲା। କିଏ ସତ କହୁଛି ଓ ଆଉ କିଏ ମିଛ କହୁଛି, ସେ ବିଷୟରେ ସ୍ପଷ୍ଟତା ଆଣିବାକୁ ମିଛଧରା ପରୀକ୍ଷା କରାଯାଇଥିବା ଜଣାପଡ଼ିଛି।

# ମାନୁନାହାନ୍ତି ଡ୍ୟାନ୍ସ ବାର୍



ଭୁବନେଶ୍ୱର, ୯।୧୨(ସମିସ): ଆଗକୁ ଜିରୋ ନାଇଟ୍ ଓ ନୂଆବର୍ଷ ଆସୁଥିବାରୁ ଏବେଠାରୁ ବାର୍ ଓ ପବ୍‌ଗୁଡ଼ିକରେ ପ୍ରସ୍ତୁତ ଆରମ୍ଭ ହୋଇଗଲାଣି। ଡ୍ୟାନ୍ସ ବାର୍‌ରେ ନାଚକୁ ଅନୁମତି ନ ଥିବାବେଳେ ରାତିଅଧ ଯାଏଁ ଜମୁଛି ନାଚ ଓ ଉଡୁଛି ଟଙ୍କା। ବାର୍‌ରେ ଡ୍ୟାନ୍ସକୁ ବ୍ୟାନ୍ କରାଯିବା ସହ କେବଳ ଗୀତ ପରିବେଷଣ ହେବାକୁ ଅନୁମତି ଦେଇଛି ଅବକାରୀ ବିଭାଗ। କିନ୍ତୁ ବାର୍‌ରେ ଡ୍ୟାନ୍ସ ବ୍ୟାନ୍ ହେବା ପରେ ଆଉ ଆଗ ଭଳି ଗ୍ରାହକ ହେଉନାହାନ୍ତି। ଯେଉଁଥିପାଇଁ ବାର୍ ମାଲିକମାନେ ଗଳାବାଟ ବାଛି ନେଇଛନ୍ତି। ସେମାନେ ଭିତରୁ ସଟର ପକାଇ ବାର୍‌ରେ ଯୁବତୀଙ୍କୁ ଆଣି ଡ୍ୟାନ୍ସରେ ନିୟୋଜିତ କରିଛନ୍ତି। ଡ୍ୟାନ୍ସ ବାର୍‌ରେ ଯୁବତୀଙ୍କ ନୃତ୍ୟରେ ନିୟୋଜିତ ସହ ବିଳମ୍ବିତ ରାତି ପର୍ଯ୍ୟନ୍ତ ବାର୍ ଚଳାଇବା ସହ ଅଭିଯୋଗ ଆସୁଛି। ସେହିପରି ନିୟମ ଅନୁପାଳନ କରୁଥିବା ବାର୍‌ଗୁଡ଼ିକ ଉପରେ ଅବକାରୀ ବିଭାଗର ଛାଟ ପଡୁଛି। ନିକଟରେ ଏମ୍ବାସି, ଆମ୍ବିଆନ୍ସ ଓ ବାର୍‌ବି ଭଳି ବାର୍‌କୁ ସିଲ୍ କରିଛି ଅବକାରୀ ବିଭାଗ। ଏତିକି ନୁହେଁ, ଏକାଧିକ ବାର୍‌ଗୁଡ଼ିକୁ ସିଲ୍ କରାଯିବା ସହ ନୋଟିସ୍ ଜାରି କରାଯାଉଛି। ଦିନ କେଇଟା ପରେ ପୁଣି ବାର୍‌ଗୁଡ଼ିକ ଖୋଲୁଛି ଓ ପୂର୍ବଭଳି କାର୍ଯ୍ୟ କରୁଛି। ଅବକାରୀ ବିଭାଗ କେବଳ ଅଧିକ ସମୟ ଖୋଲିବା ସହ ନିୟମ ଖିଲାପ କରିବା ବାବଦରେ ଜରିମାନା କଷୁଛି। କିନ୍ତୁ ଅବକାରୀ ବିଭାଗ ବାର୍‌ର ଲାଇସେନ୍ସ ରଦ୍ଦ ସହ ବଡ଼ କାର୍ଯ୍ୟାନୁଷ୍ଠାନ ନେଉ ନ ଥିବା ଅଭିଯୋଗ ହେଉଛି। ସବୁଠାରୁ ବଡ଼ କଥା ହେଲା, ବିଳମ୍ବିତ ରାତି ପର୍ଯ୍ୟନ୍ତ ଡ୍ୟାନ୍ସ ବାର୍ ଚାଲୁଥିବାରୁ ନିଶାଚୂର୍ ଅବସ୍ଥାରେ ଘରକୁ ଫେରୁଛନ୍ତି। ବାର୍ ସାମ୍ନାରେ ମାରପିଟ୍ ସହ ଅପ୍ରୀତିକର ପରିସ୍ଥିତି ଦେଖାଯାଉଛି। ରାତିରେ ଦୁର୍ଘଟଣାହାର ବଢ଼ିବା ସହ ବାର୍ ସାମ୍ନାରେ ରକ୍ତମୁଖା ହେଉଛନ୍ତି ଗ୍ରାହକ। କେଉଁଠି ଯୁବତୀଙ୍କୁ ଅସଦାଚରଣ ତ ଆଉ କେଉଁଠି ବାର୍ ଭିତରେ ହାତାହାତି ପରିସ୍ଥିତି ଉପୁଜୁଛି। ବାର୍‌ରେ ସିଗାରେଟ୍ ଟାଣିବାକୁ ଅନୁମତି ମିଳିନି। କିନ୍ତୁ ଗ୍ରାହକ ସିଗାରେଟ୍ ଟାଣିବାରୁ ବାର୍‌ରେ ନିୟୋଜିତ ସୁରକ୍ଷାକର୍ମୀଙ୍କ ସହ ଧସ୍ତାଧସ୍ତି ହେଉଛି।

**ପ୍ରହସନ ପାଲଟିଛି ବାର୍ ସିଲ୍**

### ସିସିଟିଭି ଅଚଳ ହେଲେ ଡ୍ୟାନ୍ସ ବାର୍ ବନ୍ଦ

ବାର୍ ପରିସରରେ ଲାଗିବ ସିସିଟିଭି କ୍ୟାମେରା, ଯାହାକି ସଙ୍ଗୀତ ପ୍ରଦର୍ଶନ ହେଉଥିବା ଷ୍ଟେଜ୍‌କୁ ଭଲଭାବେ ରେକର୍ଡିଂ କରିପାରୁଥିବ। ଏହି କ୍ୟାମେରା ୨୪ଘଣ୍ଟା ଅନ୍ ରହିବ ତଥା ସେଥିରେ କୌଣସି ପ୍ରକାରର ଟ୍ୟାମ୍ପରିଂ କରାଯିବ ନାହିଁ। ଏହି ସିସିଟିଭି କ୍ୟାମେରାର ହାର୍ଡ ଡିସ୍କରେ ଅତିକମ୍‌ରେ ୯୦ଦିନ ରେକର୍ଡିଂ ଗଚ୍ଛିତ ରହିବାର ସୁବିଧା ଥିବା ଜରୁରୀ। ସିସିଟିଭି ଫୁଟେଜ୍‌ର ରେକର୍ଡିଂକୁ ସ୍ଥାନୀୟ ପୁଲିସ୍ ଥାନା ଅଧିକାରୀ ଓ ଅବକାରୀ ଥାନା ଅଧିକାରୀଙ୍କ ନିକଟରେ ଉପଲବ୍ଧ କରାଇବେ। ଆଉ ଯେପର୍ଯ୍ୟନ୍ତ ସିସିଟିଭି ଠିକ୍ ନ ହୋଇଛି ସେପର୍ଯ୍ୟନ୍ତ ନୃତ୍ୟଗୀତ କାର୍ଯ୍ୟକ୍ରମ ବନ୍ଦ ରହିବ। ଯଦି କୌଣସି କାରଣରୁ ସିସିଟିଭି ଖରାପ ହୋଇଯାଏ, ତା'ହେଲେ ସମ୍ପୃକ୍ତ ବାର୍ ମାଲିକ ତୁରନ୍ତ ନିଜ ଅଞ୍ଚଳର ଅବକାରୀ ଅଧିକାରୀ ଓ ଥାନା ଅଧିକାରୀଙ୍କୁ ଅବଗତ କରାଇବେ। ଡ୍ୟାନ୍ସ ବାର୍ ବିରୋଧରେ ଅଭିଯୋଗ ଆସିଲେ, ଅବକାରୀ କିମ୍ବା ପୁଲିସ ସିସିଟିଭି ଯାଞ୍ଚ କରିବେ। ଯଦି ସିସିଟିଭି କାର୍ଯ୍ୟକ୍ଷମ ହେଉ ନ ଥିବ ବାର୍ ଲାଗି ଅଡୁଆ ବଢ଼ିବ। ବାର୍‌କୁ ସିଲ୍ କରାଯିବା ସହ ମାଲିକ ବିରୋଧରେ ମାମଲା ରୁଜୁ କରାଯିବା ନେଇ ଅବକାରୀ ବିଭାଗର ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି।

# ଟାର୍ଗେଟ୍‌ରେ ଆପାର୍ଟମେଣ୍ଟ



ଧଉଳି, ୯।୧୨(ସମିସ): ପୁଣି ଲୁଟେରାଙ୍କ ଟାର୍ଗେଟରେ ବହୁତଳ କୋଠା। ଘର ମାଲିକଙ୍କ ଅନୁପସ୍ଥିତିର ସୁଯୋଗ ନେଇ କଳାକନା ବୁଲାଉଛନ୍ତି ଲୁଟେରା। ଗତ କିଛି ଦିନ ତଳେ ପିପିଲି ଥାନା କେଇସି କଲେଜ ସମ୍ମୁଖରେ ଥିବା ଏକ ବହୁତଳ କୋଠାରେ ରହୁଥିବା ୪ ଜଣଙ୍କ ଘରୁ ଚୋରି ହୋଇଥିବାବେଳେ ବାଲିଅନ୍ତା ଥାନା ରଙ୍ଗବଜାରରେ ଥିବା ଏକ ବହୁତଳ କୋଠାରୁ ମଧ୍ୟ ଚୋରି ହୋଇଥିଲା। ଘଟଣା ଘଟିବା ପରେ ପୁଲିସ ଛାନଭିନ୍ କରିବା ସହ ପାଟ୍ରୋଲିଂ ଗାଡ଼ି ବିଭିନ୍ନ ଅଞ୍ଚଳରେ ଘନ ଘନ ପଇଁତରା ମାରିଥିଲା। ପିପିଲି ପରେ ବାଲିଅନ୍ତା ପୁଲିସକୁ ଲୁଟେରା ଚକମା ଦେଖାଇଥିଲେ। ଏବେ ଧଉଳି ଥାନା ଅଞ୍ଚଳରେ ଏକ ବହୁତଳ କୋଠାରୁ ଲୁଟ୍ କରିଛନ୍ତି ଲୁଟେରା। ପାଖାପାଖି ୧୦୦ ଗ୍ରାମର ସୁନା ଅଳଙ୍କାର (ଯାହାର ମୂଲ୍ୟ ୭ରୁ ୮ ଲକ୍ଷ ଟଙ୍କା ହେବ) ଓ ନଗଦ ୪୦ ହଜାର ଟଙ୍କା ଲୁଟ୍ କରିଛନ୍ତି। ଘଟଣାଟି ଧଉଳି ଥାନା ଅଞ୍ଚଳରେ ଏବେ ଚର୍ଚ୍ଚାର ବିଷୟ ପାଲଟିଛି।

ଖବର ନେବାରେ ଜଣାପଡ଼ିଛି ଯେ, ବାଳକୃଷ୍ଣ ପାଣିଗ୍ରାହୀ ନାମକ ଜଣେ ବ୍ୟକ୍ତି ଏହି ଥାନା ଅଧୀନ ଧଉଳି ଟ୍ରାଫିକ୍ ଛକ ନିକଟରେ ଥିବା ବାପୁଜୀ ହାଇଟର ତୃତୀୟ ମହଲା ୩୦୪ ନମ୍ବର ଫ୍ଲାଟରେ ଦୀର୍ଘ ୭ ବର୍ଷ ହେଲାଣି ଭଡ଼ା ସୂତ୍ରରେ ରହୁଛନ୍ତି। ସେ ସ୍ଥାନୀୟ ଏକ ଘରୋଇ କଲେଜର ଅଧ୍ୟକ୍ଷ ଭାବେ କର୍ଯ୍ୟରତ ଅଛନ୍ତି। ଗତ ୪ ତାରିଖରେ ସେ ବ୍ୟକ୍ତିଗତ କାମରେ ଭବାନୀପାଟଣା ଯାଇଥିଲେ। ସୋମବାର ସକାଳେ ତାଙ୍କ ଘରର ମୁଖ୍ୟ କବାଟ ତାଲା ଭାଙ୍ଗିଥିବା ପଡ଼ୋଶୀଙ୍କଠାରୁ ଶ୍ରୀ ପାଣିଗ୍ରାହୀ ଖବର ପାଇଥିଲେ। ସେ ଭବାନୀପାଟଣାରେ ଥିବାରୁ ସଙ୍ଗେ ସଙ୍ଗେ ଆସିବା ସମ୍ଭବ ନ ହେବାରୁ ସେ କଲେଜର କିଛି କର୍ମଚାରୀଙ୍କୁ ସେଠାକୁ ପଠାଇଥିଲେ। ସେମାନେ ବହୁତଳ କୋଠାର ମାଲିକଙ୍କ ଉପସ୍ଥିତିରେ ଘର ଖୋଲିବା ପରେ ଆଲମିରାର ଲକର ଭାଙ୍ଗିଥିବା ସହ ଜିନିଷଗୁଡ଼ିକ ଚାରିଆଡ଼େ ବିଛାଡ଼ି ହୋଇ ପଡ଼ିଥିବା ଦେଖିବାକୁ ପାଇଥିଲେ। ପରେ ସେମାନେ ସେଠାରେ ଲାଗିଥିବା ସିସିଟିଭି ଫୁଟେଜ୍ ପରଖିଥିଲେ। ସେଥିରେ ୪ ଜଣ ଦୁର୍ବୃତ୍ତ ମୁହଁରେ କଳା କପଡ଼ା ବାନ୍ଧି ଉକ୍ତ ଘରେ ପଶିଥିବା ଦେଖିବାକୁ ପାଇଥିଲେ। ଏହାର କିଛି ସମୟ ପରେ ଅର୍ଥାତ୍ ଦୁର୍ବୃତ୍ତମାନେ ଯିବାପରେ ଏଠାରେ ନିୟୋଜିତ ସୁରକ୍ଷା କର୍ମୀ ଆସିଥିଲେ। ଅନ୍ୟପଟେ ପୂର୍ବାହ୍ନ ୧୧ଟାରେ ଶ୍ରୀ ପାଣିଗ୍ରାହୀ ପହଞ୍ଚି ଘର ଯାଞ୍ଚ କରିବା ସହ ଥାନାରେ ଅଭିଯୋଗ କରିଥିଲେ। ପୁଲିସ ଅଭିଯୋଗ ପାଇ ତଦନ୍ତ କରିଥିବାବେଳେ ସିସିଟିଭି ଫୁଟେଜ୍ ମଧ୍ୟ ଯାଞ୍ଚ କରିଥିଲେ। ମାତ୍ର ସେଥିରେ ଚୋରିର ଦୃଶ୍ୟ କଟିଯାଇଥିବା ଜାଣିବାକୁ ପାଇଥିଲେ। କିଛି ସମୟ ପୂର୍ବରୁ ଚୋରିର ଦୃଶ୍ୟ ଦେଖାଯାଇଥିବା ବେଳେ ଏହାପରେ ସେସବୁ କଟିଯିବା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହେବା ସହ ସୁରକ୍ଷା କର୍ମୀଙ୍କ ଉପରେ ସନ୍ଦେହ ଉପୁଜିଛି। ସେହିପରି ଦୁର୍ବୃତ୍ତମାନେ ଚୋରି କରିବା ପରେ ସୁରକ୍ଷା କର୍ମୀ ସେଠାକୁ ଯିବା ଓ ସିସିଟିଭିରୁ ଚୋରିର ଦୃଶ୍ୟ କଟିଯିବା ଘଟଣା ସୁରକ୍ଷା କର୍ମୀଙ୍କ ପ୍ରତି ସନ୍ଦେହକୁ ଆହୁରି ଦୃଢ଼ୀଭୂତ କରିଛି। ଏହି ଚୋରିରେ ସୁରକ୍ଷା କର୍ମୀଙ୍କ ହାତ ଥିବା ଶ୍ରୀ ପାଣିଗ୍ରାହୀ ଅଭିଯୋଗ ପତ୍ରରେ ମଧ୍ୟ ଦର୍ଶାଇଛନ୍ତି। ପୁଲିସ ଅଭିଯୋଗକୁ ଆଧାର କରି ତଦନ୍ତ ଚଳାଇଛି।

**ସନ୍ଦେହରେ ସୁରକ୍ଷାକର୍ମୀ**



# ରାତିରେ ଆତଙ୍କ ଖେଳାଉଛନ୍ତି ଖଣ୍ଡାଧାରୀ

ଭୁବନେଶ୍ୱର, ୯।୧୨ (ସମିସ): ରାତିର ରାଜଧାନୀରେ ଆତଙ୍କ ଖେଳାଉଛନ୍ତି ଖଣ୍ଡାଧାରୀ। ଖଣ୍ଡା ଦେଖାଇ ଭୟଭୀତ କରିବା ସହିତ ଲୁଟପାଟ କରୁଛନ୍ତି। ରବିବାର ରାତିରେ ଦୁଇ ଜଣ ଖଣ୍ଡାଧାରୀଙ୍କୁ କାବୁ କରିଛି ଖାରବେଳ ନଗର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛନ୍ତି ବଡ଼ଗଡ଼ କେନାଲ ରୋଡର ଦିପୁନା ନାୟକ (୨୫) ଓ ମଇଁଷିଖାଲ ବସ୍ତିର ରାକେଶ ନାୟକ (୨୦)।

ପୁଲିସ ସୂଚନା ଅନୁସାରେ, ରବିବାର ଖାରବେଳ ନଗର ଥାନାର ଏକ ଟିମ୍ ସତ୍ୟନଗର ଅଞ୍ଚଳରେ ପାଟ୍ରୋଲିଂ କରୁଥିଲେ। ରାତି ପ୍ରାୟ ୨ଟା ସମୟରେ ଦିପୁନା ଓ ରାକେଶ କ୍ୟାପିଟାଲ ହାଇସ୍କୁଲ ନିକଟସ୍ଥ ଅନ୍ଧାରୁଆ ସ୍ଥାନରେ ବାଇକରେ ମାରଣାସ୍ତ୍ର ଧରି ବୁଲୁଥିବା ପୁଲିସ ଟିମ୍ ଖବର ପାଇଥିଲା। ଘଟଣାସ୍ଥଳକୁ ଯାଇ ଦେଖିବା ବେଳକୁ ଦିପୁନା ଓ ରାକେଶ ମିଶି ଜଣେ ବାଇକ୍ ଆରୋହୀଙ୍କୁ ଖଣ୍ଡା ଦେଖାଇ ମନିପର୍ସ ମାଗୁଥିଲେ। ସେଠାରେ ପୁଲିସ ଟିମକୁ ଦେଖି ଅଭିଯୁକ୍ତ ଦୁହେଁ ଘଟଣାସ୍ଥଳରୁ ଖସିଯିବାକୁ ଚେଷ୍ଟା କରିଥିଲେ। ହେଲେ ପୁଲିସ ତାଙ୍କୁ କାବୁ କରିଥିବାବେଳେ ବାଇକ୍ ଆରୋହୀ ଭୟରେ ସେଠାରୁ ପଳାଇଥିଲେ। ସେମାନଙ୍କ ହେପାଜତରୁ ଗୋଟିଏ ଖଣ୍ଡା ଓ ବାଇକ୍ ଜବତ କରି ଥାନାକୁ ଉଠାଇ ଆଣିଥିଲା ପୁଲିସ। ସେମାନେ ବିଳମ୍ବିତ ରାତିରେ ଯାତ୍ରୀମାନଙ୍କଠାରୁ ଡକାୟତି କରିବା ପାଇଁ ବୁଲୁଥିଲେ ବୋଲି ପୁଲିସ ଆଗରେ ସ୍ୱୀକାର କରିଥିଲେ। ଏନେଇ ଖାରବେଳ ନଗର ଥାନା ପୁଲିସ ଏକ ମାମଲା ରୁଜୁ କରି ଦୁଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି।

**ଦୁଇ ଗିରଫ; ଖଣ୍ଡା ଓ ବାଇକ୍ ଜବତ**

## ମାଡ଼ମାରି ମୋବାଇଲ୍ ଲୁଟ୍; ଅଭିଯୁକ୍ତ ଗିରଫ



ଭୁବନେଶ୍ୱର, ୯।୧୨ (ସମିସ): ମାଡ଼ମାରି ମୋବାଇଲ୍ ଲୁଟି ନେଇଥିବା ଅଭିଯୋଗର ଲକ୍ଷ୍ମୀସାଗର ଥାନା ପୁଲିସ ଜଣକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଉଛି ଫାଳିକିଆ ବସ୍ତିର ଶନିଆ କୁଞ୍ଜି (୨୪)। ପୁଲିସ ସୂଚନା ଅନୁସାରେ, ଗତ ଶନିବାର ରାତିରେ ଅନିଲ କୁମାର ପାତ୍ର ରାଜମହଲ ଛକରେ ଥିବା ତାଙ୍କ ହୋଟେଲରୁ କାମ ସାରି ଘରକୁ ଫେରୁଥିଲେ। ସେ କଳ୍ପନା ଛକ ଫଳ ଦୋକାନ ନିକଟରେ ପହଞ୍ଚିଥିବାବେଳେ ଶନିଆ ତାଙ୍କୁ ଆକ୍ରମଣ କରିବା ସହ ମୋବାଇଲ୍ ଫୋନ୍ ଛଡ଼ାଇ ନେଇଥିଲା। ଏନେଇ ଅନିଲ ଲକ୍ଷ୍ମୀସାଗର ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରିଥିଲା। ବନଫୁଲ ବସ୍ତିରୁ ଶନିଆକୁ ଗିରଫ କରିବା ସହିତ ତା' ହେପାଜତରୁ ମୋବାଇଲ୍ ଫୋନ୍ ଜବତ କରିଥିଲା। ସେ ଜଣେ ଅଭ୍ୟାସଗତ ଅପରାଧୀ ହୋଇଥିବାବେଳେ ତା' ନାମରେ ଲକ୍ଷ୍ମୀସାଗର, କ୍ୟାପିଟାଲ ଓ ଜିଆରପି କଟକ ଥାନାରେ ୧୬ଟି ଅପରାଧିକ ମାମଲା ରହିଥିବା ତଦନ୍ତବେଳେ ଜଣାପଡ଼ିଥିଲା।



# ପୁଲିସ ବିରୋଧରେ ଗଡୁଛି ୮ ହଜାର ମାମଲା

ଭୁବନେଶ୍ୱର, ୯।୧୨(ସମିସ): ପିପୁଲ୍ସ ଫ୍ରେଣ୍ଡଲି ହୋଇପାରୁନି ପୁଲିସ। ଲୋକଙ୍କ ସେବା କରିବା ପରିବର୍ତ୍ତେ ଲୋକଙ୍କୁ ନିର୍ଯାତନା ଦେଉଛନ୍ତି। ଯେଉଁଥିପାଇଁ ରାଜ୍ୟ ପୁଲିସ ଉପରୁ ଲୋକଙ୍କ ଭରସା ତୁଟି ଯାଉଛି। ଯାହା ରାଜ୍ୟ ମାନବାଧିକାର କମିସନ(ଓଏଚ୍‌ଆର୍‌ସି)ରେ ପଡ଼ିରହିଥିବା ୧୫ ହଜାର ମାମଲା ମଧ୍ୟରୁ ୮ ହଜାର ମାମଲା କେବଳ ପୁଲିସ ବିରୋଧରେ ବୋଲି ଜଣାପଡ଼ିଛି। ୨୦୨୦ରେ ରୁଜୁ ୨୯୧୦ଟି ମାମଲା ମଧ୍ୟରୁ ପୁଲିସ ବିରୋଧରେ ୭୦୦ରୁ ଉର୍ଦ୍ଧ୍ୱ ମାମଲା ଥିବା ଜଣାପଡ଼ିଛି। ସେହିପରି ୨୦୨୧ ଓ ୨୦୨୨ରେ ମଧ୍ୟ ପୁଲିସ ବିରୋଧରେ ଅଭିଯୋଗର ଫର୍ଦ୍ଦ ବଢ଼ିଛି। ମଙ୍ଗଳବାର ମାନବାଧିକାର ଦିବସ ଥିବାବେଳେ ଏଭଳି ରିପୋର୍ଟ ପୁଲିସର ଅସଲ ଚେହେରା ପଦାରେ ପକାଇଛି।

ଦ୍ୱୈତନଗରୀ ଭୁବନେଶ୍ୱର ଓ କଟକରେ କମିସନରେଟ୍ ପୁଲିସ ବିରୋଧରେ ୮ ବର୍ଷରେ ଆସିଛି ୯୯ ଅଭିଯୋଗ। କେବଳ ୭୪ ଜଣ ଇନ୍ସପେକ୍ଟରଙ୍କ ନାଁରେ ପିଟିସନ୍ ହୋଇଛି। ଫଳରେ ମାନବାଧିକାର ଦିବସ ପୂର୍ବରୁ ପୁଲିସ ପାଇଁ ବଢ଼ିଛି ଚିନ୍ତା। କିଛିଦିନ ତଳେ ଭରତପୁର ଥାନା ପାଇଁ ସାରା ଦେଶରେ ବଦନାମର ବୋଝ ମୁଣ୍ଡାଇଥିଲା କମିସନରେଟ୍ ପୁଲିସ। ଜଣେ ଯୁବତୀ ତାଙ୍କ ପୁରୁଷ ବନ୍ଧୁଙ୍କ ସହ ବିଳମ୍ବିତ ରାତିରେ ଫେରୁଥିବାବେଳେ ତାଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିଲେ ରୋଡ୍ ରୋମିଓ। ଏ ନେଇ ସେ ଥାନାକୁ ଯାଇଥିବାବେଳେ, ତାଙ୍କୁ ଥାନାଧିକାରୀ ନିର୍ଯାତନା ଦେଇଥିବା ଅଭିଯୋଗ ହୋଇଥିଲା। ପ୍ରବଳ ତୁମ୍ବିତୋଫାନ ପରେ ବର୍ତ୍ତମାନ କମିସନ ଦ୍ୱାରା ଏହି ଘଟଣା ବିଚାରାଧୀନ ରହିଛି। ଓଏଚ୍‌ଆର୍‌ସିରେ ନ୍ୟାୟ ଅପେକ୍ଷାରେ ୧୫ ହଜାର ମାମଲା ଗଡୁଥିବାବେଳେ ସେଥିମଧ୍ୟରୁ ୮ ହଜାର ମାମଲା କେବଳ ପୁଲିସ ବିରୋଧରେ। ୧୩ଟି ହାଜତ ମୃତ୍ୟୁ ଓ ଏନ୍‌କାଉଣ୍ଟର ମାମଲାରେ ମୃତକଙ୍କ ପରିବାରକୁ ୨୬ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା କ୍ଷତିପୂରଣ ଦିଆଯାଇଛି। ସେହିପରି ଅଭିଯୁକ୍ତଙ୍କୁ ଅମାନୁଷିକ ଭାବେ ଦଣ୍ଡ ଦେବା ଓ ପରିବାର ଲୋକଙ୍କୁ ମାନସିକ ଅତ୍ୟାଚାର କରିବା ଘଟଣାରେ ୧୭୦୦ ମାମଲା ବିଚାରାଧୀନ ରହିଛି। କମିସନରେଟ୍ ପୁଲିସରେ ମଧ୍ୟ ସମଦଶା ଦେଖିବାକୁ ମିଳିଛି। ବିଗତ ୮ ବର୍ଷ ମଧ୍ୟରେ ପୁଲିସ ବିପକ୍ଷରେ ଆସିଛି ୯୯ ଅଭିଯୋଗ। ତଦନ୍ତ ନ ହୋଇ ଏଯାଏଁ ପଡ଼ି ରହିଛି ୩୯ ମାମଲା। ସେହିପରି ଟ୍ୱିନ୍ ସିଟିର ୭୪ଜଣ ଇନ୍ସପେକ୍ଟରଙ୍କ ବିରୋଧରେ ପିଟିସନ ପଡ଼ିଛି। ବାରମ୍ବାର ପୁଲିସ ଡିଜି ଲୋକଙ୍କ ସହ ସୁସମ୍ପର୍କ ରଖିବା ପାଇଁ ପୁଲିସଙ୍କୁ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ତଳିଆ କର୍ମଚାରୀଙ୍କ ବ୍ୟବହାର ଲୋକଙ୍କୁ ଅତିଷ୍ଠ କରୁଥିବା ଦେଖାଯାଇଛି। ଏଣୁ ଲୋକଙ୍କ ସହ ସୁସମ୍ପର୍କ ସ୍ଥାପନ ଓ ଅଭିଯୁକ୍ତଙ୍କୁ ମୁଖ୍ୟ ସ୍ରୋତକୁ ଆଣିବାକୁ ହେଲେ ପୁଲିସ ତା'ର କାର୍ଯ୍ୟଶୈଳୀ ଓ ବ୍ୟବହାରରେ ପରିବର୍ତ୍ତନ ଆଣିବା ଆବଶ୍ୟକ ବୋଲି କହିଛନ୍ତି ମାନବାଧିକାର କାର୍ମୀ। ସେହିପରି ପୁଲିସ ମଧ୍ୟ ଏବେ ବି ଲୋକଙ୍କୁ ଉତ୍ତମ ବ୍ୟବହାର ଦେଖାଉନାହିଁ। ଥାନାକୁ ଯଦି କେହି ସାଧାରଣ ଲୋକ ନ୍ୟାୟ ପାଇଁ ଗଲେ ପୁଲିସ ଗାଳିଗୁଲଜ କରିବା ସହ ତଡ଼ି ଦେଉଥିବା ଦେଖିବାକୁ ମିଳିଛି। ଅନେକଙ୍କୁ ମଧ୍ୟ ବିନା କାରଣରେ ଥାନା ଭିତରେ ନିର୍ଯାତନା ଦେଉଛି। ନିର୍ଯାତନା ଦେଉଥିବା ପୁଲିସ ବିରୋଧରେ ଉପରିସ୍ଥ ଅଧିକାରୀଙ୍କ ନିକଟରେ ଅଭିଯୋଗ କଲେ ମଧ୍ୟ ସେମାନେ କିଛି ବୁଝୁନାହାନ୍ତି। ଯେଉଁଥିପାଇଁ ସେମାନେ ମାନବାଧିକାର ଆୟୋଗରେ ଅଭିଯୋଗ କରୁଛନ୍ତି। ଏବେ ବି ମଧ୍ୟ ସିପି ଗ୍ରିଭାନ୍ସ ଏବଂ ଡିସିପି ଗ୍ରିଭାନ୍ସରେ ଏକାଧିକ ପୁଲିସଙ୍କ ନାମରେ ଅଭିଯୋଗ ହୋଇଛି। ତଥାପି ସେମାନଙ୍କ ବିରୋଧରେ କିଛି ବି କାର୍ଯ୍ୟାନୁଷ୍ଠାନ ନିଆଯାଉନି। କେବଳ ସେମାନଙ୍କୁ ଗୋଟିଏ ପୁଲିସ ଜିଲ୍ଲାରୁ ଅନ୍ୟ ଏକ ପୁଲିସ ଜିଲ୍ଲାକୁ ବଦଳି କରି ଦିଆଯାଉଛି।

**ଓଏଚ୍‌ଆର୍‌ସିରେ ପଡ଼ିରହିଛି ୧୫ ହଜାର ମାମଲା**

**ଟ୍ୱିନ୍ ସିଟିରେ ୮ ବର୍ଷରେ ୯୯ ଅଭିଯୋଗ ଆସିଛି**



## ଆଜି ଛତିଶା ନିଯୋଗ ବୈଠକ

# ପହିଲି ଭୋଗ ନୀତିରେ ବାଜିବ ମୋହର

**ପୁରୀ, ୯।୧୨(ସମିସ):** ଛତିଶା ନିଯୋଗ ବୈଠକ ମଙ୍ଗଳବାର ଅନୁଷ୍ଠିତ ହେବ। ଅପରାହ୍ଣ ସାଢ଼େ ୫ଟାରେ ଶ୍ରୀମନ୍ଦିର କାର୍ଯ୍ୟାଳୟରେ ବସିବାକୁ ଥିବା ଏହି ବୈଠକରେ ପହିଲି ଭୋଗ





ନୀତିରେ ମୋହର ବାଜିବ। ଆସନ୍ତା ୧୬ ତାରିଖ ଅର୍ଥାତ୍ ଧନୁ ସଂକ୍ରାନ୍ତିରୁ ଶ୍ରୀମନ୍ଦିରରେ ପହିଲି ଭୋଗ ଆରମ୍ଭ ହୋଇ ମକର ସଂକ୍ରାନ୍ତି ପୂର୍ବଦିନ ପର୍ଯ୍ୟନ୍ତ ଚାଲିବ। ତେଣୁ ଶ୍ରୀମନ୍ଦିରରେ ଏହି ପହିଲି ଭୋଗ କିପରି ନିର୍ଘଣ୍ଟ ସମୟରେ ସମ୍ପନ୍ନ ହେବ, ତାହା ନୀତି ସବ୍-କମିଟି ବୈଠକରେ ନିର୍ଘଣ୍ଟ ନୀତିକାନ୍ତି ସମ୍ପର୍କରେ ଆଲୋଚନା କରାଯାଇ ମୋହର ବାଜିବ। ଏତଦ୍‌ବ୍ୟତୀତ ଜାନୁଆରୀ ୧୩ତାରିଖରେ ଦେବାଭିଷେକ ପୂର୍ଣ୍ଣିମା ନୀତି ଏବଂ ୧୪ ତାରିଖରେ ମକର ସଂକ୍ରାନ୍ତି ରହିଛି। ତେଣୁ ବୈଠକରେ ଉପରୋକ୍ତ ଦୁଇ ନୀତି ଉପରେ ଆଲୋଚନା କରାଯାଇ ଚୂଡ଼ାନ୍ତ ହେବ।

ଅନ୍ୟପକ୍ଷରେ ଛତିଶା ନିଯୋଗ ବୈଠକରେ ରତ୍ନଭଣ୍ଡାର ମରାମତି ନେଇ ହେବ ଆଲୋଚନା। ଏଏସ୍ଆଇକୁ ରତ୍ନଭଣ୍ଡାର ମରାମତି ପାଇଁ ଅନୁମତି ଦିଆଯାଇଛି। ହେଲେ କେଉଁ ସମୟରେ ଏଏସ୍ଆଇ ମରାମତି କରିବ, ତାହା ଚୂଡ଼ାନ୍ତ ହୋଇନାହିଁ। ଏହି ମରାମତି ସମୟରେ ଯେପରି ଭକ୍ତଙ୍କ ଦର୍ଶନ ଏବଂ ମହାପ୍ରଭୁଙ୍କ ନୀତିକାନ୍ତି ବ୍ୟାଘାତ ନ ହେବ, ସେହିଭଳି ସମୟ ବାହାର କରିବାକୁ ପଡ଼ିବ। ତେଣୁ ଛତିଶା ନିଯୋଗରେ ଏହା ଉପରେ ବିସ୍ତୃତ ଭାବେ ଆଲୋଚନା କରାଯିବ

### ରତ୍ନଭଣ୍ଡାର ମରାମତି ନେଇ ହେବ ଆଲୋଚନା

ଏଏସ୍ଆଇକୁ ଦୈନିକ କେତେ ଘଣ୍ଟା ଏବଂ କେଉଁ ସମୟ ଦିଆଯିବ ତାହା ସ୍ଥିର ହେବା ସମ୍ଭାବନା ରହିଛି।

ସୂଚନାଥାଉ କି, ଏଏସ୍ଆଇ ଆସନ୍ତା ୧୬ ତାରିଖରୁ ରତ୍ନଭଣ୍ଡାର ମରାମତି କାମ ଆରମ୍ଭ କରିବା ପାଇଁ ନିଜକୁ ପ୍ରସ୍ତୁତ କରିଛି। ଦୈନିକ ୫/୬ ଘଣ୍ଟା ସମୟ ଦେବାକୁ ମନ୍ଦିର ପ୍ରଶାସନକୁ ଜଣାଇଛି। ହେଲେ ଏ ନେଇ ଛତିଶା ନିଯୋଗରେ ଚୂଡ଼ାନ୍ତ ନିଷ୍ପତ୍ତି ହେବ।

## ଆଜିଠୁ ମହୋଦଧି ଦିବସ

**ପୁରୀ, ୯।୧୨(ସମିସ):** ମଙ୍ଗଳବାରଠାରୁ ପୁରୀ ବେଳାଭୂମିରେ ଅନୁଷ୍ଠିତ ହେବ ତିନିଦିନିଆ ମହୋଦଧି ଦିବସ। ଏହି ଅବସରରେ ବିଚ୍ ଓସନ ସ୍ପୋର୍ଟ୍ସ କାର୍ଣ୍ଣିଭାଲ ଅନୁଷ୍ଠିତ ହେବ। ଏଥିପାଇଁ

### ପୁରୀରେ ପହଞ୍ଚିଲେ ଶ୍ରୀଲଙ୍କା ଖେଳାଳି

ସୋମବାର ଶ୍ରୀଲଙ୍କା ଟିମ୍ ପୁରୀରେ ପହଞ୍ଚିଛନ୍ତି। ସେମାନଙ୍କୁ ମହୋଦଧି ଦିବସ ଅଭ୍ୟର୍ଥନା ଟିମ୍ ପକ୍ଷରୁ ସ୍ୱାଗତ କରାଯାଇଛି। ନରେନ୍ଦ୍ରକୋଣ ବୃନ୍ଦାବତୀ ନିବାସଠାରେ ଫୁଲ, ଚନ୍ଦନ ଦିଆଯାଇ ସ୍ୱାଗତ କରାଯାଇଛି। ବେଳାଭୂମି ବାଲିରେ ଓ ସମୁଦ୍ର ପାଣିରେ ସେମାନେ ବିଭିନ୍ନ କ୍ରୀଡ଼ା କୌଶଳ ପ୍ରଦର୍ଶନ କରିବେ।

## ■ ରାଜ୍ୟସଭା ଉପନିର୍ବାଚନ

# ନାମାଙ୍କନ ଦାଖଲ କଲେ ସୁଜିତ କୁମାର



**ଭୁବନେଶ୍ୱର, ୯।୧୨(ସମିସ):** ଓଡ଼ିଶାରୁ ଖାଲି ପଡ଼ିଥିବା ଏକମାତ୍ର ରାଜ୍ୟସଭା ଆସନ ପାଇଁ ବିଜେପି ପ୍ରାର୍ଥୀ ସୁଜିତ କୁମାର ସୋମବାର ନାମାଙ୍କନ ଦାଖଲ କରିଛନ୍ତି। ରାଜ୍ୟସଭା ଉପ ନିର୍ବାଚନ ପାଇଁ ନିଯୁକ୍ତ ରିଟର୍ଣ୍ଣିଂ ଅଫିସର ଅବନୀକାନ୍ତ ପଟ୍ଟନାୟକଙ୍କ ନିକଟରେ ସେ ମୋଟ ୨ ସେଟ ନାମାଙ୍କନ ଭରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ବିଜେପି ରାଜ୍ୟ ସଭାପତି ମନମୋହନ ସାମଲଙ୍କ ସମେତ ସୁଜିତଙ୍କ ୩୦ ଜଣ ପ୍ରସ୍ତାବକ ଦଳୀୟ ମନ୍ତ୍ରୀ, ବିଧାୟକମାନେ ଉପସ୍ଥିତ ଥିଲେ। ଉପ ନିର୍ବାଚନ ପାଇଁ ସୋମବାର ପ୍ରଥମେ ବିଜେପି କେନ୍ଦ୍ରୀୟ ଚୟନ କମିଟି ପକ୍ଷରୁ ସୁଜିତଙ୍କ ପ୍ରାର୍ଥୀତ୍ୱ ନେଇ ବିଧିବଦ୍ଧ ଭାବେ ସୂଚନା ଜାରି କରାଯାଇଥିଲା। ନାମାଙ୍କନ ଭରିବା ପୂର୍ବରୁ ସୁଜିତ କୁମାର ବିଜେପି ପାର୍ଟି କାର୍ଯ୍ୟାଳୟରେ ପହଞ୍ଚି ରାଜ୍ୟ ସଭାପତି ମନମୋହନ ସାମଲ ଏବଂ ବରିଷ୍ଠ ବିଜେପି ନେତା ପ୍ରଦୀପ୍ତ ନାୟକଙ୍କୁ ଭେଟିଥିଲେ। ଏହାପରେ ସେ ବିଧାନସଭାକୁ ଆସି ନିଜର ନାମାଙ୍କନ ଦାଖଲ ପତ୍ର ଦାଖଲ କରିଛନ୍ତି।

# ୬ ବର୍ଷରେ ୫୯ ହଜାର ୪୩୭ ଠକେଇ ଶିକାର

**ଭୁବନେଶ୍ୱର, ୯।୧୨(ସମିସ):** ରାଜ୍ୟରେ ଅନ୍‌ଲାଇନ ଟ୍ରେଡିଂର ଆଧିପତ୍ୟ ଦିନକୁ ଦିନ ବଢ଼ିବାରେ ଲାଗିଛି। କମ୍ ନିବେଶରେ ରାତାରାତି କୋଟିପତି ହେବାର ସ୍ୱପ୍ନ ଦେଖାଇ ଲୁଟୁଛନ୍ତି କୋଟି କୋଟି ଟଙ୍କା। ମିଛ ଟ୍ରେଡିଂ ନାମରେ ଠକେଇ କରି ଚଳାଇଛନ୍ତି ସାମ୍ରାଜ୍ୟ। ପୁଞ୍ଜିନିବେଶ, ସେୟାର, ଆଇପିଓ ନିବେଶ ଆଳରେ ବିଭ୍ରାନ୍ତକାରୀ ପରାମର୍ଶ, ମିଛ ନାଟକ ରଚି ସାରା ରାଜ୍ୟରୁ ଠକେଇ କରୁଛନ୍ତି। ଟ୍ରେଡିଂ ଆଳରେ ନିବେଶକାରୀମାନେ ଠକେଇ ଶିକାର ବଢ଼ୁଥିବା ସହ ଉଦ୍‌ବେଗଜନକ ସ୍ଥିତିରେ ପହଞ୍ଚି ସାରିଲାଣି। ଏହା ନିବେଶକଙ୍କ ଲାଗି କାଳ ସାଜିବା ସହ ପୁଲିସ ଲାଗି ମୁଣ୍ଡବିନ୍ଧାର କାରଣ ପାଲଟିଛି।

ତଥ୍ୟ ଅନୁଯାୟୀ, ଗତ ୬ ବର୍ଷରେ ରାଜ୍ୟରେ ୫୯ ହଜାର ୪୩୭ ଲୋକ ଅନ୍‌ଲାଇନ ଟ୍ରେଡିଂ ଠକେଇର ଶିକାର ହୋଇଛନ୍ତି। ୨୦୧୯ରେ ୧୮ ଜଣ, ୨୦୨୦ରେ ୨୮ ଜଣ, ୨୦୨୧ ରେ ୨୨ ଜଣ, ୨୦୨୨ରେ ୧୦୫ ଜଣ ଅନଲାଇନ ଟ୍ରେଡିଂର ଶିକାର ହୋଇଛନ୍ତି। କିନ୍ତୁ ଗତ ଦୁଇବର୍ଷ ହେଲା ଟେଡ୍ରିଂ ଆଳରେ ଠକେଇ ସମସ୍ତଙ୍କ ଲାଗି ଚିନ୍ତାର ବିଷୟ ପାଲଟିଛି। ୨୦୨୩ରେ ୧୮ ହଜାର ୯୯୪ ଲୋକ ଓ ଚଳିତବର୍ଷ ଅର୍ଥାତ୍ ଗତ ୧୧ ମାସରେ ସଂଖ୍ୟା ୪୦ ହଜାର ୨୭୦ରେ ପହଞ୍ଚି ଯାଇଛି। ଏବର୍ଷ ଅଭିଯୋଗରୁ ମାତ୍ର ୪୭୨ଟି ମାମଲା ରୁଜୁ କରି ତଦନ୍ତ କରାଯାଉଛି।

### ଗତ ୨ ବର୍ଷରେ ସର୍ବାଧିକ ଫସିଛନ୍ତି

୨୦୨୪ରେ ଅନୈତିକ ଅପରାଧ ଶାଖାରେ ୪୦ହଜାର ୨୧୯ଟି ମାମଲା ରୁଜୁ ହୋଇଛି। ଏହି କ୍ରମରେ ଭୁବନେଶ୍ୱର ସହରାଞ୍ଚଳରୁ ୨୦୫, କଟକ ସହରାଞ୍ଚଳରୁ ୫୨ଟି, ସାଇବର ଥାନାରେ ୩୭ଟି, ଜଗତସିଂହପୁର ଓ କୋରାପୁଟରୁ ଜିଲ୍ଲାରେ ୪ଟି ଲେଖାଏଁ, ବରଗଡ଼ରେ ୭ଟି, ଝାରସୁଗଡ଼ା, କଟକ ଗ୍ରାମାଞ୍ଚଳ ଓ ସୋନପୁରରେ ୩ଟି ଲେଖାଏଁ, ରାଉରକେଲା ଓ ଗଜପତିରେ ୨୬ଟି ଲେଖାଏଁ, କଳାହାଣ୍ଡି ଓ ଅନୁଗୁଳରେ ୮ଟି ଲେଖାଏଁ, ବ୍ରହ୍ମପୁରରେ ୧୯ଟି, ରାୟଗଡ଼ାରେ ୨ଟି, କେନ୍ଦୁଝର ଓ ଗଞ୍ଜାମରେ ୫ଟି ଲେଖାଏଁ, ବଲାଙ୍ଗିରରେ ୧୬ଟି, ବାଲେଶ୍ୱରରେ ୨୨ଟି, ମୟୂରଭଞ୍ଜରେ ୧୨ଟି, ଯାଜପୁର, ଢେଙ୍କାନାଳ, କନ୍ଧମାଳ ଓ ଭଦ୍ରକରୁ ଟ୍ରେଡିଂ ଆଳରେ ଜଣେ ଲେଖାଏଁ ବ୍ୟକ୍ତି ଠକେଇର ଶିକାର ହୋଇଛନ୍ତି।

ସେହିପରି ଅନ୍‌ଲାଇନ୍ ଟ୍ରେଡିଂ ଆଳରେ ବଢ଼ୁଥିବା ଠକେଇକୁ ରୋକିବା ସହ ସଚେତନତା ଲାଗି ବିବିଧ ଯୋଜନା କାର୍ଯ୍ୟକାରୀ କରୁଛି ଓଡ଼ିଶା ପୁଲିସ। ସାଇବର ମନିଟରିଂ ୟୁନିଟ୍ ଓ ସମନ୍ୱୟ ସେଣ୍ଟର୍, ସାଇବର ଫୋରେନ୍‌ସିକ ୟୁନିଟ୍, ସୋସିଆଲ ମିଡିଆ ସେଲ୍ଫ, ସାଇବର ଟ୍ରେନିଂ ୟୁନିଟ୍, ସିଆଇଏସ୍‌ଟି ସହ ହେଲ୍ପଲାଇନ୍ ଓ ହେଲ୍ପଡେସ୍କ କାର୍ଯ୍ୟ କରୁଛି ଠକେଇ ଶିକାର ହେଲେ ତତ୍କାଳ କଲ୍ କରି ଅଭିଯୋଗ କରିବା ପରେ ଠକେଇ ଟଙ୍କାକୁ ଫେରସ୍ତ ଅଣାଯାଇପାରୁଛି। ବିଧାୟକ ତାରାପ୍ରସାଦ ବାହିନୀପତିଙ୍କ ପ୍ରଶ୍ନରେ ବିଧାନସଭାରେ ଲିଖିତ ଉତ୍ତର ରଖିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।



ବିଜେଡିର ରାଜ୍ୟସଭା ସାଂସଦମାନେ ସୋମବାର ନୂଆଦିଲ୍ଲୀରେ ଉପରାଷ୍ଟ୍ରପତି ଜଗଦୀପ ଧନଖର୍‌ଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରି ଓଡ଼ିଶାର ସ୍ୱାର୍ଥଜଡ଼ିତ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଛନ୍ତି

## ■ ୧୪ ବର୍ଷ ପରେ ଧୀର ସାମଲ ହତ୍ୟା ମାମଲାର ରାୟ ପ୍ରକାଶ

# ୫ ଜଣଙ୍କୁ ଆଜୀବନ ଜେଲ୍

**ବ୍ରହ୍ମପୁର, ୯।୧୨(ସମିସ):** ବ୍ରହ୍ମପୁର ସହରରେ ୧୪ବର୍ଷ ତଳେ ସଂଘଟିତ ବହୁଚର୍ଚ୍ଚିତ ଧୀର ସାମଲ ହତ୍ୟା ମାମଲାର ଚୂଡ଼ାନ୍ତ ରାୟ ଆଜି (ସୋମବାର) ପ୍ରକାଶ ପାଇଛି। ଗଞ୍ଜାମ ଜିଲ୍ଲା ଓ ଦୌରାଜଜ୍ ରୂପଶ୍ରୀ ଚୌଧୁରୀ ମାମଲାର ଶୁଣାଣି କରି ୫ଜଣଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ଆଜୀବନ ଜେଲ୍ ଦଣ୍ଡରେ ଦଣ୍ଡିତ କରିଛନ୍ତି। ଦୋଷୀ ସାବ୍ୟସ୍ତ ହୋଇଥିବା ଅଭିଯୁକ୍ତମାନେ ହେଲେ, କାଳିଆ ସେଠୀ, ପି.କୃଷ୍ଣଚନ୍ଦ୍ର ପାତ୍ର, ପିଙ୍କୁ ପାତ୍ର, ସଞ୍ଜୟ ପ୍ରଧାନ ଓ ସନିଆ ଗୌଡ଼। ସେହିପରି ଏହି ମାମଲାରେ ପ୍ରମାଣ ଅଭାବରୁ କୋର୍ଟ ୩ ଅଭିଯୁକ୍ତ ରିଙ୍କୁ ପାତ୍ର, ମଙ୍ଗୁଲୁ ବେହେରା ଓ ରଙ୍ଗିନ ସନ୍ତୁଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ସୂଚନାଯୋଗ୍ୟ, ୨୦୧୦ ଜୁଲାଇ ୨୨ ତାରିଖ ପୂର୍ବାହ୍ଣରେ ଏହି ଆପରାଧିକ ଘଟଣା ଘଟିଥିଲା। ଶ୍ରୀରାମନଗର ଛକରେ ଧୀର ସାମଲ ନିଜର ଦୁଇବନ୍ଧୁ ସନ୍ତୋଷ ତ୍ରିପାଠୀ ଓ ରାଜୀବ ବେହେରାଙ୍କ ସହ କଥା ହେଉଥିବା ବେଳେ ତାଙ୍କ ଉପରକୁ ବୋମାମାଡ଼ ହୋଇଥିଲା। ସେ ଘଟଣାସ୍ଥଳରୁ ଦୌଡ଼ି ପଳାଇବାରୁ ଦୁର୍ବୃତ୍ତମାନେ ତାଙ୍କୁ ଗୋଡ଼ାଇ ଗୋଡ଼ାଇ ହାଣିଥିଲେ। ଧୀରଙ୍କ ପରିବାରଲୋକ ଘଟଣାସ୍ଥଳରୁ ଧୀରଙ୍କୁ ସଂକଟାପନ୍ନ ଅବସ୍ଥାରେ ଉଦ୍ଧାର କରି ବ୍ରହ୍ମପୁର ବଡ଼ ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। ସେଠାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ହେଲେ ମୃତ୍ୟୁକାଳୀନ ଜମାନବନ୍ଦୀରେ ସେ ପୁଲିସ୍‌କୁ ଅଭିଯୁକ୍ତଙ୍କ ନାମ ପ୍ରକାଶ କରିଥିଲେ। ଅପରପକ୍ଷେ, ବୋମାମାଡ଼ ଘଟଣାରେ ଧୀରଙ୍କ ଦୁଇବନ୍ଧୁ ସନ୍ତୋଷ ଓ ରାଜୀବ ମଧ୍ୟ ଗୁରୁତର ହୋଇଥିଲେ। ଧୀରଙ୍କ ଭାଇ ଭାଲୁ ସାମଲ ପରେ ଏ ସଂପର୍କରେ ବଡ଼ବଜାର ଥାନାରେ ଅଭିଯୋଗ କରିବାରୁ ପୁଲିସ୍ ଏକ ହତ୍ୟା ମାମଲା ରୁଜୁ କରି ଉପରୋକ୍ତ ୮ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଚୂଡ଼ାନ୍ତ ରାୟ ପ୍ରକାଶ ବେଳେ ଜାମିନରେ ଥିବା ସମସ୍ତ ଅଭିଯୁକ୍ତ ଆଜି କୋର୍ଟରେ ହାଜର ହୋଇଥିଲେ। ସରକାରଙ୍କ ପକ୍ଷରୁ କ୍ୟାଡର ପବ୍ଲିକ ପ୍ରସିକ୍ୟୁଟର (ପିପି) ତ୍ରିଲୋଚନ ପରିଡ଼ା ମକଦ୍ଦମା ପରିଚାଳନା କରୁଥିଲେ।

## ଦୁଇଧାନ ଚୋରଙ୍କୁ କଙ୍ଗାରୁ କୋର୍ଟରେ ଶାସ୍ତି

# ମୁହଁରେ କାଳି, ବେକରେ ଜୋତାମାଳ ପିନ୍ଧାଇ ବୁଲାଇଲେ

**ତେଲକୋଇ, ୯।୧୨(ସମିସ):** କେନ୍ଦୁଝର ଜିଲ୍ଲାରେ ତେଲକୋଇ ଥାନା ଅଞ୍ଚଳରେ ଦୁଇ ଧାନଚୋରଙ୍କୁ କଙ୍ଗାରୁ କୋର୍ଟରେ ଶାସ୍ତି ମିଳିଛି। ଗ୍ରାମବାସୀ ସେମାନଙ୍କ ମୁହଁରେ କଳା ବୋଳିବା ସହ ବେକରେ ଜୋତାମାଳ ପିନ୍ଧାଇ ଗାଁ ବୁଲାଇଛନ୍ତି। କେନ୍ଦୁଝର ଜିଲ୍ଲା ତେଲକୋଇ ଥାନା ଭୀମକାଣ୍ଡ ପଞ୍ଚାୟତ ଡିମିରିମୁଣ୍ଡା ଗ୍ରାମରେ ଏହି ଘଟଣା ଘଟିଛି। ଏହି ଅଭାବନୀୟ ଘଟଣା ପାଇଁ ସ୍ଥାନୀୟ ବୁଦ୍ଧିଜୀବୀ ପୁଲିସ୍‌କୁ ଦାୟୀ କରିଛନ୍ତି। ପୁଲିସ୍‌ର ଅପାରଗତା କାରଣରୁ ଏପରି ଘଟଣା ଘଟିଛି ବୋଲି ସେମାନେ କହିଛନ୍ତି।



ସୂଚନାନୁଯାୟୀ, ରବିବାର ବିଳମ୍ବିତ ରାତିରେ ଗ୍ରାମର ସୁରେଶ ପଧାନଙ୍କ ଘର ଝରକା ଭାଙ୍ଗି ଗ୍ରାମର ଦୁଇଜଣ ଯୁବକ ବାବୁଲି ପଧାନ ଓ ଅଖି ପଧାନ ତାଙ୍କର ୮ବସ୍ତା ଧାନ ଚୋରି କରିଥିଲେ। ପରିବାର ଲୋକେ ଘରେ ଶୋଇଥିବା ବେଳେ ରାତି ପ୍ରାୟ ୧୧ଟା ବେଳେ ଏହି ଯୁବକ ଦୁଇଜଣ ଧାନ ଚୋରି କରିଥିଲେ। ଶବ୍ଦ ହେବାରୁ ପଡ଼ୋଶୀ ଘରର ଜଣେ ବ୍ୟକ୍ତି ଟର୍ଚ୍ଚ ମାରି ଦେଖିବାରୁ ଯୁବକଦ୍ୱୟ ଚୋରି କରୁଥିବା ଦେଖିଥିଲେ। ଗ୍ରାମବାସୀ ଦୁହିଁଙ୍କୁ କାବୁ କରି ରାତିରେ ଗାଁ ମଣ୍ଡପରେ ସାତବେଣ୍ଟିଆ (ଅଧା ଲଣ୍ଡା) କରି ରଖିଥିଲେ। ଆଜି ସକାଳୁ ଗ୍ରାମରେ ଏନେଇ କଙ୍ଗାରୁ କୋର୍ଟ ବସିଥିଲା। ସେଠାରେ ଦଣ୍ଡବିଧାନ ସ୍ୱରୂପ ଯୁବକଦ୍ୱୟଙ୍କ ମୁହଁରେ କାଳି, ଚୂନ ବୋଳିବା ସହ ବେକରେ ଜୋତାମାଳ ପିନ୍ଧାଇ ଗାଁ ଦାଣ୍ଡ ବୁଲାଇଥିଲେ। ଏହି ଘଟଣା ସମଗ୍ର ଜିଲ୍ଲାରେ ଆଲୋଡ଼ନ ସୃଷ୍ଟି କରିଛି।

ତେବେ ଏହି ଘଟଣା ପରେ ଗ୍ରାମବାସୀ ପୁଲିସ୍‌କୁ ଫୋନ୍ ମାଧ୍ୟମରେ ଯୋଗାଯୋଗ କରିଥିଲେ ସୁଦ୍ଧା ପୁଲିସ ଫୋନ୍ ଉଠାଇନଥିବା ଅଭିଯୋଗ ହୋଇଛି। ଆଜି ସକାଳେ ମଧ୍ୟ ପୁଲିସକୁ ଯୋଗାଯୋଗ କରାଯାଇଥିବା ବେଳେ ପୁଲିସ ନ ପହଞ୍ଚିବାରୁ ଚୋରଙ୍କୁ ନିଜେ ଶାସ୍ତି ଦେଇଥିବା ଲୋକେ ମତ ପ୍ରକାଶ କରିଛନ୍ତି। ତେବେ କେହିକେହି ଏହାକୁ କଙ୍ଗାରୁକୋର୍ଟ କହି ନିନ୍ଦା କରୁଥିବା ବେଳେ ପୁଲିସ୍ ଅପାରଗତାରୁ ଏପରି ଘଟିଛି ବୋଲି ଗ୍ରାମବାସୀ କହିଛନ୍ତି।

# ଟ୍ରକ୍ ଧକ୍କାରେ କାକା ଓ ଦୁଇ ପୁତୁରା ମୃତ

**ନୂଆପଡ଼ା, ୯।୧୨(ସମିସ):** ନୂଆପଡ଼ା ଜିଲ୍ଲା ଲଖନା ଥାନା ଦଲଦଲି ଛକରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟି ୩ ଜଣଙ୍କ ମୃତ୍ୟୁ ହୋଇଛି। ମୃତକମାନେ ହେଲେ ଦଲଦଲି ଗାଁର କାକା ଗୁଡୁ ଧରୁଆ(୨୫), ଦୁଇ ପୁତୁରା ହେତରାମ ଶବର(୨୨) ଓ ଶ୍ୟାମ ଶବର(୨୦)। ସନ୍ଧ୍ୟାରେ ଦଲଦଲି ଗାଁର ଦୁଇ ଭାଇ ହେତରାମ ଓ ଶ୍ୟାମ ନିଜ ସମ୍ପର୍କୀୟ କାକା ଗୁଡୁଙ୍କ ସହ ନୂଆପଡ଼ା ସହରକୁ କୋଶଳୀ ସାଂସ୍କୃତିକ ମହୋତ୍ସବ ଦେଖିବାକୁ ଆସିଥିଲେ। ରାତି ପ୍ରାୟ ସାଢ଼େ ୯ଟାରେ ଏକ ବାଇକରେ କାକା ଓ ଦୁଇ ପୁତୁରା ଘରକୁ ଫେରୁଥିଲେ। ଜାତୀୟ ରାଜପଥ ୩୫୩ ଦଲଦଲି ଛକ ନିକଟରେ ଏକ ଟ୍ରକ୍ ବାଇକକୁ ଧକ୍କା ଦେଇଥିଲା। ଏଥିରେ କାକା ଓ ଦୁଇ ପୁତୁରା ଛିଟିକି ପଡ଼ି ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ଆମ୍ବୁଲାନ୍ସ ଯୋଗେ ନୂଆପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ କାକା ଓ ଦୁଇ ପୁତୁରାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ତେବେ ଦୁର୍ଘଟଣା ଘଟାଇଥିବା ଟ୍ରକ୍ ଫେରାର ହୋଇଯାଇଥିବା ପ୍ରତ୍ୟକ୍ଷ ଦର୍ଶୀଙ୍କଠାରୁ ପ୍ରକାଶ। ପୁଲିସ ଘଟଣାର ତଦନ୍ତ ଜାରି ରଖିଥିବା ବେଳେ ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ରହିଛି। ଉଲ୍ଲେଖଯୋଗ୍ୟ ଯେ, ସପ୍ତାହକ ମଧ୍ୟରେ ଏହି ରାସ୍ତାରେ ଏହାକୁ ମିଶାଇ ୬ଜଣଙ୍କ ମୃତ୍ୟୁ ଘଟିଲାଣି। ଗତ ବୁଧବାର ଲୁକୁପାଲି ଗାଁ ନିକଟରେ ଦୁଇ ବାଇକ୍ ମୁହାଁମୁହିଁ ଦୁର୍ଘଟଣାଗ୍ରସ୍ତ ହେବାରୁ ଗୋଟିଏ ପରିବାରର ଦୁଇ ଭାଇ ଭଉଣୀ ସମେତ ୩ଜଣଙ୍କ ମୃତ୍ୟୁ ଘଟିଥିଲା।

## ■ ହାଇକୋର୍ଟରେ କଣ୍ଟାବାଞ୍ଜି ନିର୍ବାଚନୀ ମାମଲା

# ବିଧାୟକଙ୍କ ପକ୍ଷରୁ ୩ଟି ଅନ୍ତରୀଣ ଆବେଦନ

**କଟକ, ୯।୧୨(ସମିସ):** କଣ୍ଟାବାଞ୍ଜି ବିଧାନସଭା ନିର୍ବାଚନୀ ଅନିୟମିତତା ମାମଲାରେ ପ୍ରତିପକ୍ଷ ବିଧାୟକଙ୍କୁ ଶୁଣାଣି କରାନଯାଇ ଏକପାଖିଆ ଶୁଣାଣି ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ ଓ ନିର୍ବାଚନୀ ମାମଲାକୁ ସମ୍ପୂର୍ଣ୍ଣ ରଦ୍ଦ କରିବା ପକ୍ଷରୁ ପାଇଁ ବିଧାୟକ ଲକ୍ଷ୍ମଣ ବାଗଙ୍କ ତରଫରୁ ପୂର୍ବରୁ ଦୁଇଟି ଅନ୍ତରୀଣ ଆବେଦନ ରୁଜୁ ହୋଇଥିବା ବେଳେ ଆଜି ମଧ୍ୟ ଆଉ ଏକ ଆବେଦନ କରାଯାଇଛି। ଲିଖିତ ଜବାବ ଦାଖଲ ପାଇଁ ଅଧିକ ସମୟ ଲୋଡ଼ି ବିଧାୟକଙ୍କ ପକ୍ଷରୁ ଆଉ ଏକ ଅନ୍ତରୀଣ ଆବେଦନ ରୁଜୁ ହୋଇଛି। ଲିଖିତ ଜବାବ ଦାଖଲ ପର୍ଯ୍ୟନ୍ତ ମାମଲା ପୂର୍ବ ସ୍ଥିତି ବଜାୟ ରଖିବା ପାଇଁ ଆବେଦନ କରାଯାଇଛି। ଏହି ଅନ୍ତରୀଣ ଆବେଦନ ଉପରେ ଆସନ୍ତା ଜାନୁଆରି ୧୬ ତାରିଖରେ ଶୁଣାଣି କରାଯିବ ବୋଲି ହାଇକୋର୍ଟ କହିଛନ୍ତି। ଜଣେ ଭୋଟର ଗିରିରାଜ ସିଂହ ମାଝୀଙ୍କ ପକ୍ଷରୁ ରୁଜୁ ମାମଲାର ଶୁଣାଣି କରି ଜଷ୍ଟିସ୍ ଆନନ୍ଦ ଚନ୍ଦ୍ର ବେହେରା ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି।

ପ୍ରକାଶଥାଉକି, ଗତ ୨୦୨୪ ସାଧାରଣ ନିର୍ବାଚନରେ ମିଥ୍ୟା ସତ୍ୟପାଠ ମାମଲାର ଶୁଣାଣି କରି କଣ୍ଟାବାଞ୍ଜି ବିଧାୟକଙ୍କୁ ହାଇକୋର୍ଟ ୩ଥର ନୋଟିସ ଜାରି କରିଥିଲେ ସୁଦ୍ଧା ସେ ଅଦାଲତରେ ହାଜର ହୋଇ ପକ୍ଷ ରଖିପାରିନଥିଲେ। ଏଣୁ ତାଙ୍କୁ ଆଉ ପକ୍ଷ ରଖିବାକୁ ସୁଯୋଗ ମିଳିବ ନାହିଁ ଓ ମାମଲାର ଏକପାଖିଆ ଶୁଣାଣି କରାଯିବ ବୋଲି ହାଇକୋର୍ଟ ଗତ ଅକ୍ଟୋବର୍‌୮ରେ ନିର୍ଦ୍ଦେଶ ଦେଇଥିଲେ। ମାମଲାରୁ ପ୍ରକାଶ ଯେ କଣ୍ଟାବାଞ୍ଜି ବିଧାନସଭା ଆସନରୁ ବିଧାୟକ ଭାବେ ନିର୍ବାଚିତ ହୋଇଥିବା ବିଜେପି ପ୍ରାର୍ଥୀ ଲକ୍ଷ୍ମଣ ବାଗ ନାମାଙ୍କନପତ୍ର ଦାଖଲ ବେଳେ ମିଥ୍ୟା ସତ୍ୟପାଠ ଦେଇଥିବା ତଥା ବହୁ ତଥ୍ୟ ଲୁଚାଇଥିବା ଅଭିଯୋଗ ହୋଇଥିଲା।

## ୭୩ତମ ସର୍ବ ଭାରତୀୟ ହକି ଚାମ୍ପିୟନସିପ୍ ଲାଗି ପ୍ରସ୍ତୁତି

# ଖେଳାଳିଙ୍କ ସୁରକ୍ଷା, ଆତିଥ୍ୟ ଓ ପରିଚାଳନାକୁ ଗୁରୁତ୍ୱ

**ଭୁବନେଶ୍ୱର, ୯।୧୨(ସମିସ):** ଆସନ୍ତା ମାର୍ଚ୍ଚରେ ଓଡ଼ିଶା ପୁଲିସ ଆନୁକୂଲ୍ୟରେ ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମ୍‌ଠାରେ ୭୩ତମ ସର୍ବଭାରତୀୟ ହକି ଚାମ୍ପିୟନସିପ-୨୦୨୫ ଅନୁଷ୍ଠିତ ହେବାକୁ ଯାଉଛି। ଏହି ଅବସରରେ ଆଜି ଡିଜିପି କ୍ୟାମ୍ପ କାର୍ଯ୍ୟାଳୟଠାରେ ପୁଲିସ୍ ମହାନିର୍ଦ୍ଦେଶକ ଯୋଗେଶ ବାହାଦୂର ଖୁରାନିଆଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଚାମ୍ପିୟନସିପ୍‌କୁ ଶୃଙ୍ଖଳିତ, ସୁପରିଚାଳନା ସମେତ ବ୍ୟାପକ ବନ୍ଦୋବସ୍ତର ଆୟୋଜନ ସଂକ୍ରାନ୍ତରେ ବିସ୍ତୃତ ଭାବେ ଆଲୋଚନା ସହ ରୂପରେଖ ପ୍ରସ୍ତୁତ ହୋଇଛି। ଏହି ଟୁର୍ଣ୍ଣାମେଣ୍ଟରେ ଦେଶର ୨୭ଟି ପୁରୁଷ ଓ ୧୦ଟି ମହିଳା ଟିମ ଅଂଶଗ୍ରହଣ କରିବେ। ତେଣୁ ଖେଳାଳିଙ୍କ ରହିବା ସ୍ଥାନ, ନିୟମିତ ଅଭ୍ୟାସ, ଅତିଥିଙ୍କୁ ସ୍ୱାଗତ, ଉଦ୍‌ଘାଟନ ଓ ଉଦଯାପନୀ ସମାରୋହକୁ ଶୃଙ୍ଖଳିତ ଭାବେ ଆୟୋଜନ କରିବାକୁ ବୈଠକରେ ଉପସ୍ଥିତ ବରିଷ୍ଠ ପୁଲିସ ଅଧିକାରୀଙ୍କୁ ଡିଜିପି ନିର୍ଦ୍ଦେଶ ଦେଇଥିଲେ। ସେହିପରି ଖେଳାଳିମାନେ କଳିଙ୍ଗ ଷ୍ଟାଡିୟମ ସମେତ ପୋଖରୀପୁଟ୍ ଓ କିଟ୍ କ୍ୟାମ୍ପସ୍ ଗ୍ରାଉଣ୍ଡରେ ଅଭ୍ୟାସ କରିବେ। ଏଥିପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରିବାକୁ ଡିଜିପି ନିର୍ଦ୍ଦେଶ ଦେଇଛନ୍ତି।

ବୈଠକରେ ଆଧୁନିକିକରଣ ଏଡିଜି ସୌମେନ୍ଦ୍ର ପ୍ରିୟଦର୍ଶୀ, ଏସସିଆରବି ଏବଂ ଏସଏଫଏସଏଲର ନିର୍ଦ୍ଦେଶକ ସନ୍ତୋଷ ବାଲା, ଆଇନଶୃଙ୍ଖଳା ଏଡିଜି ସଞ୍ଜୟ କୁମାର, ମୁଖ୍ୟାଳୟ ଏଡିଜି ଦୟାଲ ଗଙ୍ଗୱାର, ଏସଏପି ଏଡିଜି ରାଜେଶ କୁମାର, ଟ୍ରେନିଂ ଆଇଜିପି ଅନୁପ କୁମାର ସାହୁ, ଅତିରିକ୍ତ ପୁଲିସ୍ କମିସନର ଉମାଶଙ୍କର ଦାଶ, ଅପରେସନ୍ ଡିଆଇଜି ଅଖିଳେଶ୍ୱର ସିଂ, ଏସଆଇଡବ୍ଲୁ ଏଡିଜି କନୱର ବିଶାଲ ସିଂ ପ୍ରମୁଖ ଉପସ୍ଥିତ ଥିଲେ।

## ■ ପୁଲିସ୍ ଦମ୍ପତିଙ୍କ ମଧ୍ୟରେ ଝଗଡ଼ା

# ରାସ୍ତା ମଝିରେ ସ୍ତ୍ରୀକୁ ପଥରରେ ଛେଚି ହତ୍ୟା ଉଦ୍ୟମ

**ବଲାଙ୍ଗିର, ୮।୧୨(ସମିସ):** ବଲାଙ୍ଗିର ଜିଲ୍ଲା ତୁଷୁରା ଥାନା ଅଞ୍ଚଳରେ କାର୍ଯ୍ୟରତ କନଷ୍ଟେବଳ ଦମ୍ପତିଙ୍କ ପାରିବାରିକ ଝଗଡ଼ା ଏବେ ପଦାକୁ ଆସିଛି। କିଛି ଦିନ ହେଲା ସ୍ୱାମୀ ଓ ସ୍ତ୍ରୀ ମଧ୍ୟରେ ଝଗଡ଼ା ଲାଗି ରହିଥିବା ବେଳେ ରବିବାର ରାତିରେ କନଷ୍ଟେବଳଜଣକ ଜଣେ ସହଯୋଗୀଙ୍କ ସହ ମିଶି ତାଙ୍କ ସ୍ତ୍ରୀକୁ ପଥରରେ ଛେଚି ହତ୍ୟା ଉଦ୍ୟମ କରିଛନ୍ତି। ଆକ୍ରମଣର ଶିକାର ମହିଳାଜଣଙ୍କ ହେଲେ, କୁଦେଇମାଲ ଗାଁର ଯୁବତୀ ନୂପୁର ବିଶ୍ୱାଳ। ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିବା ବେଳେ ତାଙ୍କ ସ୍ୱାମୀ ଜ୍ୟୋତିର୍ମୟ ପଧାନ ଫେରାର୍ ଅଛନ୍ତି। ତେବେ ଜ୍ୟୋତିର୍ମୟଙ୍କୁ ସହଯୋଗ କରିଥିବା ଯୁବକଜଣଙ୍କ ତୁଷୁରା ଥାନାରେ ଆତ୍ମସମର୍ପଣ କରିଥିବା ଜଣାପଡ଼ିଛି। ଜ୍ୟୋତିର୍ମୟ ଓ ନୂପୁର ୨୦୨୩ ଫେବ୍ରୁଆରୀରେ ବିବାହ କରିଥିଲେ। ବିବାହର କିଛି ମାସ ପରେ ନିୟମିତ ଉଭୟଙ୍କ ମଧ୍ୟରେ ଝଗଡ଼ା ହେଉଥିବାରୁ ନୂପୁରଙ୍କୁ ରାସ୍ତାରୁ ହଟାଇବା ପାଇଁ ଷଡ଼ଯନ୍ତ୍ର କରିଥିଲେ ଜ୍ୟୋତିର୍ମୟ। ଏଥିପାଇଁ ସେ ତାଙ୍କର ଜଣେ ସହଯୋଗୀଙ୍କ ସହାୟତା ନେଇଥିଲେ। ଯୋଜନା ମୁତାବକ, ରବିବାର ନୂପୁରଙ୍କୁ ନେଇ ଜ୍ୟୋତିର୍ମୟ ସମରା ଗାଁରୁ ବଲାଙ୍ଗିର ଯାଉଥିବା ବେଳେ ବଡ଼ଙ୍ଗୋମୁଣ୍ଡା-ସମରା ରାସ୍ତା ମଝିରେ ସହଯୋଗୀ ସହ ମିଶି ହତ୍ୟା ଉଦ୍ୟମ କରିଥିଲେ।

# ବିଜେପି ସରକାର ଅମଳରେ ହିଁ ଓଡ଼ିଆ ଅସ୍ମିତା ଉପରେ ଦୁର୍ବାର ଆକ୍ରମଣ: ଆଇଏନ୍‌ଟିୟୁସି

**ଭୁବନେଶ୍ୱର, ୯।୧୨(ସମିସ):** ଓଡ଼ିଆ ସ୍ୱାଭିମାନ ଓ ଅସ୍ମିତାର ସ୍ଲୋଗାନ ଦେଇ କ୍ଷମତାକୁ ଆସିଥିବା ରାଜ୍ୟର ବିଜେପି ସରକାର ଅମଳରେ ହିଁ ଓଡ଼ିଆ ଅସ୍ମିତା ଉପରେ ଦୁର୍ବାର ଆକ୍ରମଣ ଆରମ୍ଭ ହୋଇଯାଇଛି। ବହୁ ବିରୋଧ ସତ୍ତ୍ୱେ ପୂର୍ବତଟ ରେଳପଥକୁ ଖଣ୍ଡ ବିଖଣ୍ଡ କରିଦିଆଯାଇଛି। ଓଡ଼ିଆ ଅସ୍ମିତାର ପ୍ରତୀକ ଭାବେ ଛିଡ଼ା ହୋଇଥିବା ପୂର୍ବତଟ ରେଳପଥର ସବୁଠୁ ଲାଭଜନକ ଅଙ୍ଗ ୱାଲଟିୟର ଡିଭିଜନକୁ କାଢି ନିଆଯିବା ସହ ନବଗଠିତ ଦକ୍ଷିଣତଟ ରେଳପଥରେ ମିଶାଇ ଦିଆଯାଇଛି। ଏହାଦ୍ୱାରା ଆମ ରାଜ୍ୟ ଭୀଷଣ କ୍ଷତିଗ୍ରସ୍ତ ହେବ ବୋଲି ଅଭିଯୋଗ କରିଛି ଆଇଏନ୍‌ଟିୟୁସି।

ସଙ୍ଗଠନର ରାଷ୍ଟ୍ରୀୟ ସମ୍ପାଦକ ମାନସ ଚୌଧୁରୀ ଓ ଯୁବନେତା ଅମିୟ ପାଣ୍ଡବ ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଯେ ୱାଲଟିୟର ଡିଭିଜନ ପୂର୍ବତଟ ରେଳପଥର ସବୁଠୁ ଲାଭଜନକ ଡିଭିଜନ। କ୍ରମାଗତ ଭାବେ ୩ ବର୍ଷ ଧରି ରାଜସ୍ୱ ଉପାର୍ଜନକାରୀ ଡ଼ିଭିଜନ ଭାବେ ଏହା ସାରା ଦେଶର ନମ୍ବର ୱାନ ହୋଇ ରହିଥିଲା। ମାତ୍ର ଓଡ଼ିଶାରୁ ରାଜ୍ୟସଭାକୁ ନିର୍ବାଚିତ ଅଶ୍ୱିନୀ ବୈଷ୍ଣବ ଓଡ଼ିଶାକୁ ବିପୁଳ ଭାବରେ କ୍ଷତିଗ୍ରସ୍ତ କରିଛନ୍ତି। ଓଡ଼ିଶା ଲୋକଙ୍କୁ ଓଲା ବନାଇବା ପାଇଁ ରାୟଗଡ଼ା ଡିଭିଜନ ପରି ଏକ ଶୁଷ୍କ ଡିଭିଜନ ସୃଷ୍ଟି କରି ଲଲିପପ୍ ଧରାଇ ଦେବାର ଉଦ୍ୟମ କରୁଛନ୍ତି। ୱାଲଟିୟର ଡିଭିଜନ ଅଧୀନରେ ଥିବା ବିଶାଖାପାଟଣାର ବିଶାଳ ଇସ୍ପାତ କାରଖାନା ଓ ବୃହତ୍ ବନ୍ଦର ଏବେ ଆମ ହାତରୁ ଚାଲି ଯାଉଥିବାରୁ ପୂର୍ବତଟ ରେଳପଥ ଭୀଷଣ କ୍ଷତିଗ୍ରସ୍ତ ହେବ। ସେ ଆହୁରି ମଧ୍ୟ କହିଛନ୍ତି ଯେ ଯଦି ରାଜ୍ୟର ସୀମାକୁ ଏକ ମାପକ ଭାବେ ନିଆଗଲା, ତେବେ ଓଡ଼ିଶାର ରାଉରକେଲା ଆଦି ଅଞ୍ଚଳକୁ ଦକ୍ଷିଣ-ପୂର୍ବ ରେଳପଥର ଚକ୍ରଧରପୁର ଡିଭିଜନରୁ ମୁକ୍ତ କରି ପୂର୍ବତଟ ରେଳପଥରେ ସାମିଲ୍ କରାଯାଉ। ସେହିପରି ଝାରସୁଗୁଡ଼ା ଜିଲ୍ଲାର କୋଇଲା ଖଣି ଅଞ୍ଚଳ ଇବ୍ ଭ୍ୟାଲିକୁ ଦକ୍ଷିଣ-ପୂର୍ବ-କେନ୍ଦ୍ରୀୟ ରେଳପଥର ବିଳାସପୁର ଡିଭିଜନରୁ ମୁକ୍ତ କରି ପୂର୍ବତଟ ରେଳପଥରେ ମିଶ୍ରଣ କରାଯାଉ। ଯଦ୍ୱାରା ରାଉରକେଲା ଇସ୍ପାତ କାରଖାନା ଓ ଇବ୍ ଭେଲିର କୋଇଲା ଖଣି ଅଞ୍ଚଳ ଆମ ଅଧକୁ ଆସିଲେ ରାଜସ୍ୱ ଉପାର୍ଜନ ଓ ମାଲ୍ ପରିବହନ କ୍ଷେତ୍ରରେ ଆମେ ବିଶାଖାପାଟଣାକୁ ହରାଇବାର କ୍ଷତି ଭରଣା କରିପାରିବୁ। ଏହାସହ ବାଲେଶ୍ୱରକୁ ଏକ ନୂଆ ଡିଭିଜନରେ ପରିଣତ କରି ମୟୂରଭଞ୍ଜ ଆଦି ଅଞ୍ଚଳକୁ ମଧ୍ୟ ଦକ୍ଷିଣ ପୂର୍ବ ରେଳପଥ କବଳରୁ ମୁକ୍ତ କରି ପୂର୍ବତଟ ରେଳପଥରେ ମିଶ୍ରଣ କରାଯାଉ ବୋଲି ଉଭୟେ ଦାବି କରିଛନ୍ତି।

# କଟକ ଓ ରାୟଗଡ଼ାରେ ରେଳ ଫ୍ଲାଏଓଭର ପାଇଁ ୫୦୯ କୋଟି

ଭୁବନେଶ୍ୱର, ୯ ।୧୨(ସମିସ): ଭଦ୍ରକ ରେଳ ଷ୍ଟେସନ୍ ସମେତ କଟକ ଓ ରାୟଗଡ଼ା ଜିଲ୍ଲାରେ ରେଳବାଇ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ହାତକୁ ନେଇଛି । ପୂର୍ବତଟ ରେଳପଥ ସୂତ୍ରରୁ ହସ୍ତଗତ ସୂଚନା ଅନୁସାରେ, ଭଦ୍ରକ ରେଳ ଷ୍ଟେସନ୍‌ରେ ଥିବା ସମସ୍ତ ପ୍ଲାଟଫର୍ମଗୁଡ଼ିକ ତୃତୀୟ ଲାଇନ ଏବଂ ଅତିରିକ୍ତ ଲୁପ୍ ଲାଇନ୍ ସହ ଯୋଡ଼ିହେବ । ଏହା ଅଧିକ ଟ୍ରେନ୍ ଓ ଯାତ୍ରୀ ପରିଚାଳନା କ୍ଷେତ୍ରରେ ଉପାଦେୟ ହେବା ସହ ଷ୍ଟେସନର କ୍ଷମତା ବୃଦ୍ଧି ପାଇବ । ଏଥିସହ ଟ୍ରେନ୍ ଚଳାଚଳ ଓ ନିୟନ୍ତ୍ରଣ ସୁଗମ ହେବା ସହ ସମୟାନୁବର୍ତ୍ତିତା ବୃଦ୍ଧି ପାଇବ । ଭଦ୍ରକ-ରାଣୀତାଲ ସେକ୍ସନ୍‌ରେ ତୃତୀୟ ଲାଇନ୍ ନିର୍ମାଣ ଚାଲିଥିବା ବେଳେ ଆଗାମୀ ୧୦ ଦିନ ଟ୍ରେନ୍ ଚଳାଚଳ ଆଂଶିକ ପ୍ରଭାବିତ ହେବା ସମ୍ଭାବନା ଅଛି । ଅପରପକ୍ଷ, କଟକ ଓ ରାୟଗଡ଼ା ଜିଲ୍ଲାରେ ରେଳ ଫ୍ଲାଏଓଭର୍ ନିର୍ମାଣ ପାଇଁ ରେଳ ମନ୍ତ୍ରାଳୟ ପକ୍ଷରୁ ୫୦୯ କୋଟି ଟଙ୍କା ମଞ୍ଜୁର କରାଯାଇଛି । ଶକ୍ତି, ସିମେଣ୍ଟ ଓ ଖଣିଜ ସମ୍ପଦ କରିଡର୍ ଯୋଜନାର ଏହା ଏକ ଅଂଶବିଶେଷ ହେବ । ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ନିକଟରେ ଓଡ଼ିଶା ଗସ୍ତ ସମୟରେ ଏହି ରେଳ ଭିତ୍ତିଭୂମି ନିର୍ମାଣ ସମ୍ପର୍କରେ ସୂଚନା ଦେଇଥିଲେ । କଟକ ଜିଲ୍ଲାର ରାଜଆଠଗଡ଼, ରାଧାକିଶୋରପୁର ଏବଂ ମାଛପୁର ରେଳ ଷ୍ଟେସନକୁ ସଂଯୋଗ କରୁଥିବା ୧୦.୮ ୯ କିମି ଲମ୍ବର ରେଳ ଫ୍ଲାଏଓଭର ନିର୍ମାଣ କରାଯିବ । ଏହା ଟ୍ରାଫିକ୍ ସମସ୍ୟା ଦୂର କରିବା ସହ ଟ୍ରେନ୍ ଚଳାଚଳକୁ ସୁଗମ କରିବ । ଏଥିପାଇଁ ୨୬୮ କୋଟି ଟଙ୍କା ମଞ୍ଜୁର ହୋଇଛି । କଟକ ଜିଲ୍ଲା ଅନ୍ତର୍ଗତ ନିର୍ଗୁଣ୍ଡି-କଟକ-ବାରଙ୍ଗ-ରାଜଆଠଗଡ଼ ଅଞ୍ଚଳରେ ଟ୍ରେନ୍ ଚଳାଚଳ ପୂର୍ବାପେକ୍ଷା ଦକ୍ଷ ହୋଇପାରିବ । ସେହିପରି ରାୟଗଡ଼ା ଜିଲ୍ଲା ସିଗନାପୁର ଷ୍ଟେସନରେ ୫.୫୦ କିମି ଲମ୍ବ ରେଳ ଫ୍ଲାଏଓଭର ନିର୍ମାଣ କରାଯିବ । ଏହା ରାୟପୁର-ବିଜୟନଗରମ୍ ରେଳ ଲାଇନ୍‌ରେ ଟ୍ରାଫିକ୍ ସମସ୍ୟା ଦୂର କରିବ । ଏହା ସହ ସିଗନାପୁର ରୋଡ଼ ଷ୍ଟେସନ ସହ ପାର୍ଶ୍ୱବର୍ତ୍ତୀ ଷ୍ଟେସନ୍‌ରେ ନିରବଚ୍ଛିନ୍ନ ରେଳ ଚଳାଚଳ ସହଜ ହେବ । ଏଥିପାଇଁ ରେଳବାଇ ପକ୍ଷରୁ ୨୪୦ କୋଟି ଟଙ୍କା ବ୍ୟୟ ହେବ ବୋଲି ଜଣାଯାଇଛି ।

**ଭଦ୍ରକ-ରାଣୀତାଲ ସେକ୍ସନ୍‌ରେ ତୃତୀୟ ଲାଇନ୍ ଶୀଘ୍ର**

## ଧାନକିଣାରେ ଅବ୍ୟବସ୍ଥା ନେଇ ଚାଷୀ ଅସନ୍ତୋଷ

# ଅତିରିକ୍ତ ଯୋଗାଣ ଅଧିକାରୀଙ୍କୁ ୩କିମି ଚଲାଇଲେ ଚାଷୀ

ନୂଆପଡ଼ା, ୯।୧୨(ସମିସ): ଧାନକିଣାରେ ଆରମ୍ଭରୁ ଅବ୍ୟବସ୍ଥା ନେଇ ନୂଆପଡ଼ାରେ ଚାଷୀ ଅସନ୍ତୋଷ ଦେଖାଦେଇଛି । ଧାନମଣ୍ଡି ଶୁଭାରମ୍ଭକୁ ୧୫ ଦିନ ବିତିଯାଇଥିଲେ ମଧ୍ୟ ଅର୍ଦ୍ଧାଧିକ ମଣ୍ଡିରେ ଏ ପର୍ଯ୍ୟନ୍ତ ଧାନକିଣା ଆରମ୍ଭ ହୋଇପାରିନାହିଁ । ଏହାକୁ ନେଇ ସୋମବାର ନୂଆପଡ଼ା ସହରରେ ଚାଷୀ ଅସନ୍ତୋଷ ବିସ୍ଫୋରକ ରୂପ ନେଇଥିଲା । ଭିନ୍ନ ଭିନ୍ନ ଜାଗାରେ ଜାତୀୟ ରାଜପଥ ୩୫୩ ଓ ବିଜୁ ଏକ୍ସପ୍ରେସ୍ ରାସ୍ତାକୁ ଅବରୋଧ କରିବା ସହ ଅତିରିକ୍ତ ଜିଲ୍ଲା ଯୋଗାଣ ଅଧିକାରୀଙ୍କୁ ୩ କିମି ଚଲାଇ ଚଲାଇ ନେଇଥିଲେ ଅସନ୍ତୁଷ୍ଟ ଚାଷୀ । ଖୋଦ୍ ଶାସକ ଦଳର ନେତାମାନେ ମଧ୍ୟ ଚାଷୀମାନଙ୍କ ସହ ଆନ୍ଦୋଳନରେ ସାମିଲ ହୋଇଥିବା ଦେଖାଯାଇଥିଲା ।



ସଦର ବ୍ଲକ୍ ପ୍ୟାକ୍ସ ଗୋଡ଼ଫୁଲା ମଣ୍ଡିରେ ୧୫ଦିନ ହେବ ୧୦ ଜଣ ଚାଷୀଙ୍କ ୧ ହଜାର କ୍ୱିଣ୍ଟାଲ ଧାନ ପଡ଼ି ରହିଥିବା ବେଳେ ଧାନକିଣା ଆରମ୍ଭ ହୋଇନାହିଁ । ଅନ୍ୟପକ୍ଷେ ମିଲର୍ସମାନଙ୍କ କଟନି-ଛଟନି ନହେଲେ ଧାନ ଉଠାଣ କରାଯିବ ନାହିଁ ବୋଲି କହୁଛନ୍ତି । ଏହାର ପ୍ରତିବାଦରେ ଚାଷୀମାନେ ନୂଆପଡ଼ା-ସୋହେଲା ବିଜୁ ଏକ୍ସପ୍ରେସ୍ ରାସ୍ତାରେ ଧାନ ଗଦା କରି ରାସ୍ତା ଅବରୋଧ କରିଥିଲେ । ଘଟଣାସ୍ଥଳରେ ନୂଆପଡ଼ା ଅତିରିକ୍ତ ଯୋଗାଣ ଅଧିକାରୀ ତ୍ରିନାଥ ଭୋଇ, ଏସିଏସ୍‌ଓ ସଞ୍ଜୁ ପ୍ରଧାନ ପହଞ୍ଚି ଚାଷୀମାନଙ୍କ ସହ ଆଲୋଚନା କରିଥିଲେ । ହେଲେ ମଣ୍ଡିରୁ ଧାନ ନ ଉଠିବା ପର୍ଯ୍ୟନ୍ତ ସେମାନେ ରାସ୍ତାରୁ ହଟିବେ ନାହିଁ ବୋଲି ଜିଦ୍‌ରେ ଅଡ଼ି ବସିଥିଲେ । ଆଲୋଚନା ବିଫଳ ହେବା ସହ ଚାଷୀମାନେ ଅତିରିକ୍ତ ଯୋଗାଣ ଅଧିକାରୀ ଶ୍ରୀ ଭୋଇଙ୍କୁ ଗୋଡ଼ଫୁଲା ମଣ୍ଡିରୁ ପ୍ରାୟ ୩ କିମି ଚଲାଇ ଚଲାଇ ନୂଆପଡ଼ା ଏକତା ଛକରେ ପହଞ୍ଚିଥିଲେ ।

ପରେ ଉତ୍ତ୍ୟକ୍ତ ଚାଷୀମାନେ ଦିନ ୧ଟାରେ ୩୫୩ନଂ ଜାତୀୟ ରାଜପଥ ଅବରୋଧ କରିବା ପରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ । ଉପଜିଲ୍ଲାପାଳ ଯୋଗେନ୍ଦ୍ର ମାଝୀ ପହଞ୍ଚି ଚାଷୀଙ୍କ ସହ ଆଲୋଚନା କରିଥିଲେ । ନୂଆପଡ଼ା ବ୍ଲକର ବିଭିନ୍ନ ମଣ୍ଡିରେ ଥିବା ଧାନକୁ ତୁରନ୍ତ ଉଠାଣ କରିବା ସହ କୌଣସି କଟନି-ଛଟନି ହେବ ନାହିଁ ବୋଲି ଉପଜିଲ୍ଲାପାଳ ଶ୍ରୀ ମାଝୀ ପ୍ରତିଶ୍ରୁତି ଦେବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା । ଏଥିରେ ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରସନ୍ନ ପାଢ଼ୀ, ପୂର୍ବତନ ବିଜେପି ବିଧାୟକ ପ୍ରାର୍ଥୀ ହୋମସିଂ ମାଝୀ, ସରୋଜ କୁମାର ସାହୁ, ଭରତଲାଲ ରାଉତ, ଚାଷୀ ଦେବୀପ୍ରସାଦ ମିଶ୍ର, ଭାନୁପ୍ରତାପ ସିଂ ମାଝୀ, ଦିଲୀପ ସାହୁ, ତୋଷରାମ ସାହୁ ଓ ଅନ୍ୟମାନେ ପ୍ରମୁଖ ସାମିଲ ଥିଲେ ।

## ଅବଶିଷ୍ଟାଂଶ

### ସଂସଦକୁ ଅଚଳ...

ବେଳେ ସରକାର ଏଥିପାଇଁ ରାଜି ହେଉ ନାହାନ୍ତି । ଯାହାକୁ ନେଇ ସଂସଦରେ ଅଚଳାବସ୍ଥା ଦେଖାଦେଇଛି । ଏହାର ମୁକାବିଲା କରିବାକୁ ଯାଇ ଶାସକ ବିଜେପି ପକ୍ଷରୁ ସୋନିଆ ଏବଂ ରାହୁଲ ଗାନ୍ଧୀଙ୍କୁ ଟାର୍ଗେଟ୍ କରାଯାଉଛି । ଭାରତ ବିରୋଧୀ ଆମେରିକୀୟ ବ୍ୟବସାୟୀ ଜର୍ଜ ସୋରସ୍‌ଙ୍କ ସହ କଂଗ୍ରେସର ଏହି ଦୁଇ ପ୍ରମୁଖ ନେତାଙ୍କ ସମ୍ପର୍କ ରହିଛି ବୋଲି ବିଜେପି ଅଭିଯୋଗ କରିଛି । ଜର୍ଜ ସୋରସ୍ ଭାରତରେ ଅସ୍ଥିରତା ସୃଷ୍ଟି କରି ଦୁର୍ବଳ କରିବାକୁ ଚାହୁଁଥିଲା ବେଳେ କଂଗ୍ରେସ ଭାରତ ବିରୋଧୀ କାର୍ଯ୍ୟରେ ଲିପ୍ତ ରହିଛି ବୋଲି ବିଜେପି ସଭ୍ୟ ଅଭିଯୋଗ କରିଛନ୍ତି ।

କଂଗ୍ରେସ ପକ୍ଷରୁ ବିଜେପିର ଏହି ଅଭିଯୋଗକୁ ବିରୋଧ କରାଯାଇଛି । କଂଗ୍ରେସ ନେତାମାନେ ଅଭିଯୋଗ କରିଛନ୍ତି ଯେ ଅସଲ ପ୍ରସଙ୍ଗରୁ ଧ୍ୟାନ ହଟାଇବା ଲାଗି ବିଜେପି ଗାନ୍ଧୀ ପରିବାର ବିରୋଧରେ ଅବାସ୍ତବ ଓ ମନଗଢ଼ା ଅଭିଯୋଗ ଆଣୁଛି । ସଂସଦ ଚଳାଇ ନଦେବା ଲାଗି ଶାସକ ଦଳର ଏହା ହେଉଛି ସୁଚିନ୍ତିତ ଚାଲ ବୋଲି ବିରୋଧୀ ଦଳର ନେତାମାନେ ଅଭିଯୋଗ କରିଛନ୍ତି ।

ଉଭୟ ଗୃହ କାର୍ଯ୍ୟ ଆରମ୍ଭ ହେବା ପରେ ପ୍ରଶ୍ନକାଳରେ ବିରୋଧୀ ଆଦାନୀ ପ୍ରସଙ୍ଗକୁ ନେଇ ହୋହଲ୍ଲା ଆରମ୍ଭ କରିଦେବା ପରେ ଉଭୟ ଗୃହକୁ ଆଜି ଦିନ ଗୋଟାଏ ପର୍ଯ୍ୟନ୍ତ ମୁଲତବୀ ରଖାଯାଇଥିଲା । ଲୋକସଭା ବାଚସ୍ପତି ଓମ୍ ବିର୍ଲା ଗୃହକୁ ମୁଲତବୀ ରଖିବା ପରେ ରାଜ୍ୟସଭାରେ ମଧ୍ୟ ବିରୋଧୀ ସଦସ୍ୟମାନେ ଅଧ୍ୟକ୍ଷ ଧନଖଡ଼ଙ୍କ ଆଚରଣକୁ ନେଇ ପ୍ରଶ୍ନ ଉଠାଇଥିଲେ । ରାଜ୍ୟସଭାରେ ଆଜି ଆରମ୍ଭରୁ ଉତ୍ତେଜନା ପ୍ରକାଶ ପାଇଥିଲା । ଜିରୋ ଆୱାର ପରେ ବିଜେପିର ଜେପି ନଡ୍ଡା ଓ ଅନ୍ୟମାନେ ଭାରତ ବିରୋଧୀ ଶକ୍ତିଙ୍କ ସହିତ କଂଗ୍ରେସ ନେତାଙ୍କ ସଂପର୍କ ଅଭିଯୋଗ ଆଣି ଏହା ଉପରେ ଆଲୋଚନା କରିବାକୁ ଦାବି କରିଥିଲେ । କହିବା ଲାଗି ଅଧ୍ୟକ୍ଷ ଧନଖଡ଼ ଅନୁମତି ଦେବାରୁ ବିରୋଧୀ ସଭ୍ୟ ଏହାର ପ୍ରତିବାଦ କରିଥିଲେ । ଏସଂପର୍କରେ ସେମାନଙ୍କର ନୋଟିସକୁ ଅଧ୍ୟକ୍ଷ ପ୍ରତ୍ୟାଖ୍ୟାନ କରିଥିବା ବେଳେ ଶାସକ ଦଳକୁ କେମିତି ଅନୁମତି ଦେଉଛନ୍ତି ବୋଲି ବିରୋଧୀ ଦଳର ନେତା ମଲ୍ଲିକାର୍ଜୁନ ଖଡ଼ଗେ, ଜୟରାମ ରମେଶ, ପ୍ରମୋଦ ତିୱାରୀ ପ୍ରଶ୍ନ କରିଥିଲେ । ବିରୋଧୀଙ୍କ ପ୍ରତିବାଦ ସତ୍ତ୍ୱେ ବିଜେପିର ଲକ୍ଷ୍ମୀକାନ୍ତ ବାଜପେୟୀଙ୍କୁ କହିବା ଲାଗି ସୁଯୋଗ ଦିଆଯିବାରୁ ବିରୋଧୀ ପାଟିତୁଣ୍ଡ କରିଥିଲେ । ଅଧ୍ୟକ୍ଷ ପକ୍ଷପାତିତା କରୁଛନ୍ତି ଏବଂ ଅସଲ ପ୍ରସଙ୍ଗରୁ ଧ୍ୟାନ ହଟାଇବା ଲାଗି କଂଗ୍ରେସ ନେତାମାନଙ୍କ ବିରୋଧରେ ଏଭଳି ଅବାସ୍ତବ ଅଭିଯୋଗ ଅଣାଯାଉଛି । ଶାସକ ଦଳ ପକ୍ଷରୁ ସୁଚିନ୍ତିତ ଉପାୟରେ ଏହା କରାଯାଉଛି ବୋଲି ସେମାନେ ଅଭିଯୋଗ କରିଥିଲେ । ଶାସକ ଦଳର ସବୁ ସଦସ୍ୟ ଛିଡା ହୋଇଯିବା ଏବଂ ପ୍ରଶ୍ନର ଉତ୍ତର ନ ରଖିବା ପ୍ରଥମ ଘଟଣା ବୋଲି କହିଥିଲେ ।ସରକାର ଆଦାନୀଙ୍କୁ ସୁରକ୍ଷା ଦେବାକୁ ଚାହୁଁଥିବାରୁ ସଦନରେ ଆଲୋଚନା ନ କରି ଗୃହକାର୍ଯ୍ୟ ଭଣ୍ଡୁର କରିବାକୁ ଚାହୁଁଛନ୍ତି । ଅଧ୍ୟକ୍ଷଙ୍କ ଆଚରଣ ଉପରେ ପ୍ରଶ୍ନ ଉଠାଇ ବିରୋଧୀ ସଭ୍ୟ ଅଭିଯୋଗ କରିଥିଲେ ଯେ ଗୃହକାର୍ଯ୍ୟ ଭଣ୍ଡୁର କରିବା ଲାଗି ଶାସକ ଦଳ ପକ୍ଷରୁ ଯେଉଁ ଗେମ୍ ପ୍ଲାନ୍ ପ୍ରସ୍ତୁତ ହୋଇଛି, ଅଧ୍ୟକ୍ଷ ସେଥିରେ ସାମିଲ ହୋଇଯାଇଛନ୍ତି । ବିରୋଧୀ ଦଳଙ୍କୁ କୌଣସି ପ୍ରସଙ୍ଗ ଉଠାଇବାକୁ ସେ ସୁଯୋଗ ଦେଉନାହାନ୍ତି । ବିରୋଧୀ ସଦସ୍ୟମାନେ ଗୃହରେ 'ମୋଦୀ ଆଦାନୀ ଭାଇ ଭାଇ , ନରେନ୍ଦ୍ର ମୋଦୀ ମୁର୍ଦ୍ଦାବାଦ' ନାରା ଦେଇଥିଲେ । ପରେ ପରେ ଅଧ୍ୟକ୍ଷ ଜଗଦୀପ ଧନଖଡ଼ ହସ୍ତକ୍ଷେପ କରିବା ସହିତ ଗୃହ ମୁଲତବୀ ଘୋଷଣା କରିଥିଲେ ।

ଅନ୍ୟପକ୍ଷରେ କଂଗ୍ରେସ ଏବଂ ଅନ୍ୟ ବିରୋଧୀ ଦଳ ଆଦାନୀ ପ୍ରସଙ୍ଗକୁ ନେଇ ବିଜେପିକୁ ଘେରିଥିଲେ । ଗୃହ କାର୍ଯ୍ୟ ଆରମ୍ଭ ହେବା ପୂର୍ବରୁ ସଂସଦ ବାହାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ବିକ୍ଷୋଭ କରିଥିଲେ । କଂଗ୍ରେସ ସାଂସଦ ମନିକମ୍ ଟାଗୋର ଏବଂ ସପ୍ତଗିରି ଉଲକା ପ୍ରଧାନମନ୍ତ୍ରୀ ମୋଦୀ ଓ ଆଦାନୀଙ୍କ ମୁଖା ପିନ୍ଧି ଆସିଥିଲା ବେଳେ ରାହୁଲ ସେମାନଙ୍କ ସାକ୍ଷାତକାର ନେଇ ବ୍ୟଙ୍ଗାତ୍ମକ ଟିପ୍ପଣୀ ଦେଇଥିଲେ ।

### ଧନଖଡ଼ଙ୍କ ବିରୋଧରେ...

ଉଠାଇବା ଲାଗି ସେ ବିରୋଧୀଙ୍କୁ ସୁଯୋଗ ଦେଉ ନାହାନ୍ତି । ସଂସଦ କାର୍ଯ୍ୟ ଭଣ୍ଡୁର କରିବା ଲାଗି ଶାସକ ଦଳ ଯେଉଁ ଗେମ୍ ପ୍ଲାନ କରିଛି, ସେଥିରେ ଅଧ୍ୟକ୍ଷ ସାମିଲ ହୋଇଛନ୍ତି । ତେଣୁ ତାଙ୍କ ବିରୋଧରେ ପ୍ରସ୍ତାବ ଆଣିବା ଲାଗି ବିରୋଧୀ ମେଣ୍ଟ ଦସ୍ତଖତ ସଂଗ୍ରହ ଅଭିଯାନ ଆରମ୍ଭ କରିଛନ୍ତି । ବର୍ତ୍ତମାନ ସୁଦ୍ଧା ୭୦ରୁ ଅଧିକ ସାଂସଦ ଏହାକୁ ସମର୍ଥନ ଦେଇଥିବା ଜଣାପଡ଼ିଛି । କଂଗ୍ରେସ ସମେତ ସମାଜବାଦୀ ପାର୍ଟି, ଟିଏମ୍‌ସି, ଆମ ଆଦମୀ ପାର୍ଟି ଏବଂ ଅନ୍ୟ କିଛି ବିରୋଧୀ ଦଳ ସାମିଲ ରହିଛନ୍ତି । ଏହି ବିଷୟକୁ ନେଇ କଂଗ୍ରେସ ନେତା ଦିଗବିଜୟ ସିଂହ ଗୃହ ବାହାରେ ଧନଖଡ଼ଙ୍କ ବିରୋଧରେ ମନ୍ତବ୍ୟ ଦେଇ କହିଛନ୍ତି, ଆଜି ପର୍ଯ୍ୟନ୍ତ ରାଜ୍ୟସଭାରେ ଏଭଳି ଜଣେ ପକ୍ଷପାତୀ ଅଧ୍ୟକ୍ଷଙ୍କୁ ଦେଖି ନାହାନ୍ତି । ପୂର୍ବରୁ ଅଗଷ୍ଟରେ ଧନଖଡ଼ଙ୍କ ଏଭଳି ଆଚରଣକୁ ନେଇ ତାଙ୍କ ବିରୋଧରେ ଅବିଶ୍ୱାସ ପ୍ରସ୍ତାବ ଆଣିବାକୁ ୨୦ରୁ ଅଧିକ ସାଂସଦ ଏକାଠି ହୋଇଥିଲେ । ସମ୍ବିଧାନର ଧାରା ୬୭(ବି) ଅନୁଯାୟୀ ଉପରାଷ୍ଟ୍ରପତି ତଥା ରାଜ୍ୟସଭା ଅଧ୍ୟକ୍ଷଙ୍କୁ ହଟାଇବା ପାଇଁ ଗୃହରେ ପ୍ରସ୍ତାବ ଆସିବ । ଏହାକୁ ଗୃହରେ ଉପସ୍ଥିତ ଅଧିକାଂଶ ସଭ୍ୟ ସମର୍ଥନ କରିବା ଦରକାର । ରାଜ୍ୟସଭାରେ ଗୃହୀତ ପ୍ରସ୍ତାବକୁ ଲୋକସଭା ସମର୍ଥନ କରିବା ଜରୁରୀ । ୨୪୫ ସଭ୍ୟ ବିଶିଷ୍ଟ ରାଜ୍ୟସଭାରେ ବିଜେପି ମେଣ୍ଟର ୧୨୫ ଜଣ ସଭ୍ୟ ଥିବା ବେଳେ କଂଗ୍ରେସ ମେଣ୍ଟର ୧୧୨ ସଭ୍ୟ ଅଛନ୍ତି । ବିଭିନ୍ନ ଦଳର ୨୪ ଜଣ ସଭ୍ୟ ନିରପେକ୍ଷ ଥିବା ବେଳେ ୮ ଟି ଆସନ ଖାଲିପଡ଼ିଛି ।

### ସଞ୍ଜୟ ମାଲହୋତ୍ରା...

କିନ୍ତୁ ଶକ୍ତିକାନ୍ତଙ୍କ କାର୍ଯ୍ୟକାଳକୁ ନ ବଢାଇ ସରକାର ତାଙ୍କ ସ୍ଥାନରେ ୧୯ ୯୦ ବ୍ୟାଚ୍‌ର ରାଜସ୍ଥାନ କ୍ୟାଡରର ଭାରତୀୟ ପ୍ରଶାସନିକ ସେବା (ଆଇଏଏସ୍) ଅଧିକାରୀ ସଞ୍ଜୟ ମାଲହୋତ୍ରାଙ୍କୁ ନିଯୁକ୍ତି ଦେଇଛନ୍ତି । ଆଇଏଏସ୍ ଟପ୍ପର ଶ୍ରୀ ମାଲହୋତ୍ରା ଆଇଆଇଟି କାନପୁରରୁ କମ୍ପ୍ୟୁଟର ସାଇନ୍ସରେ ସ୍ନାତକୋତ୍ତର ଏବଂ ଆମେରିକାର ପ୍ରିନ୍ସଟନ ୟୁନିଭରସିଟିରୁ ପବ୍ଲିକ୍ ପଲିସିରେ ମାଷ୍ଟର ଡିଗ୍ରୀ ହାସଲ କରିଛନ୍ତି । ୩୩ ବର୍ଷରୁ ଅଧିକ ସମୟ ଧରି ପ୍ରଶାସନିକ ସେବାରେ ଥିବା ଶ୍ରୀ ମାଲହୋତ୍ରା ବ୍ୟାଙ୍କିଙ୍ଗ ଏବଂ ରାଜସ୍ୱ ପରିଚାଳନାରେ ବେଶ୍ ଦକ୍ଷ । ଓଡ଼ିଆ ପୁଅ ଶକ୍ତିକାନ୍ତ ୨୦୧୮ ରୁ ଏହି ପଦରେ ଥିଲେ ।

### ଧାନ ଖୁଆଡ଼ରେ...

ତେଣୁ ଓଡିଶା ଯୋଗାଣ ନିଗମ ବାରମ୍ବାର କ୍ଷତି ସହୁଛି । ଧାନ କିଣା ବାବଦରେ କେନ୍ଦ୍ର ସରକାରଙ୍କ ଉପରେ ନିଗମର ପ୍ରାୟ ୨୮ ହଜାର କୋଟି ଟଙ୍କା ବକେୟା ଅଛି । କେନ୍ଦ୍ର ସରକାରଙ୍କ ପାଇଁ ଧାନ କିଣିବାକୁ ଯାଇ ନିଗମ ଋଣ ବୋଝ ମୁଣ୍ଡାଇଛି । ଏଥିସହ ଗ୍ୟାରେଣ୍ଟି ବାବଦକୁ ନିଗମ ୧୭ ହଜାର କୋଟି ଟଙ୍କା ଦେବ । ଚାଷୀଙ୍କୁ ସବ୍‌ସିଡି ବାବଦରେ ୯ ହଜାର କୋଟି ଟଙ୍କା ବ୍ୟୟ ଭାର ପଡିବ । ମୋଟାମୋଟି ଦେଖିବାକୁ ଗଲେ ସରକାରଙ୍କ ଉପରେ ୫୫ ହଜାର କୋଟି ଟଙ୍କାର ବୋଝ ରହିବ । ରାଜ୍ୟର ଆର୍ଥିକ ସ୍ଥିତି ଦୋହଲିଯିବ ବୋଲି ବିଜେଡି ବିଧାୟକମାନେ ଆଶଙ୍କାବ୍ୟକ୍ତ କରିଛନ୍ତି ।

ବିଜେଡି ବିଧାୟକ ନିରଞ୍ଜନ ପୂଜାରୀ କହିଛନ୍ତି ଯେ ଯେ ରାଜ୍ୟରେ ମିଲର୍ ମାନେ ଆନ୍ଦୋଳନ କରୁଛନ୍ତି । ଆରଏମ୍‌ସି ଟଙ୍କା ବାକି ଅଛି; ପରିବହନ, ଗଚ୍ଛିତ ରଖିବା ଏବଂ ପରିଚାଳନା ଖର୍ଚ୍ଚ ବି ଦେବାକୁ ହେବ । ମିଲରଙ୍କ ପାଖରେ ୧ ଲକ୍ଷ କ୍ୱିଣ୍ଟାଲ ଧାନ ଥିବାରୁ ଆଉ ଧାନ ରଖିବା ପାଇଁ ଜାଗା ନାହିଁ । ଜିଲ୍ଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ କିପରି ବସୁଛି ତାହା ଜଣାପଡୁ ନାହିଁ । ସଦସ୍ୟମାନଙ୍କୁ ତଥ୍ୟ ଦିଆଯାଉ ନାହିଁ । ଧାନ ସଂଗ୍ରହ କଥା ଖାଲି କହିଦେଲେ ହେବ ନାହିଁ, ତାହାକୁ ସରକାର କାମରେ କରି ଦେଖାନ୍ତୁ ବୋଲି ଶ୍ରୀ ପୂଜାରୀ ଦାବି କରିଛନ୍ତି । ବିଜେଡି ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି ଯେ ୫ ଜିଲ୍ଲାରେ ଧାନ ସଂଗ୍ରହ ଆରମ୍ଭ ହୋଇଥିଲା ବେଳେ ବାକି ଜିଲ୍ଲାରେ ଅନିଶ୍ଚିତତା ଲାଗି ରହିଛି । ସଂଗ୍ରହ ହେଉଥିବା ଜିଲ୍ଲାର ଅନେକ ମଣ୍ଡିରୁ ଧାନ ଉଠି ନାହିଁ । ଚାଷୀଙ୍କୁ ଟୋକନ ମିଳୁନି । ଯାହାର ଅଧିକ ଜମି ଅଛି ତାକୁ ଅଧା ଜମିର ଟୋକନ୍ ନାହିଁ । ସରକାରଙ୍କୁ ମିଲରମାନେ ପକେଟରେ ଭର୍ତ୍ତି କରି ଦେଇଛନ୍ତି । ନବୀନ ପଟ୍ଟନାୟକ ସରକାରରେ ଧାନ ସଂଗ୍ରହ ପାଇଁ ଉତ୍ତମ ବ୍ୟବସ୍ଥା ଥିଲା । ନବୀନ ବାବୁ ସମସ୍ତଙ୍କୁ ନେଇ ଭଲ ବାତାବରଣ ସୃଷ୍ଟି କରିଥିଲେ । ଟୋକନ ସମସ୍ୟା ନ ଥିଲା କିମ୍ବା କଟନୀ ଛଟନୀ ହେଉନଥିଲା । କେନ୍ଦ୍ର ଯୋଗାଣ ସଚିବ ଓଡିଶା ଆସି ସବୁ ଦେଖିବା ପରେ ଆଦର୍ଶ ବ୍ୟବସ୍ଥା ହୋଇଛି ବୋଲି କହିଥିଲେ । ହେଲେ ବିଜେପି ସରକାର ସେହି ବ୍ୟବସ୍ଥାକୁ ଚଳାଇପାରୁ ନାହାନ୍ତି । ଯଦି ଭୁଲ କରିବେ ଚାଷୀ ଆପଣଙ୍କୁ ଛାଡ଼ିବେ ନାହିଁ ବୋଲି ଶ୍ରୀ ସ୍ୱାଇଁ ଚେତାବନୀ ଦେଇଛନ୍ତି ।

ଅନ୍ୟପକ୍ଷରେ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ବିରୋଧୀଙ୍କ ଅଭିଯୋଗକୁ ଖଣ୍ଡନ କରି ଏହା ତଥ୍ୟ ଆଧାରିତ ନୁହେଁ ବୋଲି କହିଛନ୍ତି । ସେ କହିଛନ୍ତି ଯେ ରାଜ୍ୟର ସବୁ ଚାଷୀଙ୍କ ଧାନ ଆମେ କିଣିବୁ । କୌଣସି ଚାଷୀ ବାଦ୍ ପଡିବେ ନାହିଁ । ସ୍ୱଚ୍ଛତା ରକ୍ଷା ପାଇଁ ସରକାର ସବୁ ବ୍ୟବସ୍ଥା କରିଛନ୍ତି । ପ୍ରତିଶ୍ରୁତି ଅନୁସାରେ ଚାଷୀମାନଙ୍କୁ ଇନପୁଟ ସବ୍‌ସିଡି ଦେଇଛନ୍ତି ବୋଲି ମନ୍ତ୍ରୀ ଉତ୍ତର ରଖିଛନ୍ତି । ଆଲୋଚନାରେ ବିଜେଡି ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ, କଂଗ୍ରେସ୍ ସଭ୍ୟ ଅଶୋକ କୁମାର ଦାସ, ପିବତ୍ର ସାଉଁତା ପ୍ରମୁଖ ଧାନ କ୍ରୟରେ ବ୍ୟାପକ ଅବ୍ୟବସ୍ଥା ଥିବା ଅଭିଯୋଗ କରିଥିବାବେଳେ ବିଜେପି ବିଧାୟକ ନିହାର ମହାନନ୍ଦ, ଦୁର୍ଗା ସେଠୀ, ଅଶ୍ୱିନୀ ଷଡ଼ଙ୍ଗୀ ପ୍ରମୁଖ ବିରୋଧୀଙ୍କ ଅଭିଯୋଗକୁ ଅମୂଳକ ବୋଲି କହିଛନ୍ତି ।

### ଗୁଣି ସନ୍ଦେହରେ...

ପୁଲିସ୍ ଓ ସାଇଣ୍ଟିଫିକ୍ ଟିମ୍ ଗାଁରେ ପହଞ୍ଚି ଶ୍ମଶାନରୁ ହାଡ଼ ଓ ପାଉଁଶ ଜବତ କରିଛନ୍ତି । ଅପରପକ୍ଷେ, ଗିରଫଦାରୀ ଭୟରେ ବର୍ତ୍ତମାନ ସମଗ୍ର ଗାଁ ପୁରୁଷଶୂନ୍ୟ ହୋଇଯାଇଛି ।

ସୂଚନାନୁଯାୟୀ, ଗ୍ରାମର ଦାସ ମିଣିଆକାଙ୍କର ବାର୍ଦ୍ଧକ୍ୟ ଜନିତ ଅସୁସ୍ଥତାରୁ ରବିବାର ମୃତ୍ୟୁ ହୋଇଥିଲା । ଆତ୍ମୀୟସ୍ୱଜନ ଓ ଗ୍ରାମବାସୀ ଶ୍ମଶାନରେ ତାଙ୍କ ଶବକୁ ସତ୍କାର ପାଇଁ ନେଇଥିଲେ । ଶ୍ମଶାନରେ ଜୁଇ ଜଳୁଥିବା ବେଳେ ଉପସ୍ଥିତ କିଛି ଲୋକ ଦାସ ମିଣିଆକାଙ୍କ ମୃତ୍ୟୁ ସାଧାରଣ ନୁହେଁ, ବରଂ ତାଙ୍କୁ ଗୁଣିଗାରେଡ଼ି କରି ମାରିଦିଆଯାଇଛି ବୋଲି ଅଭିଯୋଗ କରିଥିଲେ । ଶିବ ମିଣିଆକା ହିଁ ତାଙ୍କୁ ଗୁଣି କରିଛନ୍ତି ବୋଲି ସେମାନେ ସନ୍ଦେହ କରିଥିଲେ । ପୁରୁଣା ଘଟଣା ଉଖାରି ସେମାନେ କହିଥିଲେ ଯେ ଶିବଙ୍କ ସହ ଦାସଙ୍କର ପୂର୍ବଶତ୍ରୁତା ରହିଥିଲା । ପୂର୍ବରୁ ମଧ୍ୟ ଶିବ ଗୁଣିଗାରେଡ଼ି କରି ଦାସଙ୍କୁ ମାରିଦେବାକୁ ଧମକ ଦେଇଥିଲେ । ତେଣୁ ଶିବ ହିଁ ଦାସଙ୍କୁ ଗୁଣି କରି ମାରିଥିବା ସନ୍ଦେହ କରି ୪ରୁ ୫ଜଣ ଯୁବକ ଶିବଙ୍କୁ ପିଟିପିଟି ହତ୍ୟା କରିଦେଇଥିଲେ । ପରେ ପ୍ରମାଣ ଲୁଚାଇବା ପାଇଁ ସେମାନେ ଶିବଙ୍କ ଶବକୁ ଶ୍ମଶାନରେ ଜଳୁଥିବା ଦାସଙ୍କ ଜୁଇରେ ଜାଳି ଦେଇଥିଲେ । ଏ ସଂପର୍କରେ ଶିବଙ୍କ ବାପା ବୁରୁସା ଥାନାରେ ଏତଲା ଦେବା ପରେ ଘଟଣା ପ୍ରଘଟ ହୋଇଥିଲା । ତାଙ୍କ ଏତଲା ଅନୁଯାୟୀ, ଗାରିଡ଼ି ସରପଞ୍ଚ ମାଡ଼ି ମାଣ୍ଡିଙ୍ଗି ଓ ଗୋପୀନାଥ ବିଡିକାଙ୍କ ଉପସ୍ଥିତିରେ ଶିବଙ୍କୁ କିଛି ଗ୍ରାମବାସୀ ହତ୍ୟା କରିଛନ୍ତି । ପରେ ବିଳମ୍ବିତ ରାତିରେ ବନ୍ଧୁଗାଁ ପୁଲିସ୍ ଗାଁରେ ପହଞ୍ଚି ଖୋଳତାଡ଼ ଆରମ୍ଭ କରିଥିଲା । ୪ରୁ ୫ଜଣ ଯୁବକଙ୍କୁ ଥାନାକୁ ଉଠାଇ ନେଇଥିଲା ।

### ଭକ୍ତଙ୍କ ଉପରେ...

ପବିତ୍ର ସ୍ଥାନକୁ ଯିବା ପାଇଁ ଏବେ ଭକ୍ତଙ୍କୁ ଟଙ୍କା ଗଣିବାକୁ ପଡ଼ିବ । କାରଣ ଶ୍ରଦ୍ଧାଳୁଙ୍କ ଉପରେ ଏବେ ମାହାଲ ବୋଝ ଲଦି ଦିଆଯିବାକୁ ଯୋଜନା ହୋଇଛି । ଶ୍ରୀମନ୍ଦିର ପ୍ରଶାସନ ଏହିସବୁ ସ୍ଥାନକୁ ନିଲାମ ଦେବା ଲାଗି ଟେଣ୍ଡର୍ ଆହ୍ୱାନ କରିଛି । ହେଲେ ଏହାକୁ ନାପସନ୍ଦ କରିଛନ୍ତି ଶ୍ରଦ୍ଧାଳୁ । ଶ୍ରୀମନ୍ଦିର ପାଇଁ ୫୦୦ କୋଟି ଟଙ୍କାର କର୍ପସ୍ ଫଣ୍ଡ ଏବଂ ଭକ୍ତଙ୍କୁ ମାଗଣାରେ ମହାପ୍ରସାଦ ବଣ୍ଟନ ଲାଗି ଘୋଷଣା କରିଥିବା ବିଜେପି ସରକାର ଶ୍ରଦ୍ଧାଳୁଙ୍କ ଉପରେ ମାହାଲ ବୋଝ କାହିଁକି ଲଦି ଦେଉଛି, ତାହାକୁ ନେଇ ଏବେ ସମସ୍ତେ ଦ୍ୱନ୍ଦ୍ୱରେ ।

ଶ୍ରୀମନ୍ଦିରକୁ ଆସୁଥିବା ଭକ୍ତମାନେ ମନ୍ଦିର ପରିସର (କୋଇଲି ବୈକୁଣ୍ଠ, ରୋଷଘର, ରୋହିଣୀକୁଣ୍ଡ, ନୀଳାଚଳ ଉପବନ ଇତ୍ୟାଦି) ବିଭିନ୍ନ ପବିତ୍ର ସ୍ଥାନ ବୁଲିଥା'ନ୍ତି । ସେହିପରି ଶ୍ରୀମନ୍ଦିର ପ୍ରଶାସନ ଅଧୀନରେ ମନ୍ଦିର ବାହାରେ ମଧ୍ୟ ଏକାଧିକ ପବିତ୍ର ପୀଠ (ଯେପରିକି ନରେନ୍ଦ୍ର ପୁଷ୍କରିଣୀ, ଶ୍ରୀଗୁଣ୍ଡିଚା ମନ୍ଦିର) ରହିଛି । ମହାପ୍ରଭୁଙ୍କ ଦର୍ଶନ ପରେ ଅଧିକାଂଶ ଶ୍ରଦ୍ଧାଳୁ ଏ ସବୁ ବୁଲି ଏହାର ମାହାତ୍ମ୍ୟ ଏବଂ ଇତିହାସ ସମ୍ପର୍କରେ ଅନେକ ତଥ୍ୟ ଜାଣିଥା'ନ୍ତି । ହେଲେ ଶ୍ରୀମନ୍ଦିର ପ୍ରଶାସନ ଏବେ ୫ଟି ମାହାଲ (ରୋଷଘର, ଲୁଣପତ୍ର, କୋଇଲି ବୈକୁଣ୍ଠ, ନରେନ୍ଦ୍ର ସଂକଳ୍ପ ଏବଂ ନୀଳାଚଳ ଉପବନ)କୁ ନିଲାମରେ ଦେବା ପାଇଁ ଟେଣ୍ଡର୍ ଡାକିଛି । ରୋଷଘର ଦର୍ଶନୀ ମାହାଲର ବାର୍ଷିକ ଧାର୍ଯ୍ୟ ମୂଲ୍ୟ ୬୨ଲକ୍ଷ ୫୦ ହଜାର, ଲୁଣପତ୍ର ମାହାଲ ୧୮ ଲକ୍ଷ ୭୫ ହଜାର, କୋଇଲି ବୈକୁଣ୍ଠ ୭୫ ଲକ୍ଷ, ନରେନ୍ଦ୍ର ପୁଷ୍କରିଣୀ ୧ କୋଟି ୨୫ ଲକ୍ଷ ଏବଂ ନୀଳାଚଳ ଉପବନ ୬ଲକ୍ଷ ୨୫ ହଜାର ଟଙ୍କା ରହିଛି । ଏହାଠୁ ଯିଏ ସବୁଠୁ ଅଧିକ ଟଙ୍କା ଟେଣ୍ଡର୍ ପକାଇବେ, ତାଙ୍କୁ ନିଲାମରେ ଦିଆଯିବ । ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ଏହି ଟେଣ୍ଡର୍ ଆହ୍ୱାନ କରାଯାଇଥିବା ବେଳେ ଏହାର ଲାଇସେନ୍ସର ଅବଧି ୩ ବର୍ଷ ରହିଛି । ଅର୍ଥାତ୍ ପରବର୍ତ୍ତୀ ଦୁଇବର୍ଷ ଶତକଡ଼ା ୧୦ ଭାଗ ଅଧିକ ଦେବେ ନିଲାମଧାରୀ ।

ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, କ'ଣ ପାଇଁ ଶ୍ରୀମନ୍ଦିର ପ୍ରଶାସନ ଏହି ପବିତ୍ର ପୀଠକୁ ନିଲାମରେ ଦେବା ଲାଗି ଯୋଜନା କରିଛି? ନିଜକୁ ଲୋକଙ୍କ ସରକାର ବୋଲି ଦାବି କରୁଥିବା ବିଜେପି କାହିଁକି ଭକ୍ତଙ୍କ ଉପରେ ଆର୍ଥିକ ବୋଝ ଲଦି ଦେବାକୁ ଯାଉଛି? ଏହାଦ୍ୱାରା ଅନେକ ସମୟରେ ନିଲାମଧାରୀ ଭକ୍ତଙ୍କୁ ଆର୍ଥିକ ଶୋଷଣ କରିବେ । ଗରିବ ଭକ୍ତଟିଏ ଦେୟ ଦେଇ ଏ ସବୁ ସ୍ଥାନ ବୁଲିବା ସମ୍ଭବ ହେବ ନାହିଁ । ଶ୍ରୀମନ୍ଦିର ଏବଂ ଭକ୍ତଙ୍କ ସୁବିଧା ପାଇଁ ୫୦୦ କୋଟି ଟଙ୍କା ଦେବା ଲାଗି ଘୋଷଣା କରିଥିବା ବିଜେପି ସରକାର ଶ୍ରଦ୍ଧାଳୁଙ୍କୁ ପ୍ରତିଦିନ ମାଗଣାରେ ମହାପ୍ରସାଦ ବଣ୍ଟନ କରାଯିବ ବୋଲି କହିଛି । ଏ ବାବଦରେ ବର୍ଷକୁ କୋଟି କୋଟି ଟଙ୍କା ଖର୍ଚ୍ଚ ହେବ । ହେଲେ ଅନ୍ୟପଟେ ଶ୍ରଦ୍ଧାଳୁ ଯେପରି ନିଲାମଧାରୀଙ୍କ ଦ୍ୱାରା ଶୋଷଣର ଶିକାର ହେବେ ତା'ର ବାଟ ଖୋଲି ଦିଆଯାଉଛି ବୋଲି କହିଛନ୍ତି ଭକ୍ତ ରମେଶ ପ୍ରସାଦ ଜେନା । ତାଙ୍କ ମତରେ ଉପରୋକ୍ତ ଜାଗା ବୁଲିବାକୁ ହେଲେ ଶ୍ରଦ୍ଧାଳୁଙ୍କୁ ଟଙ୍କା ଗଣିବାକୁ ପଡ଼ିବ । ଏହା ସମସ୍ତଙ୍କ ପକ୍ଷେ ସମ୍ଭବ ହେବ ନାହିଁ । ତେଣୁ ଏଭଳି ନିଷ୍ପତ୍ତିରୁ ମନ୍ଦିର ପ୍ରଶାସନ ଓହରିବା ଦରକାର ବୋଲି କହିଛନ୍ତି ଶ୍ରୀ ଜେନା ।

ସୂଚନାଥାଉ କି, ଶ୍ରୀମନ୍ଦିର ଉତ୍ତର ପାର୍ଶ୍ୱରେ ରହିଛି କୋଇଲି ବୈକୁଣ୍ଠ । ଏଠାରେ ତୁଳସୀ ଏବଂ ବିଭିନ୍ନ ପ୍ରକାର ଫୁଲ ବଗିଚା ରହିଛି । ନବକଳେବର ସମୟରେ ଦାରୁଦିଅଁଙ୍କ ନୂଆ ମୂର୍ତ୍ତି ଏହା ପରିସରରେ ନିର୍ମାଣ କରାଯାଇଥାଏ । ନବକଳେବରରେ ପୁରାତନ ବିଗ୍ରହଙ୍କୁ କୋଇଲି ବୈକୁଣ୍ଠ ପରିସରରେ ପାତାଳି କରାଯାଇଥାଏ । ଏହା ହେଉଛି ସାକ୍ଷାତ ବୈକୁଣ୍ଠପୁର । ଶ୍ରୀମନ୍ଦିରକୁ ଦର୍ଶନ ପାଇଁ ଆସୁଥିବା ଶ୍ରଦ୍ଧାଳୁମାନେ ଏହା ପରିସରକୁ ବୁଲିଯିବାକୁ ପ୍ରାଥମିକତା ଦେଇଥାନ୍ତି । ସେହିପରି ମନ୍ଦିର ପରିସରର ଅନ୍ୟ ପବିତ୍ରସ୍ଥଳୀ ହେଉଛି ନୀଳାଦ୍ରିବିହାର ଉପବନ ଏବଂ ରୋଷଘର । ଭକ୍ତ ଏହକୁ ମଧ୍ୟ ବୁଲି ଦେଖନ୍ତି । ସେହିପରି ମନ୍ଦିର ବାହାର ପବିତ୍ର ସ୍ଥଳ ହେଉଛି ନରେନ୍ଦ୍ର ପୁଷ୍କରିଣୀ । ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା ମଦନମୋହନ, କୃଷ୍ଣ ବଳରାମ ଓ ପଞ୍ଚମହାଦେବ ପ୍ରତିବର୍ଷ ଚନ୍ଦନ ଯାତ୍ରାରେ ଏଠାକୁ ଚାପ ଖେଳିବାକୁ ଆସନ୍ତି । ଏହି ପବିତ୍ର ଜଳାଶୟରେ ଜଗନ୍ନାଥଙ୍କ ଚନ୍ଦନ ଯାତ୍ରା ଅନୁଷ୍ଠିତ ହେଉଥିବାରୁ ଏହା ଚନ୍ଦନ ସରୋବର ନାମରେ ଖ୍ୟାତ । ତେଣୁ ପ୍ରତିଦିନ ଏଠାକୁ ଭକ୍ତ ଦର୍ଶନ ପାଇଁ ଆସୁଥିବା ବେଳେ ସଂକଳ୍ପ କରିଥାନ୍ତି ।


**AFFIDAVIT**

By virtue of an Affidavit sworn before Notary Public, Bhubaneswar on dated 29/11/2024, I, Jayaram Mahananda (New Name), Address: Dhulusar, PO: Chudapali, PS: Dunguripalli, Dist: Bolangir, Pin: 767024, Odisha (Full Address) declare that I have changed my name from Jayasankar Nanda (Old Name) to Jayaram Mahananda (New Name). Henceforth, I shall be known as **JAYARAM MAHANANDA** for all future purposes.

**AFFIDAVIT**

By virtue of an affidavit sworn before the Executive Magistrate, Khordha, dated 02.12.2024. I Diptimayee Chhualsingh, At- Sanarauppada, Po.- Kusumi, Ps.- Tangi, Dist.- Khordha declare that I have changed my name from Shgufta Firdous to Diptimayee Chhualsingh. Henceforth, he shall be known as **Diptimayee Chhualsingh** for all purposes.

**AFFIDAVIT**

I, Deepak Kumar Verma, S/o- Late Purusottam Lal Varma, Resident of Laxmibazar, Angul, PIN-759122, Odisha declare by this affidavit No. 4012. dated- 06/12/2024 that now onwards I shall be known as **DEEPAK KUMAR VARMA** for all future purposes.

**AFFIDAVIT**

By virtue of an affidavit sworn before the Executive Magistrate, Pattamundai, dated 09.12.2024. I Aditikanti Behera, At/Po.- Beltal, Ps.- Pattamundai, Dist.- Kendrapara declare that I have changed my name from Aditikanti Behera to Adityakanti Behera. Henceforth, he shall be known as **Adityakanti Behera** for all purposes.

**AFFIDAVIT**

I, Bantu Sasmita Patro, C/o- Bhagaban Patro, resident of At- Main Road, Bhanjanagar, Ganjam, Odisha, Pin Code- 761126, declared by this affidavit No. 765, dated- 07/12/2024 that now onwards I shall be known as **BONTU SASMITA PATRO** for all future purposes.

**AFFIDAVIT**

I, Bantu Pramod Kumar Patro, C/o- Bantu Madhusudan Patro, resident of At- Main Road, Bhanjanagar, Ganjam, Odisha, Pin Code- 761126, declared by this affidavit No. 767, dated- 07/12/2024 that now onwards I shall be known as **BONTU PRAMOD KUMAR PATRO** for all future purposes.

**AFFIDAVIT**

I, Anita Verma, W/o- Deepak Kumar Varma, Resident of Gandhimarg, Gujuratipada, PO/PS/Dist- Angul, PIN - 759122, Odisha declare by this affidavit No.4011, dated- 06/12/2024 that now onwards I shall be known as **ANITA VARMA** for all future purposes.

**AFFIDAVIT**

I, Prativa Devi, W/o- OM Prakash Sahoo, resident of At/Po- Bhatria Pada Gali, Sundergarh, Pin- 770001, Odisha declared by this affidavit No. 2226, dated- 06/12/2024 that now onwards I shall be known as **PRATIVA SAHOO** for all future purposes.

**AFFIDAVIT**

I, Itishree Sahu, Wife of Debadatta Sahu, Resident of At- B-4/101, New LIC Colony, PS- Maitree Vihar, PO- Rail Vihar, Bhubaneswar, Dist- Khordha, Pin- 751023, Odisha, declare by this affidavit No. 39542, dated- 07/12/2024, that now onwards I shall be known as **ITISHREE SAHOO** for all future purposes.

**AFFIDAVIT**

I, Jyoti Satapathy, W/o- Sarthak Satapathy, resident of At- HIG 1/19, Sri Satya Sai Enclave, Near Manipal Hospital (Amri), Aiginia, Khandagiri, Bhubaneswar, Pin- 751030, Odisha declared by this affidavit No.952, dtd-07/12/2024 that now onwards I shall be known as **JYOTI MISHRA** for all future purposes.

**AFFIDAVIT**

By virtue of an affidavit vide No, 4013, dated- 06/12/2024, sworn before the Notary Public, Angul. I, Deepak Kumar Varma, S/o- Late Purusottam Lal Varma, Resident of Laxmibazar, Angul, PIN- 759122, Odisha declare that I have changed my son's name from **Rajveer Verma to Rajveer Varma.** Henceforth, He will be known as **RAJVEER VARMA** for all future purposes.

**ବିଶ୍ୱ ପ୍ରସିଦ୍ଧ ଧନୁଯାତ୍ରା, ବରଗଡ଼**

ଟେଣ୍ଡର ବିଜ୍ଞପ୍ତି

ନଂ. ୪୨୪୪ | ତା. ୦୬.୧୨.୨୦୨୪

ବରଗଡ ଧନୁଯାତ୍ରା ନିମନ୍ତେ ଜଳ ହାଇସ୍କୁଲ ପଡିଆରେ ମୀନାବଜାର, ଦୋଳି, ଝୁଲା ଏବଂ ଅନ୍ୟାନ୍ୟ ମନୋରଞ୍ଜନ କାର୍ଯ୍ୟକ୍ରମ ପାଇଁ ତଥା ପାର୍କିଂ ଇତ୍ୟାଦି ପାଇଁ ଅନ୍ୟାନ୍ୟ ଉପଯୋଗୀ ଜାଗା ଓ ପଡିଆ ଗୁଡିକ ଟେଣ୍ଡର ମାଧ୍ୟମରେ ଇଚ୍ଛୁକ ବ୍ୟକ୍ତିମାନଙ୍କୁ ସର୍ତ୍ତାବଳୀ ସହ ଯୋଗେଇ ଦିଆଯିବ ।

ଉପ-ଜିଲ୍ଲାପାଳ, ବରଗଡଙ୍କ କାର୍ଯ୍ୟାଳୟରେ ଅଫିସ ସମୟ ମଧ୍ୟରେ (ସକାଳ ୧୧ ଘଣ୍ଟିକାରୁ ଅପରାହ୍ନ ୪ ଘଣ୍ଟିକା ସୁଦ୍ଧା) ତା. ୦୯.୧୨.୨୦୨୪ ଠାରୁ ତା.୧୬.୧୨.୨୦୨୪ (ଛୁଟିଦିନ ବ୍ୟତିତ) ଟେଣ୍ଡର କାଗଜପତ୍ର ଟ.୬୦୦୦.୦୦(ଛଅ ହଜାର ଟଙ୍କା ମାତ୍ର) / ପାର୍କିଂ ପାଇଁ ଟ.୪୦୦୦.୦୦(ଚାରି ହଜାର ମାତ୍ର) / ଅସ୍ଥାୟୀ ଛୋଟ ଦୋକାନ ପାଇଁ ଟ. ୧୦୦୦.୦୦(ଏକ ହଜାର ମାତ୍ର) ବିନିମୟରେ ଯୋଗେଇ ଦିଆଯିବ । ଇଚ୍ଛୁକ ନିଲାମଧାରୀମାନେ ସଂପୃକ୍ତ ସ୍ଥାନ ମାନଙ୍କର ପ୍ରସ୍ତୁତ ନକ୍ସା, ପ୍ଲାନ ଏବଂ ସର୍ତ୍ତାବଳୀ ଉପ-ଜିଲ୍ଲାପାଳ, ବରଗଡଙ୍କ କାର୍ଯ୍ୟାଳୟର ନୋଟିସ ବୋର୍ଡରେ ଦେଖିପାରିବେ ।

ଉକ୍ତ ଟେଣ୍ଡର କାଗଜପତ୍ର, ନିଜର ସର୍ବୋଚ୍ଚ ଡାକ ମୂଲ୍ୟ ସହ ପୂରଣ କରି , ଏକ ଲଫାପା ଉପରେ ପୂରାଇ ତା. ୦୯.୧୨.୨୦୨୪ରିଖ ଠାରୁ ତା. ୧୬.୧୨.୨୦୨୪ ରିଖ ଅପରାହ୍ନ ୧.୦୦ ଘଣ୍ଟିକା ମଧ୍ୟରେ ଉପ-ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଥିବା ନିର୍ଦ୍ଦିଷ୍ଟ ଟେଣ୍ଡର ବାକ୍ସରେ ପକାଇବେ । ତାହା ସମସ୍ତଙ୍କ ଉପସ୍ଥିତିରେ ତା.୧୬.୧୨.୨୦୨୪ ରିଖ ଅପରାହ୍ନ ୩.୦୦ ଘଣ୍ଟିକା ସମୟରେ ଖୋଲାଯାଇ ନିୟମାନୁଯାୟୀ ଚୁକ୍ତି ସମ୍ପାଦନ କରାଯିବ । ଯଦି ଉକ୍ତ ଦିନ ଏହି ଟେଣ୍ଡର ପ୍ରକ୍ରିୟା ଚୂଡାନ୍ତ ହୋଇପାରିବ ନାହିଁ ତେବେ, ଦ୍ୱିତୀୟ ଦିବସ ତା. ୧୮.୧୨.୨୦୨୪ ରିଖ ଅପରାହ୍ନ ୪.୦୦ ଘଣ୍ଟିକା ସମୟରେ ଏହି ଟେଣ୍ଡର ପ୍ରକ୍ରିୟା ଚୂଡାନ୍ତ କରାଯିବ । ପ୍ରକାଶ ଥାଉକି, କୌଣସି କାରଣ ନ ଦର୍ଶାଇ ଯେ କୌଣସି ପକ୍ଷଙ୍କ ଡାକ ମୂଲ୍ୟକୁ କିମ୍ବା ସମ୍ପୂର୍ଣ୍ଣ ଟେଣ୍ଡର କୁ ରଦ କରିବାର କ୍ଷମତା ଅଧିକାରୀଙ୍କର ରହିଅଛି । ସବିଶେଷ ବିବରଣୀ ଜିଲ୍ଲା Website- http://baragarh.nic.in ରେ ମଧ୍ୟ ଉପଲବ୍ଧ ହେବ ।

ଉପ-ଜିଲ୍ଲାପାଳ ତଥା ଆବାହକ
ଜମି-ଆବଣ୍ଟନ କମିଟି,
ଧନୁଯାତ୍ରା ମହୋତ୍ସବ କମିଟି, ବରଗଡ଼

ସକାଳ
THE SAKALA

# ସମ୍ପାଦକୀୟ



ଲୋକଙ୍କ ଆଚରଣ ରୁଚିଶୀଳ ହେଲେ ବୈଶ୍ୱିକ ପରିବେଶ ମଧ୍ୟ ରୁଚିପୂର୍ଣ୍ଣ ହେବ।
-ଜର୍ଜ ଅରୱେଲ୍

## ବିଶ୍ୱ ଭୂ-ରାଜନୀତି ବଦଳୁଛି

ସିରିଆର ରାଷ୍ଟ୍ରପତି ବସାର ଆସାଦ ଦେଶ ଛାଡ଼ି ରୁଷ୍‌କୁ ପଳାୟନ ଓ ସେଠାରେ ଆଶ୍ରୟ ନେବା ପରେ ବିଶ୍ୱ ଭୂ-ରାଜନୀତିରେ ନୂତନ ସମୀକରଣ ସୃଷ୍ଟି ହେବାକୁ ଯାଉଛି। ୟୁକ୍ରେନ୍ ଯୁଦ୍ଧରେ ଲିପ୍ତ ରୁଷ୍ ସିରିଆରୁ ମୁହଁ ଫେରାଇବା ସହିତ ଇସ୍ରାଏଲ୍ ସହିତ ସାମରିକ ଉତ୍ତେଜନା କାରଣରୁ ଇରାନ୍ ମଧ୍ୟ ଆଉ ସିରିଆ ବ୍ୟାପାରରେ ମୁଣ୍ଡ ପୂରାଇବା ସ୍ଥିତିରେ ନାହିଁ। ହେଜବୋଲ୍ଲା କ୍ରମଶଃ ସାମରିକ ଦୃଷ୍ଟିରୁ ଦୁର୍ବଳ ହେବାରେ ଲାଗିଛି। ଏହାର ସୁଯୋଗ ନେଇ ସେଠାରେ ଆତଙ୍କବାଦୀ ସଂଗଠନ ଆଇଏସ୍‌ଆଇଏସ୍ ପୁଣି ସକ୍ରିୟ ହୋଇଥିବା ବେଳେ ତା'କୁ ଦୃଢ଼ହସ୍ତରେ ଦମନ କରିବା ପାଇଁ ଆମେରିକା ପୁଣି ସାମରିକ କାର୍ଯ୍ୟାନୁଷ୍ଠାନ ଆଳରେ ସିରିଆରେ ନିଜ ଆଧିପତ୍ୟ ବିସ୍ତାର କରିବାର ସମ୍ଭାବନା ଦୃଢ଼ ହେଉଛି। ପରିବର୍ତ୍ତିତ ପରିସ୍ଥିତିରେ ସେଠାରେ ଗୃହଯୁଦ୍ଧର ନେତୃତ୍ୱ ନେଉଥିବା ହାୟାତ୍ ତହରିର୍ ଅଲ୍ ଶାମ୍ କ୍ଷମତାକୁ ଫେରିବ ଏବଂ କ୍ଷମତାରେ ଥିବା ବସାରଙ୍କ ଦଳ ପୁଣି ବିପ୍ଳବୀ ଭୂମିକାରେ ଅବତୀର୍ଣ୍ଣ ହେବେ। ତେଣୁ ନିକଟ ଭବିଷ୍ୟତରେ ସିରିଆ ଗୃହଯୁଦ୍ଧରୁ ମୁକ୍ତି ପାଇବାର ସମ୍ଭାବନା ପ୍ରାୟତଃ ନାହିଁ। ଇସ୍ରାଏଲ୍-ହମାସ ଯୁଦ୍ଧବିରତି ଘୋଷଣା ପରେ ଆଶା କରାଯାଉଥିଲା ଆରବୀୟ ରାଷ୍ଟ୍ର ଓ ମଧ୍ୟପ୍ରାଚ୍ୟରେ ଆପାତତଃ କିଛିମାସ ପାଇଁ ଯୁଦ୍ଧର ଘନଘଟାରୁ ମୁକ୍ତ ହେବ। କିନ୍ତୁ ସିରିଆର କ୍ଷମତା ପରିବର୍ତ୍ତନ ଏହି ଆଶାକୁ ଭିତ୍ତିହୀନ ସାବ୍ୟସ୍ତ କରିଛି।

ଗୃହଯୁଦ୍ଧରେ ଗୋଟିଏ ରାଷ୍ଟ୍ର କିଭଳି ତଳିତଳାନ୍ତ ହୋଇପାରେ ଏବଂ ମହାଶକ୍ତିମାନଙ୍କର ସତରଞ୍ଜରେ ଗୋଟି ସାଜି ନିଜକୁ ବଳି ଦେଇପାରେ ତାହାର ପ୍ରକୃଷ୍ଟ ଉଦାହରଣ ରୂପେ ସିରିଆକୁ ନିଆଯାଇପାରେ। ୨୦୧୧ରେ ଆରବ ସ୍ପ୍ରିଂ ନାମରେ ପରିଚିତ ଟ୍ୟୁନିସିଆ, ଇଜିପ୍ଟ ଓ ଲିବିୟାରୁ ଆରମ୍ଭ ହୋଇଥିବା ବିଦ୍ରୋହର ସ୍ୱର ସିରିଆରେ ପ୍ରତିଧ୍ୱନିତ ହେବା ପରେ ଆସାର ଏହାକୁ ଦୃଢ଼ହସ୍ତରେ ଦମନ କରିଥିଲେ। ଫଳସ୍ୱରୂପ ଆମେରିକାର ପ୍ରଚ୍ଛନ୍ନ ପ୍ରରୋଚନାରେ ଗୃହଯୁଦ୍ଧ ଆରମ୍ଭ ହେଲା। ଏଥିରେ ଆସାରଙ୍କୁ ରୁଷିଆ, ଇରାନ୍ ଓ ହେଜବୋଲ୍ଲା ସମର୍ଥନ କଲେ। ତେଣୁ ଦୁଇ ମହାଶକ୍ତିଙ୍କ ବଳ ପରୀକ୍ଷା କରିବା ପାଇଁ ସିରିଆ ଯୁଦ୍ଧଭୂମି ଭୂମିକାରେ ଅବତୀର୍ଣ୍ଣ ହେଲା। କ୍ରମଶଃ ଏହାର ପ୍ରଭାବ ସମଗ୍ର ବିଶ୍ୱ ଭୂ-ରାଜନୀତିକୁ ବ୍ୟାପିଗଲା।

ଏଠାରେ ଗୋଟିଏ କଥା ଲକ୍ଷ୍ୟ କରାଯାଇପାରେ ଯେ କ୍ରମଶଃ ଦକ୍ଷିଣ-ଏସିଆ ଓ ମଧ୍ୟ-ପ୍ରାଚ୍ୟରେ ଅରାଜକତା ଓ ରାଜନୈତିକ ଅସ୍ଥିରତାର ଏକ ଅବାଞ୍ଛିତ ଧାରା ସୃଷ୍ଟି ହୋଇସାରିଛି। ୨୦୨୨ରେ ଶ୍ରୀଲଙ୍କାରୁ ଆରମ୍ଭ ହୋଇଥିବା ଏହି ଧାରାରେ ବାଂଲାଦେଶ ପରେ ଏବେ ସିରିଆ ସାମିଲ୍ ହୋଇଛି ଏବଂ ଆଗାମୀ ଦିନରେ ନେପାଳର ସମ ଦଶା ହେବାକୁ ଯାଉଛି। ଆହୁରି ମଧ୍ୟ ଲକ୍ଷ୍ୟ କରିବାର କଥା ଯେ ଏହା ପଛରେ ଆମେରିକାର ପ୍ରଚ୍ଛନ୍ନ ଓ ପରୋକ୍ଷ ଭୂମିକା ରହିଆସିଛି। ଯେଉଁସବୁ ରାଷ୍ଟ୍ର ଏଭଳି ଅରାଜକତାର ପଞ୍ଝା ମଧ୍ୟକୁ ଚାଲିଯାଉଛନ୍ତି ସେଠାରେ ଗଣତନ୍ତ୍ରର ଶାସନ ପ୍ରତିଷ୍ଠାକୁ ପ୍ରତିହତ କରିବାର ଷଡ଼ଯନ୍ତ୍ରର ଗନ୍ଧ ସ୍ପଷ୍ଟ ବାରି ହୋଇପଡୁଛି। ଏହା ଆଦୌ ବିଶ୍ୱ ଭୂ-ରାଜନୀତି ପ୍ରତି ଶୁଭଙ୍କର ନୁହେଁ।

ସିରିଆରେ କ୍ଷମତା ପରିବର୍ତ୍ତନ ପରେ ଭାରତ ଉପରେ ଏହାର ପ୍ରଭାବ ବିଷୟକୁ ନେଇ ଆଲୋଚନା ହେଉଛି। ଭାରତ-ସିରିଆ ସମ୍ପର୍କ ୧୯୫୭ ମସିହାରେ ଭାରତର ତତ୍କାଳୀନ ପ୍ରଧାନମନ୍ତ୍ରୀ ଜବାହାରଲାଲ ନେହେରୁ ସିରିଆ ଗସ୍ତରେ ଯିବା ପରେ ସେଠାକାର ରାଜଧାନୀ ଡାମାକସ୍‌ର ପ୍ରସିଦ୍ଧ ଉମେଦ୍ ସ୍କୋୟାରକୁ ଜୱାହରଲାଲ୍ ନେହେରୁ ଷ୍ଟ୍ରିଟ୍ ଭାବରେ ନାମିତ କରାଯାଇଥିଲା। ଅପରପକ୍ଷରେ କାଶ୍ମୀର ପ୍ରସଙ୍ଗରେ ଆରବୀୟ ରାଷ୍ଟ୍ରଗୁଡ଼ିକ ପାକିସ୍ତାନକୁ ସମର୍ଥକ କରୁଥିବା ବେଳେ ବସାର ଓ ତାଙ୍କ ପିତା ହାଫେଜ୍ ଭାରତକୁ ସମର୍ଥନ କରିଆସୁଥିଲେ। ୩୭୦ ଧାରା ଉଚ୍ଛେଦକୁ ମଧ୍ୟ ଭାରତର ଆଭ୍ୟନ୍ତରୀଣ ମାମଲା ବୋଲି ସିରିଆ କହିଥିଲା। ସିରିଆରେ ଗୃହଯୁଦ୍ଧ ଚରମ ସୀମାରେ ପହଞ୍ଚିଥିବା ବେଳେ ଭାରତ ତା'ର ରାଷ୍ଟ୍ରଦୂତଙ୍କୁ ଫେରାଇ ଆଣି ନ ଥିଲା। ଦ୍ୱିପାକ୍ଷିକ କୂଟନୈତିକ ସମ୍ପର୍କ ବ୍ୟତୀତ ଭାରତ-ସିରିଆ ମଧ୍ୟରେ ସାଂସ୍କୃତିକ ଓ ଅର୍ଥନୈତିକ ସମ୍ପର୍କ ସୁଦୃଢ଼ ରହିଛି। ୨୦୦୩ରେ ଭାରତର ତତ୍କାଳୀନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ସିରିଆ ଗସ୍ତ ଅବସରରେ ସେଠାରେ ଜୈବବୈଷୟିକ ଜ୍ଞାନକୌଶଳ ବିନିମୟ, କ୍ଷୁଦ୍ର ଉଦ୍ୟୋଗ ପ୍ରତିଷ୍ଠା ଓ ଶିକ୍ଷା ଆଦିର ବିକାଶ ପାଇଁ ଦୁଇଦେଶ ମଧ୍ୟରେ ଚୁକ୍ତିନାମା ସ୍ୱାକ୍ଷର ହୋଇଥିଲା। ବିଭିନ୍ନ କ୍ଷେତ୍ରର ବିକାଶ ପାଇଁ ଭାରତ ସିରିଆକୁ ୨୫ ନିୟୁତ ଡଲାରର ଋଣ ଓ ୧ ନିୟୁତ ଡଲାରର ଆର୍ଥିକ ସହାୟତା ଯୋଗାଇ ଦେଉଛି। ୨୦୦୮ ରେ ବସାରଙ୍କ ଭାରତ ଗସ୍ତ ବେଳେ କୃଷି ଓ ରସାୟନିକ ସାର କ୍ଷେତ୍ରରେ ବୁଝାମଣା ହୋଇଥିଲା। ଭାରତ ସିରିଆକୁ ବୟନ, ଯନ୍ତ୍ରାଂଶ, ଔଷଧ ରପ୍ତାନି କରୁଥିବା ବେଳେ କପା, ଫସ୍‌ଫେଟ୍ କଞ୍ଚାମାଲ ଆମଦାନୀ କରୁଛି। ତେଣୁ ଏବେ ବସାର ଅଲ ଆସାଦ୍‌ଙ୍କ ପତନ ପରେ ଏହି ଭାରତ-ସିରିଆ ଦ୍ୱିପାକ୍ଷିକ ସମ୍ପର୍କରେ ସେତେଟା ପ୍ରଭାବିତ ହେବ ନାହିଁ ବୋଲି କୂଟନୀତିଜ୍ଞମାନେ ମତ ଦେଇଛନ୍ତି। କିନ୍ତୁ ସେଠାରେ ଏବେ ଇସ୍‌ଲାମୀୟ କଟ୍ଟରପନ୍ଥୀମାନେ କ୍ରମଶଃ ଆତ୍ମପ୍ରକାଶ କରୁଥିବାରୁ ଭାରତ ସତର୍କ ରହିବା ଉଚିତ ବୋଲି ସେମାନଙ୍କର ମତ।

ଏବେ ସେଠାରେ ବଡ଼ ଆହ୍ୱାନ ହେଉଛି ଏକ ଆତଙ୍କମୁକ୍ତ ଓ ବିପ୍ଳବୀବିହୀନ ସ୍ଥିର ସରକାର ଗଠନ। ପ୍ରଥମେ ପାଶ୍ଚାତ୍ୟ ଶକ୍ତି ସେଠାରେ ହସ୍ତକ୍ଷେପରୁ କ୍ଷାନ୍ତ ନ ହେବା ଯାଏ ଏହା ପ୍ରାୟତଃ ସମ୍ଭବ ହେବା ପରି ଲାଗୁନାହିଁ। ବିଶେଷକରି ସିରିଆ ଏବେ ଆମେରିକା ସମେତ ପାଶ୍ଚାତ୍ୟ ରାଷ୍ଟ୍ର, ରୁଷିଆ ଆଦିର ସାମରିକ ପ୍ରୟୋଗ କ୍ଷେତ୍ର ହୋଇସାରିଥିବାରୁ ଏତେ ଶୀଘ୍ର ଶାନ୍ତି ଫେରିବା ସମ୍ଭାବନା ନାହିଁ। ●

## ଚିଲିକାର ଅତିଥିସମ୍ଭାର

**ଡ. ବିଜୟ କେତନ ପଟ୍ଟନାୟକ**

ଚଳିତବର୍ଷ ରାଜ୍ୟରେ ଶୀତଋତୁ ଆରମ୍ଭ ହେଲା ବେଳକୁ ନଭେମ୍ବର ତୃତୀୟ ସପ୍ତାହ। ଶୀତଋତୁ ପ୍ରାରମ୍ଭରୁ ଯେତେବେଳେ ଦିନ କମି କମି ଆସେ, ସେବେ ସାଧାରଣତଃ ଉତ୍ତର ଗୋଲାର୍ଦ୍ଧର ଉପରି ଭାଗରେ ଅତ୍ୟଧିକ ଶୀତର ପ୍ରାବଲ୍ୟରୁ ରକ୍ଷା ପାଇବା ପାଇଁ ଗୋଲାର୍ଦ୍ଧର ନିମ୍ନଭାଗକୁ ଉଡ଼ି ଆସିବା ପାଇଁ ପକ୍ଷୀମାନଙ୍କର ଆଗ୍ରହ ଜନ୍ମିଥାଏ। ନିୟମିତ ଭାବେ ଚଳିତବର୍ଷ ମଧ୍ୟ କିଛି ଦିଗନ୍ତବିସ୍ତାରୀ ନୀଳ ଜଳରାଶିକୁ ଆସିବାକୁ ଆରମ୍ଭ କରିଥିଲେ ଦେଶ, ବିଦେଶର ଅତିଥି ପକ୍ଷୀ। ପ୍ରତିବର୍ଷ ନିର୍ଦ୍ଦିଷ୍ଟ ସମୟରେ ଏକ ନିର୍ଦ୍ଦିଷ୍ଟ ସ୍ଥାନକୁ ଆସୁଥିବା ପକ୍ଷୀମାନଙ୍କୁ କୁହାଯାଏ ବ୍ରାଜକ ପକ୍ଷୀ ବା ଯାଯାବର ପକ୍ଷୀ। କିନ୍ତୁ ସତରେ କ'ଣ ସେମାନେ ଯାଯାବର? ଲକ୍ଷ୍ୟହୀନ ଭାବରେ ପ୍ରତି ବୁଲନ୍ତି? ବାସ୍ତବିକ ତାହା ନୁହେଁ। ଦେଶାନ୍ତର ଭ୍ରମଣରେ ପକ୍ଷୀମାନେ ଗୋଟିଏ ସ୍ଥାନରୁ ଅନ୍ୟ ଏକ ନିର୍ଦ୍ଦିଷ୍ଟ ସ୍ଥାନକୁ ନିୟମିତ ଯାତ୍ରା କରିଥା'ନ୍ତି। ମୁଖ୍ୟତଃ ଖାଦ୍ୟ, ସୁରକ୍ଷିତ ବାସସ୍ଥଳୀ ଏବଂ ଶୀତରୁ ରକ୍ଷା ପାଇବା ପାଇଁ ଏହି ଯାତ୍ରା। ପୁନର୍ବାର ଋତୁ ପରିବର୍ତ୍ତନ ଘଟିଲେ ଅର୍ଥାତ ଗ୍ରୀଷ୍ମ ପ୍ରାରମ୍ଭରେ ଦିନରେ ଦୈର୍ଘ୍ୟ ବଢ଼ିଲେ, ସେମନେ ପୂର୍ବ ସ୍ଥାନକୁ ଫେରିଯିବାକୁ ବ୍ୟାକୁଳ ହୁଅନ୍ତି।

ଅକ୍ଟୋବର ମାସ ପରଠାରୁ ଚିଲିକା ହ୍ରଦକୁ ଦେଶ ବିଦେଶରୁ ଆସିଥିବା ବ୍ରାଜକ ପକ୍ଷୀଙ୍କର ସଂଖ୍ୟା ଅବିରତ ବଢ଼ି ଚାଲିଛି। ଗତ ନଭେମ୍ବର ମାସ ୩୦ ତାରିଖ ଓ ଡିସେମ୍ବର ୧ ତାରିଖରେ ତାମିଲନାଡୁ ଉପକୂଳ ସନ୍ନିକଟ ପୁଡୁଚେରୀରେ ସ୍ଥଳ ଭାଗ ସ୍ପର୍ଶ କରିଥିବା ଘୂର୍ଣ୍ଣିବାତ୍ୟା 'ଫେଙ୍ଗାଲ' କାରଣରୁ ପକ୍ଷୀ ପରିବ୍ରଜନ ବାଧାପ୍ରାପ୍ତ ହୋଇଥିଲା। ବାତ୍ୟାର ପ୍ରକୋପ ପ୍ରଶମିତ ହେବା ପରେ ପୁନର୍ବାର ଅତିଥିପକ୍ଷୀଙ୍କର ଆଗମନ ସଂଖ୍ୟା ବଢ଼ିବାରେ ଲାଗିଛି। ବର୍ତ୍ତମାନ ସୁଦ୍ଧା ଆପେକ୍ଷିକ ଆକଳନ ଅନୁଯାୟୀ, ପ୍ରାୟ ୯୦ ପ୍ରଜାତିର ୫ ଲକ୍ଷରୁ ଊର୍ଦ୍ଧ୍ୱ ବ୍ରାଜକ ପକ୍ଷୀଙ୍କର କଳରବରେ ଗୁଞ୍ଜରିତ ହେଲାଣି ଚିଲିକାର ଜଳରାଶି। ଚିଲିକା ଭିତରେ ଥିବା ପକ୍ଷୀ ଅଭୟାରଣ୍ୟ ନଳବଣ, ନଳଘାସ ଥିବା ନାଳୀ ତଥା ଉପକୂଳରେ ଥିବା ମଙ୍ଗଳାଯୋଡ଼ି, ଭୁଷଣ୍ଡପୁର, କାଳୁପଡ଼ା ଓ ସୋରଣ ଆଦି ଗାଁ ନିକଟସ୍ଥ ଚିଲିକା ଜଳରାଶିରେ ବିଭିନ୍ନ ପ୍ରଜାତିର ପକ୍ଷୀମାନଙ୍କର ସମାବେଶରେ ସଜେଇ ହେଲାଣି ଲାସ୍ୟମୟୀ ଚିଲିକା। ଗତବର୍ଷ (୨୦୨୩) ପକ୍ଷୀ ଗଣନା ପରିସଂଖ୍ୟାନ ଅନୁଯାୟୀ ଚିଲିକାକୁ ଆସିଥିଲେ ପ୍ରାୟ ୧୦୮ ପ୍ରଜାତିର ପାଖାପାଖି ୧୧ ଲକ୍ଷ ବ୍ରାଜକ ପକ୍ଷୀ। ସେମାନଙ୍କ ମଧ୍ୟରେ ଥିଲେ ୯୭ ପ୍ରଜାତିର ବିଦେଶୀ ପକ୍ଷୀ ଏବଂ ସେମାନଙ୍କ ସଂଖ୍ୟା ୧୦ ଲକ୍ଷ ଟପିଯାଇପାରେ। ଏ ପର୍ଯ୍ୟନ୍ତ ଆସିଥିବା ବ୍ରାଜକ ପକ୍ଷୀମାନଙ୍କ ମଧ୍ୟରେ ସର୍ବାଧିକ ହେଉଛନ୍ତି 'ପାଣିକୁଆ', ପିନ୍‌ଟେଲ୍ ଏବଂ ୟୁରୋପ ଓ ଏସିଆରୁ ଆସିଥିବା ୱିଜ୍‌ଡେନ୍ ପକ୍ଷୀ।

ପକ୍ଷୀମାନଙ୍କର ଏହି ବାର୍ଷିକ ବିଦେଶ ପରିଭ୍ରମଣ ବା ପରିବ୍ରାଜନ କେବେଠାରୁ ଆରମ୍ଭ ହୋଇଛି ସେ ବିଷୟରେ କୌଣସି ସଠିକ ତଥ୍ୟ ନାହିଁ। କୁହାଯାଏ ଏହା ସେମାନଙ୍କର ସହଜାତ ପ୍ରବୃତ୍ତି। ହିମଯୁଗର ପ୍ରାରମ୍ଭରୁ ଏହି ପ୍ରବୃତ୍ତି ସେମାନଙ୍କଠାରେ ସୃଷ୍ଟି ହୋଇଥିବାର ଅନୁମାନ କରାଯାଏ। ବିଗତ ୨୦୦୦ ବର୍ଷ ହେଲା ପକ୍ଷୀ ବିଶାରଦମାନଙ୍କୁ ଏହି ପରିଭ୍ରମଣ ବା ପରିବ୍ରାଜନ ଆକୃଷ୍ଟ କରିଆସିଛି। ପକ୍ଷୀମାନଙ୍କର ଏହି ଦେଶାନ୍ତର ଗମନ ମୁଖ୍ୟତଃ ଖାଦ୍ୟ ଅନ୍ୱେଷଣ ଓ ଶୀତର ତାଡ଼ନାରୁ ରକ୍ଷା ପାଇବା ପାଇଁ ଉଦ୍ଦିଷ୍ଟ। ଅଳ୍ପ କେତେକ କ୍ଷେତ୍ରରେ ପ୍ରଜନନ କ୍ରିୟା ପାଇଁ ମଧ୍ୟ ଏହି ସମୟକୁ କେତେକ ପ୍ରଜାତିର ପକ୍ଷୀ ବ୍ୟବହାର କରିଥା'ନ୍ତି। ଦିବାଲୋକର ସମୟ ସୀମା ବୃଦ୍ଧି ଓ ହ୍ରାସ ଫଳରେ, ପକ୍ଷୀମାନଙ୍କର ଶାରୀରିକ ଗ୍ରନ୍ଥିରେ ଥିବା ହରମୋନ୍‌ର ପରିବର୍ତ୍ତନ ଘଟେ ଏବଂ ସେମାନେ ଦୂରକୁ ଉଡ଼ିଯିବାକୁ ଅସ୍ଥିର ହୁଅନ୍ତି। ଏହି ସମୟ ଉପନୀତ ହେବା ପୂର୍ବରୁ ପକ୍ଷୀମାନେ ପେଟୁ ଭଳି ଖାଆନ୍ତି। ଫଳରେ ଶରୀର ଓଜନର ଅଧା ଅଧି ଚର୍ବି ଜମା ହୋଇଯାଏ। ଅତି ଦୂରକୁ ପରିଭ୍ରମଣରେ ଯାଉଥିବା ପକ୍ଷୀମାନେ ଦେହରେ ଜମିଥିବା ଚର୍ବିକୁ ଇନ୍ଧନ ଭଳି ବ୍ୟବହାର କରି ଘଣ୍ଟା ଘଣ୍ଟା ଧରି ଉଡ଼ିପାରନ୍ତି। ଏକାଦିକ୍ରମେ ଏକ ହଜାର ମାଇଲ ପଥ ଅତିକ୍ରମ କରିପାରନ୍ତି। ତେଣୁ ଦେଶାନ୍ତର ଭ୍ରମଣ ପକ୍ଷୀମାନଙ୍କର ସମୟଜ୍ଞାନ, ଶାରୀରିକ ଯୋଗ୍ୟତା ଓ ସେମାନଙ୍କର ଦିଗନିର୍ଣ୍ଣୟ ଦକ୍ଷତା ଉପରେ ଯଥେଷ୍ଟ ନିର୍ଭରଶୀଳ।

ଦୀର୍ଘପଥ ପରିଭ୍ରମଣରେ ଯାଉଥିବା ପକ୍ଷୀମାନେ ସୂର୍ଯ୍ୟ ଉଦୟ ଓ ଅସ୍ତ କାଳରୁ ଇଙ୍ଗିତ ପାଇଥା'ନ୍ତି। ଏହି ଯାତ୍ରାରେ ସୂର୍ଯ୍ୟ ସେମାନଙ୍କ ପାଇଁ ଦିଗ ନିର୍ଣ୍ଣୟ ଯନ୍ତ୍ର ବା କମ୍ପାସ ସଦୃଶ କାର୍ଯ୍ୟ କରିଥାଏ। ବୈଜ୍ଞାନିକମାନେ ବିଶ୍ୱାସ କରନ୍ତି, ଆକାଶରେ ସୂର୍ଯ୍ୟ ଗଠନ କରୁଥିବା କୋଣ ଅନୁସାରେ, ପରିବ୍ରାଜୀ ପକ୍ଷୀମାନେ ସେମାନଙ୍କର ଦିଗ ନିର୍ଣ୍ଣୟ କରନ୍ତି। କୁହୁଡ଼ି ବା ମେଘୁଆ ପାଗ ହେଲେ, ସେମାନେ ସାମୟିକ ଭାବେ ଦିଗଭ୍ରଷ୍ଟ ହୋଇଯା'ନ୍ତି। କିନ୍ତୁ ପାଗ ଭଲ ହେଲେ ବା ସୂର୍ଯ୍ୟ ଦେଖାଗଲେ ପକ୍ଷୀମାନେ ନିଜ ନିଜର ଗତିପଥକୁ ସଜାଡ଼ି ନେଇଥା'ନ୍ତି। ଅନେକ ବୈଜ୍ଞାନିକଙ୍କର ମତ, ପକ୍ଷୀମାନଙ୍କର ଏହି ଅଦ୍ଭୁତ ଇନ୍ଦ୍ରିୟ ଶକ୍ତି ଏକ ଅନ୍ତର୍ନିହିତ ଜୈବିକ ଘଡ଼ି ଦ୍ୱାରା ନିୟନ୍ତ୍ରିତ ହୋଇଥାଏ। ଅଧିକାଂଶ ଛୋଟ ଛୋଟ ପକ୍ଷୀ ଶତ୍ରୁ ତଥା ଭକ୍ଷକ ପକ୍ଷୀମାନଙ୍କର କବଳରୁ ରକ୍ଷା ପାଇବା ପାଇଁ ରାତ୍ରି ସମୟରେ ଯାତ୍ରା କରିଥା'ନ୍ତି। ଅଥବା ଦଳବଦ୍ଧ ହୋଇ ଯାତ୍ରା କରନ୍ତି। ରାତିରେ ଏମାନେ ଆକାଶର ତାରା, ଗ୍ରହ ଓ ନକ୍ଷତ୍ରଙ୍କୁ ଦେଖି ଗତିପଥ ନିର୍ଣ୍ଣୟ କରିଥା'ନ୍ତି। ଛୋଟ ଛୋଟ ପକ୍ଷୀମାନଙ୍କର ଯାତ୍ରାକାଳୀନ ବେଗ ପ୍ରାୟ ଘଣ୍ଟାକୁ ୩୦ କିଲୋମିଟର। ଦୈନିକ ହାରାହାରି ଆଠଘଣ୍ଟା ଯାତ୍ରା ହିସାବରେ ସେମାନେ ଦିନକୁ ପ୍ରାୟ ୨୫୦ କିମି ପଥ ଅତିକ୍ରମ କରିପାରନ୍ତି। ବଡ଼ ପକ୍ଷୀମାନେ ଘଣ୍ଟାକୁ ୮୦ କିମି ବେଗରେ ଯାତ୍ରା କରିଥା'ନ୍ତି। ସମୁଦ୍ର ପାର ହେଲାବେଳେ ବାଧ ହୋଇ ସେମାନଙ୍କୁ ଅଧିକ ସମୟଧରି ଏକାଦକ୍ରମେ ଉଡ଼ିବାକୁ ପଡ଼ିଥାଏ।

ଅନେକ ବିଦେଶାଗତ ପକ୍ଷୀ ମଧ୍ୟ ଏସିଆ, କାସ୍ପିୟାନ ହ୍ରଦ, ଆରୋଲ ସାଗର, ସାଇବେରିଆ, ରୁଷ ଓ କିରଗିଜ୍‌ରୁ ପ୍ରାୟ ୧୦ ହଜାର କିଲୋମିଟରରୁ ଅଧିକ ଦୂର ପଥ ଉଡ଼ି ଆସିଥା'ନ୍ତି। ଏହାବ୍ୟତୀତ ବିଭିନ୍ନ ପ୍ରଜାତିର ପକ୍ଷୀ ମଧ୍ୟ ପାକିସ୍ତାନ, ଇରାନ୍, ଆଫଗାନିସ୍ତାନ, ଲାଦାଖ ଓ ଗୁଜୁରାଟର ରନ୍ ଅଫ୍ କଚ୍ଛରୁ ଆସିଥା'ନ୍ତି। ଚିଲିକାକୁ ପରିବ୍ରଜନରେ ଆସୁଥିବା ପକ୍ଷୀମାନେ ମୁଖ୍ୟତଃ ହଂସଜାତୀୟ। ହଂସ, ହଂସରାଳି, ପାତିହଂସ, ରାଜହଂସ, ଗେଣ୍ଡି ହଂସ, ପିନ୍‌ଟେଲ୍ ହଂସ, କଳାମୁଣ୍ଡି ହଂସ, ଚଟୁଆ ହଂସ ସେମାନଙ୍କ ଭିତରେ ଅନ୍ୟତମ। ଅନ୍ୟ ଜାତିର ପକ୍ଷୀମାନେ ହେଲେ ଗେଣ୍ଡାଳିଆ, କେଶର ପାଣ୍ଡିଆ, ଚନ୍ଦନା, ପାଣିକୁଆ, ଧଳ କୁଆ, ଚାଇଁ ଚଢ଼େଇ, ଶଙ୍ଖଚିଲ ଅନ୍ୟତମ। ଚିଲିକାରେ ସେମାନଙ୍କୁ ଖାଇବା ପାଇଁ ଜଳଜ ଗୁଳ୍ମ, ଦୁବଘାସ, ଗେଣ୍ଡା, ଶାମୁକା, ପୋକଜୋକ ଆଦି ଯଥେଷ୍ଟ ମିଳିଥାଏ। ପାଣିକୁଆ ଅଗଭୀର ଜଳରେ ବୁଡ୍‌କି ମାରି ଛୋଟ ଛୋଟ କଣ୍ଟିଆ ମାଛ ସଂଗ୍ରହ କରିଥାଏ। ଶିକାରୀ ପକ୍ଷୀମାନଙ୍କ ଭିତରେ ଚିଲ, ଛଞ୍ଚାଣ, ଇଗଲ, କୁରୁବଳ ଓ ବାଜପକ୍ଷୀ ଅଛନ୍ତି। ଏମାନେ ଜଳରେ ସାପ, ମାଛ ଓ ଛୋଟ ଛୋଟ ପକ୍ଷୀମାନଙ୍କୁ ଶିକାର କରି ଆହାର କରନ୍ତି। ନଳଘାସ ଓ ସିଂପାଳ ଘାସ ମଧ୍ୟ ବ୍ରାଜକ ଛୋଟ ପକ୍ଷୀଙ୍କର ପ୍ରିୟ ଖାଦ୍ୟ।

ବିଦେଶାଗତ ପକ୍ଷୀମାନଙ୍କ ଭିତରେ ମେରୁ ଅଞ୍ଚଳ ଓ ଆଇଲ୍ୟାଣ୍ଡରୁ ଉଡ଼ି ଆସିଥିବା 'ଗଡ୍‌ୱାଲ' ପକ୍ଷୀ ଅନ୍ୟତମ। ଏହି ପକ୍ଷୀ ଚିଲିକାରେ ଅଣ୍ଡା ଦିଅନ୍ତି। ଅଣ୍ଡା ଫୁଟି ଛୁଆ ସାମାନ୍ୟ ବଡ଼ ହୋଇଗଲେ ଛୁଆ ସହ ସେମାନେ ମେ'ମାସ ବେଳକୁ ନିଜ ସ୍ଥାନକୁ ଫେରିଯା'ନ୍ତି। ସ୍ଥାନୀୟ ଲୋକେ ଏମାନଙ୍କୁ 'ମାଟିଆ ଗେଣ୍ଡି' କୁହନ୍ତି। ସେହିପରି ଲଣ୍ଡନର 'ଟେମ୍‌ସ' ନଦୀ କୂଳରୁ ଚିଲିକାକୁ ଉଡ଼ିଆସନ୍ତି 'ନଦର୍ଣ୍ଣ ସୋଭଲର'। ଓଡ଼ିଆରେ ଏମାନଙ୍କୁ କୁହନ୍ତି 'ଚଟୁଆ ଗେଣ୍ଡି'। ଚିଲିକାରେ ଦେଖାଯାଉଥିବା ବ୍ରାଜକ ପକ୍ଷୀମାନଙ୍କ ଭିତରେ 'ଏରା' ପକ୍ଷୀ ସବୁଠାରୁ ସୁନ୍ଦର ଓ ରଙ୍ଗବେରଙ୍ଗର ହୋଇଥିବାରୁ ବେଶ୍ ଆକର୍ଷଣୀୟ। ଏମାନେ ଗୁଜୁରାଟର 'ରନ୍ ଅଫ୍ କଚ୍ଛ'ରୁ ଆସିଥା'ନ୍ତି। ପ୍ରାୟତଃ ଅାକ୍ଟୋବର ମାସରୁ ଆସି ମେ' ମାସ ବେଳକୁ ଅଣ୍ଡା ଦେଇ ନିଜର ପୂର୍ବ ସ୍ଥାନକୁ ଫେରିଯା'ନ୍ତି। ଏବେ କିଛି ବର୍ଷ ହେଲା ସେମାନେ ଆଉ ନିଜ ସ୍ଥାନକୁ ଫେରୁ ନାହାନ୍ତି। ଚିଲିକାର ସ୍ଥାୟୀବାସିନ୍ଦା ହୋଇ ରହିଗଲେଣି।

ବର୍ଷ ପରେ ବର୍ଷ ଶରତ ଋତୁର ଶେଷ ପର୍ଯ୍ୟାୟରେ ଅର୍ଥାତ ଅକ୍ଟୋବର ମାସ ଆରମ୍ଭରୁ ମାର୍ଚ୍ଚ ଶେଷ ପର୍ଯ୍ୟନ୍ତ, ଦେଶ ବିଦେଶରୁ ଆସୁଥିବା ଲକ୍ଷ ଲକ୍ଷ ବ୍ରାଜକ ପକ୍ଷୀଙ୍କର ସମାବେଶରେ ଏବଂ ମୃଦୁ କଳରବରେ ଗୁଞ୍ଜରିତ ହୋଇଉଠେ ଚିଲିକା ହ୍ରଦର ଦିଗନ୍ତ ବିସ୍ତାରୀ ନୀଳ ଜଳରଶି। ପ୍ରକୃତି ପ୍ରେମୀ ପର୍ଯ୍ୟଟକଙ୍କ ନିମନ୍ତେ ଏହି ଶୋଭା ଯେତିକି ଆକର୍ଷଣୀୟ, ସେତିକି ଅବର୍ଣ୍ଣନୀୟ। କବିବର ରାଧାନାଥ ରାୟଙ୍କ ଭାଷାରେ-

'ଉତ୍କଳ କମଳା ବିଳାସ ଦୀର୍ଘିକା, ମରାଳ ମାଳିନୀ ନୀଳାମ୍ବୁ ଚିଲିକା'। ●

ଭୁବନେଶ୍ୱର, ମୋ: ୯୪୩୭୦୦୦୯୦୪

## ଆମ ଅଧିକାର, ଆମ ଭବିଷ୍ୟତ-ବର୍ତ୍ତମାନ

**ଡ. ସମୀର କୁମାର ନନ୍ଦ**

ଅନ୍ତଃରାଷ୍ଟ୍ରୀୟ ମାନବାଧିକାର ଦିବସ ପାଳନ ଅବସରରେ ୨୦୨୦ ମସିହା ଡିସେମ୍ବର ମାସ ୧୦ ତାରିଖ ଦିନ ପ୍ରଥମ ଥର ପାଇଁ ଓଡ଼ିଶାରେ କାରାଗାର ସ୍ଥାପନା ଦିବସ ଆରମ୍ଭ କରାଯାଇଥିଲା। ସେହିଦିନଠାରୁ ରାଜ୍ୟରେ ଥିବା କାରାଗାରଗୁଡ଼ିକରେ ସୁଧାରାତ୍ମକ ଓ ମାନବିକ ଅଧିକାର ସୁରକ୍ଷା ଦିବସ ପାଳନ ହୋଇଆସୁଛି। ଚଳିତ ବର୍ଷ ମାନବାଧିକାର ଦିବସର ବିଷୟବସ୍ତୁ 'ଆମ ଅଧିକାର ଆମର ଭବିଷ୍ୟତ - ବର୍ତ୍ତମାନ' ରଖାଯାଇଥିବାର ସେହି ଦିଗରୁ କାରାଗାର ସଂସ୍କାର ସମ୍ବନ୍ଧରେ ଆଲୋଚନା କରିବା ପ୍ରାସଙ୍ଗିକ ହେବ।

ଓଡ଼ିଶାର ୯୨ଟି କାରାଗାରକୁ ମିଶାଇ ଭାରତରେ ୧୩୨୧ ଟି କାରାଗାର ରହିଛି। ଏସବୁ କାରାଗାରର କଏଦୀ ଧାରଣ କ୍ଷମତା ୪, ୩୬, ୨୬୬। କିନ୍ତୁ ଏବେ ୬୨୮୩ ବିଦେଶୀ କଏଦୀଙ୍କ ସମେତ ୫, ୨୩, ୦୭୭ ଅର୍ଥାତ ଧାର୍ଯ୍ୟ କ୍ଷମତାଠାରୁ ଅଧିକ ୩୧.୪% କଏଦୀ ରହୁଛନ୍ତି। ଏହାଦ୍ୱାରା ଅନ୍ତେବାସୀଙ୍କୁ ମୌଳିକ ସୁବିଧା ଯୋଗାଇ ଦିଆଯାଇପାରୁନାହିଁ। ସେହିପରି କିଶୋର ନ୍ୟାୟ (ଶିଶୁ ମାନଙ୍କ ଯତ୍ନ ଓ ସଂରକ୍ଷଣ) ଆଇନ ୨୦୧୫ ଅନୁଯାୟୀ ୧୮ ବର୍ଷରୁ କମ ବୟସର ଶିଶୁ, ଯେଉଁମାନେ ବିଭିନ୍ନ ଆପରାଧିକ କାର୍ଯ୍ୟକଳାପରେ ଜଡ଼ିତ ଅଭିଯୋଗରେ କାରାରଗାରେ ରଖାଯାଇଛି, ସେମାନଙ୍କ ପାଇଁ ସ୍ୱତନ୍ତ୍ର ସୁଧାର ଗୃହର ବ୍ୟବସ୍ଥା ଅଛି। କିନ୍ତୁ ଆମ ରାଜ୍ୟରେ ତାହା ସମୁଦ୍ରକୁ ଶଙ୍ଖେ ହୋଇଥିବାରୁ ରାଜ୍ୟର ୩୦ଟି ଜିଲ୍ଲାର ଏହି ବାଳ ଅପରାଧୀମାନଙ୍କୁ ଅନୁଗୁଳ, ରାଉରକେଲା ଓ ବ୍ରହ୍ମପୁରରେ ରଖାଯାଇଛି। ଏଥିଯୋଗୁଁ ଜିଲ୍ଲା ସଦର ମହକୁମାରେ ରହୁଥିବା କିଶୋର ନ୍ୟାୟ ବୋର୍ଡକୁ ସମ୍ପୃକ୍ତ ନାବାଳକମାନଙ୍କୁ ନେବା ଆଣିବା କରିବା ପାଇଁ ଶହ ଶହ କିଲୋମିଟର



ଅତିକ୍ରମ କରିବାକୁ ପଡୁଛି।

କାରାଗାର ଭିତରେ ରହୁଥିବା ଅନ୍ତେବାସୀମାନଙ୍କୁ ସରକାରଙ୍କ ତରଫରୁ ଉନ୍ନତ ମାନର ଖାଦ୍ୟ ସହିତ ଆର୍ଥିକ ସହାୟତା, ଆଇନ ସହାୟତା, ଶିକ୍ଷା, ସ୍ୱାସ୍ଥ୍ୟ ସେବା ଓ ବୃତ୍ତିଗତ ପ୍ରଶିକ୍ଷଣ ଦେବାର ବ୍ୟବସ୍ଥା ରହିଛି। କିନ୍ତୁ ସେଗୁଡ଼ିକ କେତେମାତ୍ରାରେ ଅନ୍ତେବାସୀମାନଙ୍କୁ ପ୍ରଭାବିତ କରୁଛି ସେକଥା ସମସ୍ତେ ଚିନ୍ତା କରିବା କଥା। ଅନେକ କାରାଗାରରେ ସଂସ୍କାରମୂଳକ କାର୍ଯ୍ୟ କରି ଅଧିକାରୀମାନଙ୍କୁ ପୁରସ୍କୃତ କରା ଯାଉଛି। ଆଉ କିଛି କାରାଗାର ମଧ୍ୟରେ ବହୁତ ସମୟରେ ଅନ୍ତେବାସୀମାନେ ହିଂସ୍ର ହେବାର ଖବର ପ୍ରକାଶ ପାଉଛି। କାରାଗାର ଭିତରେ ଅନେକ ଅସାମାଜିକ ଓ ଅସାମ୍ବିଧାନିକ କାର୍ଯ୍ୟକଳାପ ଚାଲୁଥିବାର ଅଭିଯୋଗ ହେଉଛି। ସର୍ବୋଚ୍ଚ ନ୍ୟାୟାଳୟଙ୍କ ରାୟ ଅନୁଯାୟୀ କାରାଗାର ଅନ୍ତେବାସୀଙ୍କୁ ଜାତିଗତ ଭେଦଭାବରୁ ଦୂରରେ ରଖିବାକୁ ପଡ଼ିବ। ତେଣୁ ଦୋଷୀ ଓ ବିଚାରାଧୀନ ପଞ୍ଜିକାରେ ଥିବା ଜାତିଭିତ୍ତିକ ସ୍ତମ୍ଭକୁ ହଟାଇବା ସହିତ ଜାତିଭିତ୍ତିକ ବିଭାଜନକୁ ଦୂର କରିବା ପାଇଁ ଜେଲ ନିୟମରେ ଆବଶ୍ୟକୀୟ ପରିବର୍ତ୍ତନ କରିବା ପାଇଁ ଅଦାଲତ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଆଜନ୍ମ ସମସ୍ତେ ସମାନ ବୋଲି ଯୁକ୍ତି ବାଢ଼ି ସର୍ବୋଚ୍ଚ ଅଦାଲତ ଅନ୍ତେବାସୀଙ୍କୁ ସମ୍ବିଧାନର ଧାରା-୧୫ ଅନୁସାରେ ଅଧିକାର ସହିତ ବଞ୍ଚିବାକୁ ସୁଯୋଗ ପ୍ରଦାନ କରିଛନ୍ତି।

ଆମେ ପିଲାବେଳୁ ଚଳିଚ୍ଚିତ୍ରଗୁଡ଼ିକରେ ଦେଖି ଆସୁଥିବା କାରାଗାର ବ୍ୟବସ୍ଥା ଆଉ ନାହିଁ। ବର୍ତ୍ତମାନ କାରାଗାର ଆଉ କେବଳ ଦଣ୍ଡ ପ୍ରଦାନ ପାଇଁ ଉଦ୍ଦିଷ୍ଟ ସ୍ଥାନ ହୋଇ ରହିନାହିଁ। ଅନ୍ତେବାସୀଙ୍କୁ ସୁଧାରିବା ଓ ସଂସ୍କାର ଦେବା ପାଇଁ କାରାଗାରଗୁଡ଼ିକୁ ବିବେଚନା କରାଯାଉଛି। ଅନେକ ସଂସ୍କାରକୁ ନେଇ ଅନ୍ତେବାସୀଙ୍କୁ ସୁଧାରିବାର ପ୍ରଚେଷ୍ଟା ଚାଲିଛି। ଆଜିକାଲି ଅନ୍ତେବାସୀମାନେ ମଧ୍ୟ ସଚେତନ ହେଲେଣି। ଆବଶ୍ୟକ ପଡ଼ିଲେ ସେମାନେ ଅନ୍ୟାୟ ବିରୋଧରେ ସ୍ୱର ଉତ୍ତୋଳନ କରୁଛନ୍ତି। ବିଭିନ୍ନ ଅଧିକାରୀଙ୍କ ପରିଦର୍ଶନ ସମୟରେ ଅଭିଯୋଗ କରିବାକୁ ପଛାଉ ନାହାନ୍ତି।

ତେଣୁ 'ମାନବାଧିକାର ଦିବସ'ର ବିଷୟବସ୍ତୁ 'ଆମ ଅଧିକାର ଆମର ଭବିଷ୍ୟତ - ବର୍ତ୍ତମାନ' କୁ ପ୍ରତିପାଦନ କରିବା ପାଇଁ ଉଭୟ ସରକାର ଓ ଅନ୍ତେବାସୀମାନେ ଜାଗ୍ରତ ହେବା ଦରକାର। କେବଳ ନିୟମକାନୁନକୁ କଠୋର କଲେ ଏସବୁ ହୋଇପାରିବ ନାହିଁ। ଅନେକ କାରାଗାରରେ ଡାକ୍ତର ଓ ଶିକ୍ଷକ ପରି ବହୁ ଗୁରୁତ୍ୱପୂର୍ଣ୍ଣ ନିଯୁକ୍ତି ହୋଇପାରୁନାହିଁ। ଆଇନର ଉପଯୁକ୍ତ ପ୍ରଣୟନ, ଆବଶ୍ୟକୀୟ ଭିତ୍ତିଭୂମି ବିକାଶ ବ୍ୟବସ୍ଥା ସହିତ ମାନବସମ୍ବଳର ନିୟୋଜନ କରିପାରିଲେ 'ଆମ ଅଧିକାର ଆମର ଭବିଷ୍ୟତ - ବର୍ତ୍ତମାନ'ର ନାରାର ବାସ୍ତବ ରୂପାୟନ ହୋଇପାରିବ। ●

ମୋ: ୯୪୩୭୨୧୮୯୧୭

## ଇ-ମୃତ୍ତିକା

ବିଜ୍ଞାନ ବାର୍ତ୍ତା

**ଶ୍ରୀନୋନୋ**

ବର୍ତ୍ତମାନର ଦୁନିଆରେ ବଢ଼ିଚାଲିଛି ଜନସଂଖ୍ୟା। ଏହି ଧାରା ଅବ୍ୟାହତ ରହିଲେ ୨୦୫୦ ମସିହା ବେଳକୁ ୧୦୦୦ କୋଟି ଟପି ଯାଇପାରେ ବୋଲି ଅନୁମାନ କରାଯାଉଛି। ଅପରପକ୍ଷରେ ପରିବେଶ ପ୍ରଦୂଷଣ, ଜାଗତିକ ଉଷ୍ମତା ବୃଦ୍ଧି, ଭୂତଳ ଜଳସ୍ତର ହ୍ରାସ ଆଦି କାରଣରୁ ଅଧିକରୁ ଅଧିକ ଚାଷଜମି ମରୁମୟ ହେବାରେ ଲାଗିଛି ଏବଂ ପାରମ୍ପରିକ ଚାଷ ମାଧ୍ୟମରେ ଉତ୍ପାଦନ ତା'ର ଶେଷ ସୀମାରେ ଉପନୀତ ହେଲାଣି। ଫଳରେ ଆଗାମୀ ଦିନରେ ଖାଦ୍ୟ ଓ ପୁଷ୍ଟିର ଅଭାବ ଏକ ଗୁରୁତର ସମସ୍ୟା ରୂପେ ମୁଣ୍ଡ ଟେକିବାର ଆଶଙ୍କା ସୃଷ୍ଟି ହୋଇଛି। ଏହାର ସମାଧାନ ଲାଗି ଅତ୍ୟାବଶ୍ୟକ ପଡ଼ିଲାଣି ନୂତନ ଅଧିକ ଉତ୍ପାଦନକ୍ଷମ ତଥା ପରିବେଶ ସହାୟକ ପଦ୍ଧତିମାନଙ୍କ ବିକାଶ। ବୈଜ୍ଞାନିକମାନେ ଏବେ ଏଭଳି ଏକ ଉଦ୍‌ଭାବନ କରିଛନ୍ତି, ଯାହାର ନାମ ରହିଛି 'ବୈଦ୍ୟୁତିକ ମୃତ୍ତିକା' (ଇଲେକ୍‌ଟ୍ରୋନିକ ମୃତ୍ତିକା) ବା 'ଇ-ମୃତ୍ତିକା'। ଏହି ପଦ୍ଧତିର ଆବିଷ୍କାରକ ହେଲେ ସ୍ୱିଡେନ୍‌ର ଲିଂକୋଫିଂଗ୍ ବିଶ୍ୱବିଦ୍ୟାଳୟର କୃଷିବିଜ୍ଞାନୀମାନେ। ଏହାର ଅନ୍ୟତମ ବୈଜ୍ଞାନିକ ଡକ୍ଟର ଇଲେରୀ ଷ୍ଟ୍ରାଭିନି ଡୋସ୍‌ଙ୍କ ସୂଚନା ଅନୁସାରେ ସେ ଏବଂ ତାଙ୍କ ସହଯୋଗୀମାନେ ଇ-ମୃତ୍ତିକା ବ୍ୟବହାର କରି ୧୫ଦିନ ମଧ୍ୟରେ ବାର୍ଲିଚାରାର ୫୦ ଶତାଂଶ ଅଧିକ ବୃଦ୍ଧି ସମ୍ଭବ ହୋଇପାରିଛି।

ଏହି ପଦ୍ଧତିଟି ହେଉଛି ମୃତ୍ତିକାବିହୀନ କୃଷି ପଦ୍ଧତି 'ହାଇଡ୍ରୋପୋନିକ୍ସ'ର ଏକ ଉନ୍ନତ ସଂସ୍କରଣ। ଏଥିରେ ଏକ ନୂତନ ସୁପରିବାହୀ ଛାଞ୍ଚ (ସବ୍‌ଷ୍ଟ୍ରେଟ୍) ସହାୟତାରେ ଚେରଗୁଡ଼ିକୁ ବୈଦ୍ୟୁତିକ ପଦ୍ଧତିରେ ଉତ୍ତେଜିତ କରାଯାଏ। ଛାଞ୍ଚ ରୂପେ ବ୍ୟବହାର କରାଯାଏ ଧାନକୁଣ୍ଡା, ନଡ଼ିଆ କତା, ମିନେରାଲ୍ ଉଲ୍, ବିଭିନ୍ନ ପ୍ରକାର ପ୍ରାକୃତିକ ଓ କୃତ୍ରିମ ତନ୍ତୁ। 'ହାଇଡ୍ରୋପୋନିକ୍ସ' ବ୍ୟବସ୍ଥାରେ ବିନା ମୃତ୍ତିକାରେ କେବଳ ଜଳ, ପୁଷ୍ଟି, ବାୟୁ ଓ ସୂର୍ଯ୍ୟକିରଣ ଉପରେ ନିର୍ଭର କରି ଫସଲ ବଢ଼ିଥାଏ। ଆବଦ୍ଧ ଛାଞ୍ଚଟିରେ ଜଳକୁ ପୁନଃଚକ୍ରଣ କରାଯାଏ ଏବଂ ଗଛ ଆବଶ୍ୟକ ମୁତାବକ ପୁଷ୍ଟି ଯୋଗାଇ ଦିଆଯାଏ। 'ହାଇଡ୍ରୋପୋନିକ୍ସ' ନାନା ପ୍ରକାର ଅଛି। ସେଗୁଡ଼ିକର ମୂଳ ପଦ୍ଧତି ପରସ୍ପରଠାରୁ ଅଭିନ୍ନ। ଗୋଟିଏ ସାଧାରଣ 'ହାଇଡ୍ରୋପୋନିକ୍ସ' ବ୍ୟବସ୍ଥାରେ ଜଳର 'ପିଏଚ୍' ବା ଅମ୍ଳତା ୬ ରୁ ୬.୫ ମଧ୍ୟରେ ରଖାଯାଏ। ଏହାକୁ ଉତ୍ତମ ବାୟୁ ଚଳାଚଳ କରୁଥିବା ପରିବେଶରେ ସ୍ଥାପନ କରି ଫସଲର ପ୍ରକାର ଅନୁସାରେ ଉପଯୁକ୍ତ ପୁଷ୍ଟି ନିର୍ଦ୍ଦିଷ୍ଟ ପରିମାଣରେ ଦେଇ ସୂର୍ଯ୍ୟାଲୋକକୁ ଉନ୍ମୁକ୍ତ ରଖାଯାଏ କିମ୍ବା କୃତ୍ରିମ ଆଲୋକ ମାଧ୍ୟମରେ ଆଲୋକିତ କରାଯାଏ।

ଏହାକୁ ବାଡ଼ିବଗିଚା, ବାଲକୋନୀ ବା ଛାତ ଉପରେ କିମ୍ବା ସହରାଞ୍ଚଳର ଛୋଟ ଛୋଟ ଜମିଖଣ୍ଡ ଇତ୍ୟାଦି ସ୍ଥାନରେ କରାଯାଇପାରିବ। ପାରମ୍ପରିକ କୃଷିଠାରୁ ୯୮ ଶତାଂଶ କମ୍ ଜଳ, ଯଥାମାତ୍ରାରେ ପୁଷ୍ଟି ଏବଂ ବିନା କୀଟନାଶକରେ ଏହି ପଦ୍ଧତିରେ ବର୍ଷସାରା ବିଭିନ୍ନ ସମୟରେ ଚାଷ କରାଯାଇପାରିବ। ଡାଞ୍ଚାଗୁଡ଼ିକ ଥାକ ଥାକ କରି ରଖାଯାଇ ପାରୁଥିବାରୁ ତାହା କମ୍ ସ୍ଥାନ ଆବଶ୍ୟକ କରେ ଏବଂ ଫସଲ ଅମଳ ସମୟ ୨୫% ହ୍ରାସ ପାଏ। ଏହି ପଦ୍ଧତିରେ ଏବେ ଷ୍ଟ୍ରବେରୀ, ଟମାଟୋ, ଲିଚୁ, ତୁଳସୀ, ବିନ୍, କଖାରୁ, ଗୋଲମରିଚ, ସୋରିଷ, ବିଟ୍, ମୂଳା, ପାଳଙ୍ଗ ଏବଂ କିଛି ଔଷଧୀୟ ଗୁଳ୍ମ ଚାଷ କରାଯାଇପାରୁଛି।

ଡିସେମ୍ବର ୨୦୨୩ରେ ସୁପ୍ରସିଦ୍ଧ ଗବେଷଣା ପତ୍ରିକା 'ପ୍ରୋସିଡିଂ ଅଫ୍ ଦ ନ୍ୟାସନାଲ୍ ଏକାଡେମୀ ଅଫ୍ ସାଇନ୍‌ସେସ୍'ରେ ଆବିଷ୍କାରକମାନେ ଏହାକୁ ନେଇ ପ୍ରକାଶ କରିଥିବା ନିବନ୍ଧରେ ଦର୍ଶାଯାଇଛି ଯେ ଏହି ପଦ୍ଧତିରେ ଚାଷ କରାଯାଇଥିବା ବାର୍ଲିଚାରାଗୁଡ଼ିକ ଏତେ ଦ୍ରୁତଗତିରେ ବୃଦ୍ଧିପାଇବାର କାରଣ ହେଲା ବୈଦ୍ୟୁତିକ ସକ୍ରିୟକରଣ। ଏ ପ୍ରକ୍ରିୟାର ଜୈବିକ କ୍ରିୟାବିଧି ଏବେ ବି ସମ୍ପୂର୍ଣ୍ଣ ରୂପେ ଜଣାପଡ଼ିନାହିଁ। ତେବେ ସେମାନେ ଏହାକୁ ନେଇ ଗୋଟିଏ କଥା ଅନୁମାନ କରନ୍ତି ଯେ ବୈଦ୍ୟୁତିକ ସକ୍ରିୟକରଣ ଫଳରେ ଚାରାଗୁଡ଼ିକ ଅଧିକ ଦକ୍ଷଭାବେ ଯବକ୍ଷାରଜାନ ପ୍ରକ୍ରିୟାକରଣ କରିପାରନ୍ତି।

ସାଧାରଣତଃ 'ହାଇଡ୍ରୋପୋନିକ୍ସ'ରେ ଛାଞ୍ଚରୂପେ ମିନେରାଲ୍‌ଉଲ୍ ବ୍ୟବହାର କରାଯାଏ। ତେବେ ଏହା ଅତ୍ୟଧିକ ବିଦ୍ୟୁତ୍ ଆବଶ୍ୟକ କରୁଥିବାରୁ ଲିଂକୋଫିଂଗ୍ ବୈଜ୍ଞାନିକମାନେ ଏହାର ବିକଳ୍ପ ରୂପେ ଇ-ମୃତ୍ତିକା ବ୍ୟବହାର କରୁଛନ୍ତି, ଯାହା ପ୍ରସ୍ତୁତ ହୁଏ ସେଲୁଲୋଜ ସହିତ ଅନ୍ୟ ଏକ ସୁପରିବାହୀ ପଲିମର (ପେଡ଼ିଟ୍ ବା ପଲି- ୩, ୪ ଇଥିଲିନି ଡାଇଆକ୍ସି ଥାଇଓଫେନ୍), ଯାହା କମ୍ ଶକ୍ତି ଆବଶ୍ୟକ କରେ ଏବଂ ଉଚ୍ଚ ଭୋଲ୍‌ଟେଜ୍ ଜନିତ ବିପଦ ମଧ୍ୟ ଦୂର କରେ। ତେଣୁ ଆଗାମୀ ଦିନମାନଙ୍କରେ କମ୍ ଚାଷଜମି ଓ ପ୍ରତିକୂଳ ପରିବେଶ ମଧ୍ୟରେ ଏହା ମାଧ୍ୟମରେ ଖାଦ୍ୟ ସମସ୍ୟାର ସମାଧାନ ଅନେକ ପରିମାଣରେ ଦୂର ହୋଇପାରିବାର ସମ୍ଭାବନା ସୃଷ୍ଟି ହୋଇଛି। ●

ମୋ: ୯୯୩୭୩୦୧୪୬୦

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)

- ଡଲାର ୮୪.୭୫ ● ପାଉଣ୍ଡ ୧୦୮.୨୩
- ୟୁରୋ ୮୯.୯୫ ● ୟେନ୍ ୦.୫୬

## ଷ୍ଟକ୍ ମାର୍କେଟ୍

ବଜାର କାରବାର (ପଏଣ୍ଟରେ)

- ସେନ୍‌ସେକ୍ସ ୮୧,୫୦୮.୦୦
- ନିଫ୍ଟି ୨୪,୬୧୯.୦୦



## ସୁନା, ରୁପା ଦର



୧୦ ଗ୍ରାମ ପିଛା (ଟଙ୍କାରେ)

- ସୁନା: ୭୧,୧୭୦ (ନୂଆଦିଲ୍ଲୀ)
- ରୁପା : ୯୧,୯୦୦ (କେଜି)

## ପେଟ୍ରୋଲ-ଡିଜେଲ୍

ଲିଟର ପିଛା (ଟଙ୍କାରେ)

- ପେଟ୍ରୋଲ୍- ୧୦୧.୩୭ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୬



# ନୂଆ ଗଭର୍ଣ୍ଣରଙ୍କ ଆଗରେ ମାନ୍ଦା ଅର୍ଥନୀତି ଆହ୍ୱାନ

ନୂଆଦିଲ୍ଲୀ, ୯।୧୨(ଏଜେନ୍ସି)

ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ର ନୂତନ ଗଭର୍ଣ୍ଣର ଭାବେ ରାଜସ୍ୱ ସଚିବ ସଞ୍ଜୟ ମାଲହୋତ୍ରାଙ୍କୁ ନିଯୁକ୍ତି ମିଳିଛି। ସେ ଶକ୍ତିକାନ୍ତ ଦାସଙ୍କ ସ୍ଥାନ ନେବେ। ଶ୍ରୀ ମାଲହୋତ୍ରା ହେଉଛନ୍ତି ରିଜର୍ଭ ବ୍ୟାଙ୍କର ୨୬ ତମ ଗଭର୍ଣ୍ଣର। ଶ୍ରୀ ଦାଶଙ୍କ ପରେ ଆରବିଆଇ ଗଭର୍ଣ୍ଣର ହେବାରେ ମାଲହୋତ୍ରା ହେଉଛି ଦ୍ୱିତୀୟ ଅର୍ଥ ମନ୍ତ୍ରଣାଳୟର ସଚିବ। ୨୦୨୨ ଡିସେମ୍ବରରେ ରାଜସ୍ୱ ସଚିବ ହେବା ପୂର୍ବରୁ ମାଲହୋତ୍ରା ରାଜସ୍ୱ ବିଭାଗରେ ଓଏସ୍‌ଡି ଭାବରେ କାର୍ଯ୍ୟ କରୁଥିଲେ। ସେ ଆଇଆଇଟି କାନପୁରରୁ କମ୍ପ୍ୟୁଟର ସାଇନ୍ସରେ ଇଞ୍ଜିନିୟରିଂ ଡିଗ୍ରୀ ଏବଂ ଆମେରିକାର ପ୍ରିନ୍ସଟନ୍ ୟୁନିଭରସିଟିରୁ ପବ୍ଲିକ୍ ପଲିସିରେ ମାଷ୍ଟର ଡିଗ୍ରୀ ହାସଲ କରିଛନ୍ତି। ୩୩ ବର୍ଷରୁ ଅଧିକ ସମୟ ଧରି ତାଙ୍କ କ୍ୟାରିଅରରେ ଶ୍ରୀ ମାଲହୋତ୍ରା ଶକ୍ତି, ଅର୍ଥ, ଟିକସ, ସୂଚନା ପ୍ରଯୁକ୍ତିବିଦ୍ୟା ଏବଂ ଖଣି ଭଳି ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟ କରିଛନ୍ତି। ରାଜ୍ୟ ତଥା କେନ୍ଦ୍ର ସରକାରରେ ଅର୍ଥ ଏବଂ ଟିକସ କ୍ଷେତ୍ରରେ ତାଙ୍କର ବ୍ୟାପକ ଅଭିଜ୍ଞତା ରହିଛି। ରାଜସ୍ୱ ସଚିବ ଭାବେ ବଜେଟ୍ ପ୍ରକ୍ରିୟାରେ ଟିକସ ରାଜସ୍ୱ ବୃଦ୍ଧି ଦାୟିତ୍ୱକୁ ମାଲହୋତ୍ରା ହିଁ ଉଚିତ୍ ଢ଼ଙ୍ଗରେ ପରିଚାଳନା କରୁଥିଲେ। ତାଙ୍କର ବର୍ତ୍ତମାନର ଭୂମିକାରେ ସେ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଟିକସ ସହ ଜଡିତ ଟିକସ ନୀତି ପ୍ରଣୟନରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି।

### ମୁଦ୍ରାସ୍ଫୀତିଠାରୁ ଜିଡିପି ଯାଏଁ ସବୁକୁ ନେଇ ଚିନ୍ତା





ଆରବିଆଇ ଗଭର୍ଣ୍ଣର ପଦରେ ଶ୍ରୀ ମାଲହୋତ୍ରାଙ୍କ ନିଯୁକ୍ତି ଏପରି ଏକ ସମୟରେ ହୋଇଛି ଯେତେବେଳେ ଭାରତୀୟ ଅର୍ଥନୀତିର ଅଭିବୃଦ୍ଧି ହାର ହ୍ରାସ ପାଉଛି। ସୁଧ ହାର ହ୍ରାସ ହେବାର ଆଶା ବଢୁଛି। ମନ୍ଥର ଅର୍ଥନୀତି, ଦୁର୍ବଳ ମୁଦ୍ରା ଏବଂ ମୁଦ୍ରାସ୍ଫୀତି ଭଳି ଅନେକ ଆହ୍ୱାନ ଏବେ ନୂଆ ଗଭର୍ଣ୍ଣରଙ୍କ ଆଗରେ ରହିବ। ମୁଦ୍ରାସ୍ଫୀତିକୁ ନିୟନ୍ତ୍ରଣ କରିବା ଏବଂ ଧିମେଇ ଯାଇଥିବା ଅର୍ଥନୀତିକୁ ଅଧିକ ଗତିଶୀଳ କରିବା। ଦ୍ୱିତୀୟ ତ୍ରୈମାସିକରେ ନୈରାଶ୍ୟଜନକ ଫଳାଫଳ ପରେ ଜିଡିପି ଅଭିବୃଦ୍ଧି ଲକ୍ଷ୍ୟକୁ ହାସଲ କରିବା ତାଙ୍କ ପାଇଁ ଏକ ବଡ଼ ଆହ୍ୱାନ ହେବ।

୬ ବର୍ଷ ପୂର୍ବେ ଯେତେବେଳେ ଶକ୍ତିକାନ୍ତ କେନ୍ଦ୍ରୀୟ ବ୍ୟାଙ୍କର ଦାୟିତ୍ୱ ଗ୍ରହଣ କରିଥିଲେ, ସେତେବେଳେ ସରକାର ଏବଂ ଆରବିଆଇ ମଧ୍ୟରେ ମତଭେଦ ରହିଥିଲା। ତାଙ୍କୁ ରଘୁରାମ ରାଜନ ଏବଂ ଉର୍ଜିତ ପଟେଲଙ୍କ ପରି ଜଣାଶୁଣା ଅର୍ଥନୀତିଜ୍ଞମାନେ ଛାଡିଥିବା ଅଭାବକୁ ସୁଧାରିବାକୁ ପଡିଲା। ଉଭୟ ଭେଟେରାନ୍ ଅର୍ଥନୀତିଜ୍ଞଙ୍କ କାର୍ଯ୍ୟକାଳ ମଧ୍ୟରେ ବିବାଦ, କାର୍ଯ୍ୟ ପରିବେଶର ଅଭାବ ଏବଂ ସରକାରଙ୍କ ସହ ଅନିଶ୍ଚିତତା ପରିସ୍ଥିତି ସୃଷ୍ଟି ହୋଇଥିଲା।

ଶ୍ରୀ ମାଲହୋତ୍ରା ଫେବୃଆରୀ ଏମ୍‌ପିସି ବୈଠକରେ ଅଧ୍ୟକ୍ଷତା କରିବେ। ଏଥିରେ ସୁଧ ହାର ହ୍ରାସକୁ ବିଚାର କରାଯିବ। ଗତ ସପ୍ତାହରେ, ଶ୍ରୀ ମାଲହୋତ୍ରା ରାଜସ୍ୱ ଅଧିକାରୀମାନଙ୍କୁ ବ୍ୟବସାୟ ତଥା ଶିଳ୍ପସଂସ୍ଥାକୁ ବିପୁଳ ଟିକସ ନୋଟିସ୍ ଜାରି କରୁଥିବାବେଳେ ସତର୍କତା ଅବଲମ୍ବନ କରିବାକୁ କହିଥିଲେ। ରାଜସ୍ୱର ଆଗ୍ରହ ପୂର୍ବରୁ ଅର୍ଥନୀତିର ଆଗ୍ରହକୁ ଧ୍ୟାନରେ ରଖିବା ଉଚିତ ବୋଲି ସେ କହିଥିଲେ।

### ବନ୍ଦ ହେବ କି ଲାଞ୍ଚ ମାମଲା

# ଆଦାନୀଙ୍କୁ ଏବେ ଟ୍ରମ୍ପ୍ ଭରସା

ନୂଆଦିଲ୍ଲୀ, ୯।୧୨(ଏଜେନ୍ସି)



ଆଦାନୀ ଗ୍ରୁପ ଅଧ୍ୟକ୍ଷ ଗୌତମ ଆଦାନୀଙ୍କୁ ଆମେରିକା କୋର୍ଟରୁ ଲାଞ୍ଚ ମାମଲାରେ କୌଣସି ପ୍ରକାର ଆଶ୍ୱସ୍ତି ମିଳିନାହିଁ। ସୌର ପ୍ରକଳ୍ପ ଚୁକ୍ତି ପାଇଁ ଆଦାନୀ ଭାରତୀୟ ଅଧିକାରୀଙ୍କୁ ଲାଞ୍ଚ ଦେଇଥିବାର ଅଭିଯୋଗ ହୋଇଛି। ଏହି ମାମଲାରେ ଆମେରିକା କୋର୍ଟ ଗୌତମ ଆଦାନୀ ଏବଂ ତାଙ୍କ ପୁତୁରା ସାଗର ଆଦାନୀଙ୍କ ବିରୋଧରେ ଗିରଫ ପରୱାନା ଜାରି କରିଛନ୍ତି। ଯଦିବା ତାଙ୍କ ବିରୋଧରେ ଆସିଥିବା ଅଭିଯୋଗକୁ ଭିତ୍ତିହୀନ ବୋଲି ଆଦାନୀ କହିଛନ୍ତି। ତେବେ ଆମେରିକାର କୋର୍ଟ ଆଦାନୀଙ୍କୁ କୋର୍ଟକୁ ଆସି ତାଙ୍କ ସ୍ପଷ୍ଟୀକରଣ ଦେବାକୁ କହିଛନ୍ତି। ଏହାର ଅର୍ଥ ହେଉଛି ଯଦି ଆଦାନୀ ଆମେରିକା ଯାଆନ୍ତି, ତେବେ ତାଙ୍କୁ ଗିରଫ କରାଯାଇପାରେ। ଏପରି ପରିସ୍ଥିତିରେ ତାଙ୍କର ବ୍ୟବସାୟ ଉପରେ ଏକ ପ୍ରତିକୂଳ ପ୍ରଭାବିତ ପଡିପାରେ। ଅନ୍ୟ କମ୍ପାନୀଗୁଡିକ ଏହାର ଫାଇଦା ନେଇପାରନ୍ତି। କିନ୍ତୁ ବର୍ତ୍ତମାନ ଆଦାନୀ ଏହି କ୍ଷେତ୍ରରେ ଏକ ଆଶାର କିରଣ ଦେଖୁଛନ୍ତି। କାରଣ ଆମେରିକାର ନବ ନିର୍ବାଚିତ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଆଦାନୀଙ୍କ ତ୍ରାଣକର୍ତ୍ତା ହୋଇପାରନ୍ତି। ବାସ୍ତବରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହ ଟ୍ରମ୍ପଙ୍କ ବନ୍ଧୁତା ଅତ୍ୟନ୍ତ ଗଭୀର। ବ୍ଲୁମବର୍ଗ ରିପୋର୍ଟ ଅନୁଯାୟୀ ଆଦାନୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଘନିଷ୍ଠ ସହଯୋଗୀ। ସେ ଦୃଷ୍ଟିରୁ ଟ୍ରମ୍ପ ଦାୟିତ୍ୱ ଗ୍ରହଣ କରିବା ପରେ ଆଦାନୀଙ୍କ ମାମଲା ଖାରଜ କରିଦେଇପାରନ୍ତି।

ଏଭଳି ପରିସ୍ଥିତିରେ ଭାରତ ଆଦାନୀଙ୍କ ପ୍ରତ୍ୟର୍ପଣକୁ ଆମେରିକା କୋର୍ଟରେ ଦୋଷୀ ସାବ୍ୟସ୍ତ କରିବାକୁ ଦେବନାହିଁ। ଏଭଳି ବିପଦ ଆସିବା ପୂର୍ବରୁ ମୋଦୀ ଟ୍ରମ୍ପଙ୍କ ଆଗରେ ଏହି ପ୍ରସଙ୍ଗ ଉଠାଇପାରିବେ। ଆସନ୍ତା ମାସରେ ଟ୍ରମ୍ପ ଶପଥ ଗ୍ରହଣ କରିବେ। ତେଣୁ ଟ୍ରମ୍ପ ପ୍ରଶାସନ ଆଦାନୀଙ୍କ ମାମଲାକୁ ଖାରଜ କରିବାକୁ ନିଷ୍ପତ୍ତି ନେଇପାରେ।

### ବଢୁଛି ଗୋଲ୍ଡ ଇଟିଏଫ୍‌ରେ ନିବେଶ

# ନଭେମ୍ବରରେ ଭାରତୀୟ ଖଟାଇଛନ୍ତି ୧୪୮୨ କୋଟି

ନୂଆଦିଲ୍ଲୀ, ୯ ।୧୨ (ଏଜେନ୍ସି)

ଭାରତରେ ଗୋଲ୍ଡ ବା ସୁନା ଏକ୍ସଚେଞ୍ଜ ଟ୍ରେଡେଡ୍ ଫଣ୍ଡ (ଇଟିଏଫ୍)ରେ ନିବେଶ ବଢୁଛି। ଗତ ମାସ ଅର୍ଥାତ୍ ନଭେମ୍ବରରେ ଭାରତୀୟମାନେ ସୁନା ଇଟିଏଫ୍ ରେ ପ୍ରାୟ ୧୪୮୨ କୋଟି ଟଙ୍କା ବିନିଯୋଗ କରିଥିଲେ। ଇକ୍ୱିଟି ବଜାରରେ ଅସ୍ଥିରତା ହେତୁ ଏହା ଘଟିଛି। ଏହାପୂର୍ବରୁ ଅକ୍ଟୋବରରେ ସୁନା ଇଟିଏଫରେ ୧୯୬୧ କୋଟି ଟଙ୍କା ଏବଂ ସେପ୍ଟେମ୍ବରରେ ୧୨୩୩ କୋଟି ଟଙ୍କା ବିନିଯୋଗ ହୋଇଛି।

ସୁନା ଇଟିଏଫ୍‌ରେ ଭାରତୀୟ ନିବେଶକଙ୍କ ଆତ୍ମବିଶ୍ୱାସ କ୍ରମାଗତ ଭାବରେ ବୃଦ୍ଧି ପାଉଛି। ସୁନାର ମୂଲ୍ୟ ବୃଦ୍ଧି ଏବଂ ହ୍ରାସ ଉପରେ ଇଟିଏଫ୍ ଗୁଡିକ ଆଧାରିତ। ସେୟାର ପରି ସୁନା କିଣିବାର ସୁବିଧାକୁ ସୁନା ଇଟିଏଫ୍ କୁହାଯାଏ।





ଏକ୍ସଚେଞ୍ଜ ଟ୍ରେଡେଡ୍ ଫଣ୍ଡ ସୁନାର ବୃଦ୍ଧି ଏବଂ ହ୍ରାସ ମୂଲ୍ୟ ଉପରେ ଆଧାରିତ। ଏହା ଏକ ମ୍ୟୁଚୁଆଲ୍ ଫଣ୍ଡ ସ୍କିମ୍। ଏଥିରେ ୟୁନିଟରେ ସୁନା କିଣାଯାଏ। ଏହାକୁ ବିକ୍ରି କଲେ ସୁନା ମିଳିବ ନାହିଁ, କିନ୍ତୁ ସେହି ସମୟରେ ବଜାର ମୂଲ୍ୟ ସହିତ ସମାନ ପରିମାଣ ଅର୍ଥ ମିଳିବ। ସୁନାରେ ବିନିଯୋଗ କରିବାର ଏହା ସବୁଠାରୁ ଶସ୍ତା ଉପାୟ।ଏହା ୟୁନିଟ୍ ଗୁଡିକରେ କିଣାଯାଏ। ଇଟିଏଫ୍ ପାଇଁ ଡିମାଟ୍ ଆକାଉଣ୍ଟ ଆବଶ୍ୟକ। ସୁନା ଇଟିଏଫ୍‌ଗୁଡିକ ସେୟାର ପରି ବିଏସ୍‌ଇ ଏବଂ ଏନ୍‌ଏସ୍‌ଇରେ କିଣାଯାଇ ବିକ୍ରି ହୋଇପାରିବ।

ଇଟିଏଫ୍ ମାଧ୍ୟମରେ ସୁନା ୟୁନିଟ୍‌ରେ କିଣାଯାଏ, ଯେଉଁଠାରେ ଗୋଟିଏ ୟୁନିଟ୍ ଗୋଟିଏ ଗ୍ରାମ। ଏହା ଅଳ୍ପ ପରିମାଣରେ କିମ୍ବା ଏସ୍‌ଆଇପି (ସିଷ୍ଟମେଟିକ୍ ଇନଭେଷ୍ଟମେଣ୍ଟ ପ୍ଲାନ) ମାଧ୍ୟମରେ ସୁନା କିଣିବା ସହଜ କରିଥାଏ। ଯେଉଁଠାରେ ଫିଜିକାଲ୍ ଭାବେ ସୁନା ସାଧାରଣତଃ ୧୦ ଗ୍ରାମ ମୂଲ୍ୟରେ ବିକ୍ରି ହୁଏ। ଅନେକ ଥର ଅଳଙ୍କାର କିଣିବା ସମୟରେ ଅଳ୍ପ ପରିମାଣରେ ସୁନା କିଣିବା ସମ୍ଭବ ନୁହେଁ।

**ବର୍ଷକରେ ଦେଇଛି ୨୩% ଯାଏ ରିଟର୍ଣ୍ଣ**

# ସୁଧ ହାର ବଢ଼ାଇଲା ଏଚଡିଏଫସି ବ୍ୟାଙ୍କ

ନୂଆଦିଲ୍ଲୀ, ୯।୧୨ (ଏଜେନ୍ସି): ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ପୁଣିଥରେ ଏହାର ରେପୋ ହାରରେ ହ୍ରାସ ନ ଘଟାଇ ଲୋକଙ୍କୁ ନିରାଶ କରିଛି। ତେବେ ବର୍ତ୍ତମାନ ଦେଶର ସବୁଠୁ ବଡ଼ ଘରୋଇ ବ୍ୟାଙ୍କ ଏଚଡିଏଫସି ବ୍ୟାଙ୍କ କିଛି ସମୟ ପାଇଁ ଏହାର ଋଣ ସୁଧ ହାର ବୃଦ୍ଧି କରିଛି। ବ୍ୟାଙ୍କ ଏହାର ଋଣ ଉପରେ ଏମ୍‌ସିଏଲ୍‌ଆର୍ ହାରରେ ବୃଦ୍ଧି କରିଛି। ଫଳରେ ଏମସିଏଲଆରରେ ୦.୦୫ ପ୍ରତିଶତର ବୃଦ୍ଧି ହୋଇଛି। ବ୍ୟାଙ୍କର ଏହି ଝଟକା ପରେ ଋଣ ସୁଧ ହାର ୯.୧୫ ପ୍ରତିଶତରୁ ୯.୨୦ ପ୍ରତିଶତକୁ ବୃଦ୍ଧି ପାଇଛି। ନୂଆ ଋଣ ସୁଧ ହାର ଡିସେମ୍ବର ୭ରୁ ଲାଗୁ କରାଯାଇଛି। ବ୍ୟାଙ୍କର ଏହି ନିଷ୍ପତ୍ତିରେ ଏଚଡିଏଫସିରୁ ନେଇଥିବା ଗୃହ ଏବଂ କାର ଋଣ ନେଇଥିବା ଗ୍ରାହକଙ୍କ ଇଏମଆଇ ଉପରେ ଏହାର ପ୍ରଭାବ ପଡିବ। ଏମ୍‌ସିଏଲଆର ବଢିବା ଦ୍ୱାରା ଫ୍ଲୋଟିଂ ଋଣର ସୁଧ ହାର ବଢିଯାଇଥାଏ, ଯାହା ପାଇଁ ଗ୍ରାହକଙ୍କ ଇଏମଆଇ ବୃଦ୍ଧି ହୋଇଥାଏ।

HDFC BANK
We understand your world

# ଏୟାରବସ୍‌ଠାରୁ ୧୦୦ ନୂଆ ବିମାନ କିଣିବ ଏୟାର ଇଣ୍ଡିଆ

ନୂଆଦିଲ୍ଲୀ, ୯।୧୨(ଏଜେନ୍ସି)



ଫ୍ରାନ୍ସ କମ୍ପାନୀ ଏୟାରବସ୍‌ଠାରୁ ୧୦୦ ନୂଆ ବିମାନ କିଣିବ ପାଇଁ ଏୟାର ଇଣ୍ଡିଆ ଅର୍ଡର ଦେଇଛି। ଏହି ବିମାନଗୁଡ଼ିକ ମଧ୍ୟରେ ୧୦ଟି ୱାଇଡ୍‌ବଡି ଏ୩୫୦ ଏବଂ ୯୦ଟି ନ୍ୟାରୋବଡି ଏ୩୨୦ ଫ୍ୟାମିଲି ବିମାନ ଏବଂ ଏ୩୨୧ ନିୟୋ ସାମିଲ ରହିଛି। ୧୦୦ ନୂଆ ବିମାନର ଅର୍ଡର ପୂର୍ବରୁ ଦିଆଯାଇଥିବା ୪୫୦ ବିମାନ ଅର୍ଡରଠାରୁ ଅତିରିକ୍ତ ରହିବ। ଗତ ବର୍ଷ ଏୟାରବସ ଏବଂ ବୋଇଙ୍ଗଠାରୁ ୪୫୦ ବିମାନ କିଣିବା ପାଇଁ ଏୟାର ଇଣ୍ଡିଆ ଅର୍ଡର ଦେଇଥିଲା।

ନୂଆ ଅର୍ଡର ପରେ ଏୟାର ଇଣ୍ଡିଆ ପକ୍ଷରୁ ଏୟାରବସକୁ ଅର୍ଡର ଦିଆଯାଇଥିବା ମୋଟ ବିମାନ ସଂଖ୍ୟା ୩୫୦ ହୋଇଛି। ଗତ ବର୍ଷ ଭାରତୀୟ ବିମାନ କମ୍ପାନି ଏୟାରବସକୁ ୨୫୦ ବିମାନ ଅର୍ଡର ଦେଇଥିଲା। ଏଥିରେ ୪୦ ୱାଇଡ୍‌ବଡି ଏ୩୫୦ ଏବଂ ୨୧୦ ଏ୩୨୦ ଫ୍ୟାମିଲି ବିମାନ ସାମିଲ ଥିଲା। ଟାଟା ସନ୍ସ ଏବଂ ଏୟାର ଇଣ୍ଡିଆର ଅଧ୍ୟକ୍ଷ ଏନ୍. ଚନ୍ଦ୍ରଶେଖରନ କହିଛନ୍ତି, 'ଦୁନିଆ ତୁଳନାରେ ଭାରତରେ ବିମାନ ଯାତ୍ରୀଙ୍କ ସଂଖ୍ୟା ଅଧିକ। ତେଣୁ ଭିତ୍ତିଭୂମିରେ ସୁଧାରର ଆବଶ୍ୟକତା ରହିଛି। ଦେଶର ଯୁବ ଜନସଂଖ୍ୟା ଦ୍ରୁତ ଗତିରେ ବିଶ୍ୱର ବିଭିନ୍ନ କୋଣକୁ ଯାତ୍ରା କରୁଛନ୍ତି। ସେହି ଦୃଷ୍ଟିରେ ଏୟାର ଇଣ୍ଡିଆ ଦ୍ୱାରା ଗତ ବର୍ଷ ଦିଆଯାଇଥିବା ୪୭୦ ବିମାନ ଅର୍ଡର ଭବିଷ୍ୟତରେ ବଡ଼ ବିସ୍ତାର ପାଇଁ ଜରୁରି । ସେ କହିଛନ୍ତି, 'ଅତିରିକ୍ତ ୧୦୦ ଏୟାରବସ ବିମାନ ଏୟାର ଇଣ୍ଡିଆକୁ ବିକାଶ ରାସ୍ତାରେ ନେବାରେ ସହାୟକ ହେବ। ଏହାସହ ଏୟାର ଇଣ୍ଡିଆକୁ ବିଶ୍ୱସ୍ତରୀୟ ଏୟାରଲାଇନ କରିବାର ଆମ ମିଶନରେ ଯୋଗଦାନ ଦେବେ। ଭାରତକୁ ଦୁନିଆର ସବୁ କୋଣକୁ ଯୋଡ଼ିବ ।'

### ■ ଏୟାରଟେଲ ସ୍ପାମ୍ ରିପୋର୍ଟ

# ଅଢ଼େଇ ମାସରେ ୮ ବିଲିୟନ ସ୍ପାମ୍ କଲ୍ ଚିହ୍ନଟ

ନୂଆଦିଲ୍ଲୀ, ୯।୧୨(ଏଜେନ୍ସି)

ଭାରତର ପ୍ରଥମ ସ୍ପାମ୍-ଫାଇଟିଂ ନେଟୱର୍କ ଭାରତୀ ଏୟାରଟେଲ ଏହାର ଇଓ-ଚାଳିତ, ସ୍ପାମ୍-ଫାଇଟିଂ ସଲ୍ୟୁସନ୍ ଆରମ୍ଭ କରିବାର ଅଢ଼େଇ ମାସ ମଧ୍ୟରେ ୮ ବିଲିୟନ ସ୍ପାମ୍ କଲ୍ ଏବଂ ୦.୮ ବିଲିୟନ ସ୍ପାମ୍ ଏସ୍‌ଏମ୍‌ଏସ୍‌କୁ ଚିହ୍ନଟ କରିଛି। ଏହି ଅତ୍ୟାଧୁନିକ ଆଲଗୋରିଦମକୁ ଉପଯୋଗ କରି ଏଆଇ ଚାଳିତ ନେଟୱାର୍କ ପ୍ରତିଦିନ ପାଖାପାଖି ୧ ନିୟୁତ ସ୍ପାମର୍ କୁ ସଫଳତାର ସହ ଚିହ୍ନଟ କରିଛି। ବିଗତ ୨.୫ ମାସ ମଧ୍ୟରେ କମ୍ପାନୀ ପ୍ରାୟ ୨୫୨ ନିୟୁତ ଅନନ୍ୟ ଗ୍ରାହକଙ୍କୁ ଏହି ସନ୍ଦେହଜନକ କଲ୍ ବିଷୟରେ ସତର୍କ କରାଇଛି ଏବଂ ଏହାର ଉତ୍ତର ଦେଉଥିବା ଗ୍ରାହକଙ୍କ ସଂଖ୍ୟାରେ ୧୨% ହ୍ରାସ ଘଟିଛି ବୋଲି ଲକ୍ଷ୍ୟ କରିଛି। ଏୟାରଟେଲ ନେଟୱାର୍କରେ ୬ ପ୍ରତିଶତ କଲ୍ ସ୍ପାମ୍ କଲ୍ ଭାବେ ଚିହ୍ନଟ ହୋଇଥିବା ବେଳେ ସମସ୍ତ ଝଗଝ ମଧ୍ୟରୁ ୨%କୁ ସ୍ପାମ୍ ଭାବେ ଚିହ୍ନଟ କରାଯାଇଛି। ଆଶ୍ଚର୍ଯ୍ୟର କଥା ହେଉଛି, ୩୫% ସ୍ପାମର୍ ଲ୍ୟାଣ୍ଡଲାଇନ୍ ଟେଲିଫୋନ୍ ବ୍ୟବହାର କରିଥିବା ଦେଖିବାକୁ ମିଳିଛି। ଏହାବ୍ୟତୀତ ଦିଲ୍ଲୀରେ ଗ୍ରାହକଙ୍କୁ ସର୍ବାଧିକ ସ୍ପାମ୍ କଲ୍ ଆସିଛି, ଯାହାକୁ ଆନ୍ଧ୍ରପ୍ରଦେଶ ଏବଂ ପଶ୍ଚିମ ଉତ୍ତରପ୍ରଦେଶର ଗ୍ରାହକମାନେ ଅନୁସରଣ କରୁଛନ୍ତି। ଦିଲ୍ଲୀରେ ସର୍ବାଧିକ ସ୍ପାମ୍ କଲ୍ ଆସିଥିବା ବେଳେ ଏହା ପରେ ମୁମ୍ବାଇ ଓ କର୍ଣ୍ଣାଟକ ରହିଛି। ମେସେଜ୍ କ୍ଷେତ୍ରରେ ସର୍ବାଧିକ ଗ୍ରାହକ ଗୁଜରାଟ, କୋଲକାତା ଓ ଉତ୍ତରପ୍ରଦେଶରେ ଚିହ୍ନଟ ହୋଇଥିବା ବେଳେ ସର୍ବାଧିକ ଗ୍ରାହକ ମୁମ୍ବାଇ, ଚେନ୍ନାଇ ଓ ଗୁଜରାଟରୁ ଆସିଛନ୍ତି।

### ବାଂଲାଦେଶ ଦେଲା ବଡ଼ ଝଟ୍‌କା

# ଭାରତ ସହ ବ୍ୟାଣ୍ଡୱିଡ୍‌ଥ ଟ୍ରାଞ୍ଜିଟ୍ ଚୁକ୍ତି ବାତିଲ୍

ନୂଆଦିଲ୍ଲୀ, ୯।୧୨(ଏଜେନ୍ସି)



ଗତ କିଛି ଦିନ ହେବ ବାଂଲାଦେଶ ଏବଂ ଭାରତ ମଧ୍ୟରେ ସମ୍ପର୍କକୁ ନେଇ ତିକ୍ତତା ବଢ଼ିବାରେ ଲାଗିଛି। ବର୍ତ୍ତମାନ ସମୟରେ ବାଂଲାଦେଶ ଏକ ନିଷ୍ପତ୍ତି ନେଇଛି ଯାହା ଭାରତର ପୂର୍ବୋତ୍ତର ରାଜ୍ୟରେ ମୋବାଇଲ୍ ଇଣ୍ଟରନେଟ୍ ସଂଯୋଗରେ ବାଧା ପହଞ୍ଚାଇବ। ବାଂଲାଦେଶର ୟୁନୁସ୍ ସରକାର ବ୍ୟାଣ୍ଡୱିଡ୍‌ଥ୍ ଟ୍ରାନ୍‌ଜିଟ୍ (ଗମନାଗମନ) ସୁବିଧା ନେଇ ଭାରତ ସହ ସ୍ୱାକ୍ଷର କରିଥିବା ଚୁକ୍ତିନାମା ବାତିଲ କରିଦେଇଛନ୍ତି।

ବାଂଲାଦେଶର ଇଣ୍ଟରନେଟ୍ ନିୟାମକ ଭାରତର ପୂର୍ବୋତ୍ତର ରାଜ୍ୟଗୁଡ଼ିକୁ ବ୍ୟାଣ୍ଡୱିଡ୍‌ଥ୍ ଯୋଗାଣ କ୍ଷେତ୍ରରେ ଏକ ଟ୍ରାଞ୍ଜିଟ୍ ପଏଣ୍ଟ ଭାବରେ କାର୍ଯ୍ୟ କରିବାକୁ ପ୍ରସ୍ତୁତ ଯୋଜନାକୁ ରଦ୍ଦ କରିଦେଇଛି, ଯାହା ଆଞ୍ଚଳିକ ଇଣ୍ଟରନେଟ୍ ହବ୍ ହେବା ନେଇ ବାଲାଂଦେଶ ରଖିଥିବା କ୍ଷମତାକୁ ବାଧା ଦେଇପାରେ ବୋଲି ଦେଶ ଚିନ୍ତା କରୁଥିବ ଏକ ରିପୋର୍ଟରେ କୁହାଯାଇଛି। ,ଠାରେ ସୂଚନାଯୋଗ୍ୟ ଯେ, ଦୁଇ ବର୍ଷ ପୂର୍ବେ ଯେତେବେଳେ ବାଂଲାଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ ହସିନା କ୍ଷମତାରେ ଥିଲେ,ସେତେବେଳେ ଭାରତୀ ଏୟାରଟେଲ ସହିତ ସିଟ୍ କମ୍ୟୁନିକେସନ୍ ଏବଂ ଫାଇବର ଏଟ୍ ଭଳି ବାଂଲାଦେଶୀ କମ୍ପାନୀଗୁଡିକ ବିଟିଆରସି (ବାଂଲାଦେଶ ଟେଲିକମ୍ ନିୟାମକ ଆୟୋଗ) ନିକଟରେ ଚୁକ୍ତି ନେଇ ପ୍ରସ୍ତାବ ଦାଖଲ କରିଥିଲେ। ଭାରତ ଏହାର ପୂର୍ବୋତ୍ତର ରାଜ୍ୟଗୁଡିକ ପାଇଁ ବାଂଲାଦେଶରୁ ଇଣ୍ଟରନେଟ୍ ସଂଯୋଗ ମାଗିଥିଲା। ଏହା ଅଧୀନରେ ଭାରତ-ବାଂଲାଦେଶ ସୀମାରେ ଇଣ୍ଟରନେଟ୍ ସର୍କିଟ୍ ସ୍ଥାପନ କରି ଡାଟା ଟ୍ରାନ୍ସମିସନ୍ ପାଇଁ ଏକ ଟ୍ରାଞ୍ଜିଟ୍ ଲିଙ୍କ୍ ସୃଷ୍ଟି କରାଯିବାରଥିଲା। ଯେତେବେଳେ ବାଂଲାଦେଶରେ ଶେଖ ହସିନା କ୍ଷମତାରେ ଥିଲେ ସେତେବେଳେ ଏ ନେଇ ସହମତି ହୋଇଥିଲା। ରିପୋର୍ଟ ଅନୁଯାୟୀ, ବିଟିଆରସି କହିଛି ଯେ ଏଥିରୁ କେବଳ ଭାରତ ସମସ୍ତ ସୁବିଧା ପାଇଥାଏ। ତେବେ ଏହି ନିଷ୍ପତ୍ତି ପଛର କାରଣ ଦୁଇ ଦେଶ ମଧ୍ୟରେ ବଢୁଥିବା ତିକ୍ତତା ବୋଲି ଜଣାପଡିଛି। ସମିଟ୍ କମ୍ୟୁନିକେସନ୍ ଏବଂ ଫାଇବର ଏଟ୍ ପରି କମ୍ପାନୀଗୁଡିକ ଶେଖ ହାସିନାଙ୍କ ଆୱାମି ଲିଗ୍ ପାର୍ଟିର ନିକଟତର ବୋଲି ବିବେଚନା କରାଯାଉଛି। ସମିଟ୍ କମ୍ୟୁନିକେସନ୍‌ର ଅଧ୍ୟକ୍ଷ ମହମ୍ମଦ ଫରିଦ ଖାନ ହେଉଛନ୍ତି ଆୱାମୀ ଲିଗ୍‌ର ବରିଷ୍ଠ ନେତା ତଥା ସାଂସଦ ଫାରୁକ୍ ଖାନଙ୍କ ସାନ ଭାଇ। ଏହି କମ୍ପାନୀଗୁଡିକର ପ୍ରଭାବ ହ୍ରାସ କରିବା ଏବଂ ନିଜର ସ୍ଥିତିକୁ ଦୃଢ଼ କରିବା ପାଇଁ ୟୁନୁସ୍ ସରକାର ଏହି ନିଷ୍ପତ୍ତି ନେଇଛନ୍ତି। ତେବେ ୟୁନୁସ୍ ସରକାରଙ୍କ ଏହି ନିଷ୍ପତ୍ତି ଭାରତ ଏବଂ ବାଂଲାଦେଶ ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କ ଉପରେ ବିଶେଷ ପ୍ରଭାବ ପକାଇପାରେ।

**ପୂର୍ବୋତ୍ତର ରାଜ୍ୟରେ ଇଣ୍ଟରନେଟ୍ ସଂଯୋଗ ଚିନ୍ତା ବଢ଼ିଲା**

### ● ରାଇଜିଂ ରାଜସ୍ଥାନ ଶିଖର ସମ୍ମିଳନୀ

# ରାଜସ୍ଥାନରେ ନିବେଶ ଓ ଅଭିବୃଦ୍ଧି ପାଇଁ ବେଦାନ୍ତ ଅଧ୍ୟକ୍ଷଙ୍କ ଆହ୍ୱାନ

ଭୁବନେଶ୍ୱର, ୯।୧୨(ସମିସ): ବେଦାନ୍ତ ଅଧ୍ୟକ୍ଷ ଅନୀଲ ଅଗ୍ରୱାଲ୍ ରାଜସ୍ଥାନକୁ ଭାରତର ଆକର୍ଷଣୀୟ ସ୍ଥାନ ଭାବେ ଅଭିହିତ କରିଥିବା ସହ ସ୍ଥାୟୀ ଅନ୍ୱେଷଣ ଦ୍ୱାରା ରାଜ୍ୟର ଅଭିବୃଦ୍ଧି ବହୁ ଗୁଣା ବଢ଼ିପାରିବ। ରାଇଜିଂ ରାଜସ୍ଥାନ ସମ୍ମିଳନୀକୁ ସମ୍ବୋଧିତ କରି ଶ୍ରୀ ଅଗ୍ରୱାଲ୍ କହିଛନ୍ତି ଯେ ରାଜସ୍ଥାନରେ ତୈଳ, ପଟାସ, ପଥର, ଫସଫେଟ, ଲିଡ, ଜିଙ୍କ ଓ ସିଲଭର ଭଳି ପ୍ରାକୃତିକ ବିପର୍ଯ୍ୟୟର ବିପୁଳ ସମ୍ପତ୍ତି ରହିଛି। ନିଜ ଅଭିଭାଷଣରେ ସେ କହିଛନ୍ତି ଯେ ଦୁନିଆର ସମସ୍ତ ସଫଳ ଦେଶ ଭୂତଳ ସମ୍ପଦ ପାଇଁ ବିକଶିତ ହୋଇଛନ୍ତି। ଆମକୁ ସେହି ବାଟରେ ଆଗକୁ ବଢ଼ିବାକୁ ପଡ଼ିବ। ଏଠାରେ ଇଟାଲୀ ତୁଳନାରେ ତିନି ଗୁଣା ଅଧିକ କୋଠା ପଥର ଗଚ୍ଛିତ ରହିଛି। ସବୁଠୁ ଶିଳ୍ପୋନ୍ନତ ରାଜ୍ୟ ଗୁଜରାଟର ପଡ଼ୋଶୀ ଭାବେ ଉପକୃତ ହେବା ଲାଗି ରାଜସ୍ଥାନ ପାଖରେ ବିପୁଳ ସୁଯୋଗ ରହିଛି। ତୈଳ, ଗ୍ୟାସ୍, ପଟାସ, ରକ୍ ଫସଫେଟ୍, ଲିଡ୍, ଜିଙ୍କ ଓ ସିଲଭର୍ ଆଦି ଏଠାରେ ରହିଛି। ଯଦି ଆପଣମାନେ ରାଜସ୍ଥାନରେ ନିବେଶ କରୁଛନ୍ତି ତେବେ ଆପଣ ଶୀଘ୍ର ଲାଭ ପାଇପାରିବେ। ଶ୍ରୀ ଅଗ୍ରୱାଲ୍ ଘୋଷଣା କରିଛନ୍ତି ଯେ ଏହି ରାଜ୍ୟରେ ଆଗାମୀ ଦିନରେ ବେଦାନ୍ତ ଅତିରିକ୍ତ ୧ ଲକ୍ଷ କୋଟି ଟଙ୍କା ନିବେଶ କରିବ। ଏକ ଅଣ ଲାଭଦାୟକ ଜିଙ୍କ ପାର୍କ ସ୍ଥାପନ କରିବାକୁ ସେ ଘୋଷଣା କରିଛନ୍ତି ଯାହା ଶତାଧିକ ଏସ୍‌ଏମ୍‌ଇକୁ ଜମି, କଞ୍ଚାମାଲ ଓ ଶକ୍ତି ଯୋଗାଇବ, ଯାହା ଫଳରେ ପାଖାପାଖି ୩୦୦ ନୂଆ ଶିଳ୍ପ ସ୍ଥାପନ ହୋଇପାରିବ। ରାଜସ୍ଥାନ ପ୍ରତି ବେଦାନ୍ତର ଦୃଢ଼ ଓ ଦୀର୍ଘକାଳୀନ ପ୍ରତିବଦ୍ଧତା ଏହାର ଶିଳ୍ପ ଓ ଅର୍ଥନୈତିକ ଅଭିବୃଦ୍ଧିକୁ ଆଗକୁ ବଢ଼ାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଛି ଏବଂ ୨୦୩୦ ସୁଦ୍ଧା ଏକ ୩୫୦ ବିଲିଅନ ଡଲାର ଅର୍ଥନୀତି ହେବାର ଅଭିଳାଷ ପୂରଣ କରିବାକୁ ଶକ୍ତି ଦେଉଛି। ଏହା ରାଜ୍ୟକୁ ଧାତବ, ଖଣିଜ ଓ ଶିଳ୍ପ ନବସୃଜନର ବିଶ୍ୱସ୍ତରୀୟ ହବ୍ ଭାବେ ଉପସ୍ଥାପିତ କରିବ।

# ଲୋୟର୍‌ପିଏମଜିରେ ଗର୍ଜିଲେ ଜିପିଏଲ୍‌ଏଫ୍ କର୍ମଚାରୀ

■ ସମର୍ଥନ ଜଣାଇଲେ ବିଜେଡି ବିଧାୟକ
■ ୯ ମାସର ଦରମା ନପାଇ ନାହାନ୍ତି ୬ଟି କମ୍ୟୁନିଟି ସପୋର୍ଟ ଷ୍ଟାଫ୍

ଭୁବନେଶ୍ୱର, ୯।୧୨(ସମିସ): ମିଶନ ଶକ୍ତି, ଓଡ଼ିଶା ଜୀବିକା ମିଶନ କାର୍ଯ୍ୟକ୍ରମରେ ସଫଳତା ପାଇଁ ଓ ସରକାରଙ୍କ ସବୁ ଯୋଜନାକୁ ତୃଣମୂଳସ୍ତରରେ ସଫଳତାର ସହ କାର୍ଯ୍ୟକାରୀ କରୁଛୁ। ମାତ୍ର ୯ ମାସ ହେଲାଣି ଆମକୁ ଦରମା ମିଳିନି। ତେଲ,



ଲୁଣ ସଂସାରକୁ ନେଇ କେମିତି ଆଗକୁ ବଢ଼ିବୁ ଜାଣିପାରୁନାହୁଁ। ଆମ କାର୍ଯ୍ୟକୁ ସହଜ କରିବା ପାଇଁ ପୂର୍ବ ସରକାର ବିନା ସୁଧରେ ସ୍କୁଟି ଯୋଗାଇ ଦେଇଥିଲେ। ଦରମା ନ ମିଳିବାରୁ କିସ୍ତି ଦେବା ଆମ ପାଇଁ କାଠିକର ପାଠ ହୋଇଥିବାବେଳେ ବ୍ୟାଙ୍କ କର୍ମଚାରୀମାନେ ଆସି ଘର ଦୁଆରେ ବସିଲେଣି ବୋଲି ସୋମବାର ଲୋୟର ପିଏମ୍‌ଜିରେ ରାଜ୍ୟ ସରକାରଙ୍କ ମନମାନିକୁ ନେଇ ଏମିତିକା କୋହଭରା କଣ୍ଠରେ କ୍ଷୋଭ ପ୍ରକାଶ କରିଛନ୍ତି ହଜାର ହଜାର ଜିପିଏଲ୍‌ଏଫ୍ କର୍ମୀ। ଦରମା ସହ ଅନ୍ୟାନ୍ୟ ୯ଟି ଦାବିକୁ ନେଇ ଭୁବନେଶ୍ୱରେ ସରକାରଙ୍କୁ ନିଜ ଶକ୍ତି ଦେଖାଇବା ସହ ଚେତାବନୀ ମଧ୍ୟ ଦେଇଛନ୍ତି। ବିଜୁ ଶ୍ରମିକ ସାମ୍ମୁଖ୍ୟ ସହ ଅନୁବନ୍ଧିତ ଜିପିଏଲ୍‌ଏଫ୍ ମିଶନ ଶକ୍ତି କର୍ମୀ ସଂଘ ସୋମବାର ବିଧାନସଭା ଘେରଉ କରିଛି। ଏମ୍‌ବିକେ, ବ୍ୟାଙ୍କ୍ ମିତ୍ର, ଏଲ୍‌ଏସ୍‌ପି, ସିଆର୍‌ପି, କୃଷି ମିତ୍ର ଓ ପ୍ରାଣୀ ମିତ୍ର ଏଥିରେ ସାମିଲ୍ ହୋଇଛନ୍ତି। ଅପରପକ୍ଷରେ ସୋମବାର ଧାରଣାସ୍ଥଳକୁ ବିଜେଡି ବିଧାୟକମାନେ ଆସି ସେମାନଙ୍କ ଦାବିକୁ ଖୋଲା ସମର୍ଥନ ଦେଇଛନ୍ତି। ତୃଣମୂଳସ୍ତରରେ ମହିଳାଙ୍କୁ ଆତ୍ମନିର୍ଭର ଏବଂ ସରକାରୀ ଯୋଜନାର ସଫଳ ରୂପାୟଣ କ୍ଷେତ୍ରରେ ଏହି ମିଶନ ଶକ୍ତି ସପୋର୍ଟ ଷ୍ଟାଫ୍‌ମାନଙ୍କର ପ୍ରମୁଖ ଭୂମିକା ରହିଛି। ମାତ୍ର ରାଜ୍ୟ ବିଜେପି ସରକାର ସେମାନଙ୍କ ପ୍ରତି ଅବିଚାର ପ୍ରଦର୍ଶନ କରି ଦୀର୍ଘମାସ ହେଲା ଦରମା ଦେଉନାହାନ୍ତି। ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ, ବିଧାୟକ ଡ. ଅରୁଣ ସାହୁ, ଡ. ବ୍ୟୋମକେଶ ରାୟ, ଶାରଦା ପ୍ରସନ୍ନ ଜେନା, ବର୍ଷା ସିଂ ବରିହା, ସୁଜାତା ସାହୁ ଏବଂ ଦଳର ଅନ୍ୟ ବରିଷ୍ଠ ନେତାମାନେ ଉପସ୍ଥିତ ଥିଲେ।



ଏମ୍‌ସିଏଲ୍ ତାଳଚେର କ୍ଷତିଗ୍ରସ୍ତ ମହାସଂଘ ପକ୍ଷରୁ ଧାରଣା



ବରପଦା ଇଞ୍ଜିନିୟରିଂ କଲେଜ ସୁରକ୍ଷା ଦାବିରେ ଭଦ୍ରକ ନାଗରିକ ମଞ୍ଚ ପକ୍ଷରୁ ଧାରଣା

## ଓଡ଼ିଶା ସବୁଜ ପତ୍ରିକା ମହିଳା ମହାସଂଘ



ଭୁବନେଶ୍ୱର, ୯।୧୨(ସମିସ): ଓଡ଼ିଶା ସବୁଜ ପତ୍ରିକା ମହିଳା ମହାସଂଘ ତରଫରୁ ୩ ଦଫା ଦାବି ନେଇ ଏକ ବିଶାଳ ରାଲି ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନଠାରୁ ବାହାରି ଲୋୟର ପିଏମ୍‌ଜିଠାରେ ପହଞ୍ଚିଥିଲା। ଗ୍ରୀନ୍ କାର୍ଡଧାରୀ ମହିଳାମାନଙ୍କର ଦାବିକୁ ଉପସ୍ଥାପନା କରାଯାଉଥିଲେ ମଧ୍ୟ ସରକାର ଏଥିପ୍ରତି ଧ୍ୟାନ ନ ଦେବା ସହ ଏହାକୁ ଅଣଦେଖା କରିବା ଘଟଣା ବିରୋଧରେ ଓଡ଼ିଶା ପତ୍ରିକା ମହିଳା ମହାସଂଘ ସ୍ୱର ଉଠାଇଛି। ଚାକିରିଆମାନଙ୍କୁ ବିଶେଷ ବେତନ ବୃଦ୍ଧି ୬୦୦ରୁ ୧୦୦୦ ଟଙ୍କା ପର୍ଯ୍ୟନ୍ତ ଦିଆଯାଉଛି, ଯାହାକୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ କର୍ମଚାରୀ ତାକୁ ଉପଲବ୍ଧ କରୁଛନ୍ତି। ହେଲେ ଗ୍ରାମୀଣ ଗରିବ ମହିଳାଙ୍କୁ କାହିଁକି ଏଥିରୁ ବଞ୍ଚିତ କଲେ ଏନେଇ ସେମାନେ ପ୍ରଶ୍ନ ଉଠାଇଛନ୍ତି। ଏହି ପ୍ରସଙ୍ଗରେ ସରକାର ତାଙ୍କ କଥାକୁ ଗ୍ରହଣ କରିବେ ବୋଲି ସଂଘ ଆଶାବାଦୀ ରହିଛି। ଯଦି ସରକାର ଏହାକୁ କାର୍ଯ୍ୟକାରୀ ନ କରନ୍ତି ତେବେ ସଂଘଠନ ଦୃଢ଼ ପଦକ୍ଷେପ ନେବ ଏବଂ ଓଡ଼ିଶାରେ ତୃତୀୟ ବିକଳ୍ପ ଦଳ ହୋଇ ଓଡ଼ିଶାରେ ମୁଣ୍ଡ ଟେକିବା ସହ ଏହି ମହିଳାମାନଙ୍କ ଦାବିକୁ କାର୍ଯ୍ୟକାରୀ କରିବ ବୋଲି ସଂଘର ସଭାନେତ୍ରୀ ଲକ୍ଷ୍ମୀ ଦେବୀ କହିଛନ୍ତି। ଏହି ରାଲିରେ ସମ୍ପାଦକ ତପସ୍ୱିନୀ ପରିଡ଼ା, କୋଷାଧ୍ୟକ୍ଷ ମଞ୍ଜୁଲତା ମହାପାତ୍ର ଓ ଅନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ମଧ୍ୟାହ୍ନ ଭୋଜନ ପାଚକ-ପାଚିକା ମହାସଂଘ

ବିଦ୍ୟାଳୟଗୁଡ଼ିକରେ ଦିନତମାମ ରୋଷେଇ କରିବା, ବାସନ ଧୋଇବା ସହ ୮ ଘଣ୍ଟାରୁ ଅଧିକ ପରିଶ୍ରମ କରୁଥିବା ମଧ୍ୟାହ୍ନ ଭୋଜନ ପାଚକ-ପାଚିକାଙ୍କୁ ଦିଆଯାଉଥିବା ପ୍ରାପ୍ୟ ସମୁଦ୍ରକୁ ଶଙ୍ଖେ। ନିର୍ଦ୍ଧାରିତ ପାରିଶ୍ରମିକ ମୂଲ୍ୟ ଭରଣପୋଷଣରେ ସମ୍ଭବ ହେଉନାହିଁ ବୋଲି ବିଭିନ୍ନ ଦାବି ନେଇ ନିଖିଳ ଓଡ଼ିଶା ମଧ୍ୟାହ୍ନ ଭୋଜନ ପାଚକ-ପାଚିକା ମହାସଂଘ ପକ୍ଷରୁ ଏକ ବିଶାଳ ରାଲି ଗାନ୍ଧୀମାର୍ଗଠାରେ ପହଞ୍ଚି ନିଜ ସ୍ୱର ଉଠାଇଛି। ସଂଘ ପକ୍ଷରୁ ୧୧ ଦଫା ସମ୍ବଳିତ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦିଆଯାଇଛି। ଏହି ଦାବିଗୁଡ଼ିକ ମଧ୍ୟରେ ପାଚକ-ପାଚିକାମାନଙ୍କୁ ଏକକ ନିଯୁକ୍ତି ପତ୍ର ସହ ସରକାରୀ ମାନ୍ୟତା ପ୍ରଦାନ, ମାସିକ ଦରମା ବୃଦ୍ଧି, ବର୍ତ୍ତମାନ ପ୍ରଚଳିତ ଦରମା ଅନୁଯାୟୀ ଜାନୁଆରୀ ମାସଠାରୁ



ବର୍ଦ୍ଧିତ ଦରମା କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରତ୍ୟେକ ରୋଷେୟାଙ୍କୁ ପ୍ରଦାନ, ଚିକିତ୍ସା ଭତ୍ତା ସହ ବୀମାର ସୁବିଧା, ଖରାଛୁଟି ଦରମା ପ୍ରଦାନ ଭଳି ୧୧ଟି ଦାବି ରଖିଛି ସଂଘ। ଏହି ଆନ୍ଦୋଳନରେ ସଂଘର ରାଜ୍ୟ ସଭାନେତ୍ରୀ ସରୋଜିନୀ କୁମୁରା, ରାଜ୍ୟ ସାଧାରଣ ସମ୍ପାଦକ କାର୍ତ୍ତିକ ସା, ରାଜ୍ୟ ଉପଦେଷ୍ଟା ହରେକୃଷ୍ଣ ମେହେରଙ୍କ ସମେତ ସଂଘର ଅନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ଓଡ଼ିଶା ରାଜ୍ୟ ୱାର୍ଡମେମ୍ବର ମହାସଂଘ

ରାଜ୍ୟରେ ନୂତନ ସରକାର ଗଠନ ପରେ ଅନେକ ଥର ୱାର୍ଡମେମ୍ବରମାନଙ୍କ ଦାବି ଜଣାଇ ଆସୁଛନ୍ତି। ହେଲେ ଏହା ସତ୍ତ୍ୱେ କୌଣସି ବିହିତ ପଦକ୍ଷେପ ନିଆଯାଉ ନାହିଁ ବୋଲି ସୋମବାର ୱାର୍ଡମେମ୍ବରମାନେ ତାଙ୍କର ଦାବି ପୂରଣ ନେଇ ରାଜରାସ୍ତାକୁ ଓହ୍ଲାଇଛନ୍ତି। ଓଡ଼ିଶା ରାଜ୍ୟ ୱାର୍ଡମେମ୍ବର ମହାସଂଘ ପକ୍ଷରୁ ୫ ଦଫା ଦାବି ପୂରଣ ନ ହେଲେ ପ୍ରତ୍ୟେକ ପଞ୍ଚାୟତରେ ତାଲା ପକାଇବା ସହ ରାଜ୍ୟବ୍ୟାପୀ ଅସହଯୋଗ ଆନ୍ଦୋଳନ କରିବା ସହ ଆବଶ୍ୟକ ପଡ଼ିଲେ ସାରା ଓଡ଼ିଶାର ୱାର୍ଡମେମ୍ବର ସାମୂହିକ ଭାବେ ଇସ୍ତଫା ଦେବେ ବୋଲି ମହାସଂଘ ପକ୍ଷରୁ ସରକାରଙ୍କୁ ଦୃଢ଼ ଚେତାବନୀ ଦିଆଯାଇଛି। ମାସିକ ୩ ହଜାର ଟଙ୍କା ପେନ୍‌ସନ୍ ବୃଦ୍ଧି, ଦୁର୍ଘଟଣାଜନିତ ମୃତ୍ୟୁ ହେଲେ ସହାୟତା ସହ କ୍ଷତିପୂରଣ ରାଶି ପ୍ରଦାନ, ଯୋଗ୍ୟ ହିତାଧିକାରୀମାନଙ୍କୁ



ଚୟନ କରିବାର କ୍ଷମତା ପ୍ରଦାନ ଆଦି ଦାବିଗୁଡ଼ିକୁ ଉପସ୍ଥାପନା କରାଯାଇଛି। ମହାସଂଘ ପକ୍ଷରୁ ରାଜ୍ୟ ସଭାପତି ଗୌତମ ବେହେରାଙ୍କ ନେତୃତ୍ୱରେ ଏହି ଧାରଣାରେ ରାଜ୍ୟ ସାଧାରଣ ସମ୍ପାଦକ, ଦିଗାମ୍ବର ବେମାଲ, କୋଷାଧ୍ୟକ୍ଷ ସୁନିଲ ବଳିଆରସିଂ ପ୍ରମୁଖ ଉପସ୍ଥିତ ଥିଲେ।

# ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନ ପକ୍ଷରୁ ଲକ୍ଷ୍ମୀକାନ୍ତଙ୍କ ଜୟନ୍ତୀ

ଭୁବନେଶ୍ୱର, ୯।୧୨(ସମିସ): ମହାନ ସ୍ୱାଧୀନତା ସଂଗ୍ରାମୀ, ବିଶିଷ୍ଟ ସାହିତ୍ୟିକ, କବି, ଔପନ୍ୟାସିକ ତଥା ଓଡ଼ିଆ ଭାଷା ସାହିତ୍ୟକୁ ସମୃଦ୍ଧ କରିଥିବା ମହାନ ବ୍ୟକ୍ତିତ୍ୱ କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ଜୟନ୍ତୀ ଉପଲକ୍ଷେ ମୁଖ୍ୟ ମହାଡାକପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଛି। ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନ, ଆମେ ଭୁବନେଶ୍ୱର ଆନୁକୂଲ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅଭିଯାନର ଅଧ୍ୟକ୍ଷ ବରିଷ୍ଠ ସାମ୍ବାଦିକ ପ୍ରଦ୍ୟୁମ୍ନ ଶତପଥି ସଂଯୋଜନା କରିଥିବାବେଳେ ସମ୍ମାନିତ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ଆମେ ଭୁବନେଶ୍ୱର ସଭାପତି ନରେନ ସାହୁ, ଭାଷାପ୍ରାଣ କବି ପ୍ରବୀର ମହାନ୍ତି ଯୋଗଦେଇ ଓଡ଼ିଆ ଭାଷା ସାହିତ୍ୟକୁ କାନ୍ତକବିଙ୍କ ଅବଦାନ ସମ୍ପର୍କରେ ଆଲୋଚନା କରିଥିଲେ। ବନ୍ଦେ ଉତ୍କଳ ଜନନୀର ସ୍ରଷ୍ଟା ଭାବେ ଓଡ଼ିଆ ଭାଷା ସାହିତ୍ୟ ଓ ସମାଜରେ ବୈପ୍ଳବିକ ପରିବର୍ତ୍ତନ ଆଣିବାରେ ତଥା ତାଙ୍କ କାଳଜୟୀ ରଚନା ସମଗ୍ର ମାନବ ଜାତି ପାଇଁ ଚିର ସ୍ମରଣୀୟ ଓ ଆଦର୍ଶ ହୋଇ ରହିବ ବୋଲି କହିଥିଲେ। ଆଜିର ଯୁବପିଢ଼ି ଏହିପରି ମହାନ ବ୍ୟକ୍ତିଙ୍କ ପଦାଙ୍କ ଅନୁସରଣ କରିବା ଆବଶ୍ୟକ ବୋଲି ଅତିଥିମାନେ କହିଛନ୍ତି। କାର୍ଯ୍ୟକ୍ରମକୁ ସଞ୍ଜୟ ପରିଡ଼ା, ଅମିତ ପାତାଳ ସିଂ, ରମେଶ ପାତାଳ ସିଂ ପରିଚାଳନା କରିଥିଲେ।

# କୁଞ୍ଜବିହାରୀ ମହାବିଦ୍ୟାଳୟରେ ଆଲୋଚନାଚକ୍ର

ନନ୍ଦନକାନନ, ୯।୧୨(ସମିସ): ବାରଙ୍ଗ କୁଞ୍ଜବିହାରୀ ମହାବିଦ୍ୟାଳୟ ଅର୍ଥନୀତି ବିଭାଗ ଦ୍ୱାରା ଏକ 'ଭାରତ ଓ ଏହାର ପଡ଼ୋଶୀ ଦେଶମାନଙ୍କର ବିକାଶ ପଥ' ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଡ. ମାନସ ରଞ୍ଜନ ଦାଶମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଆଲୋଚନାଚକ୍ରରେ ପ୍ରଫେସର ଡ. ଅମରେନ୍ଦ୍ର ଦାସ ମୁଖ୍ୟବକ୍ତା ଭାବେ ଯୋଗଦେଇ ଭାରତର ଅର୍ଥନୈତିକ ପ୍ରଗତି ଓ ଏହାର ପ୍ରଗତି ପଥ ଉପରେ ବିଭିନ୍ନ ପ୍ରଗତିମୂଳକ ବିଷୟ ଉପରେ ଆଲୋକପାତ କରିଥିଲେ। ବିଭାଗୀୟ ମୁଖ୍ୟ ପ୍ରାଣୟିନୀ ମିଶ୍ର ଓ ଛାତ୍ରଛାତ୍ରୀମାନେ ନିଜର ସନ୍ଦର୍ଭପାଠ କରିଥିଲେ। ଭାରପ୍ରାପ୍ତ ଅଧ୍ୟକ୍ଷ ଅନିଲ ପାଢ଼ୀ ସ୍ୱାଗତ ଭାଷଣ ଦେଇଥିବାବେଳେ ଡ.ସନ୍ତୋଷ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଲକ୍ଷ୍ମୀପ୍ରିୟା ବିଶ୍ୱାଳ ଓ ଅନ୍ୟମାନେ କାର୍ଯ୍ୟକ୍ରମ ପରିଚାଳନାରେ ସାହାଯ୍ୟ କରିଥିଲେ।

# ଆଜି ଗାନ୍ଧୀ ମାର୍ଗରେ ଗର୍ଜିବେ ଶିକ୍ଷକ

**ସାମିଲ ହେବେନି ୧୯୪ଟି ସ୍କୁଲ କର୍ମଚାରୀ**

ଭୁବନେଶ୍ୱର, ୯।୧୨ (ସମିସ): ବିଭିନ୍ନ ସମସ୍ୟା ନେଇ ମଙ୍ଗଳବାର ଗାନ୍ଧୀ ମାର୍ଗରେ ଗର୍ଜିବେ ଶିକ୍ଷକଶିକ୍ଷୟିତ୍ରୀ ଓ ଶିକ୍ଷା କର୍ମଚାରୀ। ସ୍କୁଲ, କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତି ବ୍ୟାନରରେ ବିଶାଳ ଶିକ୍ଷକ ସମାବେଶ କରିବେ। ସମସ୍ତ ଅନୁଦାନ ଯୋଗ୍ୟ ବିଦ୍ୟାଳୟକୁ ତୁରନ୍ତ ଅନୁଦାନ ପ୍ରଦାନ କରିବା ସହ ଅବସର ନେଉଥିବା ଶିକ୍ଷକ ଓ ଶିକ୍ଷା କର୍ମଚାରୀଙ୍କୁ ପେନସନ୍, ଅବସରକାଳୀନ ସୁବିଧା, ଚାକିରି ସର୍ତ୍ତାବଳୀ ପ୍ରଦାନ କ୍ଷେତ୍ରରେ ସରକାର ଅହେତୁକ ବିଳମ୍ବ କରୁଥିବା ନେଇ ପ୍ରତିବାଦ କରିବେ ବୋଲି ସମନ୍ୱୟ ସମିତିର ଆବାହକ ରଞ୍ଜନ କୁମାର ଦାଶ, ସଭାପତି ସୁକାନ୍ତ ବେହେରା ଓ ଅକ୍ଷୟ କୁମାର ମିଶ୍ର କହିଛନ୍ତି। ଅନ୍ୟପକ୍ଷରେ ଅନୁଦାନରୁ ବାଦ୍ ପଡ଼ିଥିବା ୧୯୪ଟି ସ୍କୁଲର କର୍ମଚାରୀ ଏହି ଆନ୍ଦୋଳନରେ ସାମିଲ ହେବ ନାହିଁ। ଲେଫ୍ଟ ଆଉଟ୍ ହାଇସ୍କୁଲ ଆସୋସିଏସନ୍ ସଂଘ ପକ୍ଷରୁ ସମ୍ପାଦକ ଆଶିଷ ମେହେର କହିଛନ୍ତି ଯେ ଅନୁଦାନ ପ୍ରଦାନ କରିବାକୁ ସରକାର ପଦକ୍ଷେପ ନେଉଛନ୍ତି। ଏପରିସ୍ଥିତିରେ ଆନ୍ଦୋଳନ କଲେ ଅନୁଦାନ ବାଧାପ୍ରାପ୍ତ ହେବାର ଆଶଙ୍କା କରି ସଂଘ ଏହି ନିଷ୍ପତ୍ତି ନେଇଥିବା ସେ କହିଛନ୍ତି। ସଂଘର ସଭାପତି ପଙ୍କଜ କୁମାର ପରିଡ଼ା, ଯୁଗ୍ମ ସମ୍ପାଦକ କୈଳାସ ମାଝୀ, ଉପସଭାପତି ସଂଗ୍ରାମ ଶେଖର ହୋତା, କୋଷାଧ୍ୟକ୍ଷ ଦୀପ୍ତି ରଞ୍ଜନ ମହାପାତ୍ର, ଉପଦେଷ୍ଟା କାର୍ତ୍ତିକ ସାହୁ ପ୍ରମୁଖ ଏନେଇ ପ୍ରେସ୍ ବିଜ୍ଞପ୍ତିରେ ଜଣାଇଛନ୍ତି।

# ପରିବେଶ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ




ଭୁବନେଶ୍ୱର, ୯।୧୨(ସମିସ): କିଟ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ପରିବେଶ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପରିବେଶ ସୁରକ୍ଷା ଦିଗରେ ଛାତ୍ରଛାତ୍ରୀମାନେ କିପରି ସଚେତନ ହେବେ ସେ ଉଦ୍ଦେଶ୍ୟରେ ଏକ ବିଶେଷ ଆଲୋଚନାଚକ୍ର ଆୟୋଜିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମ ଭୁବନେଶ୍ୱର 'ପରିବେଶ ବନ୍ଧୁ ଓଡ଼ିଶା' ଓ କିଟ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟର ଚେୟାରମ୍ୟାନ୍ ତଥା ପରିବେଶ ବନ୍ଧୁ ଓଡ଼ିଶା ସଂଗଠନର ସଭାପତି ଡ. ଚିତ୍ତରଞ୍ଜନ ମିଶ୍ର ଅଧ୍ୟକ୍ଷତା କରିଥିବାବେଳେ ପରିବେଶ ବନ୍ଧୁ ସଂଗଠନର କାର୍ଯ୍ୟକ୍ରମ ସଂଯୋଜକ ଇଂ ହେମନ୍ତ ଜେନା ଉପସ୍ଥିତ ରହି ପ୍ଲାଷ୍ଟିକ୍‌ର ବ୍ୟବହାର ଦ୍ୱାରା ପରିବେଶ କିପରି ପ୍ରଭାବିତ ହୋଇ ମାଟି, ପାଣି ଓ ପବନ ନଷ୍ଟ ହେଉଛି, ତା' ଉପରେ ପିଲାମାନଙ୍କୁ ବୁଝାଇଥିଲେ। ଅବସରପ୍ରାପ୍ତ ଭାରତୀୟ ଜନସେବା ଅଧିକାରୀ ହର୍ଷବର୍ଦ୍ଧନ ଉଦ୍‌ଗାତା ଉପସ୍ଥିତ ରହି ବୃକ୍ଷ ସମ୍ପଦର ସୁରକ୍ଷା ଓ ବୃକ୍ଷରୋପଣ ଉପରେ ଗୁରୁତ୍ୱାରୋପ କରିଥିଲେ। କିଟ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରିନ୍ସିପାଲ ଉଦୟଶଙ୍କର ଆଚାର୍ଯ୍ୟ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

# 'ନିର୍ବାଚନୀ ପ୍ରତିଶ୍ରୁତି ପୂରଣ କର'

ଭୁବନେଶ୍ୱର, ୯।୧୨(ସମିସ): ଭାରତ ସରକାରଙ୍କ ଦ୍ୱାରା ଆରମ୍ଭ ହୋଇଥିବା ଉଜ୍ୱଳା ଯୋଜନା ଗ୍ରାମାଞ୍ଚଳରେ ଅନେକ ସଫଳତା ଲାଭ କରିଛି। ଏହି ଯୋଜନାକୁ ଘରେ ଘରେ ପହଞ୍ଚାଇବା ପାଇଁ ୨୦୧୯ରେ ପେଟ୍ରୋଲିୟମ୍ ଏବଂ ଗ୍ୟାସ୍ ମନ୍ତ୍ରାଳୟ ପକ୍ଷରୁ ଓଡ଼ିଶା ଉଜ୍ୱଳା ଦିଦିମାନଙ୍କୁ ପ୍ରଶିକ୍ଷଣ ଦିଆଯାଇ ଏହାର ପ୍ରମାଣ ପତ୍ର ମଧ୍ୟ ପ୍ରଦାନ କରାଯାଇଥିଲା।

**ଓଡ଼ିଶା ଉଜ୍ୱଳା ଦିଦି ସଂଘ ପକ୍ଷରୁ ୭ ଦଫା ଦାବି**



ହେଲେ ୨୦୧୮ ମସିହାଠାରୁ କାର୍ଯ୍ୟ କରି ଆସୁଥିବା ଉଜ୍ୱଳା ଦିଦିମାନଙ୍କୁ ଏପର୍ଯ୍ୟନ୍ତ ସଠିକ୍ ପାରିଶ୍ରମିକ ଦିଆଯାଉନାହିଁ ବୋଲି ଓଡ଼ିଶା ଉଜ୍ୱଳା ଦିଦି ସଂଘ ପକ୍ଷରୁ କୁହାଯାଇଛି। ସାଧାରଣ ନିର୍ବାଚନ ପୂର୍ବରୁ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ ନିର୍ବାଚନ ସମୟରେ ମାସିକ ୧୫ ହଜାର ଟଙ୍କା ଦରମା ବୃଦ୍ଧି କରାଇବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଯାହା ଏଯାଏଁ କାର୍ଯ୍ୟକାରୀ ହୋଇପାରିନାହିଁ ବୋଲି ସଂଘ ପକ୍ଷରୁ କୁହାଯାଇଛି। ଏନେଇ ସଂଘ ପକ୍ଷରୁ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲଙ୍କ ଉଦ୍ଦେଶ୍ୟରେ ୭ ଦଫା ଦାବି ଉପସ୍ଥାପନା କରାଯାଇଛି। ମାସିକ ଦରମା ବୃଦ୍ଧି, ପ୍ରତ୍ୟେକ ପଞ୍ଚାୟତରେ ଉଜ୍ୱଳା ଦିଦିମାନଙ୍କ ଦ୍ୱାରା ବାଧ୍ୟତାମୂଳକ ସିଲିଣ୍ଡର ଯାଞ୍ଚ, ସ୍ୱତନ୍ତ୍ର ଉଜ୍ୱଳା ଆପ୍ ତିଆରି ସହ ସେଥିରେ ବୁକିଂ ଓ ମରାମତିର ସୁବିଧା, ସରକାରଙ୍କ ଅନ୍ୟାନ୍ୟ ଯୋଜନାରେ ସେମାନଙ୍କୁ ସାମିଲ୍ କରିବା ଭଳି ମୋଟ୍ ୭ଟି ଦାବି ଉପସ୍ଥାପନା କରାଯାଇଛି ବୋଲି ସଂଘର ସମ୍ପାଦିକା ଅପରାଜିତା ରାଉତ ଏବଂ ସଭାନେତ୍ରୀ କାଦମ୍ବିନୀ ସ୍ୱାଇଁ କହିଛନ୍ତି।

# କାଇମାଟିଆ ପାଟଣାରେ ହନୁମାନ ମନ୍ଦିର ପ୍ରତିଷ୍ଠା ଉତ୍ସବ



ଝାଁଳା, ୯।୧୨(ସମିସ): ଭୁବନେଶ୍ୱର ଉପକଣ୍ଠ କାଇମାଟିଆ ପାଟଣା ଗ୍ରାମରେ ହନୁମାନଙ୍କ ମନ୍ଦିର ପ୍ରତିଷ୍ଠା ତଥା ବିଶ୍ୱର ମଙ୍ଗଳ ନିମନ୍ତେ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଛି। ସୋମବାର ପ୍ରଥମ ଦିବସରେ ସୂର୍ଯ୍ୟ ପୂଜା, ଅଙ୍କୁରାରୋପଣ, ମଣ୍ଡଳାଦିକରଣ ହୋଇଛି। ଏହି ପରିପ୍ରେକ୍ଷୀରେ ଶ୍ରୀସୁବୁଦ୍ଧେଶ୍ୱରଙ୍କ ଶକ୍ତିବିଗ୍ରହ ସ୍ଥାପନା ଓ ହନୁମାନ ମନ୍ଦିର ପ୍ରତିଷ୍ଠା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ୧୪୦ ଜଣ ପୁରୁଷ ଓ ମହିଳା କଳସ ଶୋଭାଯାତ୍ରାରେ ଯୋଗଦେଇ ଗ୍ରାମ ପରିକ୍ରମା କରି ହନୁମାନ ମନ୍ଦିରରେ କଳସ ସ୍ଥାପନା କରିଥିଲେ। ଗ୍ରାମ୍ୟ ସଭାପତି କାହ୍ନୁ ଚରଣ ସ୍ୱାଇଁଙ୍କ ନେତୃତ୍ୱରେ ଓ ଗ୍ରାମବାସୀଙ୍କ ସହଯୋଗରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଥିବାବେଳେ ଏହି ମହାଯଜ୍ଞ ୫ ଦିନ ଧରି ଚାଲିବ। ଏହି ଅବସରରେ ରାମଲୀଳା, ପ୍ରବଚନ, ଦାସକାଠିଆ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ।

**ଆମ ରାଜଧାନୀ ଆମ ଐତିହ୍ୟ**

# ୮ଟି ଶିବ ମନ୍ଦିରର ସମୂହ ଅଷ୍ଟଶମ୍ଭୁ ମନ୍ଦିର



ଭୁବନେଶ୍ୱର, ୯।୧୨(ସମିସ): ମନ୍ଦିରମାନଙ୍କର ସମୂହ ହେଉଛି ରାଜଧାନୀ। ପ୍ରତି ଛକ, ପ୍ରତି ଗଳିରେ ରହିଛି ଶତାବ୍ଦୀ ଶତାବ୍ଦୀର ପୁରାତନ ମନ୍ଦିର। ଏହା କେବଳ ଐତିହ୍ୟ କିର୍ତ୍ତୀରାଜିର ମୂକ ସାକ୍ଷୀ ନୁହଁ ବରଂ ଲୋକଙ୍କ ଆଧ୍ୟାତ୍ମିକ ଭାବନା ସହ ମଧ୍ୟ ଜଡ଼ିତ। ଏକ ସର୍ଭେ ରିପୋର୍ଟରୁ ଜଣାଯାଏ, ରାଜଧାନୀ ଭୁବନେଶ୍ୱରେ ପାଖାପାଖି ୭୦୦ ପୁରାତନ ମନ୍ଦିର ରହିଛି। ସେଥିମଧ୍ୟରୁ ଶୋଡ଼ଷ ଶତାବ୍ଦୀର ଅଷ୍ଟଶମ୍ଭୁ ମନ୍ଦିର ଅନ୍ୟତମ।

ଏହି ମନ୍ଦିରଟି ବିନ୍ଦୁସାଗର ନିକଟରେ ଥିବା ଉତ୍ତରେଶ୍ୱର ମନ୍ଦିର ପରିସରରେ ରହିଛି। ୮ଟି ଶିବ ମନ୍ଦିର ସମୂହ ଅଷ୍ଟଶମ୍ଭୁ ମନ୍ଦିର ଭାବରେ ପରିଚିତ। ୧୪ରୁ ୨୦ ଫୁଟ୍ ଉଚ୍ଚତା ବିଶିଷ୍ଟ ଏହି ୮ଟି ମନ୍ଦିର ପଞ୍ଚରଥ ଶୈଳୀରେ ନିର୍ମିତ। ପୁରାଣ ବର୍ଣ୍ଣନା ଅନୁଯାୟୀ, ମହାଦେବ ଓ ପାର୍ବତୀ ଏକାମ୍ର କ୍ଷେତ୍ରରେ ୧୫ବର୍ଷ ଅବସ୍ଥାନ କରିଥିଲେ। ଏହି ସମୟରେ ଏକଦା ପାର୍ବତୀ ରତିକ୍ରୀଡ଼ା ପାଇଁ ଇଚ୍ଛା ପ୍ରକାଶ କରିଥିଲେ। ପାର୍ବତୀଙ୍କ ପ୍ରସ୍ତାବରେ ସମ୍ମତି ଜଣାଇ ମହାଦେବ ନିଜକୁ ୮ଟି ରୂପରେ ପରିପ୍ରକାଶ କରିଥିଲେ। ଯାହାକୁ ଏକାଠି ଅଷ୍ଟଶମ୍ଭୁ କୁହାଯାଏ। ଏହି ମନ୍ଦିର ପରିସରରେ ଏକ ଐତିହ୍ୟ କୁଣ୍ଡ ରହିଛି। ଏହା ଗୋଦାବରୀ କୁଣ୍ଡ ଭାବେ ପରିଚିତ। ସ୍ଥାନୀୟ ମାନ୍ୟତା ଅନୁଯାୟୀ, ଯେତେବେଳେ ପାର୍ବତୀ ଦୁଇ ଅସୁର କିର୍ତ୍ତୀ ଏବଂ ବାସଙ୍କ ବଧ କଲେ, ତା'ପରେ ସେ ଅତ୍ୟନ୍ତ ଶୋଷିଲା ଅନୁଭବ କଲେ। ତେଣୁ ସେ ଶିବଙ୍କୁ ସ୍ମରଣ କରିବାରୁ ପ୍ରଭୁ ଶିବ ନିଜ ତ୍ରିଶୂଳ ପ୍ରହାର କରି ସେଠାରେ ଏକ କୁଣ୍ଡ ତିଆରି କରି ଜଳକୁ ପବିତ୍ର କରିବାପାଇଁ ଯେତେବେଳେ ସବୁ ନଦୀଙ୍କୁ ଡାକିଥିଲେ, ସେତେବେଳେ ଗୋଦାବରୀ ଆସିପାରି ନ ଥିଲେ। ଫଳରେ ସେ ଶିବଙ୍କ ଦ୍ୱାରା ଶାପଗ୍ରସ୍ତ ହୋଇଥିଲେ। ହେଲେ ଶିବ ତାଙ୍କ ଅଭିଶାପରେ କହିଥିଲେ କି କୁମ୍ଭ ମେଳା ବ୍ୟତୀତ ତାଙ୍କ ଜଳ ସବୁବେଳେ ଅପବିତ୍ର ରହିବ। କିନ୍ତୁ କୁମ୍ଭମେଳାରେ ତାଙ୍କ ଜଳ ସବୁଠୁ ଅଧିକ ପବିତ୍ର ବୋଲି ମାନ୍ୟତା ପାଇବ। ଏହା ସହିତ ସେହି କୁଣ୍ଡର ନାମ ଗୋଦାବରୀ ବୋଲି ନାମିତ ହୋଇଥିଲା। ଏହି ମନ୍ଦିର ପରିସରରେ ସବୁବେଳେ ଲୋକଙ୍କ ସମାଗମ ଦେଖିବାକୁ ମିଳିଥାଏ।



**ଏବେ କେମିତି ରହିଛି**

ଶୋଡ଼ଷ ଶତାବ୍ଦୀର ଏହି ଅଷ୍ଟଶମ୍ଭୁ ମନ୍ଦିର ବର୍ତ୍ତମାନ ରକ୍ଷଣାବେକ୍ଷଣ ଅଭାବରୁ ତା'ର ପରିଚୟ ହରାଇବାକୁ ବସିଛି। ମନ୍ଦିରର ବାହାର ପାର୍ଶ୍ୱର ରଙ୍ଗ ପରିବର୍ତ୍ତନ ହେବା ସହ ମନ୍ଦିର କ୍ଷୟ ହେବାକୁ ବସିଲାଣି। କେବଳ ସେତିକି ନୁହଁ ମନ୍ଦିର ଉପରେ ଅନାବନା ଗଛଲତା ମାଡ଼ି ଏହି ପ୍ରଚୀନ କିର୍ତ୍ତୀରାଜିର ସୌନ୍ଦର୍ଯ୍ୟ ମଧ୍ୟ ନଷ୍ଟ କରୁଛି। ସେହିପରି ମନ୍ଦିର ପଛପାଖରେ ଅଳିଆ ଗଦା ମଧ୍ୟ ପରିଲକ୍ଷିତ ହେଉଛି। ପରିସରରେ ଥିବା ଗୋଦାବରୀ କୁଣ୍ଡର ପାଣି ସଫା ନ ହେବା କାରଣରୁ ରଙ୍ଗ ବଦଳିବା ସହ ଏହାର ସୌନ୍ଦର୍ଯ୍ୟ କ୍ଷୟ କରୁଥିବା ନଜର ଆସୁଛି। ଏନେଇ ସ୍ଥାନୀୟ ଲୋକ କୁହନ୍ତି, ଏପରି ଶତାବ୍ଦୀ ଶତାବ୍ଦୀର ପୁରାତନ ମନ୍ଦିର ଅଧିକ ରକ୍ଷଣାବେକ୍ଷଣ ଆବଶ୍ୟକ କରୁଥିବାବେଳେ ଏନେଇ କିଛି ପଦକ୍ଷେପ ନିଆଯାଉନାହିଁ। ଫଳରେ ଏହା ନଷ୍ଟ ହେବାକୁ ବସିଲାଣି।



## ସରକାରୀ ଅଧିକାରୀଙ୍କ ସଲାସୁତରାରେ ଜବରଦଖଲ

# ଜମିକୁ ରାସ୍ତା ପାଇଁ ଦୟାୱେଷ୍ଟକୁ ପୋତିଦେଲେ

ଭୁବନେଶ୍ୱର, ୯।୧୨(ସମିସ)

ଭୋଟପଡ଼ା ଗ୍ରାମ ନିକଟରେ ପ୍ରବାହିତ ହେଉଥିବା ଦୟା ୱେଷ୍ଟ କେନାଲକୁ ସମ୍ପୂର୍ଣ୍ଣ ଭାବେ ପୋତି ରାସ୍ତା ନିର୍ମାଣ କରିବା ଘଟଣାରେ ରାଜନୈତିକ ତଥା ପ୍ରଶାସନିକ ନୀରବତା ଦେଖାଦେଇଛି। କେନାଲକୁ ପୋତିଥିବା ବ୍ୟକ୍ତିଙ୍କ ବିରୋଧରେ ଏ ପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ। ଏପରିକି କେଉଁଠି ପୋତାଯାଇଛି, କିଏ ଏହାକୁ ପୋତିଛି, କାହିଁକି ପୋତିଛି ସେନେଇ ଘଟଣାସ୍ଥଳ ପରିଦର୍ଶନରେ ମଧ୍ୟ କୌଣସି ଅଧିକାରୀ ଆସିନାହାନ୍ତି। ଜଳ ସମ୍ପଦ ବିଭାଗ ଅଧୀନରେ ଥିବା ଏକ

### ଜବରଦଖଲକାରୀ କଣ୍ଟ୍ରାକ୍ଟରଙ୍କ ଚାପରେ ପ୍ରଶାସନ ନିରବ

ବୃହତ୍ କେନାଲକୁ ଜଣେ ବ୍ୟକ୍ତି ତାଙ୍କର ନିଜସ୍ୱ ସ୍ୱାର୍ଥ ପାଇଁ ପୋତିଦେବା ଏବଂ ଖବର ପ୍ରସାରିତ ହେବା ପରେ ଜଳ ସମ୍ପଦ ବିଭାଗ ହାତ ବାନ୍ଧି ଚୁପ୍ ବସିବା ବିଭିନ୍ନ ପ୍ରଶ୍ନ ଉଠାଉଛି। ସରକାରୀ ଅଧିକାରୀଙ୍କ ସଲାସୁତରାରେ ଏହି ଜବରଦଖଲ ହେଉଥିବା ଜଣାପଡୁଛି। ଲାଗୁଛି ଯେପରି ଜବରଦଖଲକାରୀ ଯାହା କଲେ ମଧ୍ୟ ତାଙ୍କ ବିରୋଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ କିଛି ହେବ ନାହିଁ।



ଭୋଟପଡ଼ା ଅଞ୍ଚଳରେ ଜବରଦଖଲକାରୀଙ୍କର ଏକ ବଡ଼ ଜମି ରହିଛି। ହେଲେ ଏହି ଜମିକୁ ରାସ୍ତା ନାହିଁ। ରାସ୍ତା ନ ମିଳିବାରୁ ଜମି କଡ଼ରେ ଥିବା ୨୦ ଫୁଟିଆ କେନାଲ ଉପରେ ତାଙ୍କର ନଜର ପଡ଼ିଥିଲା। ଦୟା ୱେଷ୍ଟକୁ ସମ୍ପୂର୍ଣ୍ଣ ଭାବେ ପୋତି ଦେଇ ରାସ୍ତା ବାହାର କରିବାକୁ ସେ ଯୋଜନା କଲେ। ଛୁଟିଦିନ ଦେଖି ଆରମ୍ଭ ହେଲା କେନାଲ ପୋତା କାର୍ଯ୍ୟ। ଗୋଟିଏ ଦିନ ଭିତରେ କେନାଲକୁ ସମ୍ପୂର୍ଣ୍ଣ ଭାବେ ପୋତି ମାଟି ରାସ୍ତା ନିର୍ମାଣ କରିଦେଲେ। ଯିଏ ପଚାରୁଥିଲା ବିଏମ୍‌ସିରୁ ଅନୁମତି ଅଛି ବୋଲି କହି ତାକୁ ଆଖି ଦେଖାଉଥିଲେ। ହେଲେ ବିଏମ୍‌ସି ସେଭଳି କୌଣସି ଅନୁମତି ଦେଇ ନାହିଁ ବୋଲି ସ୍ପଷ୍ଟ କରିଛି। ଅନ୍ୟପକ୍ଷରେ ସୋମବାର ଏହି ରାସ୍ତାକୁ ଢଳାଇ ପକାଯାଇଥାଆନ୍ତା। ହେଲେ ଖବର ପ୍ରସାରିତ ହେବା ପରେ ଜବରଦଖଲକାରୀ ଚୁପ୍ ବସିଯାଇଛନ୍ତି। ଏଠାରେ ପ୍ରଶ୍ନ ଉଠୁଛି କେନାଲରେ ପାଣି ଆସିଲେ ଏହା ଆଉ ଆଗକୁ ଯାଇପାରିବ ନାହିଁ। ଏହି ସ୍ଥାନରେ ହିଁ ଜମା ହେବ। ଏଭଳି ଜବରଦଖଲ ଜଳ ସମ୍ପଦ ବିଭାଗ କେଉଁ ସ୍ୱାର୍ଥରେ ବରଦାସ୍ତ କରୁଛି ସେନେଇ ବିଭିନ୍ନ ମହଲରେ ଚର୍ଚ୍ଚା ହେଉଛି।

ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ମୁତାବକ, ଜବରଦଖଲକାରୀ ଜଣକ ହେଉଛନ୍ତି ରାଜଧାନୀର ଜଣେ ସିଭିଲ୍ କଣ୍ଟ୍ରାକ୍ଟର। ସ୍ଥାନୀୟ ଅଞ୍ଚଳରେ ତାଙ୍କ ଖାତିର୍ କାହିଁରେ କ'ଣ। ତାଙ୍କର ବିଭାଗୀୟ ସରକାରୀ ବଡ଼ ବାବୁମାନଙ୍କ ସହ ନିୟମିତ ବସାଉଠା ରହିଛି। ପରୋକ୍ଷ ଭାବେ ଏହି ବିଭାଗ ଅଧୀନରେ ସେ କିଛି ଠିକାକାମ କରି ବଡ଼ ଅଧିକାରୀଙ୍କ ସହ ଭଲ ଭାବେ ପରିଚିତ। ତେଣୁ ସେ ଏକ କେନାଲକୁ ବନ୍ଦ କରିବାକୁ ପଛାଉ ନାହାନ୍ତି। ତାଙ୍କୁ ବିଭାଗୀୟ ଅଧିକାରୀମାନେ ମଧ୍ୟ କିଛି କହୁ ନ ଥିବା ଆଶ୍ଚର୍ଯ୍ୟ ଚକିତ କରୁଛି। ଦୟା ୱେଷ୍ଟ କେନାଲକୁ ପୁନଃଉଦ୍ଧାର କରି ସେଠାରୁ ଜବରଦଖଲ ହଟାଇବାକୁ ନୂତନ ସରକାର ପ୍ରତିଶ୍ରୁତି ଦେଇଥିଲେ। ରାଜ୍ୟ ସରକାରଙ୍କ ଏକ ପ୍ରତିନିଧିଦଳ ଘଟଣାସ୍ଥଳ ବୁଲି ଏନେଇ ଗଣମାଧ୍ୟମକୁ ଜଣାଇଥିଲେ। ହେଲେ ପୁରୁଣା ଜବରଦଖଲ ହଟାଇବା ଦୂରେ ଥାଉ ନୂତନ ଜବରଦଖଲ ପ୍ରୋତ୍ସାହିତ ହେଉଥିଲାବେଳେ ପ୍ରଶାସନ ଏବଂ ଜଳ ସମ୍ପଦ ବିଭାଗ ନିରବଦ୍ରଷ୍ଟା ପାଲଟିଛି।



ସୋମବାର ଡିଏସ୍‌କେ ଫାର୍ମାର ପ୍ରତିଷ୍ଠାତା ତଥା ସିଇଓ ଶେଷ କିଷାନ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କୁ ନବୀନ ନିବାସରେ ଭେଟୁଛନ୍ତି

## ବିଏମ୍‌ସିର କିଓସ୍କ ଓ କ୍ୟାନୋପି ଆବଣ୍ଟନ

ଭୁବନେଶ୍ୱର, ୯।୧୨(ସମିସ): ଲଟେରୀ ମାଧ୍ୟମରେ ବିଏମ୍‌ସି ସୋମବାର ୫୮ କିଓସ୍କ ଓ କ୍ୟାନୋପି ବଣ୍ଟନ କରିଛି। ଘାଟିକିଆ ଅନ୍ତର୍ଗତ ୨୩ ନମ୍ବର ୱାର୍ଡରେ ହୋଇଥିବା ନବନିର୍ମିତ ଭେଣ୍ଡିଂଜୋନ୍‌ରେ ମୋଟ୍ ୨୨ କିଓସ୍କ ଓ ୪୦ କ୍ୟାନୋପି ନିର୍ମାଣ କରାଯାଇଥିଲା। ଯେଉଁମାନଙ୍କୁ ପୂର୍ବରୁ ଉଚ୍ଛେଦ କରାଯାଇଥିଲା, ସେହିମାନଙ୍କୁ ଲଟେରୀ ମାଧ୍ୟମରେ ବିଏମ୍‌ସି କିଓସ୍କ ଓ କ୍ୟାନୋପି ବଣ୍ଟନ କରାଯାଇଛି। ଅପରାହ୍ଣରେ ମେୟର



ସୁଲୋଚନା ଦାସଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ମୁଖ୍ୟାଳୟସ୍ଥିତ ଏକାମ୍ର ହଲ୍‌ରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଘାଟିକିଆ ତଥା ଆଖପାଖ ଅଞ୍ଚଳରେ ପୂର୍ବରୁ ଉଚ୍ଛେଦ କରାଯାଇଥିବା ଉଠା ଦୋକାନୀ ଯୋଗଦେଇଥିଲେ। ପୂର୍ବ ତାଲିକା ଅନୁଯାୟୀ ଜଣକ ପରେ ଜଣେ ହିତାଧିକାରୀଙ୍କୁ ଡକାଯାଇଥିଲା। ସେମାନେ ନିଜ ନିଜର ଲଟେରୀ ଉଠାଇଥିଲେ। କମିସନର ରାଜେଶ ପ୍ରଭାକର ପାଟିଲଙ୍କ ନିର୍ଦ୍ଦେଶ କ୍ରମେ ୨୩ ନମ୍ବର ୱାର୍ଡରେ ମୋଟ ୪୦ କ୍ୟାନୋପି ମଧ୍ୟରୁ ସୋମବାର ୩୮ ଟି ବଣ୍ଟନ କରାଯାଇଛି। ସେହିପରି ସମୁଦାୟ ୨୨ଟି କିଓସ୍କ ମଧ୍ୟରୁ ପୂର୍ବରୁ ଦୁଇ ଜଣଙ୍କୁ ପ୍ରଦାନ କରାଯାଇଥିଲା। ଅବଶିଷ୍ଟ ୨୦ଟି ସୋମବାର ଲଟେରୀ ମାଧ୍ୟମରେ ବଣ୍ଟନ କରାଯାଇଛି। ୪ ଜଣ ହିତାଧିକାରୀ ଅନୁପସ୍ଥିତ ରହିଥିବାରୁ ପରବର୍ତ୍ତୀ ସମୟରେ ସେମାନଙ୍କୁ ସେହି ଲଟେରୀ ମାଧ୍ୟମରେ ହିଁ କିଓସ୍କ ପ୍ରଦାନ କରାଯିବ ବୋଲି କୁହାଯାଇଛି। ଭେଣ୍ଡିଂଜୋନ୍‌ରେ କିଓସ୍କ କିମ୍ବା କ୍ୟାନୋପି ପାଇଥିବା ହିତାଧିକାରୀମାନେ ଚୁକ୍ତିପତ୍ର ସ୍ୱାକ୍ଷରିତ କରି ସେମାନଙ୍କ ଦୋକାନ ଖୋଲିବା ପାଇଁ ପରାମର୍ଶ ଦେଇଛନ୍ତି ମେୟର। ସୂଚନାଯୋଗ୍ୟ କି, ବର୍ତ୍ତମାନ ସୁଦ୍ଧା ବିଏମ୍‌ସି ଅଞ୍ଚଳରେ ୨୦୦୦ରୁ ଅଧିକ କିଓସ୍କ ଆବଣ୍ଟିତ ହୋଇ ସାରିଛି। ସରକାରଙ୍କ ନିୟମକୁ ଭିତ୍ତିକରି ଏହା କରାଯାଉଛି। ଏହି ଲଟେରୀ ଉଠାଣ କାର୍ଯ୍ୟକ୍ରମରେ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ପ୍ରେମାନନ୍ଦ ଜେନା, ସ୍ଥାନୀୟ କର୍ପୋରେଟର କିରଣବାଳା ମାଝୀ, ଅତିରିକ୍ତ କମିସନର ଶୁଭେନ୍ଦୁ କୁମାର ସାହୁ, ଜୋନାଲ କମିସନର କୈଳାସ ଚନ୍ଦ୍ର ଦାଶ, ଡେପୁଟି କମିସନର ଅଜୟ କୁମାର ମହାନ୍ତିଙ୍କ ସମେତ ଟିଭିସି କମିଟିର ସଦସ୍ୟସଦସ୍ୟାମାନେ ଉପସ୍ଥିତ ଥିଲେ।

## 'ଶାସ୍ତ୍ରୀୟ ଓଡ଼ିଶୀ ସଙ୍ଗୀତର ବିଭିନ୍ନ ଆୟାମ' ଆଲୋଚନାଚକ୍ର

ଭୁବନେଶ୍ୱର, ୯।୧୨(ସମିସ): ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟରେ ଓଡ଼ିଶୀ କଣ୍ଠ ସଙ୍ଗୀତ ବିଭାଗ ପକ୍ଷରୁ ନୀଳଶୈଳ ସହଯୋଗିତାରେ 'ଶାସ୍ତ୍ରୀୟ ଓଡ଼ିଶୀ ସଙ୍ଗୀତର ବିଭିନ୍ନ ଆୟାମ' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ଡ. ରାଜେନ୍ଦ୍ର ପ୍ରସାଦ କୃଷି କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର କୁଳାଧିପତି ପ୍ରଫେସର ପ୍ରଫୁଲ୍ଲ କୁମାର ମିଶ୍ର ଉଦ୍‌ଘାଟକ ଭାବେ ଯୋଗଦେଇ ଓଡ଼ିଶୀ ସଙ୍ଗୀତର ପ୍ରାଚୀନତା ଓ ଶ୍ରୀ ଜୟଦେବକୃତ ଗୀତଗୋବିନ୍ଦ ସମ୍ପର୍କରେ ତାଙ୍କର ଗବେଷଣାଲବ୍ଧ ତତ୍ତ୍ୱ ଉପରେ ଆଲୋଚନା କରିଥିଲେ। ଆକାଶବାଣୀ ଓ ଦୂରଦର୍ଶନର ପ୍ରାକ୍ତନ ନିର୍ଦ୍ଦେଶକ ଡ. ଶାନ୍ତନୁ କୁମାର ରଥ



ମୁଖ୍ୟଅତିଥି ଭାବେ ଯୋଗଦେଇ ଓଡ଼ିଶୀ ସଙ୍ଗୀତର ପାରମ୍ପରିକ ବୈଶିଷ୍ଟ୍ୟ ଓ ଏହାର ଲାଳିତ୍ୟ ବିଷୟରେ ବକ୍ତବ୍ୟ ରଖିଥିବାବେଳେ ବରିଷ୍ଠ ଗବେଷକ ଡ. କୀର୍ତ୍ତନ ନାରାୟଣ ପାଢ଼ୀ ଓଡ଼ିଶୀ ସଙ୍ଗୀତ ଶାସ୍ତ୍ରୀୟ ମାନ୍ୟତା ପାଇଁ ଉପଯୋଗୀ ବିଭିନ୍ନ ପ୍ରାଚୀନ ପ୍ରାମାଣିକ ତଥ୍ୟ ଉପସ୍ଥାପନା କରି ଓଡ଼ିଶୀ ସଙ୍ଗୀତରେ ବ୍ୟାକରଣର ଗୁରୁତ୍ୱ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ ତାଙ୍କ ସଭାପତିତ୍ୱ ଅଭିଭାଷଣ ପ୍ରଦାନ କରି ଓଡ଼ିଶୀ ସଙ୍ଗୀତକୁ ଶାସ୍ତ୍ରୀୟ ମାନ୍ୟତା ପ୍ରଦାନ ପାଇଁ ରାଜ୍ୟ ସରକାରଙ୍କ ଜରିଆରେ କେନ୍ଦ୍ର ସରକାରଙ୍କ ନିକଟରେ ତଥ୍ୟଭିତ୍ତିକ ଦାବି ଉପସ୍ଥାପନା କରାଯିବ ବୋଲି ମତ ଦେଇଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ପ୍ରଫେସର ଗଣେଶ ପ୍ରସାଦ ଦାସ, ନୀଳଶୈଳର ମୁଖ୍ୟ ଉପଦେଷ୍ଟା ସହଦେବ ଜୟସିଂହ, କୁଳସଚିବ ଅନାମିକା ଅଧିକାରୀ ଓ ସ୍ନାତକୋତ୍ତର ବିଭାଗ ମୁଖ୍ୟ ଡ. ଚକ୍ରଧର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଓଡ଼ିଶୀ ସଙ୍ଗୀତଜ୍ଞ ଗୁରୁ ନବକିଶୋର ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଆଲୋଚନାରେ ତିନିଟି ଅଧିବେଶନରେ ମାଳଶ୍ରୀ ଗାୟନ, ଓଡ଼ିଶୀ ରାଗାଙ୍ଗ ଏକକ ଗାୟନ, ପାରମ୍ପରିକ ଓଡ଼ିଶୀ ସଙ୍ଗୀତ ଗାୟନ, ଛାନ୍ଦ, ଚମ୍ପୁ ଓ ଚଉତିଶା ଗାୟନ ପ୍ରଭୃତି ସମ୍ପର୍କରେ ବିଶଦ୍ ଆଲୋଚନା ହୋଇଥିଲା। ଶେଷରେ ଓଡ଼ିଶୀ କଣ୍ଠ ସଙ୍ଗୀତ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମକୁ ସହକାରୀ ପ୍ରଫେସର ଆଶିଷ ମହାପାତ୍ର ସଂଯୋଜନା କରିଥିଲେ। ଶେଷରେ ଓଡ଼ିଶୀ ସଙ୍ଗୀତ ପରିବେଷଣ କରିଥିବା ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ଅଙ୍ଗାରପଡ଼ାରେ ଜିଲ୍ଲାପାଳଙ୍କ ଜନଶୁଣାଣି

ଯାଁଳା, ୯।୧୨(ସମିସ): ସୋମବାର ଜଟଣୀ ବ୍ଲକ୍ ଅନ୍ତର୍ଗତ ଅଙ୍ଗାରପଡ଼ା ଗ୍ରାମ ପଞ୍ଚାୟତ ପରିସରରେ ଜିଲ୍ଲାପାଳଙ୍କ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଏଥିରେ ଜିଲ୍ଲାପାଳ ଚଞ୍ଚଳ ରାଣା ଅଭିଯୋଗ ପ୍ରକୋଷ୍ଠରୁ ପଠାଯାଉଥିବା ଅଭିଯୋଗ ଦରଖାସ୍ତଗୁଡ଼ିକ ଉପରେ ଅଗ୍ରାଧିକାର ଭିତ୍ତିରେ ପଦକ୍ଷେପ ଗ୍ରହଣ କରି ତୁରନ୍ତ ସମାଧାନ ସହ ଜିଲ୍ଲା ପ୍ରଶାସନକୁ ଜଣାଇବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ଅଭିଯୋଗ ପ୍ରକୋଷ୍ଠରେ ସମୁଦାୟ ୧୩୬ଟି ଅଭିଯୋଗ ଆସିଥିବାବେଳେ ତନ୍ମଧ୍ୟରୁ ବ୍ୟକ୍ତିଗତ ୧୦୯ ଓ ସାମୂହିକ ୨୭ଟି ଥିଲା। ଜିଲ୍ଲାପାଳ ଶ୍ରୀ ରାଣା ଅଭିଯୋଗ ପ୍ରକୋଷ୍ଠରେ ଗୋଟିଏ ଅଭିଯୋଗର ତ୍ୱରିତ ଶୁଣାଣି କରି ସମାଧାନ କରିଥିଲେ। ଏହି ଶିବିରରେ ଅତିରିକ୍ତ ଜିଲାପାଳ ପ୍ରତାପ ଚନ୍ଦ୍ର ବେଉରା, ଉପଜିଲ୍ଲାପାଳ, ଭୁବନେଶ୍ୱର ଡ. ମନୋରଞ୍ଜନ ସାହୁ, ବିଡିଓ, ତହସିଲଦାର, ବିଭିନ୍ନ ବିଭାଗୀୟ ଜିଲ୍ଲାସ୍ତରୀୟ ଅଧିକାରୀ ଏବଂ ବିଭିନ୍ନ ଲାଇନ୍ ଡିପାର୍ଟମେଣ୍ଟର ବରିଷ୍ଠ ଅଧିକାରୀ ଓ ଯନ୍ତ୍ରୀମାନେ ଯୋଗଦେଇଥିଲେ।

## ୧୯୭୭ ବ୍ୟାଚ୍ ଛାତ୍ରଙ୍କ ବନ୍ଧୁମିଳନ



ବାଲିଅନ୍ତା, ୯।୧୨(ସମିସ): ବାଲକାଟି ପ୍ରତାପ ଶାସନ ପଞ୍ଚାୟତ ଅଧୀନ ପ୍ରତାପ ଶାସନ ବାଳକ ଉଚ୍ଚ ବିଦ୍ୟାଳୟର ୧୯୭୭ ବ୍ୟାଚ୍ ଛାତ୍ରଙ୍କ ବନ୍ଧୁ ମିଳନ ଉତ୍ସବ ସ୍ଥାନୀୟ ଭାର୍ଗବୀ ନଦୀପଠା ମା' ହାଣ୍ଡିଶାଳ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ସଭାରେ ବାସୁଦେବ ସାହୁ ସଭାପତିତ୍ୱ କରିଥିଲେ। ପ୍ରାକ୍ତନ ଛାତ୍ରମାନେ ପୁରୁଣା ଦିନର ସ୍ମୃତିଚାରଣ କରିଥିଲେ। ସମସ୍ତଙ୍କ ସୁସ୍ଥ ଏବଂ ନିରାମୟ ଜୀବନ କାମନା କରିବା ସହ ଦିବଂଗତ ସହପାଠୀଙ୍କ ଲାଗି ନିରବ ପ୍ରାର୍ଥନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସନ୍ତୋଷ କୁମାର ଦାସ, ବୈଷ୍ଣବ ମହାରଣା, ଉମେଶ ମହାନ୍ତି, ଅଲେଖ ସାହୁ, ବାବାଜୀ ସାହୁଙ୍କ ସମେତ ବହୁ ଛାତ୍ର ଯୋଗଦେଇଥିଲେ। କୃଷ୍ଣଚନ୍ଦ୍ର ବାରିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ପଞ୍ଚାୟତ ପ୍ରତିନିଧି ଦଳର ଦିଲ୍ଲୀ ଯାତ୍ରା



ଭୁବନେଶ୍ୱର, ୯।୧୨(ସମିସ): ଜାତୀୟ ପଞ୍ଚାୟତ ପୁରସ୍କାର କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ଓଡ଼ିଶାରୁ ୨୪ଜଣ ପଞ୍ଚାୟତ ପ୍ରତିନିଧି ଦିଲ୍ଲୀ ଗସ୍ତ କରିଛନ୍ତି। ଗ୍ରାମ ପଞ୍ଚାୟତସ୍ତରରେ ବିଭିନ୍ନ ଜନହିତକର ଯୋଜନାର ସଫଳ ରୂପାୟଣ କରିଥିବା ଦେଶର ପ୍ରମୁଖ ଗ୍ରାମ ପଞ୍ଚାୟତର ପ୍ରତିନିଧିମାନଙ୍କୁ ଆସନ୍ତା ୧୨ ତାରିଖରେ ଦିଲ୍ଲୀ ବିଜ୍ଞାନ ଭବନଠାରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସମ୍ମାନିତ କରିବା ସହ ତ୍ରିସ୍ତରୀୟ ପଞ୍ଚାୟତ ପ୍ରତିନିଧିମାନଙ୍କ ଉଦ୍ଦେଶ୍ୟରେ ଅଭିଭାଷଣ ପ୍ରଦାନ କରିବେ। ଉକ୍ତ କାର୍ଯ୍ୟକ୍ରମରେ ଓଡ଼ିଶାର କୋରାପୁଟ ଜିଲ୍ଲା ପରିଷଦ ଅଧ୍ୟକ୍ଷା ସସ୍ମିତା ମଲିକା, ବୌଦ୍ଧ ଜିଲ୍ଲା ପରିଷଦ ଅଧ୍ୟକ୍ଷା ପ୍ରଭାସିନୀ ଦାସ, ଖୋର୍ଦ୍ଧା ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଗୋପିନାଥ ମହାରଣା ଓ ଛତ୍ରପୁର ବ୍ଲକ ଅଧ୍ୟକ୍ଷ କିରନ କୁମାର ଦାସଙ୍କ ସହ ବିଭିନ୍ନ ଜିଲ୍ଲାରୁ ୨୦ଜଣ ସରପଞ୍ଚ ଯୋଗଦେବା ପାଇଁ ରାଜଧାନୀ ଏକ୍ସପ୍ରେସରେ ଭୁବନେଶ୍ୱର ରେଳ ଷ୍ଟେସନରୁ ଯାତ୍ରା କରିଛନ୍ତି। ପଞ୍ଚାୟତସ୍ତରରେ ଉତ୍ତମ କାମ କରିଥିବା ଗ୍ରାମ ପଞ୍ଚାୟତକୁ ଦୀନଦୟାଲ ଉପାଧ୍ୟାୟ ପଞ୍ଚାୟତ ସଶକ୍ତ ବିକାଶ ପୁରସ୍କାର, ନାନାଜି ଦେଶମୁଖ ସର୍ବୋତ୍ତମ ପଞ୍ଚାୟତ ପୁରସ୍କାର, ଗ୍ରାମ ଉର୍ଜା ସ୍ୱରାଜ ପଞ୍ଚାୟତ ପୁରସ୍କାର ପ୍ରଦାନ କରାଯିବ। ଉକ୍ତ କାର୍ଯ୍ୟକ୍ରମରେ କେନ୍ଦ୍ର ପଞ୍ଚାୟତ ଓ ମତ୍ସ୍ୟ ପଶୁସମ୍ପଦ ବିଭାଗ ମନ୍ତ୍ରୀ ରାଜୀବ ରଞ୍ଜନ ସିଂହ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ପଞ୍ଚାୟତ ପ୍ରତିନିଧି ଦଳଙ୍କ ସହ ରାଜ୍ୟ ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତ ପ୍ରତିଷ୍ଠାନର ନିର୍ଦ୍ଦେଶକ ସୁରେନ୍ଦ୍ର କୁମାର ମିନା ଏବଂ ୩୦ ଜଣ ପଞ୍ଚାୟତ ସଂଲଗ୍ନ କାର୍ଯ୍ୟ କରୁଥିବା ଅଧିକାରୀମାନେ ଯାତ୍ରା କରିବା ସହ ଏହା ଏକ ନୂତନ ଉତ୍ସାହ ଓ ଅନୁଭୂତି ଗ୍ରହଣ କରି ଦିଲ୍ଲୀରୁ ଫେରିବୁ ବୋଲି ପଞ୍ଚାୟତ ପ୍ରତିନିଧି ଦଳ କହିଛନ୍ତି।

## 'କାନ୍ତସାହିତ୍ୟରେ ମାନବିକତା ଓ ଆଧ୍ୟାତ୍ମିକତାର ରସ ଅଛି'



ଭୁବନେଶ୍ୱର, ୯।୧୨(ସମିସ): ସୋମବାର କାନ୍ତକବି ସ୍ମୃତି ପରିଷଦ ଭୁବନେଶ୍ୱର ଆନୁକୂଲ୍ୟରେ ବୁଦ୍ଧମନ୍ଦିରରେ କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ୧୩୭ତମ ଜୟନ୍ତୀ ଉତ୍ସବ ଅନୁଷ୍ଠିତ ହୋଇଛି। କାନ୍ତସାହିତ୍ୟରେ ଯେଉଁ ମାନବିକତା ଓ ଆଧ୍ୟାତ୍ମିକତାର ରସ ରହିଛି, ତାହାକୁ ସମଗ୍ର ବିଶ୍ୱରେ ପରିବ୍ୟାପ୍ତ କରିବା ପାଇଁ ଉଦ୍ୟମ ଜାରି ରହୁ ବୋଲି ଅତିଥିମାନେ ମତପ୍ରକାଶ କରିଛନ୍ତି। ପରିଷଦର ସଭାପତି ଡ. ରବିନାରାୟଣ ସେନାପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଜୟନ୍ତୀ ସଭାରେ ଅବସରପ୍ରାପ୍ତ ପ୍ରଫେସର ମନୋରମା ବିଶ୍ୱାଳ, ବିଶିଷ୍ଟ କଥାକାର ତଥା ଦୈନିକ 'ନିତିଦିନ'ର ସମ୍ପାଦକ ମନୋଜ କୁମାର ମହାପାତ୍ର, ଭାରତ ସେବାଶ୍ରମ ସଂଘର ଭୁବନେଶ୍ୱର ଶାଖାର ସମ୍ପାଦକ ସ୍ୱାମୀ ଜଗନ୍ନାଥାନନ୍ଦ ପ୍ରମୁଖ ଯୋଗଦେଇ କାନ୍ତକବିଙ୍କ ବହୁମୁଖୀ ପ୍ରତିଭା ଓ କାନ୍ତ ସାହିତ୍ୟର ବିଭିନ୍ନ ଦିଗ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ସକାଳେ ରବୀନ୍ଦ୍ର ମଣ୍ଡପ ନିକଟସ୍ଥ କାନ୍ତକବିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଓ ସ୍ମୃତିଚାରଣ କରାଯାଇଥିଲା। ପ୍ରାରମ୍ଭରେ ଗୁରୁକଲ୍ୟାଣ ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଶେଷରେ କବିଙ୍କ ଜ୍ୟେଷ୍ଠା ପୌତ୍ରୀ କାନ୍ତା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

**ଉତ୍କଳ ସମ୍ମିଳନୀ:** ଓଡ଼ିଶା ରାଜ୍ୟ ସଙ୍ଗୀତ 'ବନ୍ଦେ ଉତ୍କଳ ଜନନୀ'ର ରଚୟିତା କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ଜୟନ୍ତୀ ଅବସରରେ ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ଉତ୍କଳ ସମ୍ମିଳନୀ ପକ୍ଷରୁ ମାଲ୍ୟାର୍ପଣ କରାଯାଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ଉତ୍କଳ ସମ୍ମିଳନୀର ରାଜ୍ୟ ସଭାପତି ଅନନ୍ତ ପ୍ରସାଦ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ



ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ବରିଷ୍ଠ ସାମ୍ବାଦିକ ପ୍ରଦ୍ୟୁମ୍ନ ଶତପଥୀ ଓ ପ୍ରବୀର ମହାନ୍ତିଙ୍କ ସହିତ ସମ୍ମିଳନୀର ଉପସଭାପତି ଡ. ସୁରେନ୍ଦ୍ର ମୋହନ ମିଶ୍ର ପ୍ରମୁଖ ବରପୁତ୍ରଙ୍କ ଗୁଣଗାନ କରିଥିଲେ। କାର୍ଯ୍ୟକ୍ରମକୁ ମଞ୍ଚେଶ୍ୱର ଶିଳ୍ପାଞ୍ଚଳ ଶାଖାର ଉପସଭାପତି ଶିତଳ ଚନ୍ଦ୍ର ମହାନ୍ତି, ଶାଖା ସଭାପତି ଦିଲ୍ଲୀପ ଦାଶଶର୍ମା, ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ସୁବୁଦ୍ଧି ପ୍ରମୁଖ ଉପସ୍ଥିତ ରହି ବରପୁତ୍ରଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

### ଚତୁର୍ଥ ଦିନରେ 'ରାଜ୍ୟ ପୁସ୍ତକ ମହୋତ୍ସବ'

## 'ପ୍ରେମ ସଭିଙ୍କ ପାଇଁ, ଘୃଣା କାହାକୁ ନାହିଁ'

ଭୁବନେଶ୍ୱର, ୯।୧୨(ସମିସ): ଚତୁର୍ଥ ଦିନରେ ପହଞ୍ଚିଛି 'ଷଷ୍ଠ ଓଡ଼ିଶା ରାଜ୍ୟ ପୁସ୍ତକ ମହୋତ୍ସବ-୨୦୨୪'। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ୟୁନିଟ୍-୩ ପ୍ରଦର୍ଶନୀ ପଡ଼ିଆରେ ଅନୁଷ୍ଠିତ ହେଉଥିବା ଏହି ମେଳାରେ ନିଜ ମନ ପସନ୍ଦର ପୁସ୍ତକ କିଣିବାକୁ ବିଭିନ୍ନ ସ୍ଥାନରୁ ପୁସ୍ତକପ୍ରେମୀମାନେ ଧାଇଁ ଆସୁଛନ୍ତି। ଛାତ୍ରଛାତ୍ରୀମାନେ ଏ ଷ୍ଟଲ୍‌ରୁ ସେ ଷ୍ଟଲ୍‌କୁ ବୁଲି ବୁଲି ବିଭିନ୍ନ ପ୍ରତିଯୋଗିତାମୂଳକ ପୁସ୍ତକଠାରୁ ଆରମ୍ଭ କରି ସାଧାରଣ ଜ୍ଞାନ, ଓଡ଼ିଆ ଓ ଇଂରାଜୀ ରଚନା, ବ୍ୟାକରଣ, ବିଭିନ୍ନ ଉପନ୍ୟାସଗୁଡ଼ିକ ବେଶ୍ ଉତ୍କଣ୍ଠାର ସହ କିଣୁଥିବା ଦେଖିବାକୁ ମିଳିଛି। ପୁସ୍ତକ କିଣିବା ସହ ଫୁଡ୍ ଷ୍ଟଲ୍‌ରେ ଗ୍ରାହକଙ୍କ ପ୍ରବଳ ଭିଡ଼ ଦେଖିବାକୁ ମିଳୁଛି। ଶୀତୁଆ ସନ୍ଧ୍ୟାରେ ଚଟ୍‌ପଟା ଖାଦ୍ୟ ଖାଇବାର ମଜା ନେଉଛନ୍ତି ଗ୍ରାହକ। ମେଳା ପରିସରରେ ରହିଥିବା ସାଂସ୍କୃତିକ ମଞ୍ଚରେ ପ୍ରତି ସନ୍ଧ୍ୟାରେ ପୁସ୍ତକ ଉନ୍ମୋଚନ, ସାହିତ୍ୟ ଆଲୋଚନା ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ମେଳା ପରିସରରେ ଅହମ୍ମଦୀୟା ମୁସ୍‌ଲିମ୍ ବୁକ୍ ଷ୍ଟଲ୍‌ରେ ଦେଖିବାକୁ ମିଳିଥିଲା ଭିଡ଼। ଏହି ଷ୍ଟଲ୍‌ରେ ପ୍ରଦର୍ଶିତ ହୋଇଛି ୨୨ଟି ଭାଷାରେ ଅନୁବାଦିତ ପବିତ୍ର କୋରାନ୍। ଯାହାକି ସମାଜକୁ ଏକ ନିଆରା ଏବଂ ଭାଇଚାରାର ବାର୍ତ୍ତା ବହନ କରୁଛି। 'ପ୍ରେମ ସଭିଙ୍କ ପାଇଁ, ଘୃଣା କାହାକୁ ନାହିଁ'ର ସୁନ୍ଦର ବାର୍ତ୍ତାକୁ ଜନମାନସରେ ବିତରଣ କରୁଛି।



### ୨୨ଟି ଭାଷାରେ ଅନୁବାଦିତ ପବିତ୍ର କୋରାନ୍ ପ୍ରଦର୍ଶନୀ

ଅହମ୍ମଦୀୟା ମୁସ୍‌ଲିମ୍ ସଂଗଠନ, ଓଡ଼ିଶା ପକ୍ଷରୁ ଧର୍ମ ସମ୍ବନ୍ଧୀୟ ଗ୍ରନ୍ଥାବଳୀରେ ପବିତ୍ର କୋରାନ, ଶାନ୍ତିର ବାର୍ତ୍ତା, ଅହମ୍ମଦୀୟତାର ବାର୍ତ୍ତା, ନୋହାଙ୍କ ଧର୍ମତରୀ, ବିଶ୍ୱଶାନ୍ତି ପ୍ରତିଷ୍ଠାକାରୀ ଧର୍ମ ଇସ୍‌ଲାମ୍, ରାଷ୍ଟ୍ରୀୟ ଏକତା ଓ ବିକାଶ, ଇସ୍‌ଲାମ୍ ଏବଂ ବିବେକ ସ୍ୱାଧୀନତା, ଇଚ୍ଛାପତ୍ର, ଇସ୍‌ଲାମ୍‌ରେ ନାରୀ, ବିଶ୍ୱ ସଂକଟ ଶାନ୍ତିର ପଥ, ନମାଜ ଶିକ୍ଷା, ଅଲ୍ଲାଃ ପରମ୍‌ବ୍ରହ୍ମ, ସ୍ୱର୍ଗୀୟ ନିଷ୍ପତ୍ତି, ପ୍ରାର୍ଥନାର ଆଶୀଷ ଏବଂ ଇସ୍‌ଲାମୀ ନିୟମର ଦର୍ଶନ ଭଳି ଅନେକ ଆଧ୍ୟାତ୍ମିକ, ନୈତିକ, ଚାରିତ୍ରିକ ତଥା ମହାନ ଉପଦେଶାବଳୀ ପୁସ୍ତକ ଉପଲବ୍ଧ ରହିଛି। ସକଳ ଧର୍ମରେ ଏକେଶ୍ୱରବାଦ, ଶାନ୍ତିଦୂତ ମହାମାନ୍ୟ ପୈଗମ୍ବର ମହମ୍ମଦଙ୍କ ଜୀବନୀ, ଜିହାଦର ପ୍ରକୃତ ଅର୍ଥ କ'ଣ, ହିଜାବ ବା ପର୍ଦ୍ଦାର ମହତ୍ତ୍ୱ, ବହୁ ବିବାହର ବାସ୍ତବିକତା, ତ୍ରିବାର ତଲାକର ବାସ୍ତବିକତା, ଅଙ୍ଗୀକୃତ ମସିହଙ୍କ ଆଗମନ ଏବଂ ତାଙ୍କୁ ସ୍ୱୀକାର କରିବାର ମହତ୍ତ୍ୱ ଇତ୍ୟାଦି ପୁସ୍ତକ ଚାହିଦା ରହିଥିବା ଗ୍ରାହକମାନେ କହିଛନ୍ତି। ପ୍ରତିଦିନ ଷ୍ଟଲ୍ ପକ୍ଷରୁ ଇସ୍‌ଲାମ ସମ୍ବନ୍ଧୀୟ ପ୍ରଶ୍ନ-ଉତ୍ତର ତଥା ବିଶ୍ୱ ସମସ୍ୟା ଓ ତା'ର ସମାଧାନ ବିଷୟରେ ଆଲୋଚନା କରାଯାଉଛି। ଏହାସହ ଯୁଗ ଖଲିଫା ହଜରତ ମିର୍ଜା ମସରୁର ଅହମ୍ମଦଙ୍କ ବିଶ୍ୱଶାନ୍ତି ପ୍ରତିଷ୍ଠା ଦିଗରେ ବିଶ୍ୱବ୍ୟାପୀ କାର୍ଯ୍ୟକ୍ରମର ଚର୍ଚ୍ଚା କରାଯିବା ସହ ସକଳ ଧର୍ମ, ମହାମାରୀର ପ୍ରକୋପ, ତୃତୀୟ ବିଶ୍ୱ ଯୁଦ୍ଧ ନ ହେଉ, ସେଥିପାଇଁ ଶାନ୍ତି ପ୍ରତିଷ୍ଠା ଇତ୍ୟାଦି ବିଷୟରେ ଥିବା ମତାମତ ଓ ଚିନ୍ତାଧାରା ବିଷୟରେ ଆଲୋଚନା ହେଉଛି। ଏହି ବିଷୟ ପ୍ରତି ରୁଚି ରଖୁଥିବା ବ୍ୟକ୍ତିବିଶେଷ ଏହି ପୁସ୍ତକ ମେଳାରେ ଲାଗିଥିବା ଅହମ୍ମଦୀୟା ସମ୍ପ୍ରଦାୟର ବୁକ୍ ଷ୍ଟଲ୍‌ରେ ଅଂଶଗ୍ରହଣ କରୁଛନ୍ତି। ଏହି କାର୍ଯ୍ୟକ୍ରମକୁ ମୌଲାନା ନବିଦୁଲ ଫତହ, ମୌଲବି ମହମ୍ମଦ କୟୁମ, ମହଫୁଜ ଖାନ୍, ଅବ୍ଦୁଲ ଚାନ୍ଦ ଖାନ୍ ପ୍ରମୁଖ ପରିଚାଳନା କରୁଛନ୍ତି।



# ସମ୍ପୂର୍ଣ୍ଣା

ସକାଳ THE SAKALA
www.sakalaepaper.com

## ଆଜିର ରାଶିଫଳ

**ମେଷ:** ଅଚାନକ ଖୁସି ଖବର ପାଇପାରନ୍ତି । କୋର୍ଟ କଚେରୀ ମାମଲାର ଶୁଣାଣି ହେବ । ଦୂରଯାତ୍ରା ଦ୍ୱାରା ସ୍ୱାସ୍ଥ୍ୟ ବିଗିଡ଼ି ପାରେ । ରାଜନୀତିରେ ସହଯୋଗ ପାଇବେ । ମହିଳାମାନେ ରକ୍ଷଣଶୀଳା ହେବେ ।

**ବୃଷ:** ଦିନଟି ସବୁ ଦୃଷ୍ଟିରୁ ଭଲ ରହିବ । କାର୍ଯ୍ୟରେ ସଫଳତା ପ୍ରାପ୍ତି । ଦାମ୍ପତ୍ୟ ଜୀବନ ସୁଖମୟ ହେବ । ଖାଦ୍ୟପେୟ ପ୍ରତି ବିଶେଷ ଧ୍ୟାନ ଦିଅନ୍ତୁ । ବିଗିଡ଼ିଯାଇଥିବା କାର୍ଯ୍ୟ ସଂପୂର୍ଣ୍ଣ ହେବ । ଧୈର୍ଯ୍ୟ ହରାନ୍ତୁନି ।

**ମିଥୁନ:** ସମସ୍ତ ଜରୁରୀ କାର୍ଯ୍ୟ ପୂରଣ ହେବ । ପରିବାରରେ ସୁଖଶାନ୍ତି ବୃଦ୍ଧି ପାଇବ । କ୍ୟାରିୟରରେ ଉନ୍ନତି ପାଇଁ ନୂତନ ଦିଗ ଚୟନ କରିବେ । ଅନ୍ୟଙ୍କୁ ସାହାଯ୍ୟ ସହଯୋଗ କରିପାରନ୍ତି ।

**କର୍କଟ:** ସମସ୍ତ ଦିଗକୁ ଲକ୍ଷ୍ୟ ରଖି କାର୍ଯ୍ୟ କରିବା ଭଲ । ଆର୍ଥିକ ମାମଲାରେ ସାବଧାନତା ଅବଲମ୍ବନ କରିବାକୁ ପଡ଼ିପାରେ । ସମସ୍ୟା ଭିନ୍ନ ମୋଡ଼ ନେବ । ପରିବାର ମଧ୍ୟରେ ଶାନ୍ତି ବଜାଇ ରଖିବାକୁ ଚେଷ୍ଟା କରିବେ ।

**ସିଂହ:** ଦିନଟିରେ ଜଗି ରହି ଚଳନ୍ତୁ । ସ୍ୱାସ୍ଥ୍ୟରେ ଅବନତି ଦେଖାଦେବ । ଯାତାୟାତ ସମୟରେ ଦରକାରୀ କାଗଜପତ୍ର ଦାୟିତ୍ୱରେ ରଖନ୍ତୁ । ଭୁଲ୍ କାର୍ଯ୍ୟ କରିବାରୁ ଦୂରେଇ ରୁହନ୍ତୁ । ରାଜନୀତିରେ ସକ୍ରିୟ ରହିପାରନ୍ତି ।

**କନ୍ୟା:** ନୂତନ ଲୋକଙ୍କ ସହିତ ଜଡ଼ିତ ହୋଇପାରନ୍ତି । ସହକର୍ମୀମାନଙ୍କର ପୂର୍ଣ୍ଣ ସହଯୋଗ ପାଇବେ । ପ୍ରତିଶୋଧ ପରାୟଣ ହୋଇ କାର୍ଯ୍ୟ କରିବାରୁ ନିବୃତ୍ତ ରୁହନ୍ତୁ । ଉଧାର ଦେଇଥିବା ଟଙ୍କା ଫେରିପାଇବେ ।

**ତୁଳା:** କାର୍ଯ୍ୟ କରିବା ପୂର୍ବରୁ ଭଲ ଭାବେ ଚିନ୍ତା କରି ନିଷ୍ପତ୍ତି ନିଅନ୍ତୁ । କମ୍ ପରିଶ୍ରମରେ ଅଧିକ ଲାଭ ପାଇବେ । ପରିବାରରେ ହସଖୁସି ଲାଗି ରହିବ । ଅତିଥି ସତ୍କାର କରିପାରନ୍ତି ।

**ବିଛା:** ନିଜ ପ୍ରଚେଷ୍ଟା ବଳରେ ସଫଳତା ପାଇବେ । ପୂର୍ବରୁ କରିଥିବା ପରିଶ୍ରମର ଫଳ ମିଳିବ । ମହିଳାମାନେ ଭିନ୍ନ ପ୍ରକାର ପରିସ୍ଥିତି ସହ ଖାପ ଖୁଆଇ ଚଳିବେ । ମହିଳାମାନେ ଅଳଙ୍କାର କିଣିବାକୁ ମନ ବଳାଇବେ ।

**ଧନୁ:** ଭାଗୀଦାରୀ କାର୍ଯ୍ୟରୁ ଲାଭାନ୍ୱିତ ହେବେ । ପଦୋନ୍ନତିର ସମ୍ଭାବନା ରହିଛି । ଛାତ୍ରମାନେ ଅଗ୍ରଗତି ପାଇଁ ନୂତନ ସୁଯୋଗ ପାଇବେ । କଳା ଓ ସାହିତ୍ୟ କ୍ଷେତ୍ରରେ ପ୍ରଶଂସିତ ହୋଇପାରନ୍ତି ।

**ମକର:** ଜୀବଶୈଳୀ ତଥା ବ୍ୟକ୍ତିତ୍ୱରେ ସାମାନ୍ୟ ପରିବର୍ତ୍ତନ ହୋଇପାରେ । ଉଦାରପଣ ପାଇଁ ପ୍ରଶଂସାରପାତ୍ର ହେବେ । ପରିବାରବର୍ଗଙ୍କ ସଂପୂର୍ଣ୍ଣ ସହଯୋଗ ମିଳିବ । ଦାନଧର୍ମ କରିପାରନ୍ତି । ବିଦେଶ ଯାତ୍ରା ଯୋଗ ରହିଛି ।

**କୁମ୍ଭ:** ଦିନଟି ମିଶ୍ରିତ ଫଳ ପ୍ରଦାନ କରିବ । ପରିବାରର ପରିବେଶ ସକାରାତ୍ମକପୂର୍ଣ୍ଣ ହେବ । ଅନ୍ୟମାନଙ୍କ ପ୍ରତି ଦୟାଳୁ ସ୍ୱଭାବ ରହିବ । ସ୍ୱତନ୍ତ୍ର ଚିନ୍ତାଧାରା ରଖି ଭବିଷ୍ୟତ ଯୋଜନା ପ୍ରସ୍ତୁତ କରିବେ ।

**ମୀନ:** କୌଣସି କାର୍ଯ୍ୟ ପାଇଁ ପରିବାର ଉପରେ ନିର୍ଭର ହେବାକୁ ପଡ଼ିପାରେ । ସାଙ୍ଗସାଥୀଙ୍କ ସହ ଅଧିକ ସମୟ ଅତିବାହିତ କରିବେ । ଜୀବନରେ ନୂତନ ପରିବର୍ତ୍ତନ ଦେଖା ଦେବ ।

## ଆଜିର ଇତିହାସ

- ୧୮୭୮-ଚକ୍ରବର୍ତ୍ତୀ ରାଜଗୋପାଳାଚାରୀଙ୍କ ଜନ୍ମ ।
- ୧୮୯୬- ଡିନାମାଇଟ୍‌ର ଉଦ୍ଭାବକ ଆଲ୍‌ଫ୍ରେଡ୍ ନୋବେଲଙ୍କ ଦେହାନ୍ତ ।
- ୧୯୦୨- ତାସ୍‌ମାନିଆରେ ମହିଳାଙ୍କୁ ମତଦାନ ଅଧିକାର ମିଳିଲା ।
- ୧୯୫୦-ଅନ୍ତଃରାଷ୍ଟ୍ରୀୟ ମାନବାଧିକାର ଦିବସ ଘୋଷିତ ।
- ୧୯୯୨-ଦେଶର ପ୍ରଥମ ହୋବରକ୍ରାଫ୍ଟ ସେବା ଗୁଜରାଟରେ, ଆରମ୍ଭ ହେଲା ।
- ୨୦୦୧-ଭାରତୀୟ ଅଭିନେତା ଅଶୋକ କୁମାରଙ୍କ ନିଧନ ।

## ମାନବାଧିକାର ଦିବସ



ପ୍ରତିବର୍ଷ ଡିସେମ୍ବର ମାସ ୧୦ ତାରିଖରେ ବିଶ୍ୱ ମାନବ ଅଧିକାର ଦିବସ ପାଳନ କରାଯାଏ । ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଆମେ ସମସ୍ତେ ମଣିଷ । ଏଣୁ ସବୁ ବର୍ଗର ମଣିଷ କିଭଳି ଉଚିତ ସମ୍ମାନ ଓ ନ୍ୟାୟ ପାଇବେ, ସେଦିଗରେ ସଚେତନତା ସୃଷ୍ଟି ଲାଗି ବିଶ୍ୱ ମାନବିକ ଅଧିକାର ଦିବସ ପାଳନ କରାଯାଉଛି । ୧୯୪୮ ମସିହା ଡିସେମ୍ବର ମାସ ୧୦ ତାରିଖ ଦିନ ମିଳିତ ଜାତିସଂଘର ସାଧାରଣ ଅଧିବେଶନରେ 'ସାର୍ବଜନୀନ ମାନବାଧିକାର ଘୋଷଣାନାମା'କୁ ସ୍ଥାନିତ କରିବା ସହ ସ୍ୱୀକୃତି ଦିଆଗଲା । ଉକ୍ତ ଘୋଷଣାନାମାର ଫଳସ୍ୱରୂପ ବିଶ୍ୱବାସୀ ବାକ୍ ସ୍ୱାଧୀନତା, ଭୟମୁକ୍ତ ଜୀବନ ସହ ଦାରିଦ୍ର୍ୟ ଦୂରୀକରଣ ଭଳି ଅନେକ ମୂଲ୍ୟବାନ୍ ମାନବ ସପକ୍ଷବାଦୀ ଅଧିକାର ଉପଭୋଗ କରିବାକୁ ସକ୍ଷମ ହେଲେ । ସେହି ସ୍ମୃତିରେ ପ୍ରତିବର୍ଷ ମାନବାଧିକାର ଦିବସ ପାଳନ କରାଯାଉଛି । ପ୍ରତ୍ୟେକ ବ୍ୟକ୍ତିର ଜୀବନ, ସ୍ୱାଧୀନତା, ସମାନତା ଏବଂ ସମ୍ମାନର ଅଧିକାର ମାନବାଧିକାର ଅଧୀନରେ ଆସେ, କିନ୍ତୁ ଅଧିକାଂଶ ଲୋକ ଏହି ଅଧିକାର ବିଷୟରେ ଭଲ ଭାବରେ ଜାଣନ୍ତି ନାହିଁ । ସେମାନଙ୍କୁ ଏହି ଅଧିକାର ବିଷୟରେ ଅବଗତ କରାଇବା ପାଇଁ ମାନବାଧିକାର ଦିବସ ପାଳନ କରାଯାଏ । ବର୍ତ୍ତମାନ ପରିସ୍ଥିତିରେ ମାନବାଧିକାର ବେଶ୍ ପରିବ୍ୟାପ୍ତ ହୋଇଛି । ଶିକ୍ଷାଠାରୁ ଆରମ୍ଭ କରି ସ୍ୱାସ୍ଥ୍ୟ ଓ ପରିବେଶ ଭଳି କ୍ଷେତ୍ରରେ ମାନବାଧିକାର ଉପରେ ବେଶ୍ ଗୁରୁତ୍ୱ ଦିଆଯାଉଛି । ଏହାସତ୍ତ୍ୱେ ମଧ୍ୟ ମାନବାଧିକାର ଉଲ୍ଲଂଘନ କମୁନାହିଁ । କୋଟି କୋଟି ଶିଶୁ ଅବହେଳାର ଶିକାର ହେଉଛନ୍ତି । ଆଜି ବି ମାନବ ଜଳବାୟୁ ପରିବର୍ତ୍ତନ, ଆତଙ୍କବାଦ, ସାମାଜିକ ଏବଂ ଅର୍ଥନୈତିକ ଅସମାନତାର ଶିକାର ହେଉଛି । ତେଣୁ ଏନେଇ ସଚେତନତା ସୃଷ୍ଟି କରିବା ଏହି ଦିବସର ମୂଳ ଉଦ୍ଦେଶ୍ୟ । ଅନେକଙ୍କୁ ଏଥିରେ ନ୍ୟାୟ ପାଇବାରେ ବିଳମ୍ବ ହେଉଛି । ଭାରତରେ ମାନବାଧିକାର ଆଇନ ୨୮ ଡିସେମ୍ବର, ୧୯୯୩ ମସିହାରେ ପାରିତ ହୋଇଥିଲା । ଏହାପରେ ଭାରତ ସରକାର ୧୨ ଅକ୍ଟୋବର, ୧୯୯୩ ମସିହାରେ ମାନବାଧିକାର ଆୟୋଗ ଗଠନ କରିଥିଲେ । ଏହି ଆୟୋଗ ଏବେ ରାଜନୈତିକ, ସାମାଜିକ ଓ ସାଂସ୍କୃତିକ କାର୍ଯ୍ୟ କ୍ଷେତ୍ରରେ କାମ କରୁଛି । ଯେମିତିକି ଶ୍ରମ, ଏଚ୍‌ଆଇଭି, ବାଲ୍ୟ ବିବାହ, ମହିଳା ଅଧିକାର ଭଳି ସମସ୍ୟା ବେଳେ ମାନବାଧିକାର ଆୟୋଗ ଲୋକଙ୍କ ପାଖରେ ଠିଆ ହେଉଛି । ଏହି ଦିବସ ଅବସରରେ ବିଭିନ୍ନ ପ୍ରକାର କର୍ମଶାଳା, ବୈଠକ ଏବଂ ପ୍ରଦର୍ଶନୀ ଆୟୋଜନ କରାଯାଇ ମାନବାଧିକାର ଉପରେ ବିସ୍ତୃତ ଆଲୋଚନା କରାଯାଏ ।

## ଆସନ୍ତା ବର୍ଷ 'ସୀତାରେ ଜମିନ୍ ପର୍'-ଅମିର୍



ବଲିଉଡ୍‌ର ଲୋକପ୍ରିୟ ଅଭିନେତା ଅମିର୍ ଖାନ୍ ଅନେକ ଦିନରୁ ବଡ଼ ପରଦାରୁ ଦୂରେଇ ଯାଇଛନ୍ତି । ଏବେ ତାଙ୍କ ପ୍ରଶଂସକମାନେ ତାଙ୍କର ଆଗାମୀ ଫିଲ୍ମ 'ସୀତାରେ ଜମିନ୍ ପର୍'କୁ ଅପେକ୍ଷା କରିଛନ୍ତି । ୨୦୦୭ରେ ଅମିର୍‌ଙ୍କ ଅଭିନୀତ 'ତାରେ ଜମିନ୍ ପର୍' ଫିଲ୍ମ ମୁକ୍ତିଲାଭ କରିଥିଲା । ଏହା ସେତେବେଳେ ସୁପର୍‌ହିଟ୍ ସାବ୍ୟସ୍ତ ହୋଇଥିଲା । ଏହାର ସିକ୍ୱେଲ 'ସୀତାରେ ଜମିନ୍ ପର୍' ଏଇ ଡିସେମ୍ବରରେ ରିଲିଜ୍ ହେବାର ଥିଲା । ଏବେ କିନ୍ତୁ ଅମିର୍ ଏ ସମ୍ପର୍କରେ ନୂଆ କଥା ଘୋଷଣା କରିଛନ୍ତି । ନିକଟରେ ଅମିର୍ ରେଡ୍ ସି ଚଳଚ୍ଚିତ୍ର ଉତ୍ସବରେ ଯୋଗ ଦେଇଥିଲେ । ଏଥିରେ ସେ ଅନେକ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ । 'ସୀତାରେ ଜମିନ୍ ପର୍' ୨୦୨୫ରେ ରିଲିଜ୍ ହେବ ବୋଲି ଅମିର୍ କହିଥିଲେ । ଅମିର୍ ଏହି ଫିଲ୍ମକୁ ନେଇ ଆହୁରି କହିଛନ୍ତି ଯେ, 'ଏଥିରେ ସବୁ ଚରିତ୍ର ପୂରାପୂରି ନୂଆ । ଏପରିକି କାହାଣୀ ବି ପୂରା ନୂଆ ହେବ । ତେବେ ଏହାର କାହାଣୀ 'ତାରେ ଜମିନ୍ ପର୍' କାହାଣୀ ଉପରେ ହିଁ ଆଧାରିତ ହେବ । ଚଳିତ ମାସ ଶେଷ ଆଡ଼କୁ ଏହାର ପୋଷ୍ଟ ପ୍ରଡକ୍ସନ କାମ ଆରମ୍ଭ ହେବ । ଆସନ୍ତା ବର୍ଷ ମଧ୍ୟ ଆଡ଼କୁ ଏହାକୁ ରିଲିଜ୍ କରାଯିବ ।'

ଏଠାରେ ପ୍ରକାଶ ଥାଉ କି, ଅମିର୍‌ଙ୍କ ଅଭିନୀତ 'ଲାଲ୍ ସିଂହ ଚଡ୍ଢା' ୨୦୨୨ରେ ଆସିଥିଲା । ଏହି ଫିଲ୍ମ ଫ୍ଲପ୍ ହେବା ପରେ ସେ ବଡ଼ ପରଦାରୁ ଦୂରେଇ ଯାଇଥିଲେ ।

## ଗଛକୁ ସ୍ୱେଟର୍

ସାଧାରଣତଃ ଶୀତଦିନେ ଲୋକେ ଥଣ୍ଡାରୁ ରକ୍ଷା ପାଇବା ପାଇଁ ସ୍ୱେଟର୍, ଜ୍ୟାକେଟ୍ ଆଦି ପିନ୍ଧିଥାନ୍ତି । ସେହିପରି କିଛି ଲୋକ ଘରେ ଥିବା ପୋଷା ଜୀବଜନ୍ତୁ ସମେତ ବୁଲା ପଶୁଙ୍କୁ ଶୀତବସ୍ତ୍ର ପିନ୍ଧାଇଥାନ୍ତି । ଏହି ଧାରାରେ ଦକ୍ଷିଣ କୋରିଆରେ ଏକ ନିଆରା ପରମ୍ପରା ପ୍ରଚଳିତ । ଏଠାରେ ଶୀତଦିନେ ଲୋକେ ଗଛକୁ ସ୍ୱେଟର୍ ବେଢାଇଥାନ୍ତି । ନିକଟରେ ଏହାର ଏକ ଭିଡିଓ ଭାଇରାଲ ହୋଇଛି । ଯେଉଁଥିରେ ସିଓଲର ଲୋକେ ନିଜ ହାତରେ ସ୍ୱେଟର୍ ବୁଣି ଗଛକୁ ଆଚ୍ଛାଦନ କରୁଥିବା ଦେଖାଯାଇଛି । ତେବେ ଏହି ପରମ୍ପରା ଖୁବ୍ ରୋଚକପୂର୍ଣ୍ଣ । ଏହା ପଛରେ ଏକ କାରଣ ମଧ୍ୟ ରହିଛି । ଏହି ନିଆରା କାର୍ଯ୍ୟ ସିଓଲରେ ଏକ ସଂସ୍ଥା ଦ୍ୱାରା କରାଯାଉଛି । ତେବେ ଏହା କେବଳ ଗଛକୁ ସଜାଇବା ପାଇଁ ନୁହେଁ, ବୃକ୍ଷ ସଂରକ୍ଷଣ ପାଇଁ ପାଳନ କରାଯାଉଛି । ଶୀତଦିନେ ବୃକ୍ଷର ଛାଲକୁ ସୁରକ୍ଷା ଦେବା ପାଇଁ ଏହା କରାଯାଇଥାଏ । କାରଣ ଏହିଦିନେ ପୋକଜୋକଗୁଡ଼ିକ ଗଛ ମଧ୍ୟରେ ଉଷୁମ ଅନୁଭବ କରିବା ପାଇଁ ଏହାକୁ ଗାତ କରି ରହିଥାନ୍ତି । ଗଛକୁ ସ୍ୱେଟର୍ ପିନ୍ଧାଇବା ଦ୍ୱାରା ସେହି ପୋକଜୋକଗୁଡ଼ିକ ସେଥିରେ ଲାଗିଯାନ୍ତି । ଲୋକେ ଗଛରୁ ସ୍ୱେଟର୍ ବାହାର କରନ୍ତି, ଏଥିରେ ଲାଗି ରହିଥିବା କୀଟଗୁଡ଼ିକୁ ମାରି ଦିଅନ୍ତି । ଫଳରେ ଗଛଟି ଅଧିକ ଦିନ ଜୀବିତ ରୁହେ । ସାମାଜିକ ଗଣମାଧ୍ୟମରେ ଏହି ଭିଡିଓ @seoul.southkorea ନାମକ ଆକାଉଣ୍ଟରେ ସେୟାର କରାଯାଇଛି । ଯାହାକୁ ଲୋକେ ବେଶ୍ ପସନ୍ଦ ମଧ୍ୟ କରିଛନ୍ତି । ତେବେ ଗଛକୁ ଏପରି ସ୍ୱେଟର୍ ପିନ୍ଧାଇବାର ଏହି ପ୍ରୟାସ ଦକ୍ଷିଣ କୋରିଆରେ ପରିବେଶ ସଂରକ୍ଷଣର ମହତ୍ତ୍ୱକୁ ଦର୍ଶାଇଥାଏ । ଛୋଟ ଛୋଟ ପ୍ରୟାସରୁ କିପରି ବୃକ୍ଷକୁ ସୁରକ୍ଷା ଦିଆଯାଇପାରେ, ତାହା ଏଥିରୁ ଶିକ୍ଷା ମିଳେ । ଏହି ପରମ୍ପରା ଅନୁଯାୟୀ, ବୃକ୍ଷର ଦେଖାଶୁଣା କରିବା କେବଳ ଏକ ଦାୟିତ୍ୱ ନୁହେଁ, ଏହା ଭାବନାତ୍ମକ କର୍ତ୍ତବ୍ୟ ବୋଲି ସୂଚିତ କରିଥାଏ ।



## ପେଷ୍ଟିସ୍କାଣ୍ଡରେ କୀଟନାଶକ ଚିହ୍ନଟ

କୃଷିକ୍ଷେତ୍ରରେ ଅଧିକ ଅମଳ ପାଇଁ ଚାଷୀମାନେ ବିଭିନ୍ନ ପ୍ରକାର ରାସାୟନିକ ସାର ବ୍ୟବହାର କରନ୍ତି । ଫଳରେ ଉତ୍ପାଦିତ ଫଳ, ପରିବା ହିଁ ମନୁଷ୍ୟଙ୍କଠାରେ ବିଭିନ୍ନ ରୋଗ ସୃଷ୍ଟି କରେ । ତେବେ ଏହି ଫଳ, ପନିପରିବା ସଫା ଦେଖାଯାଉଥିଲେ ବି ଏଥିରେ ବିଷାକ୍ତ କୀଟନାଶକ ରହିଥାଏ । ତେଣୁ ଏହାର ଚିହ୍ନଟ ପାଇଁ ୧୪ ବର୍ଷୀୟ ଶିରିଷ ସୁଭାଷ ଏକ ନିଆରା କିଟ୍ ବିକଶିତ କରିଛନ୍ତି । ଭାରତୀୟ ବଂଶୋଦ୍ଭବ ଜର୍ଜିଆର ସ୍ନେଲଭିଲେ ରହୁଥିବା ସୁଭାଷ ଆମେରିକାର ସବୁଠାରୁ କନିଷ୍ଠ ବୈଜ୍ଞାନିକ ସମ୍ମାନରେ ସମ୍ମାନିତ ହୋଇଛନ୍ତି । ସେ ବର୍ତ୍ତମାନ ନବମ ଶ୍ରେଣୀର ଛାତ୍ର । ଫଳ ଓ ପରିବାରୁ କୀଟନାଶକ ଚିହ୍ନଟ ପାଇଁ ସେ "ପେଷ୍ଟିସ୍କାଣ୍ଡ" ନାମକ ଏକ ଉପକରଣ ତିଆରି କରିଛନ୍ତି । ଏଥିପାଇଁ ସେ ଖାଦ୍ୟ ଏବଂ ଏଫ୍‌ଡିଏର ତଥ୍ୟକୁ ବ୍ୟବହାର କରିଛନ୍ତି । ନିକଟରେ ସେ ଏକ ବିଜ୍ଞାନମେଳାରେ ଏହି ଉପକରଣକୁ ପ୍ରଦର୍ଶନ କରି ବିଜେତା ହୋଇଥିଲେ । ସୁଭାଷ କୁହନ୍ତି, କୀଟନାଶକ ଅଂଶ ମସ୍ତିଷ୍କ କର୍କଟ, ଲ୍ୟୁକେମିଆ, ଅଲଜାଇମର ଏବଂ ପାର୍କିସନ୍ସ ଆଦି ରୋଗ ସମସ୍ୟା ବଢ଼ାଏ । ଏହି ଉପରକଣକୁ ସମସ୍ତେ ନିଜ ଘରେ ରଖି ଖାଦ୍ୟ ଉତ୍ପାଦର କୀଟନାଶକ ଅଂଶକୁ ଚିହ୍ନଟ କରିପାରିବେ । ଏଥିରେ ସେ କୃତ୍ରିମ ବୁଦ୍ଧିମତ୍ତା ଯୁକ୍ତ ହ୍ୟାଣ୍ଡହେଲ୍ଡ କୀଟନାଶକ ଡିଟେକ୍ଟର ବ୍ୟବହାର କରି ପାଳଙ୍ଗ ଏବଂ ଟମାଟୋ ଉପରେ ପରୀକ୍ଷଣ କରିଥିଲେ । ଉପକରଣଟି ୮୫ ପ୍ରତିଶତ ସଠିକତା ପ୍ରଦାନ କରିଥିଲା । ଏନେଇ ସେ ଅଧିକ ପରୀକ୍ଷାନିରୀକ୍ଷା ଚଳାଇଛନ୍ତି ।




## ସୁବର୍ଣ୍ଣା



## ପ୍ରତି ତିନିବର୍ଷରେ ମାଟି ପରୀକ୍ଷା ଜରୁରି

**ଚାଷକାର୍ଯ୍ୟରେ ମାଟି ପରୀକ୍ଷାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଏହାଦ୍ୱାରା ମୃତ୍ତିକାର ଗୁଣବତ୍ତା ସହଜରେ ଜାଣିହୁଏ । ସେହି ଅନୁସାରେ ଚାଷୀ ମାଟିରେ ପୋଷାକତତ୍ତ୍ୱ ପ୍ରୟୋଗ କରନ୍ତି । ଏହାଦ୍ୱାରା କେବଳ ଅଧିକ ଅମଳ ମିଳେ, ତାହା ନୁହେଁ, ଶ୍ରମ ଓ ଖର୍ଚ୍ଚ ନିୟନ୍ତ୍ରଣ ହୁଏ । ତେଣୁ ମାଟି ପରୀକ୍ଷା ପାଇଁ ସଠିକ୍ ସମୟ ବିଷୟରେ ଜାଣି ରଖନ୍ତୁ ।**





ମାଟି ସୁସ୍ଥ ଓ ନୀରୋଗ ରହିଲେ ହିଁ ଚାଷୀଙ୍କ ପରିଶ୍ରମର ଫଳ ମିଳେ । ତେଣୁ ଅଧିକ ଅମଳ ପାଇଁ ପ୍ରତି ତିନିବର୍ଷ ଅନ୍ତରରେ ଜମିର ମାଟି ପରୀକ୍ଷଣ କରିବା ଜରୁରି । ସମ୍ପୂର୍ଣ୍ଣ ଫସଲ ଚକ୍ର ପରେ ମାଟି ପରୀକ୍ଷା କରାଯାଏ । ହାଲୁକା ତଥା ଯେଉଁ ଜମିରେ କମ୍ ଉତ୍ପାଦନ ହୁଏ, ଉକ୍ତ ଜମିରେ ମାଟି ପରୀକ୍ଷାର ଅଧିକ ଆବଶ୍ୟକତା ରହିଥାଏ । ଏଥିପାଇଁ ମାଟିର ନମୁନାକୁ ଏକତ୍ର କରାଯାଇଥାଏ । ସେହିପରି ମାଟି ନମୁନା ବାନ୍ଧିବାର ଏକ ତରିକା ରହିଛି । ପ୍ରତି ନମୁନାକୁ ଏକ ସଫା କପଡ଼ା ବ୍ୟାଗ୍‌ରେ ବାନ୍ଧି ଦିଅନ୍ତୁ । ନମୁନା ବାନ୍ଧିବା ପାଇଁ ଏକ ଲେବଲ୍ ବ୍ୟାଗ୍‌ରେ ରଖି ବ୍ୟାଗ୍‌କୁ ଭଲ ଭାବେ ବନ୍ଦ କରିଦିଅନ୍ତୁ । ମାଟି ନମୁନା ନେବା ସମୟରେ ମାଟି ଉପରୁ ଘାସ ସଫା ରଖିବା ଭଲ । ଭୂମିପୃଷ୍ଠରୁ ହଳ ଗଭୀର (୦-୧୫ ସେମି) ରୁ ମାଟି ନେଇ ପାରିବେ । ଫାଉଡା କିମ୍ବା ଖୁରୁପି ପ୍ରୟୋଗ କରିବାକୁ ଥିଲେ, "V" ଆକାରରେ ଗଭୀର ଗାତ ବନାନ୍ତୁ । ଗୋଟିଏ ଜମିରୁ ଅଲଗା ଅଲଗା ଯଥା - ୧୦ରୁ ୧୨ ଭିନ୍ନ ଭିନ୍ନ ସ୍ଥାନରୁ ମାଟିର ଟୁକୁଡ଼ା ନେଇ ଏହାକୁ ଏକ ସଫା କପଡ଼ାରେ ଏକାଠି ରଖନ୍ତୁ । ଏହି ନମୁନାକୁ ଛାଇରେ ଶୁଖାଇ ପ୍ରତି ନମୁନାର ନାଁ, ଠିକଣା, ଜମିର ସଂଖ୍ୟାରେ ଲେବଲ୍ ଲଗାନ୍ତୁ । ରେକର୍ଡ ପାଇଁ ଯଦି ଚାହିଁବେ, ଏକ ନକଲ ରଖିପାରିବେ । ଏହାପରେ ଦୁଇ ଲେବଲ୍ ତିଆରି କରନ୍ତୁ । ସର୍ବଦା ବଲ୍ ପେନ୍ କିମ୍ବା କପି ପେନ୍‌ସିଲ୍‌ରେ ରଖନ୍ତୁ । ମାଟିର ନମୁନା ନେବା ସମୟରେ କେବେ ବି ରାସାୟନିକ ସାର ଷ୍ଟ୍ରିପ୍ ସ୍ଥାନରୁ ନମୁନା ନିଅନ୍ତୁନି ।

## ମଟର ଫସଲର ରୋଗପୋକ ନିୟନ୍ତ୍ରଣ

**ଏଇ ଶୀତଋତୁରେ ବହୁ ଚାଷୀ ମଟର ଚାଷ କରିଥାନ୍ତି । କିନ୍ତୁ ଏହି ସମୟରେ ମଟର ଫସଲରେ ବିଭିନ୍ନ ପ୍ରକାର ରୋଗପୋକ ଲାଗିବାର ଅଧିକ ଆଶଙ୍କା ରହିଥାଏ । ତେଣୁ ଏହାର ନିୟନ୍ତ୍ରଣ କିପରି କରିବେ, ଜାଣନ୍ତୁ ।**

କମ୍ ତାପମାତ୍ରା ତଥା ଅଧିକ ଥଣ୍ଡା ଫସଲ ଉପରେ ପ୍ରଭାବ ପକାଏ । ବେଳେ ବେଳେ ଚାଷୀମାନେ ଫସଲରେ ରୋଗପୋକ ସଠିକ୍ ଭାବେ ଚିହ୍ନଟ କରିପାରନ୍ତିନାହିଁ । ଫଳରେ ଫସଲ ସମ୍ପୂର୍ଣ୍ଣ ଭାବେ ପ୍ରଭାବିତ କରିଥାଏ । ତେଣୁ ଏହାର ପ୍ରତିକାର ପାଇଁ କୀଟନାଶକ ଏବଂ ରୋଗନାଶକ ଔଷଧ ସିଞ୍ଚନ କରିବାର ଅଧିକ ଆବଶ୍ୟକତା ରହିଛି ।

ତେଣୁ ଫସଲର ନିୟମିତ ସର୍ବେକ୍ଷଣ ଜରୁରି । ଶୀତଋତୁରେ ମଟର ଫସଲରେ ପ୍ରାୟତଃ କବକଜନିତ ରୋଗ ଏବଂ କୀଟ ଆକ୍ରମଣ ଆଶଙ୍କା ଥାଏ । ପତ୍ରଦାଗ ତଥା ପତ୍ରଚିତା ଯୋଗୁଁ ଫସଲ ଅମଳରେ ବାଧା ସୃଷ୍ଟି ହୋଇଥାଏ । ଏହାର ନିୟନ୍ତ୍ରଣ ପାଇଁ ଫସଲରେ ରୋଗନାଶକ ଔଷଧ ସିଞ୍ଚି ପାରିବେ । ସଲଫେକ୍ସକୁ ୨.୫ କିଗ୍ରା ପ୍ରତି ହେକ୍ଟର ହିସାବରେ ୮୦୦ରୁ ୧୦୦୦ ଲିଟର ପାଣିରେ ମିଶାଇ ୧୫ ଦିନ ଅନ୍ତରରେ ୨ରୁ ୩ ଥର ଫସଲରେ ଆବଶ୍ୟକ ମୁତାବକ ସିଞ୍ଚିପାରିବେ । ଯଦି ଚାହିଁବେ ଜଳଦ୍ରବିଭୂତ ଗନ୍ଧକ (୦.୨ରୁ ୦.୩ ପ୍ରତିଶତ) ଫସଲରେ ସିଞ୍ଚନ କରିବା ଆବଶ୍ୟକ । ସେହିପରି ପତ୍ରରେ ଧଳା ରଙ୍ଗ ତଥା ପତ୍ରଚିତା ହେଲେ, ଏହାକୁ ନିୟନ୍ତ୍ରଣ କରିବାକୁ କାର୍ବେଣ୍ଡାଜିମ୍ ( ଏକ ଗ୍ରାମ୍ /ପ୍ରତି ଲିଟର ପାଣି) କିମ୍ବା ଡିନୋକ୍ୟାପ୍, କେରାଥେନ ୪୮ ଇସି. (୦.୫ ମିଲି/ ଲିଟର ପାଣି) ମଧ୍ୟ ବ୍ୟବହାର କରିପାରିବେ । ତେଣୁ ଏହି ସମୟରେ ପତ୍ରପୋଡ଼ା ଲାଗିବାର ଆଶଙ୍କା ଅଧିକ ରହୁଥିବାରୁ ଏହାର ନିୟନ୍ତ୍ରଣ ପାଇଁ ମେଟାଲାକ୍ସିଲ + ମାଙ୍କୋଜେବ ୪୦୦ ଗ୍ରାମ୍ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରିପାରିବେ । ପାଉଁଶିଆ ରୋଗ ନିୟନ୍ତ୍ରଣ ପାଇଁ ଚାଷୀମାନେ ମାଙ୍କୋଜେବ ଔଷଧକୁ ୨.୦ କିଗ୍ରା କିମ୍ବା ଡାଇଥେନ୍ ଏମ୍ -୪୫ କୁ ୨ କିଗ୍ରା ପ୍ରତି ହେକ୍ଟର କିମ୍ବା ହେକ୍ସାକୋନାଜୋଲ ଏକ ଲିଟର କିମ୍ବା ପ୍ରୋପିକୋନାଜୋଲ ଏକ ଲିଟର ହିସାବରେ ୬୦୦-୮୦୦ ଲିଟର ପାଣିରେ ମିଶାଇ ସିଞ୍ଚନ ଦ୍ୱାରା ରୋଗପୋକ ନିୟନ୍ତ୍ରଣ ହୁଏ । ଉଚିତ ଫସଲଚକ୍ର ଆପଣାଇ ରୋଗଗ୍ରସ୍ତ ଗଛକୁ ଉପାଡ଼ି ନଷ୍ଟ କରିପାରିବେ । କାଣ୍ଡବିନ୍ଧା ଏବଂ ଛୁଇଁ ବିନ୍ଧା ପୋକ ନିୟନ୍ତ୍ରଣ ପାଇଁ ଇଣ୍ଡୋକ୍ସାକାର୍ବ (ଏକ ମିଲି ପ୍ରତି ଲିଟର ପାଣି) ରେ ସିଞ୍ଚନ ଜରୁରି । କାଣ୍ଡବିନ୍ଧା କୀଟ ନିୟନ୍ତ୍ରଣ ପାଇଁ ସ୍ପିନୋସ୍ୟାଡ ୪୫% ଏସ୍‌ସି ୫ ଲିଟର ପାଣିରେ ଦୁଇ ମିଲି ଏବଂ ଛୁଇଁ ବିନ୍ଧା ପୋକ କୀଟର ନିୟନ୍ତ୍ରଣ ପାଇଁ ଫ୍ଲୁବିନାଣ୍ଡାମାଇଡ୍ ୩୦.୩୫ ୫ଲିଟର ପାଣିରେ ୨ ମିଲି ଦରରେ ମିଳାଇ ସିଞ୍ଚନ୍ତୁ ।



## କୃଷି ପାଣିପାଗ

### ଏ ସପ୍ତାହ ପାଇଁ କେତେକ ପରାମର୍ଶ...

- ରବି ପନିପରିବାରେ ଘାସ ବାଛି କୋଡ଼ାଖୋସା କରନ୍ତୁ ।
- କୋବି ଜାତୀୟ ଫସଲରେ ୭ରୁ ୮ ଦିନ ବ୍ୟବଧାନରେ ଜଳସେଚନ କରନ୍ତୁ ।
- କମ୍ ତାପମାତ୍ରା ଓ କୁହୁଡ଼ିଆ ପାଗ ଯୋଗୁଁ ରବି ଫସଲରେ ଶୋଷକ କୀଟ, ପତ୍ରପୋଡ଼ା ଓ ପାଉଁଶିଆ ରୋଗ ଲାଗିବାର ସମ୍ଭାବନା ରହିଛି । ନିୟମିତ ଫସଲରେ ପୋକ ଏବଂ ରୋଗର ସର୍ବେକ୍ଷଣ କରନ୍ତୁ ।



- ଆଳୁ ଫସଲରେ କୋଡ଼ାଖୁସା କରି ଘାସ ବାଛିଦିଅନ୍ତୁ । ହୁଡା ଚଉଡ଼ା ଓ ମଜଭୁତ ରଖନ୍ତୁ । ମାଟିର କିସମ ଓ ବତର ଦେଖି ସିଆରରେ ପ୍ରତି ୭ରୁ ୮ ଦିନ ବ୍ୟବଧାନରେ ଜଳସେଚନ କରନ୍ତୁ ।
- ବାଇଗଣରେ ପତ୍ରଖିଆ ଓ ଫଳବିନ୍ଧା ପୋକର ନିୟନ୍ତ୍ରଣ ପାଇଁ ଏକର ପ୍ରତି ଇମାମେକ୍ଟିନ୍ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।
- ଶୀତଋତୁରେ କୁକୁଡ଼ାମାନଙ୍କୁ ଅଧିକ ପରିମାଣର ଖାଦ୍ୟ ଓ ପାଣି ଦିଅନ୍ତୁ । ତାପମାତ୍ରା ନିୟନ୍ତ୍ରଣ ପାଇଁ କୁକୁଡ଼ା ଗୃହରେ ୨୦୦ ୱାଟ୍‌ର ବଲ୍‌ବ ଲଗାନ୍ତୁ । କୁକୁଡ଼ାମାନଙ୍କୁ ଉଚିତ ସମୟରେ ଟିକାକରଣ କରନ୍ତୁ ।

■ ଦ୍ୱିତୀୟ ଟେଷ୍ଟରେ ଶ୍ରୀଲଙ୍କା ପରାସ୍ତ

## ସିରିଜ କ୍ଲିନସୁଇପ୍ କଲା ଦ. ଆଫ୍ରିକା

ଗକେବର୍ହା, ୯।୧୨ (ଏଜେନ୍ସି): ଭ୍ରମଣକାରୀ ଶ୍ରୀଲଙ୍କା ବିପକ୍ଷରେ ସ୍ଥାନୀୟ ସେଣ୍ଟ ଜର୍ଜ ପାର୍କରେ ଚାଲିଥିବା ଅନ୍ତିମ ତଥା ୨ୟ ଟେଷ୍ଟ ମ୍ୟାଚକୁ ଦକ୍ଷିଣ ଆଫ୍ରିକା ୧୦୯ ରନରେ ଜିତିନେଇଛି। ଘରୋଇ ଦକ୍ଷିଣ ଆଫ୍ରିକା ପକ୍ଷରୁ ଧାର୍ଯ୍ୟ ୩୪୮ ରନର ଚ୍ୟାଲେଞ୍ଜିପୂର୍ଣ୍ଣ ଲକ୍ଷ୍ୟକୁ ପିଛା କରି ଶ୍ରୀଲଙ୍କା ସୋମବାର ଅନ୍ତିମ ତଥା ୫ମ ଦିବସରେ ୨୩୮ ରନ କରି ଦ୍ୱିତୀୟ ଇନିଂସରେ ଅଲ୍‌ଆଉଟ୍ ହୋଇଯାଇଥିଲା। ପୂର୍ବଦିନର ସ୍କୋର ୨୦୫/୫ ବ୍ୟାଟିଂ ଆରମ୍ଭ କରି ଶ୍ରୀଲଙ୍କା ସୋମବାର ସକାଳେ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ପୂର୍ବଦିନରେ ସ୍କୋରରେ ଆଉ ମାତ୍ର ୩୮ ରନ ଯୋଡ଼ି ଶ୍ରୀଲଙ୍କା ଅଲ୍‌ଆଉଟ୍ ହେବା ସହ ଏକ ନିଶ୍ଚିତ ବିଜୟ ସୁଯୋଗ ହାତଛଡ଼ା କଲା। ଶ୍ରୀଲଙ୍କା ପକ୍ଷରୁ ୨ୟ ଇନିଂସରେ ଅଧିନାୟକ ଧନଞ୍ଜୟ ଡି ସିଲ୍‌ଭା ସର୍ବାଧିକ ୫୦, ୱିକେଟ୍‌ରକ୍ଷକ କୁଶଲ ମେଣ୍ଡିସ ୪୬, କାମିନ୍ଦୁ ମେଣ୍ଡିସ ୩୫, ଆଞ୍ଜେଲୋ ମାଥ୍ୟୁସ ୩୨, ଦୀନେଶ ଚାଣ୍ଡିମଲ ୨୯ ରନ କରିଥିଲେ। ବିଜୟୀ ଦକ୍ଷିଣ ଆଫ୍ରିକା ପକ୍ଷରୁ ବାମହାତୀ ସ୍ପିନର କେଶବ ମହାରାଜ ସର୍ବାଧିକ ୫ଟି ୱିକେଟ୍ ସଫଳତା ପାଇଥିଲେ। ପୂର୍ବରୁ ଦକ୍ଷିଣ ଆଫ୍ରିକା ପ୍ରଥମ ଇନିଂସରେ ୩୫୮ ରନ କରିଥିବାବେଳେ ଶ୍ରୀଲଙ୍କା ୩୨୮ରେ ସୀମିତ ରହିଥିଲା। ୩୦ ରନରେ ଅଗ୍ରଣୀ ରହିଥିବା ଦକ୍ଷିଣ ଆଫ୍ରିକା ୨ୟ ପାଳିରେ ୩୧୭ ରନ କରିଥିଲା। ପିଟରସନ ମ୍ୟାଚର ଓ ଟେମ୍ବା ବଭୁମା ସିରିଜର ଶ୍ରେଷ୍ଠ ଖେଳାଳି ହୋଇଥିଲେ। ବିଜୟ ସହ ଘରୋଇ ଦକ୍ଷିଣ ଆଫ୍ରିକା ଟେଷ୍ଟ ସିରିଜକୁ ୨-୦ରେ କ୍ଲିନସୁଇପ୍ କରିନେଇଛି। ପୂର୍ବରୁ ପ୍ରଥମ ଟେଷ୍ଟକୁ ମଧ୍ୟ ଆଫ୍ରିକା ଦଳ ୨୩୩ ରନର ବଡ଼ ବ୍ୟବଧାନରେ ଜିତିଥିଲା। ଦକ୍ଷିଣ ଆଫ୍ରିକା ଦଳ ୨-୦ରେ ସିରିଜ ଜିତିବା ସହ ୱାର୍ଲ୍ଡ ଟେଷ୍ଟ ଚାମ୍ପିଅନସିପ୍ (ଡବ୍ଲ୍ୟୁଟିସି) ପଏଣ୍ଟ ତାଲିକାର ଶୀର୍ଷକୁ ଉଠିଛି। ୧୦ ମ୍ୟାଚ୍ ଖେଳିଥିବା ଦକ୍ଷିଣ ଆଫ୍ରିକା ୬ ବିଜୟ, ୩ ପରାଜୟ ଓ ଗୋଟିଏ ଡ୍ର ସହ ୭୬ ପଏଣ୍ଟ ପାଇଛି। କିନ୍ତୁ ବିଜୟ ପ୍ରତିଶତ ଦୃଷ୍ଟିରୁ ୬୩.୩୩୦ ସହ ତାଲିକାର ଶୀର୍ଷରେ ରହିଛି।

## ଫୁଟବଲର ନାନିଙ୍କ ଅବସର

ଲିସ୍‌ବନ୍, ୯ ।୧୨(ଏଜେନ୍ସି): ଜଣାଶୁଣା ପର୍ତ୍ତୁଗାଲ ଫୁଟବଲର ନାନି ଅବସର ଘୋଷଣା କରିଛନ୍ତି। ଜଣେ ଆଟାକିଂ ମିଡ୍‌ଫିଲ୍ଡର ତଥା ୱିଙ୍ଗର ଭାବେ ଖ୍ୟାତି ଅର୍ଜନ କରିଥିବା ୩୮ ବର୍ଷୀୟ ନାନି ୨୦୧୭ରେ ପର୍ତ୍ତୁଗାଲ ପାଇଁ ଶେଷ



ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିଥିଲେ। ସେ ୨୦୦୬ରୁ ୨୦୧୭ ପର୍ଯ୍ୟନ୍ତ ପର୍ତ୍ତୁଗାଲ ଫୁଟବଲ ଦଳର ନିୟମିତ ସଦସ୍ୟ ଥିଲେ। ସେ ୧୧୨ଟି ଅନ୍ତର୍ଜାତୀୟ ମ୍ୟାଚ୍ ଖେଳି ୨୪ଟି ଗୋଲ ସ୍କୋର କରିଥିଲେ। ସେ ମଧ୍ୟ ପର୍ତ୍ତୁଗାଲ ୨୧ ବର୍ଷରୁ କମ୍ ଓ ବି ଦଳ ତରଫରୁ ପ୍ରତିନିଧିତ୍ୱ କରିଥିଲେ। ୨୦୦୫ରୁ କ୍ଲବ ଫୁଟବଲରେ ସକ୍ରିୟ ରହିଆସିଥିବା ନାନି ୪୫୫ଟି କ୍ଲବ ମ୍ୟାଚ୍ ଖେଳି ମୋଟ୍ ଉପରେ ୯୭ଟି ଗୋଲ ସ୍କୋର କରିଥିଲେ। ସେ ମଧ୍ୟ ୨୦୧୬ ୟୁରୋକପ୍ ପର୍ତ୍ତୁଗାଲ ଦଳର ସଦସ୍ୟ ଥିଲେ। ସେ ଭାଲେନସିଆ, ଲାଜିଓ, ସ୍ପୋର୍ଟିଂ ସିପି, ଓର୍ଲାଣ୍ଡୋ ସିଟି, ଭେନେଜିଆ, ମେଲବୋର୍ଣ୍ଣ ଭିକ୍ଟୋରି ଓ ଅନ୍ୟ କ୍ଲବ ତରଫରୁ ଖେଳି ବେଶ୍ ସଫଳ ରହିଥିଲେ।

■ ପ୍ରସନ୍ନ ସ୍ମାରକୀ ରାଜ୍ୟ ଶିଶୁ ଓପନ୍ ଚେସ୍

## ଆୟୁଷ୍ମାନ, ସାଇ ରଞ୍ଜନ, ଇରମାଦ, ଆର୍ଯ୍ୟମ୍ ବିଜେତା



ଭୁବନେଶ୍ୱର, ୯ ।୧୨(ସମିସ): କେସୁରାସ୍ଥିତ ରୟାଲ ପବ୍ଲିକ ସ୍କୁଲ ଓ ଓଡ଼ିଶା ଚେସ୍ ଆସୋସିଏସନ ମିଳିତ ଆନୁକୂଲ୍ୟରେ ଏଠାରେ ତୃତୀୟ ସ୍ମାରକୀ ରାଜ୍ୟ ଶିଶୁ ଓପନ୍ ଚେସ୍ ଚାମ୍ପିଅନସିପ୍ ଅନୁଷ୍ଠିତ ହୋଇଛି। ଏଥିରେ ୭, ୯, ୧୧, ୧୩ ବର୍ଷରୁ କମ୍ ବିଭାଗରେ ଅନୁଷ୍ଠିତ ପ୍ରତିଯୋଗିତାରେ ଯଥାକ୍ରମେ ଭୁବନେଶ୍ୱର କେନ୍ଦ୍ରୀୟ ବିଦ୍ୟାଳୟ ନଂ୧ର ଆୟୁଷ୍ମାନ ବେହେରା, କଟକ ଡିଏଭି ପବ୍ଲିକ୍ ସ୍କୁଲର ସାଇ ରଞ୍ଜନ ମିଶ୍ର, ଚନ୍ଦ୍ରଶେଖରପୁର ଡିଏଭିର ଇରାମାଦ ରାଉତ ଓ ପାହାଳର ମଦର ପବ୍ଲିକ ସ୍କୁଲର ଅରିମ ପ୍ରଧାନ ୪ ରାଉଣ୍ଡ ଶେଷ ସୁଦ୍ଧା ଶୀର୍ଷରେ ରହି ଚାମ୍ପିଅନ ହୋଇଛନ୍ତି। ବିଭିନ୍ନ ବୟସ ବର୍ଗରେ ଶ୍ରେଷ୍ଠ ଖେଳାଳିଙ୍କୁ ପୁରସ୍କୃତ କରାଯିବା ସହ ସ୍ୱତନ୍ତ୍ର ପୁରସ୍କାର ମଧ୍ୟ ପ୍ରଦାନ କରାଯାଇଥିଲା।

दिवारात्र

ଦିବାରାତ୍ର ପିଙ୍କ୍‌ବଲ୍ ଟେଷ୍ଟ

# ଭାରତ ପରାଜୟର ୪ କାରଣ



ଆଡିଲେଡ୍, ୯।୧୨(ଏଜେନ୍ସି): ଆଡିଲେଡ୍ ଓଭାଲ ଗ୍ରାଉଣ୍ଡରେ ଅନୁଷ୍ଠିତ ଅଷ୍ଟ୍ରେଲିଆ ବିପକ୍ଷ ଦ୍ୱିତୀୟ ଟେଷ୍ଟ ମ୍ୟାଚ୍‌ରେ ଭ୍ରମଣକାରୀ ଭାରତ ରବିବାର ୧୦ ୱିକେଟରେ ପରାସ୍ତ ହୋଇଛି। ପିଙ୍କ୍‌ବଲ୍‌ରେ ଖେଳାଯାଇଥିବା ଏହି ଦିବାରାତ୍ର ଟେଷ୍ଟ ମ୍ୟାଚ୍‌ରେ ଭାରତୀୟ ବ୍ୟାଟିଂ, ବୋଲିଂ ଓ ଫିଲ୍ଡିଂ ସାଂଘାତିକ ଭାବେ ବିଫଳ ହୋଇଥିଲା। ଏହି ୩ଟି ବିଭାଗରେ ଭାରତୀୟ ଖେଳାଳିଙ୍କ ଦୁର୍ବଳତା ପଦାରେ ପଡ଼ିଥିଲା। ଅଢେଇ ଦିନ ମଧ୍ୟରେ ଶେଷ ହୋଇଥିବା ଏହି ଟେଷ୍ଟରେ ଭାରତ ୮୧ ଓଭରରେ ତା'ର ୨୦ଟି ଯାକ ୱିକେଟ ହରାଇଥିଲା। ଦୁଇଟି ଇନିଂସରେ ଭାରତ ମୋଟ ଉପରେ ମାତ୍ର ୩୫୫ ରନ ସଂଗ୍ରହ କରିଥିଲା। ଅନ୍ୟପଟେ ଅଷ୍ଟ୍ରେଲିଆ ପ୍ରଥମ ଇନିଂସରେ ୩୩୭ ରନ ସଂଗ୍ରହ କରିଥିଲା। ଦ୍ୱିତୀୟ ଇନିଂସରେ ଭାରତୀୟ ଦଳ ତରଫରୁ ୩୦ ରନର ଉର୍ଦ୍ଧ୍ୱ ପାର୍ଟନସିପ୍ ହୋଇପାରି ନଥିଲା। ଏହା ହିଁ ଥିଲା ଭାରତ ପରାଜୟର କାରଣ। ଏହି ଲଜ୍ଜାଜନକ ପରାଜୟର ୪ଟି ମୁଖ୍ୟ କାରଣ ନେଇ ଆଲୋଚନା କରିବା।

### ୧. ପିଙ୍କ୍‌ବଲ୍‌ରେ ଚକ୍‌ମା ଖାଇଲେ ବ୍ୟାଟର

ଭାରତୀୟ ବ୍ୟାଟର ପିଙ୍କ୍ ବଲର ଅତିରିକ୍ତ ସୁଇଂ ଓ ବାଉନ୍ସରେ ଚକ୍‌ମା ଖାଇଥିଲେ। ପ୍ରଥମ ଦିନ ବଲ୍ ୧.୬ ଡିଗ୍ରୀ ସୁଇଂ କରିଥିଲା। ଫଳରେ ଭାରତ ପ୍ରଥମ ଦୁଇଟି ସେସନ୍‌ରେ ହିଁ ଅଲଆଉଟ ହୋଇଥିଲା। ବିରାଟ କୋହଲି ଓ ଲୋକେଶ ରାହୁଲ ସମାନ ଭାବେ ଏକପ୍ରକାର ଆଉଟ ହୋଇଥିଲେ। ଅଫ୍‌ଷ୍ଟମ୍ପ ବାହାର ସୁଇଂ ବଲ୍‌ରେ ଭାରତୀୟ ବ୍ୟାଟର ବିଫଳ ହୋଇଥିଲେ। ଏକଦା ଭାରତର ସ୍କୋର ୧/୭୧ ଥିଲା। କିନ୍ତୁ ଏହାପରେ ବିପର୍ଯ୍ୟୟ ଘଟିଥିଲା।

### ୨. ନିରାଶ କଲେ ଦ୍ରୁତ ବୋଲର

ଅଭିଜ୍ଞ ଯଶପ୍ରୀତ ବୁମ୍‌ରାଙ୍କ ନେତୃତ୍ୱରେ ଭାରତୀୟ ପେସ୍ ବାହିନୀ ଫ୍ଲଡ୍ ଲାଇଟ୍ ତଳେ ୱିକେଟ ନେବାରେ ସକ୍ଷମ ହୋଇପାରି ନଥିଲେ। ପ୍ରଥମ ଦିବସରେ ଭାରତ ଅଲ୍‌ଆଉଟ ହେବା ପରେ ସନ୍ଧ୍ୟାରେ ଅଷ୍ଟ୍ରେଲିଆ ପ୍ରଥମ ଇନିଂସ ଆରମ୍ଭ କରିଥିଲା। ଲାଗୁଥିଲା ଭାରତୀୟ ଦ୍ରୁତ ବୋଲର ଘରୋଇ ବ୍ୟାଟରଙ୍କ ନାକରେ ପାଣି ପୁରାଇବେ। କିନ୍ତୁ ସ୍ଥିତି ଓଲଟା ହୋଇଥିଲା। ଫଳରେ ମାତ୍ର ଗୋଟିଏ ୱିକେଟ ହରାଇ ଅଷ୍ଟ୍ରେଲିଆ ପ୍ରଥମ ଦିବସ ଶେଷ ସୁଦ୍ଧା ୮୬ ରନ ସଂଗ୍ରହ କରି ଭଲ ଆରମ୍ଭ କରିଥିଲା।

### ୩. ଅଣ୍ଡରଲାଇଟ୍‌ରେ ବ୍ୟାଟର ଫେଲ୍

ଶନିବାର ସନ୍ଧ୍ୟାରେ ଦ୍ୱିତୀୟ ଇନିଂସ ଖେଳିବାକୁ ଭାରତୀୟ ବ୍ୟାଟର କ୍ରିଜ୍‌ରେ ଥିଲେ। କିନ୍ତୁ ଅଣ୍ଡର ଲାଇଟ୍ କଣ୍ଡିସନ୍‌ରେ ବ୍ୟାଟର ବିଫଳ ହୋଇଥିଲେ। ଫଳରେ ଦ୍ୱିତୀୟ ଦିନ ଖେଳ ଶେଷ ସୁଦ୍ଧା ଭାରତ ୫ ୱିକେଟ ହରାଇ ମାତ୍ର ୧୨୮ ରନ ସଂଗ୍ରହ କରିଥିଲା। ଓପନର ରାହୁଲ ୭, କୋହଲି ୧୧, ରୋହିତ ୬ ରନ କରି ଆଉଟ ହୋଇଥିଲେ। ପ୍ୟାଟ କମିନ୍ସ ଓ ସ୍କଟ ବୋଲାଣ୍ଡ ୨ଟି ଲେଖାଏ ୱିକେଟ ବାଣ୍ଟି ନେଇଥିଲେ।

### ୪. ମହଙ୍ଗା ପଡ଼ିଲା ହେଡ୍‌ଙ୍କ କ୍ୟାଚ୍ ମିସ୍

୧୪୦ ରନର ଶତକୀୟ ପାଳି ଖେଳି ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଥିବା ଅଷ୍ଟ୍ରେଲିଆର ଟ୍ରାଭିସ ହେଡ୍ ମ୍ୟାନ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। କିନ୍ତୁ ଭାରତୀୟ ଫିଲ୍ଡର ତାଙ୍କର ଦୁଇଟି କ୍ୟାଚ୍ ହାତଛଡ଼ା କରି ଦୁଇଟି ଜୀବନଦାନ ଦେଇଥିଲେ। ହେଡ୍ ୭୫ ରନ କରିଥିବା ବେଳେ ସିରାଜ ତାଙ୍କ କ୍ୟାଚ୍ ମିସ୍ କରିଥିଲେ। ଏହାପରେ ହର୍ଷିତ ରାଣାଙ୍କ ବଲ୍‌ରେ ୱିକେଟକିପର ଋଷଭ ପନ୍ତ ଆଉ ଏକ କ୍ୟାଚ୍ ଛାଡିଥିଲେ। ଫଳରେ ସେ ଅଧିକ ୬୫ ରନ ସଂଗ୍ରହ କରି ଭାରତକୁ ବ୍ୟାକ୍‌ଫୁଟ୍‌କୁ ଠେଲିଦେଇଥିଲେ। ଯାହା ଫଳରେ ଅଷ୍ଟ୍ରେଲିଆ ପ୍ରଥମ ଇନିଂସରେ ୩୩୭ ରନ୍ ଛିଡ଼ା କରିଥିଲା ଓ ୧୫୭ ରନର ଅଗ୍ରଣୀ ହାସଲ କରିଥିଲା।

## ସିରାଜ, ହେଡ୍ ଦଣ୍ଡିତ

ଦ୍ୱିତୀୟ ତଥା ଦିବାରାତ୍ର ପିଙ୍କ୍ ବଲ୍ ଟେଷ୍ଟ ମ୍ୟାଚ୍‌ରେ ଭାରତୀୟ ଦ୍ରୁତ ବୋଲର ମହମ୍ମଦ ସିରାଜ ଓ ଅଷ୍ଟ୍ରେଲିଆ ବ୍ୟାଟର ଟ୍ରାଭିସ ହେଡ୍ ଦଣ୍ଡିତ ହୋଇଛନ୍ତି। ଆଇସିସି ଆଚରଣ ବିଧି ଉଲ୍ଲଂଘନ କରି ସିରାଜ ଜରିମାନାର ସମ୍ମୁଖୀନ ହୋଇଛନ୍ତି। ମ୍ୟାଚ୍‌ର ଦ୍ୱିତୀୟ ଦିବସରେ ସିରାଜ ଓ ହେଡ୍‌ଙ୍କ ମଧ୍ୟରେ ଯୁକ୍ତିତର୍କ ତଥା କଥା କଟାକଟି ହୋଇଥିଲା ଓ ଦୁଇ ଖେଳାଳି ଏଥିପାଇଁ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ଫଳରେ ସିରାଜଙ୍କ ଉପରେ ମ୍ୟାଚ୍‌ର ପାଉଣାର ୨୦ ପ୍ରତିଶତ ଜରିମାନା ଆକାରରେ ଲାଗୁ କାରାଯାଇଛି। ସେହିପରି ଦୁଇ ଖେଳାଳିଙ୍କୁ ଆଇସିସି ଗୋଟିଏ ଲେଖାଏ ଡିମେରିଟ୍ ପଏଣ୍ଟ ଦେଇଛି। ସିରାଜ ଆଇସିସି ଆଚରଣ ବିଧିର ୨.୫ ଓ ହେଡ୍ ୨.୧୩ ଧାର ଉଲ୍ଲଂଘନ କରିଥିଲେ ବୋଲି ଆଇସିସି ତରଫରୁ କୁହାଯାଇଛି। ଗତ ୨୪ ମାସ ଅର୍ଥାତ ଦୁଇବର୍ଷ ମଧ୍ୟରେ ସିରାଜ ଓ ହେଡ ପ୍ରଥମଥର ପାଇଁ ଭୁଲ କରିଥିବାରୁ କୌଣସି ମ୍ୟାଚ୍‌ରୁ ବାସନ୍ଦ ହୋଇନାହାନ୍ତି। ଆଡିଲେଡ ଟେଷ୍ଟ ଦ୍ୱିତୀୟ ଦିବସରେ ୮୨ତମ ଓଭରରେ ଅଷ୍ଟ୍ରେଲିଆ ୭ ୱିକେଟ ହରାଇଥଲା। ହେଡ ୧୪୦ ରନକରି ଆଉଟ ହୋଇଥିଲେ। ସେ ସିରାଜଙ୍କ ଓଭରର ତୃତୀୟ ବଲ୍‌ରେ ଛକା ମାରିଥିଲେ। କିନ୍ତୁ ଏହାର ପର ବଲ୍‌ରେ ସିରିଜା ହେଡ୍‌ଙ୍କୁ ବୋଲ୍ଡ କରିଥିଲେ। ଏହାପରେ ଦୁହିଁଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା।

## ବିଶ୍ୱଜିତ୍‌ଙ୍କୁ କୋଣାର୍କ କିଙ୍ଗ୍‌ସର ନେତୃତ୍ୱ




କଟକ, ୯।୧୨(ସମିସ): ଯୁବ କବାଡ଼ି ପ୍ରତିଯୋଗିତା ଡିସେମ୍ବର ୧୨ରୁ ତାମିଲନାଡୁରେ ଆରମ୍ଭ ହେବ। ଏହି ପ୍ରତିଯୋଗିତାରେ ଓଡ଼ିଶାର ଯୁବ କବାଡ଼ି ଦଳ 'କୋଣାର୍କ କିଙ୍ଗସ' ଭାଗ ନେବ। ରାଜ୍ୟ କବାଡ଼ି ସଂଘ ପକ୍ଷରୁ ଘୋଷିତ ଦଳ ତାମିଲନାଡୁ ଅଭିମୁଖେ ଯାତ୍ରା କରିଛି। ୭ ଦିନ ଧରି ବାରବାଟୀ ଷ୍ଟାଡିୟମରେ ଆୟୋଜିତ ଚୟନ ଶିବିରରୁ ଚୂଡ଼ାନ୍ତ ଦଳ ଗଠନ କରାଯାଇଛି। ବିଶ୍ୱଜିତ ଜେନାଙ୍କ ନେତୃତ୍ୱରେ ଗଠିତ ରାଜ୍ୟ ଦଳରେ ରାଜେଶ ଦେହୁରୀ, ଜିତେନ୍ଦ୍ର ରାଉତ, ସନ୍ତୋଷ ବାରିକ, କରୁଣାକର ବେହେରା, ଭୁପେନ୍ଦର ରାଉତ, କୁନାଲ ଭୋଇ, କାମରୁଜ୍ଜୁ କାଡରକା, ନିରଜ ସେଠୀ, ପ୍ରଦୀପ ଭୋଇ, ଅମ୍ରିତ ଲାକ୍ରା, ଜଗନ୍ନାଥ ଦଳବେହେରା, ରଶ୍ମୀରଞ୍ଜନ ବଳ, ସୋହେଲ ଖାନ ସ୍ଥାନ ପାଇଛନ୍ତି। ବିଶ୍ୱଜିତ ବଡଜେନା ପ୍ରଶିକ୍ଷକ ଏବଂ ଦିଲ୍ଲୀପ ନାୟକ ମ୍ୟାନେଜର ଭାବେ ଦଳରେ ରହିଛନ୍ତି। ପ୍ରତିଯୋଗିତା ପରିଚାଳନାରେ ଓଡ଼ିଶାର ସତ୍ୟପ୍ରକାଶ ଦାସ ମଧ୍ୟ ନିଯୁକ୍ତ ହୋଇଛନ୍ତି। ଖେଳାଳିମାନଙ୍କୁ ରାଜ୍ୟ ସଂଘ ସମ୍ପାଦକ ଅଜୟ ବେହେରା ଶୁଭେଚ୍ଛା ଜଣାଇଛନ୍ତି।

## ସଦାଶିବ ସ୍ମାରକୀ କ୍ରିକେଟ: ସେମିରେ ଭାଇଜାଗ




ଭାପୁର, ୯।୧୨ (ସମିସ): ନୟାଗଡ଼ ଭାପୁର ବ୍ଲକ ଫତେଗଡ଼ ଶ୍ରୀରାମ ପାହାଡ଼ ପାଦଦେଶରେ ଥିବା ନାଳିସାଗର ଗ୍ରାଉଣ୍ଡରେ ଚାଲିଥିବା ସର୍ବଭାରତୀୟ ସଦାଶିବ ସ୍ମାରକୀ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ କ୍ୱାର୍ଟର ଫାଇନାଲ ଅନୁଷ୍ଠିତ ହୋଇଯାଇଛି। ସୋମବାର ଅନୁଷ୍ଠିତ ମ୍ୟାଚରେ ବ୍ରହ୍ମପୁର କ୍ରିକେଟ୍ କ୍ଲବକୁ ୩୦ ରନରେ ପରାସ୍ତ କରି ଭାଇଜାଗ ଦଳ ସେମିଫାଇନାଲରେ ପ୍ରବେଶ କରିଛି। ଏହି ମ୍ୟାଚରେ ବ୍ୟାଟିଂ ଆମନ୍ତ୍ରଣ ପାଇ ଭାଇଜାଗ ୧୯.୫ ଓଭରରେ ୧୯୦ ରନରେ ଅଲ୍‌ଆଉଟ୍ ହୋଇଯାଇଥିଲା। ଦଳ ପକ୍ଷରୁ ଯୁଭ ବର୍ମା ୨୯ ବଲରେ ୪୩ ରନ କରିଥିଲେ। ଜବାବରେ ବ୍ରହ୍ମପୁର କ୍ରିକେଟ୍ କ୍ଲବ ୧୮.୨ ଓଭରରେ ୧୬୦ ରନରେ ସୀମିତ ରହିଥିଲା। ବିଜୟୀ ଦଳର ଯୁଭ ବର୍ମା ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ।

ମ୍ୟାଚରେ ଅତିରିକ୍ତ ତହସିଲଦାର ରାଜାରାମ ଛତ୍ରିଆ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ସେହିଭଳି ସମ୍ମାନିତ ଅତିଥିଭାବେ ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ନିରଞ୍ଜନ ବେହେରା, ମାନସ ରଞ୍ଜନ ବେହେରା ଓ ମନୋଜ କୁମାର ପ୍ରଧାନ ଉପସ୍ଥିତ ରହିଥିଲେ। ଫତେଗଡ଼ ଯୁବକ ସଂଘର ସଭାପତି ବେଣୁଧର ପ୍ରଧାନଙ୍କ ତତ୍ତ୍ୱାବଧାନରେ ଏହି ଟୁର୍ଣ୍ଣାମେଣ୍ଟ ଆୟୋଜିତ ହେଉଛି। ସୋମବାର ଖେଳକୁ ଆଶୁତୋଷ ପାଣି ଓ ଦୁର୍ଗାପ୍ରସାଦ ପଟ୍ଟନାୟକ ପରିଚାଳନା କରିଥିଲେ। ସ୍କୋରିଂରେ କିରଣ ମନୋହର ମହାନ୍ତି ଓ ପବିତ୍ର ସାହୁ ଏବଂ ଭାଷ୍ୟକାର ଭାବେ ବୁବୁ ସିହ୍ନା, ସରୋଜ ମହାପାତ୍ର ଓ ଜନ୍ମେଜୟ ଦଳେଇ ଦାୟିତ୍ୱ ତୁଲାଇଥିଲେ। ମଙ୍ଗଳବାର ଭାଇଜାଗ ଓ ସାଇ ଇଲେଭେନ (ଭୁବନେଶ୍ୱର) ମଧ୍ୟରେ ପ୍ରଥମ ସେମିଫାଇନାଲ ଖେଳାଯିବ। ପୂର୍ବରୁ ପ୍ରଥମ ଦିବସରେ ସାଇ ଇଲେଭେନ ୪ ୱିକେଟ୍‌ରେ ଛତିଶଗଡ଼ର ସାଇ ଇଲେଭେନକୁ ହରାଇ ସେମିକୁ ଉଠିଥିଲା।

■ କୁଚ୍ ବିହାର ଟ୍ରଫି

## ଓଡ଼ିଶାର ଅଭିଯାନ ଶେଷ

କଟକ, ୯।୧୨(ସମିସ): ବିସିସିଆଇ ଆନୁକୂଲ୍ୟରେ ଚାଲିଥିବା ୧୯ ବର୍ଷରୁ କମ୍ ବାଳକ କୁଚ୍ ବିହାର ଟ୍ରଫିରେ ଓଡ଼ିଶାର ଅଭିଯାନ ଶେଷ ହୋଇଛି। ଲିଗ୍ ପର୍ଯ୍ୟାୟରେ ୫ଟି ମ୍ୟାଚ୍‌ରୁ ୨ଟି ବିଜୟ, ୩ଟି ପରାଜୟ ବଳରେ ୧୩ ପଏଣ୍ଟ ହାସଲ କରି ଓଡ଼ିଶା ଗ୍ରୁପ-ଏ ଟେବଲର ୫ମ ସ୍ଥାନରେ ରହିଛି। ତୃତୀୟ ଲିଗ୍ ମ୍ୟାଚ୍‌ରେ ଓଡ଼ିଶା ୧ ୱିକେଟରେ ଚଣ୍ଡୀଗଡ଼ଠାରୁ ହାରିଛି। ଚଣ୍ଡୀଗଡ଼ ସମ୍ମୁଖରେ ୧୭୫ ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିବାବେଳେ ରବିବାର ମ୍ୟାଚ୍‌ର ୩ୟ ଦିବସ ଷ୍ଟମ୍ପ ଅପସାରଣ ସୁଦ୍ଧା ଦଳ ଗୋଟିଏ ୱିକେଟ ହରାଇ ୬୯ ରନ କରିଥିଲା। ସୋମବାର ମ୍ୟାଚର ଅନ୍ତିମ ଦିବସରେ ଓଡ଼ିଶାର ବୋଲିଂ ଫଳପ୍ରଦ ହୋଇଥିଲା। ଦଳୀୟ ସ୍କୋର ୧୦୦ ବେଳେ ୬ଷ୍ଠ ୱିକେଟ ହରାଇ ଚଣ୍ଡୀଗଡ଼ ବିପଦରେ ପଡ଼ିଥିଲା। ମାତ୍ର ନିମ୍ନକ୍ରମର ବ୍ୟାଟର ମାର୍କଣ୍ଡେୟ ପଞ୍ଚାଲ ୨୭ ବଲରୁ ୫୯ ରନର ଦ୍ରୁତ ପାଳି ଖେଳି ଓଡ଼ିଶା ହାତରୁ ବିଜୟ ସୁଯୋଗ ଛଡ଼ାଇ ନେଇଥିଲେ। ଓଡ଼ିଶା ତରଫରୁ ପ୍ରିୟାଂଶୁ ମହାନ୍ତି ୭ଟି ୱିକେଟ ଦଖଲ କରିଥିଲେ।

କିଟ୍ ଅନ୍ତର୍ଜାତୀୟ ଚେସ୍ ମହୋତ୍ସବ ଉଦ୍‌ଯାପିତ

## ସାଭୋଚେଙ୍କୋ ଚାମ୍ପିଅନ, ଅରୋନ୍ୟାକ ରନର୍ସଅପ୍




ଭୁବନେଶ୍ୱର, ୯ ।୧୨(ସମିସ): କିଟ୍ ବିଶ୍ୱବିଦ୍ୟାଳୟ ଓ ସର୍ବଭାରତୀୟ ଚେସ୍ ମହାସଂଘ ମିଳିତ ଆନୁକୂଲ୍ୟରେ ଏଠାରେ ପଞ୍ଚଦଶ କିଟ୍ ଅନ୍ତର୍ଜାତୀୟ ଚେସ୍ ମହୋତ୍ସବ ସୋମବାର ଉଦ୍‌ଯାପିତ ହୋଇଛି। ପ୍ରତିଯୋଗିତାର ଏ' କାଟାଗୋରୀରେ ରୁଷିଆ ଜିଏମ୍ ସାଭୋଚେଙ୍କୋ ବୋରିସ୍ ୮.୫ ଅଙ୍କ ହାସଲ କରି ଚାମ୍ପିଅନ ହୋଇ ଟ୍ରଫି ସହ ୩ ଲକ୍ଷ ଟଙ୍କା ପୁରସ୍କାର ଜିତିଛନ୍ତି। ସେହିପରି ଭାରତୀୟ ଆଇଏମ୍ ଅରୋନ୍ୟାକ ଘୋଷ ରନର୍ସଅପ ହେବା ସହ ୨ ଲକ୍ଷ ଟଙ୍କା ପୁରସ୍କାର ଜିତିଛନ୍ତି। ଭିଏତନାମ ଜିଏମ୍ ଏନ୍‌ଗୁଏନ୍ ଭାନ ହୁଇ ତୃତୀୟ ସ୍ଥାନରେ ରହିବା ସହ ଦ୍ୱିତୀୟ ରନର୍ସଅପ୍ ହୋଇ ଟ୍ରଫି ସହ ୧ଲକ୍ଷ ୪୦ ହଜାର ଟଙ୍କା ପୁରସ୍କାର ହାସଲ କରିଛନ୍ତି। ଓଡ଼ିଆ ଖେଳାଳିଙ୍କ ମଧ୍ୟରେ କିସ୍‌ର ଫକୀର ମାଝୀ ପ୍ରଥମ, ତପନ ବଡମୁଣ୍ଡି ଦ୍ୱିତୀୟ, ଆଇଏମ୍ ଶେଖର ଚନ୍ଦ୍ର ସାହୁ ତୃତୀୟ ସ୍ଥାନରେ ରହିଥିଲେ।

### ସି' ବର୍ଗରେ ଶ୍ରୀବର୍ଦ୍ଧନ ବିଜେତା

ସି' ବର୍ଗରେ ଆନ୍ଧ୍ର ପ୍ରଦେଶର ଶ୍ରୀବର୍ଦ୍ଧନ ରେଡ୍ଡୀ ଦେବରେଡ୍ଡୀ ୮.୫ ଅଙ୍କ ହାସଲ କରି ଚାମ୍ପିଅନ ହେବା ସହ ଏକ ଲକ୍ଷ, ଝାଡଖଣ୍ଡର ଅରିଜିତ ଘୋଷ ପ୍ରଥମ ରନର୍ସଅପ୍ ହେବା ସହ ୭୫ ହଜାର ଓ ମହାରାଷ୍ଟ୍ରର ସାଇଗୋର ସଂସ୍କାର ଦ୍ୱିତୀୟ ରନର୍ସ ଅପ୍ ହେବା ସହ ୬୦ ହଜାର ଟଙ୍କା ଓ ଟ୍ରଫି ଜିତିଛନ୍ତି। ଓଡ଼ିଆ ଖେଳାଳିଙ୍କ ମଧ୍ୟରେ କିଟ୍‌ର ସ୍ନେହାଂଶୁ ସରକାର ପ୍ରଥମ, କିସ୍‌ର ଗୁଣନିଧି ଭୋଇ ଦ୍ୱିତୀୟ ଓ ଅକ୍ଷୟ ଶବର ତୃତୀୟ ସ୍ଥାନରେ ରହିଥିଲେ। କିଟ୍, କିସ୍ ଓ କିମ୍ସ ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତ ଖେଳାଳିମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ପୁରସ୍କାର ବିତରଣୀ ଉତ୍ସବରେ ବିଧାୟିକା ସୋଫିଆ ଫିର୍ଦ୍ଦୋସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନୀତ ଅତିଥି ଭାବେ ଗ୍ରାଣ୍ଡମାଷ୍ଟର ପ୍ରବୀଣ ଏମ୍ ଥିପ୍‌ସେ, କିଟ୍ ଭାଇସଚାନ୍ସଲର ସରଣଜିତ ସିଂ, ରଞ୍ଜନ ମହାନ୍ତି, ଟୁର୍ଣ୍ଣାମେଣ୍ଟ ନିର୍ଦ୍ଦେଶକ ଶେଖର ସାହୁ, କିଟ୍ ଓ କିସ୍ କ୍ରୀଡ଼ା ନିର୍ଦ୍ଦେଶକ ଗଗନେନ୍ଦୁ ଦାଶ ପ୍ରମୁଖ ଏଥିରେ ଯୋଗ ଦେଇଥିଲେ।

## ଗଣ୍ଡରପୁର କପ୍: ଫାଇନାଲରେ ଗବବସ୍ତ



ନନ୍ଦନକାନନ, ୯।୧୨(ସମିସ): ଭୁବନେଶ୍ୱର ଉତ୍ତର କଲ୍ୟାଣପୁର ପଞ୍ଚାୟତ ଗଣ୍ଡରପୁରସ୍ଥିତ ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମ୍‌ଠାରେ ଚାଲିଥିବା ଗଣ୍ଡରପୁର କପ୍ ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟର ସୋମବାର ଦ୍ୱିତୀୟ ଦିବସ ଖେଳ ଅନୁଷ୍ଠିତ ହୋଇଯାଇଛି। ଟୁର୍ଣ୍ଣାମେଣ୍ଟରେ 'ଖ' ବିଭାଗ ଗ୍ରାମାଞ୍ଚଳ ଖେଳରେ ପ୍ରଥମ ମ୍ୟାଚ୍‌ରେ ରୁରାଲ ସ୍ପୋର୍ଟ୍ସ କ୍ଲବ୍ ଗବବସ୍ତ ଟାଇବ୍ରେକରେ ୫-୪ ଗୋଲ୍‌ରେ ଜୟଦେବ କ୍ଲବ୍ (ଅଡ଼ଙ୍ଗପୁର)କୁ ପରାସ୍ତ କରିଛି। ସେହିଭଳି ଦ୍ୱିତୀୟ ମ୍ୟାଚ୍‌ରେ କୃଷକ ବନ୍ଧୁ କ୍ଲବ୍ (ତଣ୍ଡିକଣା) ୪-୩ ଗୋଲ୍‌ରେ ଟାଇବ୍ରେକର ଜରିଆରେ ନରିଶୋ (କଣ୍ଟାପଡ଼ା)କୁ ହରାଇଛି। ଉଭୟ ବିଜୟୀ ଦଳ ତଣ୍ଡିକଣା ଓ ଗବବସ୍ତ ମଧ୍ୟରେ ସେମି ଫାଇନାଲ୍ ଖେଳାଯାଇଥିଲା। ଏଥିରେ ଗବବସ୍ତ ଟାଇବ୍ରେକରରେ ୪-୩ ଗୋଲ୍‌ରେ ବିଜୟୀ ହୋଇ 'ଖ' ବିଭାଗରେ ପ୍ରଥମ ଦଳ ଭାବେ ଫାଇନାଲକୁ ଉନ୍ନୀତ ହୋଇଛି। ସେହିପରି 'କ' ବିଭାଗରେ ଦୁଇଟି ମ୍ୟାଚ୍ ଖେଳାଯାଇଥିଲା। ପ୍ରଥମ ମ୍ୟାଚ୍‌ରେ ଜୟ ଜଗନ୍ନାଥ କ୍ଲବ୍ (ମୁଣ୍ଡୁମାଣ) ୫-୧ ଗୋଲ୍‌ରେ ଉଷୁମାକୁ ହରାଇଛି। ଦ୍ୱିତୀୟ ମ୍ୟାଚ୍‌ରେ ବଜରଙ୍ଗବାଲି କ୍ଲବ୍ (ଘାଟିକିଆ) ଟାଇବ୍ରେକରରେ ୫-୪ ଗୋଲ୍‌ରେ ବେଲେଶ୍ୱର କ୍ଲବ୍ (ବେଲଗଛିଆ)କୁ ପରାସ୍ତ କରିଥିଲା। ଫଳରେ ଘାଟିକିଆ ଓ ମୁଣ୍ଡୁମାଣ କ୍ୱାର୍ଟର ଫାଇନାଲ୍‌କୁ ପ୍ରବେଶ କରିଛନ୍ତି। ମୁଣ୍ଡୁମାଣର ରାଜେଶ ନାୟକ ଓ ଘାଟିକିଆର ତୋଫାନ ନାୟକ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଭାବେ ବିବେଚିତ ହୋଇଥିଲେ।

ଏଥିରେ ମୁଖ୍ୟ ଅତିଥି ଭାବେ ବାଙ୍କୀ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ, ସମ୍ମାନିତ ଅତିଥି ଭାବେ ଆଦର୍ଶ ଶିକ୍ଷକ ବସନ୍ତ ରଥ, ବଂଶୀଧର ପଡ଼ିଆରୀ ଯୋଗଦେଇଥିଲେ। ଲଟେରୀ କାର୍ଯ୍ୟକ୍ରମରେ କେନ୍ଦୁପାଟଣାର ସୋମନାଥ ଭଞ୍ଜ ଏକ ସାଇକଲ ଜିତିଥିଲେ। ମ୍ୟାଚଗୁଡ଼ିକୁ ରେଫରୀ ସୁଦୀପ ଦାସ, ପ୍ରଦୀପ୍ତ ନାୟକ, ପ୍ରିୟବ୍ରତ ବାହିନୀପତି, ଜ୍ୟୋତିରଞ୍ଜନ ସ୍ୱାଇଁ ପରିଚାଳନା କରିଥିଲେ। କାଶୀନାଥ ରାଉତ, ଜାପାନୀ ରାଉତ, ଅରୁଣ ରାଉତ, ଲଛମନ ରାଉତ, ହିରୋ ରାଉତ, ଜଗନ୍ନାଥ ବାରିକ ପ୍ରମୁଖ ପରିଚାଳନା କରିଥିଲେ। ମଙ୍ଗଳବାର ସହାରାଞ୍ଚଳ ବର୍ଗର ମ୍ୟାଚ୍‌ରେ ତାମିଲନାଡୁ ପୁଲିସ ସହ ସନରାଇଜ କ୍ଲବ (କଟକ) ମଧ୍ୟରେ ମ୍ୟାଚ୍ ହେବ।

# ଆଜିଠୁ କଟକରେ ଓଡ଼ିଶା ମାଷ୍ଟର୍ସ ବ୍ୟାଡ୍‌ମିଣ୍ଟନ

କଟକ, ୯।୧୨(ସମିସ): ଅନ୍ତର୍ଜାତୀୟ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ ଓଡ଼ିଶା ମାଷ୍ଟର୍ସ-୨୦୨୪ ମଙ୍ଗଳବାରଠାରୁ ସ୍ଥାନୀୟ ଜବାହରଲାଲ ନେହରୁ ଇଣ୍ଡୋର ଷ୍ଟାଡିୟମରେ ଆରମ୍ଭ ହେବ। ବିଶ୍ୱ ବ୍ୟାଡ୍‌ମିଣ୍ଟନ ମହାସଂଘ (ବିଡବ୍ଲ୍ୟୁଏଫ୍) ଟୁର୍ ସୁପର୍-୧୦୦ ବର୍ଗରେ ଏହା ଗୌହାଟୀ ପରେ ଦେଶରେ ଦ୍ୱିତୀୟ ଟୁର୍ଣ୍ଣାମେଣ୍ଟ। ତୃତୀୟ ଥର ପାଇଁ କଟକରେ ଏହି ସମ୍ମାନଜନକ

**ମୋଟ୍ ୮୭ ଲକ୍ଷ ପୁରସ୍କାର ରାଶି**

**୨୯ ଦେଶରୁ ୩୦୦ ଖେଳାଳି, ଓଡ଼ିଶାରୁ ଭାଗନେବେ ୬**

ଟୁର୍ଣ୍ଣାମେଣ୍ଟ ଆୟୋଜନ ହେଉଛି। ଚଳିତ ସଂସ୍କରଣରେ ୨୯ଟି ଦେଶରୁ ପାଖାପାଖି ୩୦୦ ବ୍ୟାଡ୍‌ମିଣ୍ଟନ ଖେଳାଳି ଭାଗ ନେଇଛନ୍ତି। ତନ୍ମଧ୍ୟରେ ଓଡ଼ିଶାର ରହିଛନ୍ତି ୬ଜଣ। ସେହିପରି ପ୍ରତିଯୋଗିତାର ପୁରସ୍କାର ରାଶି ଏକ ଲକ୍ଷ ଡଲାର ତଥା ଭାରତୀୟ ମୁଦ୍ରାରେ ୮୭ଲକ୍ଷ ଟଙ୍କା ରହିଛି। ୬ ଦିନ ବ୍ୟାପୀ ବିଡବ୍ଲ୍ୟୁଏଫ ୱାର୍ଲଡ ଟୁର୍‌ର ଏହି ମର୍ଯ୍ୟାଦାଜନକ ର୍‌ୟାଙ୍କିଂ ପ୍ରତିଯୋଗିତା ପାଇଁ ଉତ୍ସାହଜନକ ପରିବେଶ ସୃଷ୍ଟି ହୋଇଛି। ଅନ୍ୟପକ୍ଷରେ ଇଣ୍ଡୋର ଷ୍ଟାଡିୟମରେ ୪ଟି ମ୍ୟାଚ୍ କୋର୍ଟ ସହ ଏକ ଅଭ୍ୟାସ କୋର୍ଟ ପ୍ରସ୍ତୁତ




କରାଯାଇଛି। ସୋମବାର ଦିନ ତମାମ ବିଭିନ୍ନ ଦେଶର ପ୍ରତିଯୋଗୀ ଏଠାରେ ଅଭ୍ୟାସ କରିଛନ୍ତି।

ମଙ୍ଗଳବାର ଠାରୁ ଆରମ୍ଭ ହେଉଥିବା ଏହି ଟୁର୍ଣ୍ଣାମେଣ୍ଟ ଆସନ୍ତା ୧୫ ତାରିଖରେ ଶେଷ ହେବ। ବ୍ୟାଡମିଣ୍ଟନ ଆସୋସିଏସନ ଅଫ ଇଣ୍ଡିଆ (ବାଇ) ଏବଂ ଓଡ଼ିଶା ଷ୍ଟେଟ ବ୍ୟାଡମିଣ୍ଟନ ଆସୋସିଏସନ (ଓଏସ୍‌ବିଏ)ର ମିଳିତ ଆନୁକୂଲ୍ୟରେ ଏହା ଆୟୋଜନ ହେଉଛି। ଭାରତ, ଜାପାନ, ଇଣ୍ଡୋନେସିଆ, ଚୀନ, ଡେନମାର୍କ, ବେଲଗାରିଆ ଆଦି ଦେଶର ପ୍ରତିଯୋଗୀ ଭାଗ ନେବେ। ବିଦେଶୀ ରାଷ୍ଟ୍ର ଭିତରୁ ଚୀନରୁ ସର୍ବାଧିକ ୩୦ଜଣ ପ୍ରତିଯୋଗୀ କଟକ ଆସିଛନ୍ତି। ଉଭୟ ସିଙ୍ଗଲ୍ସ ଏବଂ ଡବଲ୍ସ ଇଭେଣ୍ଟରେ ପ୍ରତିଯୋଗିତା ହେବ। ଡ୍ର ଗୁଡିକ ପୁରୁଷ ସିଙ୍ଗଲ୍ସରେ ୬୪ ରାଉଣ୍ଡ ଥିବା ବେଳେ ମହିଳା ସିଙ୍ଗଲ୍ସ, ପୁରୁଷ ଡବଲ୍ସ, ମହିଳା ଡବଲ୍ସ ଏବଂ ମିକ୍ସଡ ଡବଲ୍ସ ଗୁଡିକ ୩୨ ରାଉଣ୍ଡ ବିଶିଷ୍ଟ ହେବ। ଖେଳାଳିମାନଙ୍କ ସୁରକ୍ଷା ବ୍ୟବସ୍ଥାକୁ ଇଣ୍ଡୋର ଷ୍ଟାଡିୟମରେ କଡ଼ାକଡି କରାଯାଇଛି।

## ତନ୍ୱୀଙ୍କ ଉପରେ ନଜର

ଓଡ଼ିଶାର ଉଦୀୟମାନ ବାଳିକା ଖେଳାଳି ତନ୍ୱୀ ପତ୍ରିଙ୍କ ଉପରେ ସମସ୍ତଙ୍କ ନଜର ରହିଛି। ତନ୍ୱୀ ନିକଟ ଅତୀତରେ ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ ଏକାଧିକ ପ୍ରତିଯୋଗିତାରେ ଟ୍ରଫି ଜିତି ଦେଶରେ ନିଜକୁ ଜଣେ ଶ୍ରେଷ୍ଠ ଉଦୀୟମାନ ଖେଳାଳି ଭାବେ ପ୍ରତିପାଦନ କରିପାରିଛନ୍ତି।



ବାଲେଶ୍ୱର ଜନ୍ମିତ ୧୩ ବର୍ଷୀୟା ତନ୍ୱୀ ବର୍ତ୍ତମାନ ଦେଶରେ ୧୫ ବର୍ଷରୁ କମ୍ ଓ ୧୭ ବର୍ଷରୁ କମ୍ ବାଳିକା ସିଙ୍ଗଲ୍ସରେ ଏକ ନମ୍ବର ମାନ୍ୟତା ଖେଳାଳି ରହିଛନ୍ତି। ଅନ୍ୟ ଓଡ଼ିଆ ଖେଳାଳିଙ୍କ ମଧ୍ୟରେ ପଣ୍ଡା ଭଗିନୀ ଶ୍ୱେତପର୍ଣ୍ଣା ଓ ରତ୍ନପର୍ଣ୍ଣା, ଅବିନାଶ ମହାନ୍ତି, ଆୟୁଷ ପଟ୍ଟନାୟକ, ହର୍ଷିତା ରାଉତ ପ୍ରମୁଖ ଅଂଶଗ୍ରହଣ କରିବେ।

■ ଜାତୀୟ କନିଷ୍ଠ ଦୌଡ଼କୁଦ

# ରେକର୍ଡ ସହ ଓଡ଼ିଶା ରିଲେ ଦଳକୁ ସ୍ୱର୍ଣ୍ଣ




ଭୁବନେଶ୍ୱର, ୯।୧୨ (ସମିସ): ଭାରତୀୟ ଆଥ୍ଲେଟିକ ମହାସଂଘ (ଏଏଫ୍‌ଆଇ), ଓଡ଼ିଶା ଆଥ୍ଲେଟିକ ସଂଘ ଓ ରାଜ୍ୟ କ୍ରୀଡ଼ା ବିଭାଗର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ୩୯ତମ ଜାତୀୟ କନିଷ୍ଠ ଆଥ୍ଲେଟିକ୍ସ ଚାମ୍ପିଅନସିପ୍‌ର ୩ୟ ଦିବସ ଖେଳ ସୋମବାର ଅନୁଷ୍ଠିତ ହୋଇଯାଇଛି। ତୃତୀୟ ଦିବସରେ ଆୟୋଜକ ଓଡ଼ିଶା ୩ଟି ପଦକ ଜିତିବାରେ ସଫଳ ହୋଇଛି। ଯେଉଁଥିରେ ଗୋଟିଏ ସ୍ୱର୍ଣ୍ଣ ଓ ୨ଟି ରୌପ୍ୟ ପଦକ ରହିଛି। ପୂର୍ବରୁ ରବିବାର ଓଡ଼ିଶାର ଦଣ୍ଡପତି ଜୟରାମ ୨୦ ବର୍ଷରୁ କମ୍ ୧୦୦ ମିଟରରେ ସ୍ୱର୍ଣ୍ଣ ପଦକ ଜିତି ରାଜ୍ୟ ପାଇଁ ଖାତା ଖୋଲିଥିଲେ।

ସୋମବାର ସନ୍ଧ୍ୟାରେ ଅନୁଷ୍ଠିତ ୨୦ ବର୍ଷରୁ କମ୍ ପୁରୁଷ ୪ ଗୁଣା ୧୦୦ ମିଟର ରିଲେ ରେସ୍‌ରେ ଓଡ଼ିଶା ଦଳ ମିଟ୍ ରେକର୍ଡ ସହ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଛି। ଦଣ୍ଡପତି ଜୟରାମ, ଅସତିକ ପ୍ରଧାନ, ମହେନ୍ଦ୍ର ସାନ୍ତା ଓ ରାଜେନ୍ଦ୍ର ସିଧୁଙ୍କୁ ନେଇ ଗଠିତ ଓଡ଼ିଶା ଦଳ ପ୍ରଥମ ସ୍ଥାନରେ ରହିଥିଲା। ସେହିଭଳି ଅସତିକ ୨୦ ବର୍ଷରୁ କମ୍ ପୁରୁଷ ୪୦୦ ମିଟରରେ ୪୬.୯୭ ସେକେଣ୍ଡ ସହ ୨ୟ ସ୍ଥାନରେ ରହି ବ୍ୟକ୍ତିଗତ ୨ୟ ପଦକ ଜିତିଥିଲେ। ଦିଲ୍ଲୀର ଜୟ କୁମାର (୪୬.୨୯) ପ୍ରଥମ ସ୍ଥାନରେ ରହି ସ୍ୱର୍ଣ୍ଣ ପଦକ ବାଜିମାତ୍ କରିନେଇଥିଲେ। ଅପରପକ୍ଷରେ ଏହି ବୟସବର୍ଗର ମହିଳା ୧୦୦ ମିଟର ହର୍ଡଲ୍ସରେ ସବିତା ଟପ୍ପୋ ମଧ୍ୟ ରୌପ୍ୟ ପଦକ ବିଜୟୀ ହୋଇଥିଲେ। ସବିତା ୧୪.୧୭ ସେକେଣ୍ଡରେ ରେସ୍



ଶେଷ କରିଥିବାବେଳେ ମହାରାଷ୍ଟ୍ରର କ୍ରିଷ୍ଟାଲ ଉଦାକେଲ (୧୪.୧୦) ସ୍ୱର୍ଣ୍ଣପଦକ ଜିତିଥିଲେ। କ୍ରୀଡ଼ା ବିଭାଗ ପ୍ରମୁଖ ସଚିବ ଭାସ୍କରଜ୍ୟୋତି ଶର୍ମା, ନିର୍ଦ୍ଦେଶକ ସିଦ୍ଧାର୍ଥ ଦାସ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ।

# ୬୫ କ୍ରୀଡ଼ାବିତ୍‌ଙ୍କୁ ୫୩ ଲକ୍ଷ ଟଙ୍କା ପୁରସ୍କାର

**ପ୍ରୀତିସ୍ମିତାଙ୍କୁ ଦିଆଗଲା ୩ ଲକ୍ଷ ୩୩ ହଜାର ଟଙ୍କା**

ଭୁବନେଶ୍ୱର, ୯ ।୧୨(ସମିସ): ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ତରଫରୁ ଜାତୀୟ ତଥା ଅନ୍ତର୍ଜାତୀୟସ୍ତରୀୟ ପ୍ରତିଯୋଗିତାରେ ଉଲ୍ଲେଖନୀୟ ପ୍ରଦର୍ଶନ କରିଥିବା କ୍ରୀଡ଼ାବିତ୍‌ମାନଙ୍କୁ ସୋମବାର ଆର୍ଥିକ ପୁରସ୍କାର ପ୍ରଦାନ କରାଯାଇଛି। ୧୬ଟି କ୍ରୀଡ଼ାବର୍ଗରେ ୬୫ ଜଣ ଖେଳାଳିଙ୍କୁ ମୋଟ୍ ଉପରେ ୫୩ ଲକ୍ଷ ୭ ହଜାର ୫୦୦ ଟଙ୍କା ପୁରସ୍କାର ଆକାରରେ ପ୍ରଦାନ କରାଯାଇଛି। ଭାରୋତ୍ତୋଳନ, ଦୌଡ଼କୁଦ, ହ୍ୱିଲଚେୟାର ଫେନ୍‌ସିଙ୍ଗ୍, ଚେସ୍, ପାରା- ସନ୍ତରଣ, ଅଲଟ୍ରା ରନିଂ, ପାରା- ଦୌଡ଼କୁଦ, କରାଟେ, ଡିପ୍ ସୁଟିଂ, ବ୍ୟାଡମିଣ୍ଟନ, ଜୁ-ଜିସତ୍ସୁ, ସନ୍ତରଣ, କିକ୍ ବକ୍ସିଂ, ସୁଟିଂ, ପେଙ୍କାକ ସିଲାଟ ଓ ତାଏକ୍ୱୋଣ୍ଡୋ ଭଳି କ୍ରୀଡ଼ାରେ ଉତ୍କର୍ଷତା ଦେଖାଇଥିବା ଖେଳାଳିଙ୍କୁ ପୁରସ୍କୃତ କରାଯାଇଥିଲା। ଭାରୋତ୍ତୋଳିକା ପ୍ରୀତିସ୍ମିତା ଭୋଇଙ୍କୁ ସର୍ବାଧିକ ୩ ଲକ୍ଷ ୩୩ ହଜାର ଓ ଜ୍ୟୋତ୍ସ୍ନା ଶବରଙ୍କୁ ୨ ଲକ୍ଷ ୩୩ ହଜାର, ଧାବକ ଅନିମେଶ କୁଜୁରଙ୍କୁ ୨ ଲକ୍ଷ ୩୦ ହଜାର, ୮ ବର୍ଷୀୟ ଚେସ୍ ଖେଳାଳି ସାତ୍ତ୍ୱିକ ସ୍ୱାଇଁଙ୍କୁ ୬୭ ହଜାର, ପାରା- କ୍ରୀଡ଼ାବିତ ମାଳତି ପାନୁରେଙ୍କୁ ୧ ଲକ୍ଷ ୮୫ ହଜାର ଟଙ୍କା ପୁରସ୍କାର ପ୍ରଦାନ କରାଯାଇଥିଲା। ୧୯ ଜଣ ପାରା- ଆଥଲେଟଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା। ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଆୟୋଜିତ ସମ୍ବର୍ଦ୍ଧନା ଉତ୍ସବରେ ମୁଖ୍ୟ ଅତିଥି ଭାବେ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ। ଏହି ଅବସରରେ କ୍ରୀଡ଼ା ବିଭାଗ ନିର୍ଦ୍ଦେଶକ ସିଦ୍ଧାର୍ଥ ଦାସ, ଓଡ଼ିଶା ହକି ପ୍ରମୋସନ କାଉନସିଲ ମୁଖ୍ୟ କାର୍ଯ୍ୟନିର୍ବାହୀ ଦୀପଙ୍କର ମହାପାତ୍ର, ଅତିରିକ୍ତ ସଚିବ ବିଜୟ କୁମାର ସ୍ୱାଇଁ ଏବଂ ଅନ୍ୟ ବରିଷ୍ଠ କ୍ରୀଡ଼ା ଅଧିକାରୀ ଓ କ୍ରୀଡ଼ାବିତ ଉପସ୍ଥିତ ଥିଲେ।

■ କନିଷ୍ଠ ମହିଳା ଏସିଆ କପ୍ ହକି

# ଭାରତର କ୍ରମାଗତ ଦ୍ୱିତୀୟ ବିଜୟ

ମସ୍କଟ, ୯ ।୧୨(ଏଜେନ୍ସି): ଓମାନ ରାଜଧାନୀ ମସ୍କଟରେ ଚାଲିଥିବା କନିଷ୍ଠ ମହିଳା ଏସିଆ କପ୍ ହକି ଟୁର୍ଣ୍ଣାମେଣ୍ଟର ଅଷ୍ଟମ ସଂସ୍କରଣରେ ଭାରତ କ୍ରମାଗତ ଦ୍ୱିତୀୟ ବିଜୟ ହାସଲ କରିଛି। ଜ୍ୟୋତି ସିଂଙ୍କ ନେତୃତ୍ୱାଧୀନ ଭାରତୀୟ



ଦଳ ପ୍ରଥମ ମୁକାବିଲାରେ ୧୩-୧ ବୃହତ୍ ଗୋଲ ବ୍ୟବଧାନରେ ବାଂଲାଦେଶକୁ ପରାସ୍ତ କରିବା ପରେ ସୋମବାର ମାଲେସିଆକୁ ୫-୦ ଗୋଲରେ ହରାଇଛି। ଭାରତ ଏଥିସହ ୨ଟି ମ୍ୟାଚ୍ ଖେଳି ୨ଟି ବିଜୟ ସହ ୬ ପଏଣ୍ଟ ହାସଲ କରି ଚୀନ ପଛକୁ ରହି ଦ୍ୱିତୀୟ ସ୍ଥାନରେ ରହିଛି। ସେହିପରି ମାଲେସିଆ ଦୁଇଟି ମ୍ୟାଚ୍ ଖେଳି ଗୋଟିଏ ଲେଖାଏ ବିଜୟ ଓ ପରାଜୟ ସହ ୩ ପଏଣ୍ଟ ହାସଲ କରି ତୃତୀୟ ସ୍ଥାନରେ ରହିଛି।

### ଦୀପିକାଙ୍କ ହ୍ୟାଟ୍ରିକ ଗୋଲ୍

ସମ୍ପୂର୍ଣ୍ଣ ଏକପାଖିଆ ଏହି ମ୍ୟାଚ୍‌ରେ ଭାରତ ପାଇଁ ଦୀପିକା ୩ଟି ଗୋଲ ସ୍କୋର ହ୍ୟାଟ୍ରିକ ଅର୍ଜନ କରିଛନ୍ତି। ସେ ୩୭ତମ ମିନିଟ୍‌ରେ ପେନାଲ୍ଟି କର୍ଣ୍ଣର, ୫୫ତମ ମିନିଟ୍ ପେନାଲ୍ଟି ସୁଟ୍‌ଆଉଟ୍ ଓ ପେନାଲ୍ଟି କର୍ଣ୍ଣର ଜରିଆରେ ଗୋଲ ଦେଇଥିଲେ। ୩୨ତମ ମିନିଟ୍‌ରେ ଭାରତ ପାଇଁ ବୈଷ୍ଣବୀ ଫାଲକେ, ୩୮ତମ ମିନିଟରେ କନିକା ସିୱାଚ୍ ଗୋଲ ସ୍କୋର କରିଥିଲେ। ପ୍ରଥମ ଦୁଇଟି କ୍ୱାର୍ଟରରେ ଜବରଦସ୍ତ ସଂଘର୍ଷ ଦେଖିବାକୁ ମିଳିଥିଲା ଓ ଗୋଲ ସମ୍ଭବ ହୋଇ ନଥିଲା। ଭାରତ ତୃତୀୟ କ୍ୱାର୍ଟରରେ ୪ଟି ଗୋଲ ଓ ଅନ୍ତିମ କ୍ୱାର୍ଟରରେ ଶେଷ ଗୋଲ ସ୍କୋର କରିଥିଲା। ଅପରପକ୍ଷରେ ମାଲେସିଆ ଗୋଟିଏ ହେଲେ ବି ଗୋଲ ଦେଇପାରି ନଥିଲା। ମାଲେସିଆ ରକ୍ଷଣଭାଗ ଦୁର୍ବଳ ପ୍ରଦର୍ଶନ କରିଥିଲା।

**ଓଡ଼ିଶା ରାଜ୍ୟ ଜିମ୍ନାଷ୍ଟିକ୍ସ ଚାମ୍ପିଅନସିପ୍**

## ରତିକାଙ୍କୁ କାଂସ୍ୟ ପଦକ

ଭୁବନେଶ୍ୱର, ୯ ।୧୨(ସମିସ): କୋରାପୁଟ୍‌ର ଜୟପୁରଠାରେ ଅନୁଷ୍ଠିତ ଓଡ଼ିଶା ରାଜ୍ୟ ଜିମ୍ନାଷ୍ଟିକ ଚାମ୍ପିଅନସିପ୍‌ରେ ଭୁବନେଶ୍ୱର ଜିଲ୍ଲାର ୧୧ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଏମାନଙ୍କ ମଧ୍ୟରୁ ଜେଏମ୍ ରତିକା ଦାସ ବରିଷ୍ଠ ବୟସ ବର୍ଗରେ ଅଂଶଗ୍ରହଣ କରି ଟେବଲ ଭୋଲ୍ଟରେ ତୃତୀୟ ସ୍ଥାନ ଅଧିକାର କରି କାଂସ୍ୟ ପଦକ



ହାସଲ କରିଛନ୍ତି। ଏହି ପ୍ରତିଯୋଗିତା ଗତ ୬ରୁ ୮ ତାରିଖ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଭୁବନେଶ୍ୱର ଜିମ୍ନାଷ୍ଟିକ ଆସୋସିଏସନ ଅଧ୍ୟକ୍ଷ ସୁରେଶ କୁମାର ରାଉତରାୟ, ସମ୍ପାଦକ ନରେନ୍ଦ୍ର ସେଠୀ, ଯୁଗ୍ମ ସମ୍ପାଦକ ଗୁରୁପ୍ରଦାସ ପଟ୍ଟନାୟକ ଓ ଉପ- ସଭାପତି ମୀରାରାଣୀ ଦାସ ରତିକାଙ୍କୁ ଅଭିନନ୍ଦନ ଜଣାଇଛନ୍ତି।




**ସମ୍ଭାବ୍ୟ ଭାରତୀୟ ଦଳରେ ୭ ଓଡ଼ିଆ**

# ଜାନୁଆରୀ ୧୩ରୁ ପ୍ରଥମ ଖୋ ଖୋ ବିଶ୍ୱକପ୍




**କିସ୍‌ର ୪ ଖେଳାଳି ସମ୍ବର୍ଦ୍ଧିତ**

ଭୁବନେଶ୍ୱର, ୯ ।୧୨(ସମିସ): ନୂଆଦିଲ୍ଲୀର ଇନ୍ଦିରା ଗାନ୍ଧୀ ଅନ୍ତର୍ଜାତୀୟ ଷ୍ଟାଡିୟମରେ ଆସନ୍ତା ଜାନୁଆରୀ ୧୩ରୁ ୧୯ ତାରିଖ ମଧ୍ୟରେ ପ୍ରଥମ ଖୋ ଖୋ ବିଶ୍ୱକପ୍ ଆୟୋଜନ ହେବ। ଏହି ବିଶ୍ୱକପ୍‌ରେ ବିଶ୍ୱର ୨୪ଟି ଦେଶ ଅଂଶଗ୍ରହଣ କରିବେ। ଆୟୋଜକ ଭାରତ ସୋମବାର ବିଶ୍ୱକପ୍ ପାଇଁ ତା'ର ପୁରୁଷ ଓ ମହିଳା ସମ୍ଭାବ୍ୟ ଦଳ ଘୋଷଣା କରିଛି। ଏଥିରେ ମୋଟ୍ ଉପରେ ୭ ଜଣ ଓଡ଼ିଆ ଖେଳାଳି ସାମିଲ ହୋଇଛନ୍ତି। ପୁରୁଷ ଦଳରେ ୩ ଓ ମହିଳା ଦଳରେ ୪ ଜଣ ଓଡ଼ିଆଙ୍କୁ ସ୍ଥାନ ମିଳିଛି। ତେବେ ଏହି ୭ଜଣ ଖେଳାଳିଙ୍କ ମଧ୍ୟରେ କିସ୍ ୪ ଖେଳାଳି ସାମିଲ ରହିଛି। କିସ୍‌ର ଜଣେ ପୁରୁଷ ଓ ୩ ମହିଳା ଖେଳାଳି ବିଶ୍ୱକପ୍‌ରେ ଅଂଶଗ୍ରହଣ କରିବାର ସମ୍ଭାବନା ସୃଷ୍ଟି କରିଛନ୍ତି। ଏହି ଓଡ଼ିଆ ଖେଳାଳିମାନେ ସୋମବାର ସନ୍ଧ୍ୟାରେ ନୂଆଦିଲ୍ଲୀ ଯାତ୍ରା କରିଛନ୍ତି। ଡିସେମ୍ବର ୧୦ରୁ ଜାନୁଆରୀ ୧୦ ତାରିଖ ମଧ୍ୟରେ ନୂଆଦିଲ୍ଲୀରେ ଜାତୀୟ ପ୍ରଶିକ୍ଷଣ ଶିବିରର ଆୟୋଜନ ହେବ ଓ ଏହି ଖେଳାଳିମାନେ ଏଥିରେ ଅଂଶଗ୍ରହଣ କରିବେ। ଏହି ଖେଳାଳିମାନଙ୍କୁ କିସ୍/କିଟ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସମ୍ବର୍ଦ୍ଧିତ କରିଛନ୍ତି। ଓଡ଼ିଶା ଖୋ ଖୋ ଆସୋସିଏସନ ସମ୍ପାଦକ ପ୍ରଦ୍ୟୁମ୍ନ ମିଶ୍ର, ମୁଖ୍ୟ କୋଚ୍ କାଳନ୍ଦୀ ଚରଣ ରାଉତ ଖେଳାଳିମାନଙ୍କୁ ଅଭିନନ୍ଦନ ଜଣାଇବା ସହ ଶୁଭେଚ୍ଛା ଜଣାଇଛନ୍ତି।

**ସମ୍ଭାବ୍ୟ ଓଡ଼ିଆ ମହିଳା ଖେଳାଳି:** ସୁଭଶ୍ରୀ ସିଂ, ଅର୍ଚ୍ଚନା ମାଝି ଓ ମଗାଇ ମାଝୀ (ସମସ୍ତେ କିସ୍‌ର), ଅନନ୍ୟା ପ୍ରଧାନ (ଡେଲାଙ୍ଗ, ପୁରୀ)।

**ସମ୍ଭାବ୍ୟ ପୁରୁଷ ଖେଳାଳି:** ପାବନୀ ଶବର (କିସ୍), ଭରତ କୁମାର ପ୍ରଧାନ (ଡେଲାଙ୍ଗ, ପୁରୀ) ଓ ଦେବେନ୍ଦ୍ର ନାଥ (ଜଗତସିଂହପୁର)।

### ବିଶ୍ୱକପ୍‌ରେ ଭାଗ ନେବାକୁ ଥିବା ଦେଶ

**ଆଫ୍ରିକା:** ଘାନା, କେନିଆ, ଦକ୍ଷିଣ ଆଫ୍ରିକା ଓ ଉଗାଣ୍ଡା

**ଏସିଆ:** ଭାରତ, ବାଂଲାଦେଶ, ଭୁଟାନ, ଇଣ୍ଡୋନେସିଆ, ଇରାନ, ମାଲେସିଆ, ନେପାଳ, ପାକିସ୍ତାନ, ଦକ୍ଷିଣ କୋରିଆ ଓ ଶ୍ରୀଲଙ୍କା

**ୟୁରୋପ୍:** ଇଂଲଣ୍ଡ, ଜର୍ମାନୀ, ନେଦରଲାଣ୍ଡସ ଓ ପୋଲାଣ୍ଡ

**ଉତ୍ତର ଆମେରିକା:** କାନାଡା ଓ ଆମେରିକା

**ଦକ୍ଷିଣ ଆମେରିକା:** ବ୍ରାଜିଲ ଓ ପେରୁ

**ଓସେନିଆ:** ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡ

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS